

ଏ ଦେଶ କୌଣସି ଧର୍ମଶାଳା ନୁହେଁ

ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sanchar odisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



“ ପବିତ୍ର ରାକ୍ଷୀ ପୂର୍ଣ୍ଣମୀ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ ‘ସଂଚାର’ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ

Vol. 34 | ISSUE 156 ଭାଗ ୩୪ | ସଂଖ୍ୟା ୧୫୬ | Thursday 27 August 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର, ୨୭ ଅଗଷ୍ଟ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ରକ୍ଷା ବନ୍ଧନରେ ମହିଳାଙ୍କ ପାଇଁ ବଡ଼ ଘୋଷଣା

## ୭ ସହରରେ ମହିଳାଙ୍କ ପାଇଁ ମାଗଣା ବସ୍‌ଯାତ୍ରା ସୁବିଧା

ଦିନକ ପାଇଁ ଜିରୋ ଟିକେଟ ବାଧ୍ୟତାମୂଳକ



ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ): ପବିତ୍ର ରକ୍ଷା ବନ୍ଧନ ଅବସରରେ ମହିଳା ଯାତ୍ରୀଙ୍କ ପାଇଁ ବଡ଼ ଘୋଷଣା କରିଛି କ୍ରୁଟ୍। ଆସନ୍ତାକାଲି ରକ୍ଷା ବନ୍ଧନ ଦିନରେ ରାଜ୍ୟର ୭ଟି ସହରରେ ମହିଳାମାନେ ‘ଆମ ବସ୍’ରେ ଦେୟମୁକ୍ତ ଯାତ୍ରା କରିପାରିବେ। ଏହି ସୁବିଧା ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝର ସହରରେ ଚଳାଚଳ କରୁଥିବା ସମସ୍ତ ‘ଆମ ବସ୍’ରେ ଉପଲବ୍ଧ ହେବ। କ୍ରୁଟ୍‌ର ଏହି ପଦକ୍ଷେପ ଦ୍ୱାରା ଦିନକରେ ଏକ ଲକ୍ଷରୁ ଅଧିକ ମହିଳା ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ମହିଳାମାନଙ୍କୁ ନିରାପଦ, ସୁବିଧାଜନକ ଓ ଆର୍ଥିକ ଭାରମୁକ୍ତ ଯାତାୟାତ ସୁବିଧା ଯୋଗାଇଦେବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ➪ପୃଷ୍ଠା-୬

## ଚଳିବନି ଘରୋଇ ହସ୍ପିଟାଲ ମନମାନୀ

ଅଭିଯୋଗ ଆସିଲେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ): ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ହୋଇଥିବା ଯାଞ୍ଚ ସମୟରେ ଅନିୟମିତତା ଚିହ୍ନଟ ହେବା ପରେ ଭୁବନେଶ୍ୱରସ୍ଥିତ କିମ୍ସ ଓ ମଣିପାଲ ହସ୍ପିଟାଲକୁ ଶୋ’କଜ୍ ନୋଟିସ୍ ଜାରି କରିଛି ଓଡ଼ିଶା ଷ୍ଟେଟ୍ ହେଲ୍ଥ ଆସ୍ୟୁରାନ୍ସ ସୋସାଇଟି। ଘରୋଇ ହସ୍ପିଟାଲରେ ଯାହା ସୁବିଧା ପାଇବା କଥା ରୋଗୀ ସେହି ସୁବିଧା ପାଇନଥିଲେ। ଅଭିଯୋଗ ପରେ ଆମ ଟିମ ହସ୍ପିଟାଲ ରେ ପହଞ୍ଚିଥିଲା। ସ୍ଥିତି ଅନୁଧ୍ୟାନ କରି ଜଣା ପଡିଥିଲା ଯେ କିଛି ଘରୋଇ ହସ୍ପିଟାଲରେ ଅନିୟମିତତା ହେଉଛି। ଏହାକୁ ଆମ ସରକାର ଆଦୌ ବାରଦସ୍ତ କରିବ ନାହିଁ ଏଣୁ ➪ପୃଷ୍ଠା-୬

ନେପାଳର ଭୁତେକୋଶି ନଦୀରେ ପ୍ରଳୟଙ୍କରୀ ବନ୍ୟା

# ୯୮ ମୃତ, ଶତାଧିକ ଭାରତୀୟ ନିଖୋଜ

କାଠମାଣ୍ଡୁ/ବେଜିଂ, ୨୬।୮: ବୁଧବାର ସକାଳେ ନେପାଳ ଓ ଚୀନର ତିବ୍ବତୀୟ ହିମାଳୟ ସୀମାନ୍ତ ଗ୍ରାମ ରାସୁୱା ଦେଇ ପ୍ରବାହିତ ହେଉଥିବା ଭୁତେକୋଶି ନଦୀରେ ମାଟି ଓ ପଥରର ଏକ ବିଶାଳ କାନ୍ଥ ଭୁଶୁଡ଼ି ପଡ଼ିବାରୁ ନେପାଳ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରଳୟଙ୍କରୀ ବନ୍ୟାର ପ୍ରକୋପ ସୃଷ୍ଟି ହୋଇଛି। ହଠାତ୍ ମାଡ଼ି ଆସିଥିବା ଏହି ଭୟଙ୍କର ବନ୍ୟା (ଫ୍ଲାସଫ୍ଲଡ୍)ରେ ରିପୋର୍ଟ ଲେଖାଯିବା ସୁଦ୍ଧା ୯୮ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦୩ରୁ ଅଧିକ ତୀର୍ଥଯାତ୍ରୀ ନିଖୋଜ ହୋଇଯାଇଥିବା ପୁଲିସ ଅଧିକାରୀଙ୍କ ସୂତ୍ରକୁ

■ ବାଲେନ୍ଦ୍ରଙ୍କ ସହ ମୋଦିଙ୍କ ଆଲୋଚନା

■ ସମସ୍ତ ପ୍ରକାର ସହାୟତା ପାଇଁ ପ୍ରତିଶ୍ରୁତି

■ ଭୂକମ୍ପ ଯୋଗୁଁ ଭୟଙ୍କର ସ୍ଥିତି ଅନୁମାନ

ଉଦ୍ଧାର କରି ସମ୍ବାଦ-ସଂସ୍ଥା ରଏଟର୍ସ ଜଣାଇଛି। କୈଳାଶ ମାନସରୋବର ଯାତ୍ରା ଶେଷ କରି ତିବ୍ବତକୁ ଫେରୁଥିବା ଯାତ୍ରୀମାନେ ମୁଖ୍ୟତଃ ବନ୍ୟା ବିଭୀଷିକାର ଶିକାର ହୋଇଛନ୍ତି।

ନିଖୋଜ ତୀର୍ଥଯାତ୍ରୀଙ୍କ ମଧ୍ୟରେ ୧୩୩ରୁ ଅଧିକ ଭାରତୀୟ ତୀର୍ଥଯାତ୍ରୀ ଥିବା ଅନୁମାନ କରାଯାଉଛି।



ନିଖୋଜଙ୍କ ମଧ୍ୟରେ ୪୭ ଜଣ ଆମେରିକୀୟ, ୬୨ ଜଣ ନେପାଳୀ ନାଗରିକ ଅଛନ୍ତି। ବନ୍ୟାରେ ଭାସିଯାଇଥିବା ଲୋକମାନଙ୍କ ମଧ୍ୟରେ ୨୦୩ ଜଣ ମହିଳା ଥିବା ବେଳେ ୨୦୦ ପୁରୁଷ ରହିଛନ୍ତି। ଏମାନେ ବିଭିନ୍ନ ଟ୍ରାଭେଲ ଏଜେନ୍ସି ଜରିଆରେ କୈଳାଶ-ମାନସରୋବର ଯାତ୍ରାରେ ଯୋଗ ଦେଇଥିଲେ। ଏହି ବନ୍ୟାରେ ଇଶା ଫାଉଣ୍ଡେସନର ୭୭ ତୀର୍ଥ ଯାତ୍ରୀ ଓ ୩ ଜଣ ସ୍ୱେଚ୍ଛାସେବୀ ଆଶ୍ରୟ ନେଇଥିବା ଏକ ଇମିଗ୍ରେସନ ସେଣ୍ଟର ଭାସିଯାଇଛି।

ସୀମାରେ ଡଜନ ଡଜନ ଲୋକ ବନ୍ୟା ପାଣିରେ ଭାସିଯାଉଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଉଭୟ ନେପାଳ ଓ ଚୀନ୍ କର୍ତ୍ତୃପକ୍ଷ ମୃତାହତଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିବା ସହ ବ୍ୟାପକ କ୍ଷୟକ୍ଷତିର ଆଶଙ୍କା କରୁଛନ୍ତି। ୨୮ ଜଣ ପୁଲିସ୍ କର୍ମଚାରୀ ବି ନିଖୋଜ ଅଛନ୍ତି। ନେପାଳ ସେନା ପକ୍ଷରୁ ବ୍ୟାପକ ଉଦ୍ଧାର ଓ ତଲାସୀ କାର୍ଯ୍ୟ ଜାରି ରହିଛି। ଅତର୍କିତ ଆସିଥିବା ଏହି ବନ୍ୟାରେ ବହୁ ଘର, ରାସ୍ତା ଓ ଶକ୍ତି ପ୍ରକଳ୍ପ ନଷ୍ଟ ହୋଇଯାଇଛି। ଭୂକମ୍ପ ଯୋଗୁ ହିମସ୍ଖଳନ ଯୋଗୁଁ ଏପରି ବନ୍ୟା ଆସିଥାଇପାରେ ବୋଲି ପ୍ରାଥମିକ ରିପୋର୍ଟକୁ ଭିତ୍ତିକରି ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ୍ କହିଛନ୍ତି। ନେପାଳ-ତିବ୍ବତ ସୀମାର ଚୀନ୍ ପାର୍ଶ୍ୱରେ କଏଦ ହୋଇଥିବା ସୁରକ୍ଷା ଫୁଟେଜରେ ପଥର, କାଦୁଅ ଓ ପାଣିର ପ୍ରବାହ କୋଠା, ଯାନବାହନଗୁଡ଼ିକୁ ନଷ୍ଟ କରୁଥିବା ଓ ଲୋକମାନେ ଜୀବନ ବଞ୍ଚାଇ ପଳାୟନ କରୁଥିବା ଦେଖାଯାଇଛି।

ଭାରତୀୟ ବାୟୁସେନା ପକ୍ଷରୁ ୧୦ ଟନ୍ ପରିମାଣର ଆବଶ୍ୟକୀୟ ରିଲିଫ୍ ଓ ଔଷଧ ସାମଗ୍ରୀ ସହିତ ନେପାଳ ବନ୍ୟା ବିଧ୍ୱସ୍ତ ଅଞ୍ଚଳରେ ଗୋଟିଏ ସି-୧୩୦-ଜେ ବିମାନ ମୁତୟନ କରିଛି। ଅଧିକ ସହାୟତା ପାଇଁ ସି-୧୭ ଓ ସି-୧୩୦ ବିମାନକୁ ବାୟୁସେନା ପକ୍ଷରୁ ପ୍ରସ୍ତୁତ କରି ରଖାଯାଇଛି। ଚୀନ୍ ଘଟଣାସ୍ଥଳକୁ ଭୂବିଜ୍ଞାନୀ, ଇଞ୍ଜିନିୟର ଓ ପ୍ରାୟ ୨୦୦ ଜଣ ଉଦ୍ଧାରକାରୀଙ୍କୁ ପଠାଇଛି। ଉଦ୍ଧାରକାରୀ ଦଳ ଡ୍ରୋନ୍, ଥ୍ରୀ-ଡି ଲେଜର ସ୍କାନର ଓ ଜୀବନ ସନ୍ଧାନକାରୀ ଉପକରଣ ସାଙ୍ଗରେ ନେଇ ତଲାସୀ

କାର୍ଯ୍ୟ ତ୍ୱରାନ୍ୱିତ କରିଥିବା ଚୀନର ସରକାରୀ ଗଣମାଧ୍ୟମ ଜିନୁଆ ତା’ର ➪ପୃଷ୍ଠା-୬

### ଓଡ଼ିଶା ନିବାସରେ ୨୪ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

ନେପାଳର କେତେକ ଅଞ୍ଚଳରେ ବୁଧବାର ଭୟଙ୍କର ଆକସ୍ମିକ ବନ୍ୟାରେ ଶତାଧିକ ଭାରତୀୟ ନିଖୋଜ ହୋଇଯାଇଛନ୍ତି। ଏଥିପାଇଁ ବିପଦରେ ଓ ସହାୟତା ଆବଶ୍ୟକ କରୁଥିବା ଓଡ଼ିଶାର ବ୍ୟକ୍ତିବିଶେଷଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଓଡ଼ିଶା ନିବାସ, ନୂଆଦିଲ୍ଲୀଠାରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଓଡିଶା ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ବିଜ୍ଞପ୍ତି ଅନୁସାରେ ସହାୟତା ପାଇଁ ଓଡ଼ିଶା ନିବାସ, ନୂଆଦିଲ୍ଲୀ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ନମ୍ବର ଜାରି କରାଯାଇଛି। ସେଗୁଡ଼ିକ ହେଲା: ୦୧୧-୨୩୦୧୨୮୦୭/ ୭୪୨୮୧୩୫୦୪୪/୮୫୨୭୫୮୦୨୪୫। ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ହେଲ୍ପଲାଇନ୍ ନମ୍ବର ହେଲା +୯୭୭୯୮୫୧୩୧୬୮୦୭/+୯୭୭୯୭୦୯୧୦୭୫୦୦।

ଆରପାରିରେ ପୂର୍ବତନ

## ବିଧାୟକ ସତ୍ୟ ଭୂଷଣ ସାହୁ



ଜୟପୁର, ୨୬।୮ (ସଂଚାର ବ୍ୟୁରୋ): ପଦ୍ମପୁର ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁଙ୍କର ୭୩ ବର୍ଷ ବୟସରେ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ କଂଗ୍ରେସ ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ପଦ୍ମପୁର ଆସନରୁ ୩ ଥର ୧୯୮୦, ୧୯୮୫ ଓ ୨୦୦୪ରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନସଭାରେ ସେ ନିଜର ଦକ୍ଷତା ପ୍ରତିପାଦନ କରି ସରକାରୀ ମୁଖ୍ୟ ସଚେତକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ମଧ୍ୟ ଅଳଙ୍କୃତ କରିଥିଲେ। ତାଙ୍କ ପରଲୋକରେ ପଦ୍ମପୁର ଅଞ୍ଚଳ ସମେତ ଓଡ଼ିଶା ରାଜନୀତିରେ ଗଭୀର ଶୋକର ଛାୟା ଖେଳିଯାଇଛି।

ପୁଣି ଅଦିନିଆ ରଥଯାତ୍ରା

## ୪ ସହରରେ ଇସ୍କନର ଅଦିନିଆ ରଥଟଣା



ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ): ବୋଲ ମାନୁନି ଇସ୍କନ। ପୁଣିଥରେ ଅଦିନରେ ଏକାଧିକ ଦେଶରେ ଆୟୋଜନ କଲା ରଥଯାତ୍ରା। ଅଗଷ୍ଟ ୨୨ ଓ ୨୩ ତାରିଖରେ ଆମେରିକାର ସାନ୍ ଫ୍ରାନ୍ସିସ୍କୋ, କାନାଡାର ବର୍ଲିଂଟନ୍, ଜର୍ମାନୀର ଲିପଜିଗ୍ ଓ ନରୱେର ଓସ୍ଲୋରେ ଇସ୍କନ୍ ପକ୍ଷରୁ ରଥଯାତ୍ରା ଆୟୋଜନ ହୋଇଥିବା ଦାବି କରାଯାଉଛି। ୪ଟି ସ୍ଥାନରେ ବହୁ ଧୂମଧାମ୍‌ରେ ଅଦିନିଆ ରଥଯାତ୍ରା ପାଳନ କରିଛି ଇସ୍କନ। ଏଥିପାଇଁ ସାରା ବିଶ୍ୱରେ ସମସ୍ତ ଜଗନ୍ନାଥପ୍ରେମୀଙ୍କ ମନରେ ଘୋର ଅସନ୍ତୋଷ ଓ ଆଘାତ ସୃଷ୍ଟି ହୋଇଛି।

ସାରା ବିଶ୍ୱର ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ବାରମ୍ବାର ପ୍ରତିବାଦ ଓ ବିରୋଧ କରିବା ସତ୍ତ୍ୱେ ଅମାନିଆ ଇସ୍କନ୍ କିଛି ବି ଶୁଣିବାକୁ ନାରାଜ। ନିଜ ମନ ମୁତାବକ କେତେବେଳେ ଅଦିନିଆ ରଥ ଯାତ୍ରା ତ କେତେବେଳେ ଅଦିନିଆ ସ୍ନାନ ଯାତ୍ରା କରୁଛି। ଯେତେ ବାରଣ, ସମାଲୋଚନା ପରେ ବି ସୁଧୁରୁନି ଇସ୍କନ। ନିଜ ଫାଇଦା ପାଇଁ ନିଜ ସୁବିଧା ପାଇଁ ମନଇଚ୍ଛା ରଥ ଗଡ଼ାଇ ଚାଲୁଛି। ଏନେଇ ଆମେରିକାର ଶତାଧିକ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ଇସ୍କନ୍ ବର୍କେଲେକୁ ଦାବିପତ୍ର ମଧ୍ୟ ପଠାଯାଇଥିବା କୁହାଯାଉଛି। କିନ୍ତୁ ବାରମ୍ବାର ସେହି ଭୁଲକୁ ଦୋହରାଇ ଚାଲିଛି ଇସ୍କନ।

## କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ହେବ ବଡ଼ ନିବେଶ

■ ଗ୍ଲୋବାଲ ସିଇଓ ରାଉଣ୍ଡ ଟେବୁଲରେ ଶିଳ୍ପ ଦୂରଦୃଷ୍ଟି ଉପସ୍ଥାପିତ

■ ନୂଆ ପ୍ରକଳ୍ପ ନେଇ ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନୀ ସହ ଆଲୋଚନା




ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ): କେମିକାଲ୍ସ, ପେଟ୍ରୋକେମିକାଲ୍ସ ଓ ଆନୁଷଙ୍ଗିକ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ନିଜକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଉପସ୍ଥାପିତ କରିଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ‘ଇଣ୍ଡିଆଜ୍ କେମିକାଲ୍ସ ସେକ୍ଟର: ଚାର୍ଟିଂ ଦି ପାଥ୍ ଟୁ ୧ ଟ୍ରିଲିୟନ୍ ୟୁଏସଡି ବାଏ ୨୦୪୦’ ଶୀର୍ଷକ ଗ୍ଲୋବାଲ ସିଇଓ ରାଉଣ୍ଡ ଟେବୁଲ୍‌ରେ ରାଜ୍ୟ ସରକାର ନିଜର ବନ୍ଦରଭିତ୍ତିକ ଶିଳ୍ପ ପରିସଂସ୍ଥା ଓ ନିବେଶ ଅନୁକୂଳ ବାତାବରଣକୁ ସଫଳତାର ସହ ପ୍ରଦର୍ଶିତ କରିଛନ୍ତି।

ରାଉଣ୍ଡ ଟେବୁଲ୍ ବୈଠକରେ ଓଡ଼ିଶା ସରକାରଙ୍କ ପ୍ରତିନିଧିତ୍ୱ କରି ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କେମିକାଲ୍ସ, ପେଟ୍ରୋକେମିକାଲ୍ସ, ପ୍ଲାଷ୍ଟିକ୍ସ ଓ ଆନୁଷଙ୍ଗିକ କ୍ଷେତ୍ରରେ ରାଜ୍ୟର ରହିଥିବା ବିଶାଳ ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ସେ ଓଡ଼ିଶାର ସୁଦୀର୍ଘ ସମୁଦ୍ରକୂଳ, ପ୍ରମୁଖ ବନ୍ଦରଗୁଡ଼ିକର ଉପଲବ୍ଧତା, ବିଶାଳ ଶିଳ୍ପ ଜମି, କଞ୍ଚାମାଲର ସହଜ ଉପଲବ୍ଧତା ଓ ନିର୍ଭରଯୋଗ୍ୟ ଭିତ୍ତିଭୂମି ସମ୍ପର୍କରେ ଉପସ୍ଥାପନ କରିଥିଲେ। ଡାଉନଷ୍ଟ୍ରିମ୍ ମୂଲ୍ୟ ବୃଦ୍ଧି ଓ ବ୍ୟାପକ ରୋଜଗାର ସୃଷ୍ଟି ମାଧ୍ୟମରେ ଏକ ବିବିଧ କେମିକାଲଭିତ୍ତିକ ଶିଳ୍ପ ପରିସଂସ୍ଥା ଗଠନ କରିବା ରାଜ୍ୟର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ରାଜ୍ୟର ପ୍ରମୁଖ ନିବେଶ ଗନ୍ତବ୍ୟଗୁଡ଼ିକ ମଧ୍ୟରେ ଇଣ୍ଡିଆନ୍ ➪ପୃଷ୍ଠା-୬

## ମାଓବାଦୀ ଡମ୍ପ ଠାବ

ଅସ୍ତ୍ରଶସ୍ତ୍ର, ଆଇଇଡି, ବିସ୍ଫୋରକ ଓ କ୍ଲେମୋର ମାଇନ୍ ଜବତ



ମାଲକାନଗିରି, ୨୬।୮ (ସଂଚାର ବ୍ୟୁରୋ): ମାଲକାନଗିରି ମାଓବାଦୀ ବିରୋଧୀ ଅଭିଯାନରେ ମାଲକାନଗିରି ପୁଲିସକୁ ଆଜି ବଡ଼ ସଫଳତା ମିଳିଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୁଚନା ଆଧାରରେ ମାଥିଲି ଥାନା ଅଧୀନସ୍ଥ ଚେରକୋଟଲା, କିର୍ମିଟି, କୋଟଓ୍ୱାପଦର ଓ କଡ଼ାଭଟା ଜଙ୍ଗଲ ଅଞ୍ଚଳରେ ଡିଭିଏଫ୍ ଟିମ୍ ପକ୍ଷରୁ ଚାଲିଥିବା ସର୍ଚ୍ଚ ଅପରେସନ ସମୟରେ ଏକ ବଡ ମାଓ ଡମ୍ପ ଠାବ କରାଯାଇଛି। ଏହି ଅଞ୍ଚଳଟି ଛତିଶଗଡ଼ର ବସ୍ତର ଜିଲ୍ଲାର ଦରଭା ଥାନା ଓ ସୁକମା ଜିଲ୍ଲାର ପୁଷପାଲ ଥାନା ଅଞ୍ଚଳ ସୀମାକୁ ଲାଗି ରହିଛି। ଠାବ ହୋଇଥିବା ଡମ୍ପରୁ ୩ଟି ବନ୍ଧୁକ ସହ ଆଇଇଡି, ବିସ୍ଫୋରକ, କ୍ଲେମୋର ମାଇନ୍ ସମେତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରାଯାଇଛି। ଏହି ଅସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସାଧାରଣ ଲୋକ ➪ପୃଷ୍ଠା-୬

ନୀତି ନିର୍ଦ୍ଧାରକଙ୍କ ଚିନ୍ତା ବଢ଼ାଇଲା ନୀତି ଆୟୋଗଙ୍କ ରିପୋର୍ଟ

## ଦେଶର ସାଢ଼େ ୮କୋଟି ଯୁବକ ଦିଶାହୀନ

ନା ଅଛି ପାଠ | ତାଲିମ | ନିଯୁକ୍ତି



ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ): ଭାରତର ସବୁଠୁ ବଡ଼ ଶକ୍ତି ହେଉଛି ଏହାର ଯୁବ ଶକ୍ତି। କିନ୍ତୁ ଏହି ଯୁବ ଶକ୍ତି ହି ଏବେ ବିପଦରେ। ଦେଶର ୮ କୋଟି ୭ ଲକ୍ଷ ଯୁବକ ଯୁବତୀ ନା ପାଠ ପଢୁଛନ୍ତି ନା କୌଣସି ତାଲିମ ନେଉଛନ୍ତି ନା କିଛି ଚାକିରି କରୁଛନ୍ତି। ନିକଟରେ ନୀତି ଆୟୋଗର ରି-ଇମାଜିନିଙ୍ଗ ସ୍କିଲିଂ ଫୋର ବିକଶିତ ଭାରତ ରିପୋର୍ଟରେ ଏଭଳି ସାଂଘାତିକ ତଥ୍ୟ ପ୍ରଦାନ କରିଛି। ରିପୋର୍ଟ ଅନୁସାରେ, ୧୫ରୁ ୨୯ ବର୍ଷ ମଧ୍ୟରେ ପାଖାପାଖି ୮ କୋଟି ୭ ଲକ୍ଷ ଯୁବକଯୁବତୀ ଶିକ୍ଷା ନାହିଁ, ନିଯୁକ୍ତି ନାହିଁ କି ତାଲିମ ନାହିଁ (ଏନଇଇଟି) ଶ୍ରେଣୀରେ ଆସୁଛନ୍ତି। ନୀତି ଆୟୋଗଙ୍କ ଏଭଳି ରିପୋର୍ଟ ଏବେ ନୀତି ନିର୍ଦ୍ଧାରକ ଓ ଯୋଜନା ପ୍ରସ୍ତୁତକାରୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ରିପୋର୍ଟ ମୁତାବକ, ଯୁବ ସମାଜର ଏହି କାଟାଗରି ଭିତରେ ଆସିବାର ବଡ଼ କାରଣ ହେଉଛି ଆର୍ଥିକ ଅନଟନ। ରୋଜଗାରଭିତ୍ତିକ ଟ୍ରେନିଂର ଅଭାବ। ନିମ୍ନ ଆୟ କରୁଥିବା ପରିବାର ପିଲାମାନେ ପ୍ରଥମେ ଯେବେ କଲେଜ ଯାଆନ୍ତି, କଲେଜ୍ ଫି’ ଏବଂ ପଢ଼ାର ଖର୍ଚ୍ଚ ଚାପରେ ଦଳି ହୋଇଯାଆନ୍ତି। ଏପରି ସ୍ଥିତିରେ କୌଣସି ଫି’ ଭିତ୍ତିକ ତାଲିମ ନେବା ସେମାନଙ୍କ ପକ୍ଷେ ଆଉ ସମ୍ଭବ ହୁଏ ନାହିଁ।

ଆର୍ଥିକ ଅନଟନ କାରଣରୁ ଅନେକ ଯୁବକଯୁବତୀ ସ୍ନାତକ ଶେଷ କରିବା ପରେ ପରିବାରକୁ ସହଯୋଗ କରିବାକୁ କୌଣସି ପ୍ରକାର କାମ କରିବାକୁ ରାଜି ହୋଇଯାଆନ୍ତି। ଅଧିକ ପାଠ ପଢ଼ିବା ସତ୍ତ୍ୱେ କମ୍ ଦରମାରେ କାମ କରିବାକୁ ରାଜି ହୋଇଯାଆନ୍ତି। ଅନ୍ୟପଟେ ଲକ୍ଷ ଲକ୍ଷ ଯୁବକ କିଛି ସୁଯୋଗ ନ ମିଳିବା କାରଣରୁ ‘ଏନଇଇଟି’ ବର୍ଗରେ ସାମିଲ ହୋଇଯାଆନ୍ତି। ଏହାବ୍ୟତୀତ ରିପୋର୍ଟରେ ସବୁଠୁ ଚିନ୍ତା ବଢ଼ାଇଲା ଭଳି ତଥ୍ୟ ➪ପୃଷ୍ଠା-୬

## ୫ ହାଇବ୍ରିଡ୍ ଆତଙ୍କବାଦୀ ଗିରଫ



କୁଲଗାମ୍, ୨୬।୮: ଦକ୍ଷିଣ କାଶ୍ମୀରର କୁଲଗାମ୍ ଜିଲ୍ଲାରେ ବୁଧବାର ଏକ ମିଳିତ ସର୍ଚ୍ଚ ଅପରେସନ୍‌ରେ ୫ ଜଣ ସନ୍ଦିଗ୍ଧ ହାଇବ୍ରିଡ୍ (ଅଣତାଲିକାଭୁକ୍ତ) ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି। କୁଲଗାମ ପୁଲିସ, ୯-ରାଷ୍ଟ୍ରୀୟ ରାଇଫଲ୍ସ ଓ ୧୮-ବାଟାଲିୟନ ଦ୍ୱାରା ଏହି ମିଳିତ ଅଭିଯାନ ଆରମ୍ଭ କରାଯାଇଥିଲା। ମିଳିତ ବାହିନୀ ଚାରୋଟି ୯-ଏମଏମ ପିସ୍ତଲ, ଚାରୋଟି ମ୍ୟାଗାଜିନ୍, ୨୨ ରାଉଣ୍ଡ ଗୁଳି ଓ ଦୁଇଟି ହାଣ୍ଡ ଗ୍ରେନେଡ୍ ଜବତ କରିଛି। ଗିରଫ ଆତଙ୍କବାଦୀମାନେ ସମସ୍ତେ ଜମ୍ମୁ-କାଶ୍ମୀର ନାଗରିକ।

## କେରଳ ହେଲା ‘କେରଳମ୍’



ନୂଆଦିଲ୍ଲୀ, ୨୬।୮: କେନ୍ଦ୍ର ଗୃହ ମନ୍ତ୍ରାଳୟ କେରଳର ନୂଆ ନାମ ଭାବେ ‘କେରଳମ’କୁ ଅଧିସୂଚିତ କରିଛନ୍ତି। ଏହି ପରିବର୍ତ୍ତନ ମଙ୍ଗଳବାରଠାରୁ ଲାଗୁ ହୋଇଯାଇଛି। ମଙ୍ଗଳବାର ଜାରି ଏକ ଗେଜେଟ ନୋଟିଫିକେସନରେ ଗୃହମନ୍ତ୍ରାଳୟ କହିଛି ଯେ କେରଳ (ନାମ ପରିବର୍ତ୍ତନ) ଅଧିନିୟମ ୨୦୨୬ର ଧାରା ୧ ଉପଧାରା (୨)ରେ ମିଳିଥିବା ଶକ୍ତି ଉପଯୋଗ କରି କେନ୍ଦ୍ର ସରକାର ୨୫ ଅଗଷ୍ଟ ୨୦୨୬ରେ ସେହି ତାରିଖ ନିର୍ଦ୍ଧାରିତ କରିଛନ୍ତି ଯେବେ ଉକ୍ତ ଅଧିନିୟମର ପ୍ରାବଧାନ ଲାଗୁ ହେବ। ସୂଚନାଯୋଗ୍ୟ, ଚଳିତମାସ ପ୍ରାରମ୍ଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେରଳର ନାମ ବଦଳାଇ ‘କେରଳମ’ କରୁଥିବା ବିଲ୍‌କୁ ମଞ୍ଜୁରୀ ଦେଇଥିଲେ। ଏହା ପରେ ଏହି ଆଇନ ପ୍ରଣୟନ କରାଯାଇଛି।



### କାନ ଡେରିଥା

ଗାଈ ଗୋରୁ ସବୁ ରାଜରାସ୍ତାରେ
ତଥାପି କ୍ଷୀର ଟା ମିଳୁଛି
କୋଉ କ୍ଷୀର ଆମେ ପିଉଛୁ କେଜାଣି
ଧଳା ଧଳା କିନ୍ତୁ ଦିଶୁଛି
ଓଏଁଣ୍ଡ ନାଟକ ଚାଲିଛି...
ଗାଈ ଏବେ ପରା ଗାଡି ଚକାତଳେ
ପଡି ପଡି ସିଏ ମରୁଛି
ଡାକ୍ତର ଟି ଗାଳି ଦେଉଛି
କ୍ଷୀର ପିଅ ବୋଲି କହୁଛି ।

■ ଦେବାଶିଷ

# ଚଳିତ ବର୍ଷ ଯନ୍ତ୍ରୀ ବଦଳି ତାଲିକା କେବେ?

ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ): ଚଳିତ ବର୍ଷ ବିଭିନ୍ନ ବିଭାଗର ଯନ୍ତ୍ରୀମାନଙ୍କର ବଦଳି ତାଲିକା କେବେ ବାହାରିବ? ଅଗଷ୍ଟ ମାସ ସରିବାକୁ ବସିଥିବା ବେଳେ ରାଜ୍ୟ ପ୍ରଶାସନରେ ଏବେ ଏହି ଆଲୋଚନା ଜୋର ଧରିଛି। କାରଣ ବଦଳି ତାଲିକା ବାହାରୁ ନ ଥିବାରୁ ଦୀର୍ଘଦିନ ଧରି ଦୂରଦୂରାନ୍ତରେ ଥିବା ଯନ୍ତ୍ରୀମାନେ ଫେରିପାରୁ ନ ଥିବା ବେଳେ ଡିପିସି କ୍ଲିୟର କରି ପଦୋନ୍ନତି ପାଇଥିବା ଯନ୍ତ୍ରୀମାନେ ବି ନୂତନ ପୋଷ୍ଟିଂ ପାଇପାରୁନାହାନ୍ତି। ଏହା ଏବେ ପୂର୍ତ୍ତ, ଜଳସମ୍ପଦ, ପଞ୍ଚାୟତିରାଜ ଆଦି ବିଭାଗରେ ବିଚିତ୍ର ସ୍ଥିତି ସୃଷ୍ଟି କରିବାରେ ଲାଗିଛି।

ଯନ୍ତ୍ରୀମାନଙ୍କର ବଦଳି ସାଧାରଣତଃ ଜୁନ୍ ମାସ ମଧ୍ୟରେ ସରିଥାଏ। କାରଣ ସରକାର ନିୟମକୁ ବିଭିନ୍ନ ବିଭାଗଗୁଡ଼ିକ ମାନିଥାନ୍ତି। ସରକାର ନିୟମ କରିଛନ୍ତି, ଯେଉଁସବୁ ଯନ୍ତ୍ରୀମାନେ ଗୋଟିଏ ସ୍ଥାନରେ ୩ ବର୍ଷ ଓ ୬ ବର୍ଷ ରହିଥିଲେ ସେହି ଆଧାରରେ ସେମାନଙ୍କୁ ଡିଭିଜନ ଭିତରେ ଓ ବାହାରକୁ ବଦଳି କରାଯିବ। ତଦନୁଯାୟୀ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଉପସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନଙ୍କର ବଦଳି ଦାୟିତ୍ୱରେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଦିଆଯାଇଛି। ସମସ୍ତ ସରକାରୀ ନିୟମ ଓ କାର୍ଯ୍ୟଦକ୍ଷତାକୁ ଆଧାର କରି ଯନ୍ତ୍ରୀମାନଙ୍କର

■ ସରକାରଙ୍କ ବଦଳି ନିୟମକୁ ଫୁ’

■ ଯନ୍ତ୍ରୀଙ୍କ ଭିତରେ ଅସନ୍ତୋଷ ବଢୁଛି

■ ବଦଳି ଟାଳିବାକୁ ଲାଗିଛନ୍ତି ଗାଦିମଡ଼ା ଯନ୍ତ୍ରୀ




ବଦଳି ତାଲିକା ଜୁନ୍ ମାସ ୧୫ ତାରିଖ ଭିତରେ ବାହାରିବା କଥା।

ହେଲେ ଚଳିତ ବର୍ଷ ଅଗଷ୍ଟ ସରିବାକୁ ବସିଥିବା ବେଳେ ଆଜି ପର୍ଯ୍ୟନ୍ତ ଯନ୍ତ୍ରୀ ବଦଳି ତାଲିକା ବାହାରିପାରିନାହିଁ। ଫଳରେ ଯେଉଁସବୁ ଯନ୍ତ୍ରୀମାନେ ଦୂରଦୂରାନ୍ତରେ ଦୀର୍ଘଦିନ ଧରି କାର୍ଯ୍ୟରତ ଅଛନ୍ତି ଓ ବଦଳି ତାଲିକା ବାହାରିଲେ ସେମାନେ ଉପକୂଳ ଅଞ୍ଚଳକୁ ଫେରିବେ ବୋଲି ଭାବିଥିଲେ, ସେମାନେ ଏବେ ହତାଶ ହେବାରେ ଲାଗିଛନ୍ତି। ସେହିଭଳି ଯେଉଁସବୁ ସହକାରୀ ଯନ୍ତ୍ରୀମାନେ ଡିପିସିରେ ପଦୋନ୍ନତି ପାଇ ଏସଡିଓ ହୋଇଛନ୍ତି ସେମାନଙ୍କୁ ବି ପୋଷ୍ଟିଂ ମିଳିପାରୁନାହିଁ।

ରାଜଧାନୀ ସମେତ ରାଜ୍ୟର ବହୁ ସେକ୍ସନ ଓ ଡିଭିଜନରେ ଯନ୍ତ୍ରୀ ପଦବୀ ଖାଲି ପଡ଼ିଛି। ବିଭିନ୍ନ ସ୍ଥାନରେ ଏହିସବୁ ପଦବୀ ପୂରଣ ପାଇଁ ଲୋକପ୍ରତିନିଧିମାନେ ବି ଦାବି କରୁଛନ୍ତି। ବଦଳି ତାଲିକା ବାହାରିଥିଲେ ଦାବି ମୁତାବକ କେତେକ ସ୍ଥାନରେ ଯନ୍ତ୍ରୀ ପଦବୀ ପୂରଣ କରାଯାଇପାରନ୍ତା। ଏହାକୁ ନେଇ ଯନ୍ତ୍ରୀମାନଙ୍କ ଭିତରେ ବି ଅସନ୍ତୋଷ କୁହୁଳିବାରେ ଲାଗିଛି।

ତେବେ ବଦଳି ତାଲିକା ନ ବାହାରିବାକୁ ନେଇ କିଛି ବହୁ ଯନ୍ତ୍ରୀ ଖୁସି ବି ଅଛନ୍ତି। ବିଶେଷକରି ରାଜଧାନୀ ସମେତ ଉପକୂଳ ଅଞ୍ଚଳର ବହୁ ଯନ୍ତ୍ରୀ, ଯେଉଁମାନେ କି ସହରାଞ୍ଚଳ ଭିତରେ ଏ ଡିଭିଜନରୁ ସେ ଡିଭିଜନ ଏପଟ ସେପଟ ହୋଇଥାନ୍ତି, ସେମାନେ କୌଣସି ପ୍ରକାରେ ବଦଳି ଟାଳିବାକୁ ଲାଗିପଡ଼ିଛନ୍ତି। କାରଣ ଗୋଟିଏ ଗୋଟିଏ ସ୍ଥାନରେ ଦୀର୍ଘବର୍ଷ ଧରି ଆସ୍ଥାନ ଜମାଇଥିବା ଯନ୍ତ୍ରୀମାନେ ବଦଳି ତାଲିକା ବାହାରିଲେ ଦୂର ଦୂରାନ୍ତରକୁ ଯିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ତେବେ ସରକାର କେବେ ଯନ୍ତ୍ରୀ ବଦଳି ତାଲିକା ବାହାର କରିବେ ଓ ବିଭିନ୍ନ ସ୍ଥାନରେ ଦାବି ମୁତାବକ ପଦବୀ ପୂରଣ କରିବେ, ତାହା ଉପରେ ଏବେ ସମସ୍ତଙ୍କ ରହିଛି। କାରଣ ଯନ୍ତ୍ରୀ ସଙ୍କଟ ଯୋଗୁଁ ବିଭିନ୍ନ ବିଭାଗରେ ବଜେଟ୍ ଅର୍ଥ ଖର୍ଚ୍ଚ କରିବା ମଧ୍ୟ ଏବେ ବହୁ ସ୍ଥାନରେ କାଠିକର ପାଠ ହେଲାଣି।

## ଏସପିଙ୍କ କାର୍ଯ୍ୟାଳୟରେ ପୁଲିସ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଲେ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ



କେନ୍ଦ୍ରାପଡ଼ା,୨୬।୮ (ସଂଚାର ବ୍ୟୁରୋ): ପବିତ୍ର ରକ୍ଷାବନ୍ଧନ ଅବସରରେ କେନ୍ଦ୍ରାପଡା ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଏକ ନିଆରା ଓ ଭାବପୂର୍ଣ୍ଣ କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଛାତ୍ରୀମାନେ ଏସ୍‌ପି ଓ ଡିଏସ୍‌ପିଙ୍କ ସମେତ କାର୍ଯ୍ୟାଳୟରେ ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ ।ଏହି ଅବସରରେ ଛାତ୍ରୀମାନେ ପୋଲିସ କର୍ମଚାରୀଙ୍କୁ ଭାଇ ଭାବେ ସମ୍ମାନ ଜଣାଇ ସେମାନଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ । ଅନ୍ୟପକ୍ଷରେ ସମାଜର ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ପାଇଁ ପୋଲିସ ବାହିନୀ ନିରନ୍ତର କରୁଥିବା ସେବା ପାଇଁ ବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା ।ରକ୍ଷାବନ୍ଧନ କେବଳ ଭାଇ-ଭଉଣୀର ସମ୍ପର୍କର ପର୍ବ ନୁହେଁ, ବରଂ ପରସ୍ପର ପ୍ରତି ସ୍ନେହ, ସମ୍ମାନ, ସୁରକ୍ଷା ଓ ଦାୟିତ୍ୱର ପ୍ରତୀକ । ଛାତ୍ରୀମାନଙ୍କ ଏହି ପଦକ୍ଷେପ ମାଧ୍ୟମରେ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ସ୍ନେହ ଓ ବିଶ୍ୱାସର ସମ୍ପର୍କ ଆହୁରି ଦୃଢ଼ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ବିଶ୍ୱାଳଙ୍କ ସହ ସୁପ୍ରିୟା ବେହେରା, ଶାଶ୍ୱତୀ ଦାସ ଓ ଦୁର୍ଗେଶ୍ରୀ ବେହେରା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ସହଯୋଗ କରିଥିଲେ । ଡିଏଭି ପବ୍ଲିକ ସ୍କୁଲର ଏହି ଅଭିନବ ପ୍ରୟାସକୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିବା ସହ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ଆନନ୍ଦମାର୍ଗ ରିଲିଫ ଟିମ ପକ୍ଷରୁ ୨ୟ ଥର ରିଲିଫ ପ୍ରଦାନ



କେନ୍ଦ୍ରାପଡ଼ା,୨୬।୮(ସଂଚାର ବ୍ୟୁରୋ): ବ୍ରାହ୍ମଣୀ, ଖରସ୍ରୋତା, ଓ କାଣୀ ନଦୀ ଦ୍ୱାରା ଲଗାତର ଭାବେ ଦୁଇଥର ବନ୍ୟା ଯୋଗୁଁ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ଅନେକ ପଞ୍ଚାୟତକୁ ଜଳାର୍ଣ୍ଣବ କରିରଖିଛି । ସେଥିମଧ୍ୟରୁ ପେଣ୍ଠପାଳ ପଞ୍ଚାୟତର କୋଲଥିଆ ଗ୍ରାମର ଜେନାସାହି, ତରଡିପାଳ ପଞ୍ଚାୟତର ଦାସ ସାହି, ମଳିକ ସାହି ଓ ନାଥ ସାହିର ଲୋକମାନେ ସମ୍ପୂର୍ଣ୍ଣ ଜଳବନ୍ଦୀ ମଧ୍ୟରେ ଅଛନ୍ତି । ଗତ ସପ୍ତାହେ ହେବ ରିଲିଫ୍ ସାମଗ୍ରୀ ଯଥା ଅଟା, ଚୁଡ଼ା, ଆଳୁ, ବିସ୍କୁଟ, ମହମବତୀ ,ଦିଆସିଲି ଇତ୍ୟାଦି ସହିତ ଆନନ୍ଦମାର୍ଗର ସଦସ୍ୟ ମାନେ ବିଭିନ୍ନ ପର୍ଯ୍ୟାୟରେ ଜଳବନ୍ଦୀ ସ୍ଥାନକୁ ଡଙ୍ଗା ସାହାଯ୍ୟରେ ପହଞ୍ଚି ପ୍ରାୟ ୩୦୦ ପରିବାରର ଲୋକମାନଙ୍କୁ ରିଲିଫ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅବଧୂତିକା ଆନନ୍ଦ ସୁଧୀରା ଆଚାର୍ଯ୍ୟା, ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତ, ଆଚାର୍ଯ୍ୟ ନଟବର ବେହେରା, ବରିଷ୍ଠ ଆନନ୍ଦ ମାର୍ଗୀ ହର୍ଷବର୍ଦ୍ଧନ ଲେଙ୍କାଙ୍କ ସମେତ ଅନ୍ୟ ସଦସ୍ୟ ଗଣେଶ ପରିଡ଼ା, ପରାସର, ସୁନୀତା, ରାଜକିଶୋର ଓ ସତ୍ୟଜିତ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ ।

### ପୁଣି ବଢୁଛି ବ୍ରାହ୍ମଣୀର ଜଳପତ୍ତନ

# ଦୁର୍ବଳ ନଦୀବନ୍ଧରେ ଘାଇ ଆଶଙ୍କା, ଲୋକେ ଆତଙ୍କିତ

### ଦୁର୍ଦ୍ଦଶା ଭିତରେ ଥିବା ବିପନ୍ନଙ୍କ ଭାଳେଣି

### ବହୁ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ

### କୁମ୍ଭୀର ଓ ସାପ ଭୟରେ ଲୋକେ ଘରୁ ବାହାରୁ ନାହାନ୍ତି



ପଟ୍ଟାମୁଣ୍ଡାଇ,୨୬।୮ (ସଂଚାର ବ୍ୟୁରୋ): ବ୍ରାହ୍ମଣୀ ଓ କାଣୀ ନଦୀରେ ୩ୟ ବନ୍ୟା ସାମାନ୍ୟ ହ୍ରାସ ପାଇବା ପରେ ବିପନ୍ନମାନେ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ। ବନ୍ୟା ଜଳ ପତ୍ତନ ଦିନକୁ ଦିନ ବଢୁଥିବାରୁ ଦୁର୍ବଳ ନଦୀ ବନ୍ଧରେ ଘାଇ ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି । ଘାଇ ହେବା ଚର୍ଚ୍ଚା ଚାଲିଥିବାରୁ ଲୋକମାନେ ଆତଙ୍କିତ ହୋଇ ପଡିଛନ୍ତି । କୁମ୍ଭୀର ଆତଙ୍କ ସାଙ୍ଗକୁ ଘାଇ ହେବା ଆତଙ୍କ ଲୋକମାନଙ୍କ ଚିନ୍ତା ବଢ଼ାଇ ଦେଇଛି । ଅଳଭା ଠାରେ ବନ୍ୟା ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଯାହାଫଳରେ ପଟ୍ଟାମୁଣ୍ଡାଇ ଅଂଚଳର ବନ୍ୟା ସ୍ଥିତି ସଂଗୀନ ହୋଇପଡିଛି ।

ବାରମ୍ବାର ବନ୍ୟା ଆସିବା ଫଳରେ ବହୁ ନଦୀ ବନ୍ଧ ଦୁର୍ବଳ ହୋଇ ଘଳିଆ ପଡିବା ଆଶଙ୍କା ରହିଛି। ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଂଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ୧୫ହଜାର ଗୃହ ପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି। ବନ୍ୟା ଯୋଗୁଁ ବ୍ଲକ ଓ ପୌରାଞ୍ଚଳର ୬୫ ହଜାର ଲୋକ ବିପନ୍ନ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଂଚଳ ଭାବେ ପରିଚିତ ସିଂହଗାଁ ପଂଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଥିବା ବେଳେ ସିଂହଗାଁ ପଂଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଅଂଚଳ ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି । ବହୁ ଗ୍ରାମ ଓ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇପଡିଛି। ବନ୍ୟା ପାଣି ସୁଅ ଛୁଟିବା ଫଳରେ ଧୋୟାଞ୍ଚଳର ବହୁ ପଂଚାୟତ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଂଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଛି। ଫଳରେ ଲୋକମାନେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି । ସେହିପରି ବନ୍ୟାଞ୍ଚଳର ଚାରିଆଡେ ସାପ ବୁଲୁଥିବାରୁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି।

ପଟ୍ଟାମୁଣ୍ଡାଇ ସହରର ମହାବୀର ବଜାରର ବହୁ ଦୋକାନ ଘରେ ବନ୍ୟା ପାଣି ପଶି ଦୋକାନ ସାମଗ୍ରୀ ନଷ୍ଟ ହେବା ସହିତ ଯାତାୟାତ ବାଧା ପ୍ରାପ୍ତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବହୁ ସ୍କୁଲ ପାଣି ଘେରରେ ଥିବାରୁ ଶିକ୍ଷା ଦାନ ଠପ ହୋଇଯାଇଛି । ବନ୍ୟା ସ୍ଥିତି ଗମ୍ଭୀର ହୋଇ ଥିବାରୁ ଦୁର୍ବଳ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇ ଘାଇ ସୃଷ୍ଟି ହେବା ଆଶଙ୍କା ଥିବାରୁ ଲୋକମାନେ ଦିବାରାତ୍ର ସଜାଗ ହୋଇ ରହିଛନ୍ତି ।

ବ୍ରାହ୍ମଣୀ ନଦୀରେ ୪ର୍ଥ ଥର ବନ୍ୟା ଆସିବା ଫଳରେ ବିପନ୍ନ ଲୋକ, ଗରିବ ଖଟିଖିଆ ଓ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ି ଯାଇଛି । ବନ୍ୟା ଯୋଗୁଁ ପରିବେଶ ଦୂଷିତ ହୋଇ ଚାରିଆଡେ ଝାଡା ବାନ୍ତି, ଥଣ୍ଡା, ଜ୍ୱର ଲାଗି ରହିଛି। । ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ଘାଇ ଆଶଙ୍କାରେ ଲୋକମାନେ ଦିନରାତି ସଜାଗ ଅଛନ୍ତି ।

### ନିଟ୍‌ରେ ଚମକିଲେ ସୌମ୍ୟରଞ୍ଜନ

## ସର୍ବଭାରତୀୟ ସ୍ତରରେ ୫୭୪ତମ ସ୍ଥାନ

### ଡାକ୍ତର ହେବାକୁ ରଖିଛନ୍ତି ଲକ୍ଷ୍ୟ



ମହାକାଳପଡ଼ା,୨୬।୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ପ୍ରକାଶ ପାଇଥିବା ସର୍ବଭାରତୀୟ ନିଟ୍ ପରୀକ୍ଷା ଫଳରେ ମହାକାଳପଡ଼ା ବ୍ଲକ୍‌ର ଜଣେ ମେଧାବୀ ଛାତ୍ର ସୌମ୍ୟରଞ୍ଜନ ସାହୁ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ସର୍ବଭାରତୀୟ ସ୍ତରରେ ୫୭୪ତମ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ବିଜୟନଗର ପଞ୍ଚାୟତ ଅନ୍ତର୍ଗତ ସାହାବାଜପୁର ଗ୍ରାମର କୈଳାସ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ଏହି ସଫଳତା ପାଇଛନ୍ତି। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବା ସତ୍ତ୍ୱେ ସୌମ୍ୟରଞ୍ଜନ ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ଜାରି ରଖିଥିଲେ। ତାଙ୍କ ବାପା ପାରାଦ୍ୱୀପର ଏକ ହୋଟେଲରେ କାମ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି।

ନିଜ ସଫଳତାର ଶ୍ରେୟ ସୌମ୍ୟରଞ୍ଜନ ବାପା-ମାଆଙ୍କ ଆଶୀର୍ବାଦ, ଭଉଣୀଙ୍କ ସହଯୋଗ ଓ ଭଗବାନଙ୍କ ଆଶିଷକୁ ଦେଇଛନ୍ତି। ଭବିଷ୍ୟତରେ ଡାକ୍ତର ହେବା ତାଙ୍କର ଲକ୍ଷ୍ୟ। ଉଚ୍ଚଶିକ୍ଷା ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜରେ ଅଧ୍ୟୟନର ସୁଯୋଗ ମିଳିବା ନେଇ ସୂଚନା ଆସିଛି।

ସୌମ୍ୟରଞ୍ଜନଙ୍କ ଏହି ସଫଳତା ପରେ ପରିବାର, ଗ୍ରାମବାସୀ ଓ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ରାମନଗର ଶାଖା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି।

## ବିଧାୟକଙ୍କ ନିର୍ଦ୍ଦେଶରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା



ଗରଦପୁର,୨୬।୮ (ସଂଚାର ବ୍ୟୁରୋ): ନିର୍ବାଚନମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଓ ଲୋକଙ୍କ ନିକଟରେ ମୌଳିକ ସୁବିଧା ପହଞ୍ଚିବାର ସ୍ଥିତି ନେଇ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବାସଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି ।

ବୈଠକରେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ବିକାଶମୂଳକ ସୁବିଧା ଲୋକଙ୍କ ନିକଟରେ ପହଞ୍ଚିଛି ଏବଂ କେଉଁ ଅଞ୍ଚଳରେ ଏବେବି ସୁବିଧା ଅପହଞ୍ଚ ରହିଛି, ସେନେଇ ଆଲୋଚନା କରାଯାଇଥିଲା। ଯେଉଁ ସ୍ଥାନରେ ଲୋକମାନେ ଆବଶ୍ୟକ ସୁବିଧାରୁ ବଞ୍ଚିତ ଅଛନ୍ତି, ସେଠାରେ ତୁରନ୍ତ ସୁବିଧା ପହଞ୍ଚାଇବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ପଦକ୍ଷେପ ନେବା ସହ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଜନପ୍ରତିନିଧିମାନେ ମିଳିତ ଭାବେ ମତବିନିମୟ କରିଥିଲେ । ତୃଣମୂଳସ୍ତରରେ ଲୋକଙ୍କ ସମସ୍ୟା ଚିହ୍ନଟ କରି ତାହାର ସମାଧାନ ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ବୈଠକରେ ବିଧାୟକଙ୍କ ପ୍ରତିନିଧି କ୍ଷିତୀଶ ଚନ୍ଦ୍ର ଦାସ, ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସଭ୍ୟ ଓ ଅନ୍ୟାନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ଜନପ୍ରତିନିଧି ମାନଙ୍କ ଏହି ସମନ୍ୱିତ ସମୀକ୍ଷା ବୈଠକ ମାଧ୍ୟମରେ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଅଞ୍ଚଳରେ ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବା ସହ ଲୋକଙ୍କ ଆବଶ୍ୟକତାକୁ ସର୍ବାଧିକ ପ୍ରାଥମିକତା ଦେବା ନେଇ ଏକ ସ୍ପଷ୍ଟ ବାର୍ତ୍ତା ମିଳିଛି ।

## ଲକ୍ଷାଧିକ ଟଙ୍କାର ମଦ ଜବତ, ଜଣେ ଗିରଫ



ବାଲିଅନ୍ତା,୨୬।୮ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ଅଧିକାରୀ ରଶ୍ମିତା ବେହେରା ଆଜି ପୂର୍ବାହ୍ନରେ ସଦଳବଳେ ଚଢ଼ାଉ କରି ପେଟି ପେଟି ମଦ ଜବତ କରିଥିଲେ । ହେଲେ ପ୍ରକୃତ ମଦ ବେପାରୀ ସଞ୍ଜୟ ଭୋଇ ଘଟଣାସ୍ଥଳରୁ ଖସି ପଳାଇଥିଲା। ପୁଲିସ ସେଲସମ୍ୟାନ ସନ୍ନ୍ୟାସୀ ପାତ୍ରଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା। ସୂଚନା ଅନୁସାରେ ସଞ୍ଜୟ ଜଣେ ପେସାଦାର ନିଶା ବେପାରୀ । ପୂର୍ବରୁ ସେ ଅନେକ ଥର ବାଲିଅନ୍ତା ଥାନା ପୁଲିସ ହାତରେ ଗିରଫ ହୋଇ ଜେଲ ଯାଇଥିଲା । ପରେ ଜାମିନରେ ଆସି ପୁଣି ବେଧଡ଼କ କାରବାର ଚଳାଇ ଆସୁଥିବା ଜଣାଅପଡ଼ିଛି ।

## ଶ୍ରୀଗୋପାଳଜୀଉଙ୍କ ଝୁଲଣଯାତ୍ରା



କେନ୍ଦ୍ରାପଡ଼ା,୨୬।୮ (ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ବ୍ଲକର ଲାହାଖଣ୍ଡ ଭରତପୁର ଗ୍ରାମର ମକ୍କଦ୍ଦମ ପରିବାରର କୁଳଦେବତା ପ୍ରଭୁ ଶ୍ରୀଗୋପାଳଜୀଉଙ୍କ ଝୁଲଣ ଯାତ୍ରା ମହା ଆଡମ୍ବରରେ ପାଳିତ ହେଉଛି । ଶ୍ରୀଜୀଉଙ୍କ ମନ୍ଦିରରୁ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ପୂଜକ ସରୋଜକାନ୍ତ ପତିଙ୍କ ଦ୍ୱାରା ଅଳଙ୍କାର ଆଭୂଷଣରେ ସଜ୍ଜିତ କରାଯାଇ ଝୁଲଣ ମଣ୍ଡପକୁ ବିଜେ କରାଯାଇଥିଲା । ଶ୍ରୀଜୀଉଙ୍କୁ ଝୁଲଣ ମଣ୍ଡପକୁ ବିଜେ କରାଯିବା ପରେ ପୂଜାର୍ଚ୍ଚନା କରାଯାଇ ଆଳତୀ ଓ ଭୋଗ ଅର୍ପଣ କରାଯାଇଥିଲା । ଏହାପରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଝୁଲଣଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ ଜମିବାରେ ଲାଗିଛି । ଶ୍ରୀଜୀଉଙ୍କ ଏହି ଝୁଲଣଯାତ୍ରା ସାତ ଦିନ ବ୍ୟାପୀ ଅନୁଷ୍ଠିତ ହେବ । ପ୍ରତ୍ୟେକ ଦିନ ଭଜନ, ଜଣାଣ ଓ କୀର୍ତ୍ତନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ଦାୟିତ୍ୱରେ ଥିବା ଅବସରପ୍ରାପ୍ତ ଆଇନୀ ଅଧିକାରୀ ପ୍ରବୋଧ କୁମାର ଦାସ ସୂଚନା ଦେଇଛନ୍ତି ।

## ମହାପୁରୁଷ ହଜରତ୍ ମହମ୍ମଦ ସଲଲ୍ଲାହୋ ଓ ସଲମ୍‌ଙ୍କ ଜୟନ୍ତୀ ପାଳିତ




କେନ୍ଦ୍ରାପଡ଼ା,୨୬।୮ (ସଂଚାର ବ୍ୟୁରୋ): ସବୁ ବର୍ଷ ପରି ଚଳିତ ବର୍ଷ ପ୍ରବଳ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ମହାପୁରୁଷ ହଜରତ୍ ସଲାଲହୋ ସଲମଙ୍କ ୧୫୦୧ତମ ଜୟନ୍ତୀ ମହାସମାରୋହରେ ଆଜି କେନ୍ଦ୍ରାପଡା ସହରରେ ପାଳିତ ହୋଇଯାଇଛି।

ଏହି ଉତ୍ସବ ଉପଲକ୍ଷେ ଜସନେ-ଇଦ-ମିଲାଦୁନ ନବି କମିଟି ସଂଯୋଜନାରେ ୭ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ଭାଇମାନଙ୍କର ଏକ ବିଶାଳ ଶୋଭାଯାତ୍ରା କେନ୍ଦ୍ରାପଡା ହାଇସ୍କୁଲ ଛକଠାରୁ ବାହାରି ସହରର ମୁଖ୍ୟ ରାସ୍ତାଦେଇ ସହର ପରିକ୍ରମା କରିବାପରେ ନୂଆ ଇଦଘା ପଡିଆଠାରେ ପହଞ୍ଚିଥିଲା। ଏଥିରେ ୨୩ରୁ ଅଧିକ ବସ୍ତିର ଲୋକମାନେ ଭାଗ ନେଇଥିଲେ । କେନ୍ଦ୍ରାପଡାର ଦିଲାରପୁର, ଇମାମବାଡା, ବଡହାଟ, ଇଦଘାମହଲା, ମନକରପୁର, ଗରାପୁର, ଦୁହୁରିଆ, ଦାଉଦପୁର, କଜଳା, କୁୟରେସି ମହଲା, ରଣପଡା, କନିଆଜୋର, ପୋଷ୍ଟଅଫିସ ଲେନ, ଜଇପୁରା, କୁମାରିଆ, ମନକରପୁର, ମେଡିକାଲ ରୋଡ, ଜେଲରୋଡ, ଏବଂ ବହୁ କମିଟି ଓ ବସ୍ତିର ଲୋକମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଶୋଭାଯାତ୍ରାକାରୀମାନେ ଶାନ୍ତି ଶୃଙ୍ଖଳାସହ ଧାର୍ମିକ ଭାବନାରେ ମସଗୁଲ ହୋଇ ନୂଆ ଇଦ୍‌ଘା ପଡିଆରେ ପହଞ୍ଚିଥିଲେ। ନୂଆ ଇଦଘା ପଡିଆରେ ଜସନେ-ଇଦ୍-ମିଲାଦୁନ ନବି କମିଟିର ସଭାପତି ହାପିଜ କମାଲୁଦ୍ଦିନ ହବିବିଙ୍କ ପୌରହିତ୍ୟର ଏକ ଧର୍ମ ସଭା ଅନୁଷ୍ଠିତ ହୋଇଥିଲା ।

ଏଥିରେ ମୌଲାନା ଓ ସାୟରମାନେ ହଜରତ ମହମ୍ମଦଙ୍କ ଜୀବନୀ ଏବଂ ଆଦର୍ଶ ଉପରେ ଆଲୋକପାତ କରି ଓ ମହମ୍ମଦଙ୍କ ବାଣୀ ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ ଏବଂ ଭାତୃଭାବ, ମାନବସେବା ଓ ଏକତା ବିଷୟରେ ଆଲୋକପାତ କରିଥିଲେ। ଏହି ଉତ୍ସବ ଉପଲକ୍ଷେ କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ତୋରଣ ରଙ୍ଗବେରଙ୍ଗର ଆଲୋକମାଳାରେ ସହରର ମୁଖରିତ ହୋଇଉଠିଥିଲା । ନୂଆ ଇଦ୍‌ଘା ପଡିଆଠାରେ ଧର୍ମସଭାରେ ସଲାତୋ ସଲାମ ପରେ ଦୁଆ କରାଯାଇ ସିରନି ବଣ୍ଟନ କରାଯାଇଥିଲା ।

## ବନ୍ୟାବିପନ୍ନଙ୍କୁ ଶ୍ରୀରାମ ଫାଉଣ୍ଡେସନର ସହାୟତା



ପଟ୍ଟାମୁଣ୍ଡାଇ,୨୬।୮ (ସଂଚାର ବ୍ୟୁରୋ):ଚଳିତ ବର୍ଷ ବ୍ରାହ୍ମଣୀ ନଦୀର ପ୍ରଳୟଙ୍କରୀ ବନ୍ୟାରେ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନାହିଁ ନଥିବା କ୍ଷତି ଘଟିଥିବାବେଳେ ନଦୀ ନାଳ ଘେରା ଶ୍ରୀରାମପୁର ପଞ୍ଚାୟତ ବିଶେଷ ଭାବେ କ୍ଷତି ଗ୍ରସ୍ତ ହୋଇଛି । ଦୀର୍ଘ ୧୫ଦିନ ଧରି ଲୋକମାନେ ବନ୍ୟା ଘେର ରେ ଥିବାବେଳେ ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ ହୋଇଛି । ଏଭଳି ସଂଗୀନ ସ୍ଥିତି ରେ ଶ୍ରୀରାମ ଫାଉଣ୍ଡେସନର ଅଧ୍ୟକ୍ଷ ସମାଜସେବୀ ଉତ୍ତମ୍ ଖୁଣ୍ଟିଆଙ୍କ ନିର୍ଦ୍ଦେଶରେ ପ୍ରେମ ରଞ୍ଜନ ପଣ୍ଡା ସଂଗ୍ରାମ ପାତ୍ର ତପନ ପଣ୍ଡା,ବିପିନ ସେଠୀ ହେମନ୍ତ ପଣ୍ଡା ଗଜେନ୍ଦ୍ର ପଣ୍ଡା ରଶ୍ମି ରଞ୍ଜନ ପଣ୍ଡା ଧିରେନ ସାହୁ ସୁଦର୍ଶନ ପରିଡା ପ୍ରଶାନ୍ତ ସାହୁ ଅଭୟ ସାହୁ ପ୍ରବୀଣ ରାଉତ ସତ୍ୟ ରଞ୍ଜନ ବେହେରା ପ୍ରଶାନ୍ତ ଷଡଙ୍ଗୀ, ଦୁର୍ଯ୍ୟୋଧନ ପରିଡା ବିଚିତ୍ର ମଲିକ ପ୍ରମୁଖ ଫାଉଣ୍ଡେସନର ବହୁ ସଦସ୍ୟ ସଦସ୍ୟ ଦୀର୍ଘ ୫ଦିନ ଧରି ସମଗ୍ର ପଞ୍ଚାୟତର ଘରକୁ ଘର ବୁଲି ଲୋକମାନଙ୍କୁ ଅତ୍ୟାବଶ୍ୟକୀୟ ରାସନ ସାମଗ୍ରୀ ସହିତ ପାନୀୟ ଜଳ ଆଦି ବଣ୍ଟନ କରିଥିଲେ।

## ଫଳ ଓ ମିଷ୍ଟାନ୍ନ ବଣ୍ଟନ




ସୁନ୍ଦରଗଡ଼, ୨୬।୮ (ସଂଚାର ବ୍ୟୁରୋ): ଆଜି ସୁନ୍ଦରଗଡ଼ରେ ମୁସଲିମ ସମାଜ ପକ୍ଷରୁ ବହୁତ ଆନନ୍ଦ ଉଲ୍ଲାସର ସହିତ ‘ହଜରତ ମହମ୍ମଦ’ଙ୍କ ଜନ୍ମଦିନ ପାଳନ କରାଯାଇଛି। ପ୍ରତ୍ୟେକ ମସଜିଦ କମିଟି ତରଫରୁ ବିଭିନ୍ନ ପ୍ରକାର ମେଢ଼ ସହିତ ବର୍ଣାଢ଼ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ "ଖ୍ୱାଆଜା ଗରିବ ନୱାଜ କମିଟି" ତରଫରୁ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ସହିତ କମିଟିର ସଭାପତି ଏମଡି କଲିମ, ଅଜିମ ହୁସେନ, ଆଝାର ହୁସେନ, ଏମଡି ସହିଲ, ଏମଡି ଜମାଲ, ଆସଲାମ, ଏମଡି ସାନ୍ନୁ, ଏମ ଡି ମକସୁଦ, ଏମଡି ୱାସୀମ, ଏମଡି ସାହେବ, ଏମଡି ନ୍ନହେ ଯୋଗଦେଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତ ଅନ୍ତେବାସୀଙ୍କୁ ଏବଂ ଆଦୃତ ଶିଶୁ ଆଶ୍ରମର ସମସ୍ତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ ଓ ଫଳ ବଣ୍ଟନ କରିଥିଲେ।

### ଯାଜପୁର ସର୍କଲର ପ୍ରଥମ ପରାମର୍ଶଦାତା କମିଟି ବୈଠକ

## ଦାବି ପୂରଣ ନହେଲେ ଟିକସ ଓକିଲ ସଂଘର ଆନ୍ଦୋଳନ ଚେତାବନୀ



ଯାଜପୁର ରୋଡ୍, ୨୬।୮ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରର ଧବଳଗିରିସ୍ଥ ରାଜ୍ୟ ଦ୍ରବ୍ୟ ଓ ସେବାକର ତରଫରୁ ଗତକାଲି ଅନୁଷ୍ଠିତ ହୋଇଥିବା ବୈଠକରେ ଯାଜପୁର ଜିଲ୍ଲା ଟିକସ ଓକିଲ ସଙ୍ଘ ପକ୍ଷରୁ ଦିଆଯାଇଥିବା ପୂର୍ବ ଦାବି ୧୫ ଦିନ ମଧ୍ୟରେ ପୂରଣ ନହେଲେ ସଙ୍ଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସଙ୍ଘର ସଭାପତି ବିବେକାନନ୍ଦ ମହାନ୍ତି ଚଳିତ ଆର୍ଥିକ ବର୍ଷର ପ୍ରଥମ ସର୍କଲ ଲେବଲ ପରାମର୍ଶଦାତା କମିଟି ବୈଠକରେ ଯୋଗଦେଇ ପୂର୍ବ ମିଟିଂରେ ଥିବା ବରିଷ୍ଠ ଅଧିକାରୀ ଦେଇଥିବା ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ। ପଦ୍ମ ଘୁଂଚି ଘୁଂଚି ଯାଉଛି ଭଳି ପନ୍ଦର ଦିନ ମଧ୍ୟରେ ସବୁ ସମସ୍ୟା ସମାଧାନ ହେବାକୁ ଥିବା ତିନି ମାସରୁ ଉର୍ଦ୍ଧ୍ୱ ହେଲେବି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନହେବାରୁ କ୍ଷୋଭ ପ୍ରକାଶ କରିଥିଲେ।

ବାର୍ଷିକ ଦୁଇ ହାଜର କୋଟିରୁ ଉର୍ଦ୍ଧ୍ୱ ଆଦାୟ କରୁଥିବା କାର୍ଯ୍ୟାଳୟ ଅତ୍ୟନ୍ତ ଦୟନୀୟ ଓ ବିପର୍ଯ୍ୟସ୍ତ ହେଇଥିବାରୁ ନୂତନ କାର୍ଯ୍ୟାଳୟର ଆବଶ୍ୟକତାକୁ ଦେଖି ଦାବି ମୁତାବକ ପାଣିକୋଇଲି ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଗଲା। ପୂର୍ତ୍ତ ବିଭାଗ ବି ଟେଣ୍ଡର କରି ଠିକାଦାରଙ୍କୁ ୬ ମାସରୁ ଉର୍ଦ୍ଧ୍ୱ କାର୍ଯ୍ୟାଦେଶ ଏବଂ ଚୁକ୍ତି ପ୍ରଦାନ୍ କରି ଦେଇ ହାତ ଗୋଡ଼ ବାନ୍ଧି ବସିଛନ୍ତି। ବିଭାଗୀୟ ଅଧିକାରୀ ଅଧୁନା କାର୍ଯ୍ୟ ଆରମ୍ଭର ଅସହାୟତା ପ୍ରକାଶ କରିଛନ୍ତି। ଏପରି ସ୍ଥିତିରେ ସଙ୍ଘ ଟିକସ ଆଦାୟ ପରିଚାଳନାରେ ଅସହଯୋଗ ସହିତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ସଭାପତି ମହାନ୍ତି ଦୁଃଖର ସହିତ କହିଥିଲେ।

ଏଥିସହିତ ରାଜ୍ୟ ଦ୍ରବ୍ୟ ଓ ସେବାକର ମୁଖ୍ୟ କମିଶନର ଯାମିନୀ ଷଡଙ୍ଗୀଙ୍କୁ ୧୫ ଦିନିଆ ଦାବି ତଥା ନୋଟିସ ଯୁଗ୍ମ କମିଶନର ଶ୍ରୀଯୁକ୍ତ ବିଶ୍ୱାଳଙ୍କ ମାଧ୍ୟମରେ ସଂଘ ତାରଫରୁ ଦାବିପତ୍ର ପ୍ରଦାନ କରାଯାଇଛି।

## ପବିତ୍ର ଗହ୍ମାପୂର୍ଣ୍ଣିମା ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ




କେନ୍ଦ୍ରାପଡ଼ା,୨୬।୮ (ସଂଚାର ବ୍ୟୁରୋ): ଆସନ୍ତା ଶୁକ୍ରବାର ଅଗଷ୍ଟ ୨୮ ତାରିଖ ଦିନ ସମଗ୍ର ଦେଶରେ ପାଳନ ହେବାକୁ ଯାଉଥିବା ପବିତ୍ର ଗହ୍ମାପୂର୍ଣ୍ଣିମା ଓ ରକ୍ଷାବନ୍ଧନ ଉପଲକ୍ଷେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ସୁଜାନଗର ସ୍ଥିତ ପ୍ରଭୁ ସ୍ମୃତିଭବନ ଓ ପ୍ରଜାପତି ଇଶ୍ୱରୀୟ ବ୍ରହ୍ମା କୁମାରୀ ବିଶ୍ୱବିଦ୍ୟାଳୟ ଆଶ୍ରମ ପରିସରରେ ଆଶ୍ରମର ମୁଖ୍ୟ ପରିଚାଳିକା ଭଉଣୀ ବି.କେ ରୀନାଙ୍କ ସଭାପତିତ୍ୱରେ ଏବଂ ଭଉଣୀ ଇତିଶ୍ରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସରକାରୀ ଯୁବ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ, ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ସାହୁ ଏବଂ ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାସ, ସାମ୍ବାଦିକ ସନ୍ତୋଷ କୁମାର ପୋଥାଳ, ସାମ୍ବାଦିକ ପ୍ରଦ୍ୟୁମ୍ନ ରାଉତ, ସାମ୍ବାଦିକ ମୃତ୍ୟୁଞ୍ଜୟ ପରିଡା ଓ ନିହାର ରଞ୍ଜନ ପରିଡା ଯୋଗଦେଇ ଏହି ପାରମ୍ପରିକ ରକ୍ଷାବନ୍ଧନ ଓ ଭାଇ ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କକୁ କିପରି ଯୁଗେ ଯୁଗେ ଅତୁଟ ରଖାଯାଇ ପାରିବ ଏବଂ ଭାଇ କିପରି ପ୍ରତିଟି ମୁହୂର୍ତ୍ତରେ ଭଉଣୀର ରକ୍ଷା କବଚ ସାଜିବ ସେ ସମ୍ବନ୍ଧରେ ମଞ୍ଚାସୀନ ଅତିଥିମାନେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ।

ସମସ୍ତ ମଞ୍ଚାସୀନ ଅତିଥି ମାନଙ୍କୁ ଆଶ୍ରମ ପକ୍ଷରୁ ମଧ୍ୟ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ପ୍ରଧାନ ମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଜରିଆରେ ସମଗ୍ର ଭାରତ ବର୍ଷାରେ ନିଶାମୁକ୍ତ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେହି ପରିପେକ୍ଷୀରେ ସମସ୍ତ ଅତିଥିବୃନ୍ଦ ମାନଙ୍କୁ ନିଶାମୁକ୍ତ ଭାରତ ଗଠନ ସମ୍ବନ୍ଧୀୟ ସାର୍ଟିଫିକେଟ ଗୁଡିକ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଭଉଣୀମାନେ ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧି ବନ୍ଦାପନା ପୂର୍ବକ ମିଷ୍ଟାନ୍ନ ଖୁଆଇ ଭାଇ ମାନଙ୍କର ଶୁଭ ମନାସୀ ଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଭାଇ ପ୍ରତାପ କୁମାର ପାଲ, ବିକାଶ ସ୍ୱାଇଁ, ପବିତ୍ର କର, ବୀଜୟ ମଲ୍ଲିକ, ହେମନ୍ତ ପରିଡା ଏବଂ ବିକେ ଅନାମ ପ୍ରମୁଖ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସମସ୍ତ ସାହାଯ୍ୟ ସହଯୋଗ କରିଥିବା ଦେଖିବାକୁ ମଳିଥିଲା ।

## ମହମ୍ମଦ ଜୟନ୍ତୀରେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ଭାଇଚାରାର ଶୀତଳ ପରସ



କେନ୍ଦ୍ରାପଡ଼ା,୨୬।୮ (ସଂଚାର ବ୍ୟୁରୋ): ପବିତ୍ର ମହମ୍ମଦ ଜୟନ୍ତୀ ଅବସରରେ କେନ୍ଦ୍ରାପଡ଼ା ସହରରେ ସୃଷ୍ଟି ହୋଇଥିଲା ଭକ୍ତି, ଉତ୍ସାହ ଓ ଭାଇଚାରାର ଏକ ଅପୂର୍ବ ପରିବେଶ । ପବିତ୍ର ଦିନଟିକୁ ସ୍ମରଣୀୟ କରିବା ପାଇଁ ହଜାର ହଜାର ମୁସଲମାନ ଭାଇ, ଭଉଣୀ ଓ କୁନି କୁନି ପିଲାଙ୍କ ଅଂଶଗ୍ରହଣରେ ଏକ ବିଶାଳ ପଟୁଆର ସହର ପରିକ୍ରମା କରିଥିଲା । ଧର୍ମୀୟ ଭାବାବେଗ ସହିତ ସମଗ୍ର ସହରରେ ଭାଇଚାରା, ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବର ମଧୁର ବାର୍ତ୍ତା ପ୍ରତିଧ୍ୱନିତ ହୋଇଥିଲା। ଏହି ପବିତ୍ର ଅବସରରେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ତାଙ୍କ ବାସଭବନ ନିକଟରେ ପଟୁଆରରେ ସାମିଲ ହୋଇଥିବା ମୁସଲମାନ ଭାଇ ଓ ଭଉଣୀମାନଙ୍କ ପାଇଁ ଥଣ୍ଡା ପାନୀୟ ବିତରଣ କରାଯାଇଥିଲା।

ଅସହ୍ୟ ଗୁଳୁଗୁଳିରେ ଏହି ଶୀତଳ ପାନୀୟ କେବଳ ତୃଷ୍ଣା ମୋଇ ନଥିଲା, ବରଂ ମାନବିକତା ଓ ଭାଇଚାରାର ଏକ ଶୀତଳ ପରଶ ଦେଇଥିଲା । ଟ୍ରଷ୍ଟର ଏହି ମାନବିକ ସେବା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ସ୍ୱର୍ଗତ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଗୁରୁ ପ୍ରସାଦ ମହାନ୍ତି। ତାଙ୍କ ସହଧର୍ମିଣୀ ଗାୟତ୍ରୀ ମହାନ୍ତି, ସାନଭାଇ ସୁଜିତ୍ କୁମାର ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ଶରତ କୁମାର ବେହୁରା, କାଉନସିଲର ରମେଶ ଚନ୍ଦ୍ର ଦାସ, ସୁଶୀଲ କୁମାର ସାମଲ, କୃଷ୍ଣ ପ୍ରସାଦ ଦାସ, ଦିପୁ, ରମାକାନ୍ତ, ବାବୁ ପ୍ରମୁଖ ଏହି ମହତ୍ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ ।

**ପ୍ରଭୁ ଜଗନ୍ନାଥଙ୍କ ଆନିମେଟେଡ୍ ଫିଲ୍ମ ଓ 'ଜୟ ଜଗନ୍ନାଥ'କୁ ନେଇ ବିବାଦ**

# ପ୍ରସାରଣ ନିଷେଧ ପାଇଁ ଶଙ୍କରାଚାର୍ଯ୍ୟଙ୍କ ଦାବି



ପୁରୀ,୨୬।୮(ସଂଚାର ବ୍ୟୁରୋ): ପ୍ରଭୁ ଜଗନ୍ନାଥଙ୍କ ଉପରେ ଆଧାରିତ ଆନିମେଟେଡ୍ ଫିଲ୍ମ 'ଜୟ ଜଗନ୍ନାଥ'କୁ ନେଇ ବିବାଦ ଦେଖାଦେଇଛି। ଗୋବର୍ଦ୍ଧନ ମଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏହି ଫିଲ୍ମ ଓ ଏହାର ଆନିମେଟେଡ୍ ଉପସ୍ଥାପନାକୁ ନେଇ ତୀବ୍ର ଆପତ୍ତି କରିଛନ୍ତି। ଗଜପତି ମହାରାଜାଙ୍କ ଆବାସିକ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ପ୍ରେସ୍ ରିଲିଜ୍ ଅନୁଯାୟୀ, ପୁରୀର ଶଙ୍କରାଚାର୍ଯ୍ୟ ଭୁବନେଶ୍ୱରର ଏଲି ଆନିମେସନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଆନିମେଟେଡ୍ ପ୍ରଯୋଜନା ଉପରେ ତାଙ୍କର ମତ ପ୍ରକାଶ କରିଛନ୍ତି। ଏହାପରେ ପୁରୀର ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଶଙ୍କରାଚାର୍ଯ୍ୟଙ୍କ ମତ ଓ ନିଷ୍ପତ୍ତି ବିଷୟରେ ଅବଗତ କରାଇଛି। ଶଙ୍କରାଚାର୍ଯ୍ୟ ଅଭିଯୋଗ କରିଛନ୍ତି ଯେ ଆନିମେଟେଡ୍ ଫିଲ୍ମରେ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଶାସ୍ତ୍ରରେ ନିର୍ଦ୍ଧାରିତ ରୂପ ଓ ପରମ୍ପରା ସହ ଅସଙ୍ଗତ। ସେ ଏହିପରି ଚିତ୍ରଣକୁ ଅକ୍ଷମଣୀୟ ଅପରାଧ ବୋଲି କହି ଚଳଚ୍ଚିତ୍ରର ମୁକ୍ତି ଓ ସମସ୍ତ ଗଣମାଧ୍ୟମରେ ଏହାର ପ୍ରସାରଣ ଉପରେ ନିଷେଧ କରିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଧାର୍ମିକ ପରମ୍ପରା ଓ ପ୍ରତିଷ୍ଠିତ ବିଶ୍ୱାସକୁ ପାଳନ ନ କରି ଦେବତାମାନଙ୍କୁ ଭିନ୍ନ କିମ୍ବା ବିକୃତ ଭାବେ ଚିତ୍ରଣ କରିବା ଏକ ଗମ୍ଭୀର ବିଷୟ। ଏପରି ଚିତ୍ରଣକୁ ଧାର୍ମିକ, ଦାର୍ଶନିକ ଓ ବ୍ୟାବହାରିକ ସ୍ତରରେ ଗମ୍ଭୀରତାର ସହ ବିଚାର କରାଯିବା ଉଚିତ। ଶଙ୍କରାଚାର୍ଯ୍ୟଙ୍କ ଅନୁସାରେ, ପ୍ରଭୁ ଜଗନ୍ନାଥଙ୍କ ସହ ଜଡ଼ିତ ସଂସ୍କୃତି, ଦର୍ଶନ ଓ ପୂଜା ପ୍ରଥାଗୁଡ଼ିକର ନିଜସ୍ୱ ପ୍ରତିଷ୍ଠିତ ପରମ୍ପରା ଅଛି। ସେ ବିଶ୍ୱାସ କରନ୍ତି ଯେ ପ୍ରଭୁ ଜଗନ୍ନାଥଙ୍କୁ ଏହି ପରମ୍ପରାରୁ ବିଚ୍ୟୁତ କରି ଚିତ୍ରଣ କରିବା ଦ୍ୱାରା ଭବିଷ୍ୟତ ପିଢ଼ିରେ ପ୍ରଭୁ ଜଗନ୍ନାଥଙ୍କ ପାରମ୍ପରିକ ବୁଝାମଣା ପ୍ରଭାବିତ ହୋଇପାରେ। ଶଙ୍କରାଚାର୍ଯ୍ୟ ମଧ୍ୟ ପ୍ରଭୁ ଜଗନ୍ନାଥଙ୍କ ଦାରୁ ବ୍ରହ୍ମ ରୂପର ଚିତ୍ରଣ ଉପରେ ଗମ୍ଭୀର ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି ଯେ ଅଥର୍ବ ବେଦ ପରିଶିଷ୍ଟ, ଗୋପାଳ ସହସ୍ରନାମ ଓ ଅନ୍ୟାନ୍ୟ ଶାସ୍ତ୍ରରେ ବର୍ଣ୍ଣିତ ଦାରୁ ବ୍ରହ୍ମ ରୂପକୁ ବିକୃତ ଭାବେ ଉପସ୍ଥାପନ କରିବା ଅନୁପଯୁକ୍ତ। ସେ ଏହାକୁ ଏକ ଗମ୍ଭୀର ଧାର୍ମିକ ଓ ମାନବାଧିକାର ପ୍ରସଙ୍ଗ ଭାବେ ବର୍ଣ୍ଣନା କରିଥିଲେ।

# ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିୟମ ଅନୁପାଳନକୁ ଗୁରୁତ୍ୱ



- କୋମନା ତହସିଲଦାର ତଥା ସବ୍-ରେଜିଷ୍ଟ୍ରାର ନିଲମ୍ବିତ
- ସ୍ୱଚ୍ଛତା ପାଇଁ ପ୍ରଯୁକ୍ତି ବିଦ୍ୟା ଉପଯୋଗ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ରାଜ୍ୟରେ ଜମି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱସମ୍ପନ୍ନ ଓ ନିୟମ ଅନୁପାଳନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଆସୁଛନ୍ତି। ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ଅନେକ ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକଳାପ ଉପରେ ନିୟମିତ ମନିଟରିଂ ତଥା କଡ଼ା ନଜର ରଖିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜିଲ୍ଲାପାଳମାନଙ୍କୁ ଲେଖିଥିବା ପତ୍ରରେ ନୂଆପଡ଼ା ଜିଲ୍ଲାରେ ଜମି ପଞ୍ଜୀକରଣ ସମ୍ପର୍କିତ ଏକ ଗୁରୁତର ଜାଲିଆତି ଘଟଣା ସାମ୍ନାକୁ ଆସିଥିବା ଦର୍ଶାଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ଘଟଣାରେ ନୂଆପଡ଼ା ଜିଲ୍ଲାର କୋମନା ତହସିଲଦାର ଭାବେ କାର୍ଯ୍ୟରତ ତଥା ସବ୍-ରେଜିଷ୍ଟ୍ରାରଙ୍କ ଦାୟିତ୍ୱ ତୁଲାଉଥିବା ଅଧିକାରୀ ସର୍ବେଶ୍ୱର ଜାଲଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଅଧିକାରୀ ସାର୍ଥନେଷ୍ଟା ମହଲ ସହ ମିଳିତ ଭାବେ ଏକ ବୃହତ୍ ଜମିକ୍ଷେତ୍ର ଜାଲିଆତିପୂର୍ଣ୍ଣ ପଞ୍ଜୀକରଣକୁ ଅନ୍ତଃ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲାପାଳଙ୍କଠାରୁ ସୂଚନା ମିଳିବା ପରେ ସମ୍ପୃକ୍ତ ତହସିଲଦାରଙ୍କୁ ରାଜ୍ୟ ସରକାର ତୁରନ୍ତ ନିଲମ୍ବିତ କରିଛନ୍ତି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ପଞ୍ଜୀକରଣ ସମ୍ପର୍କିତ କାର୍ଯ୍ୟକଳାପର ନିୟମିତ ମନିଟରିଂ ସୁନିଶ୍ଚିତ କରି ସ୍ପଷ୍ଟ ନଜର ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ କାର୍ଯ୍ୟକଳାପର ଆକସ୍ମିକ ପରିଦର୍ଶନ ତଥା ଯାଞ୍ଚ କରିବାକୁ ମଧ୍ୟ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ଏଭଳି ଅନିୟମିତତାକୁ ସମୟୋପଯୋଗୀ ଭାବେ ଚିହ୍ନଟ କରି ରୋକାଯାଇପାରିବ।

**■ ଐତିହାସିକ ବାଲିଯାତ୍ରା ପ୍ରସ୍ତୁତି ବୈଠକ**

## ନଭେମ୍ବର ୨୪ରୁ ଡିସେମ୍ବର ୧ ବାଲିଯାତ୍ରା



କଟକ,୨୬।୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ମଙ୍ଗଳବାର ଅନୁଷ୍ଠିତ 'ଐତିହାସିକ ବାଲିଯାତ୍ରା କଟକ-୨୦୨୬' ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି କହିଛନ୍ତି। ବିଦ୍ୟୁତ୍ ସୁରକ୍ଷା, ମଞ୍ଚ ଓ ଭିଡ଼ଭିତ୍ତି ସୁରକ୍ଷା, ଅଗ୍ନିଶମ ସୁରକ୍ଷାକୁ ସୁନିଶ୍ଚିତ କରାଇବା, ଦୋଳି ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତ୍ତିକ ସରଞ୍ଜାମର ସୁରକ୍ଷା ପ୍ରମାଣପତ୍ର ସହ ମାନକ ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ କହିଛନ୍ତି। ଆଇନ ଶୃଙ୍ଖଳା, ଗମନାଗମନ, ଯାତାୟାତ, ଗାଡ଼ି ରଖାଯିବା ସ୍ଥାନ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ, ପଡ଼ିଆ ସମତୁଳ କରିବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ, ବିଶେଷଭାବେ ଅଧିକ ସଂଖ୍ୟକ ସିସିଟିଭି ସ୍ଥାପନ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହିପରିପ୍ରେକ୍ଷୀରେ ଯାନବାହନ ଓ ଭିଡ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଯାତାୟାତ ମାର୍ଗ ସୂଚୀ ପ୍ରସ୍ତୁତ କରାଯିବ। ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ବାଲିଯାତ୍ରା ପରିସରରେ ପ୍ଲାଷ୍ଟିକ ଓ ଫୋମ୍ ନିର୍ମିତ ଖାଦ୍ୟ ପାତ୍ର ଓ ବ୍ୟାଗ ବ୍ୟବହାର ନିଷିଦ୍ଧ କରାଯିବ। ଏହା ପରିବର୍ତ୍ତେ ଖାଦ୍ୟ ପରଷିବା ପାଇଁ ବ୍ୟବସାୟୀମାନେ ଶାଳପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ନିମନ୍ତେ କପଡ଼ା ବ୍ୟାଗ ବ୍ୟବହାର କରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ପାର୍କିଂ ବ୍ୟବସ୍ଥା, ଖାଦ୍ୟ ପଦାର୍ଥର ମାନ ଯାଞ୍ଚ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରୋମାଞ୍ଚ କାର୍ଯ୍ୟକ୍ରମ କରାଯିବ। ଏଥିସହ ପାର୍କିଂ ସ୍ଥାନ ବୃଦ୍ଧି, ପଡ଼ିଆ ଓ ଏହାର ଆଖପାଖ ଅଞ୍ଚଳର ଉପଯୁକ୍ତ ଆଲୋକୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ, ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ କମଳକାନ୍ତ ଦାସ, ଅତିରିକ୍ତ ଜିଲ୍ଲାପାଳ ଡ. ଋଦ୍ଧିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ ବାଙ୍କୀ ମନସ୍ୱିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରୁ ଆରମ୍ଭ ହେବ 'ସେବା ସଂକଳ୍ପ ଅଭିଯାନ'



ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାର୍ବଜନୀନ ଜୀବନରେ ଦୀର୍ଘ ୨୫ ବର୍ଷର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ 'ସେବା ସଂକଳ୍ପ ଅଭିଯାନ' ସମଗ୍ର ଦେଶରେ ଆୟୋଜନ କରାଯିବ। ଆସନ୍ତା ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମାସେବ୍ୟାପୀ ଅଭିଯାନରେ ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରି ବିଭିନ୍ନ ଜନକଲ୍ୟାଣ ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅଭିଯାନକୁ ସଫଳ କରିବା ପାଇଁ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ମନ୍ତ୍ରୀ ରବି ନାରାୟଣ ନାଏକ, ଡ. ମୁକେଶ ମହାଲିଙ୍ଗ, ସମ୍ପଦ ଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। "ସେବା ସଂକଳ୍ପ ଅଭିଯାନ" ସମ୍ପର୍କରେ ସୂଚନା ଦେଇ ଡା. ମହାପାତ୍ର କହିଛନ୍ତି ଯେ ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି 'ସେବା ହିଁ ସଂକଳ୍ପ, ସେବା ହିଁ ସମର୍ପଣ' ଭାବନାକୁ ଜନମାନସରେ ଅଧିକ ସୁଦୃଢ଼ କରିବା। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୭ ପର୍ଯ୍ୟନ୍ତ ମୋଦିଙ୍କ ଦ୍ୱାରା କରାଯାଇଥିବା ଜନସେବା କାର୍ଯ୍ୟ ଓ ବିକଶିତ ଭାରତର ଦୃଷ୍ଟିକୋଣ ସମ୍ପର୍କିତ ସୂଚନା ବିଦ୍ୟାଳୟରେ ଚିତ୍ରାଙ୍କନ, ଭାଷଣ, ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ଏହାଛଡ଼ା ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୭ ମଧ୍ୟରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍ଗନବାଡ଼ି ସମ୍ମାନ ଓ ମାତୃ ସମ୍ବାଦ କାର୍ଯ୍ୟକ୍ରମ ପାଳନ କରାଯିବ। ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ବ୍ଲକ ସ୍ତରରେ 'ସେବା ସେତୁ' ଶିବିର ଆୟୋଜିତ ହେବ। ଜନସେବକ ମହାକୁମ୍ଭ କାର୍ଯ୍ୟକ୍ରମ ଅକ୍ଟୋବର ୧୭ରେ ହେବ ବୋଲି ଡା. ମହାପାତ୍ର କହିଛନ୍ତି।

**ଓଡ଼ିଆ ଅସ୍ମିତା ନେଇ ଶ୍ରମିକ ନେତାଙ୍କ ପରାମର୍ଶ**

# ରାଜ୍ୟ ସରକାର ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷା କରନ୍ତୁ



ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ଓଡ଼ିଶା ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ବିଜେପି ଖଣି ଅଧିନିୟମ ସଂଶୋଧନ ଆଇନ ଓଡ଼ିଆ ସ୍ୱାର୍ଥ ବିରୋଧୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ, ସଂସଦ ସଦସ୍ୟ ଓ କେନ୍ଦ୍ରମନ୍ତ୍ରୀ ଏହି ସଂଶୋଧନକୁ ପ୍ରତ୍ୟାହାର କରିବା ପାଇଁ ସରକାରଙ୍କଠାରେ ଦାବି କରିବା ପାଇଁ ଆଜି କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ତଥା ଶ୍ରମିକ ନେତା ଡ. ରାମଚନ୍ଦ୍ର ଖୁଣ୍ଟିଆ ଦୃଢ଼ ଦାବି କରିଛନ୍ତି। ରାଜ୍ୟର ସ୍ୱାର୍ଥ ପାଇଁ କେନ୍ଦ୍ରରେ କଂଗ୍ରେସ ସରକାର ଥିବା ବେଳେ କେରଳ ରାଜ୍ୟର ସ୍ୱାର୍ଥ ପାଇଁ ସିପିଏମ୍ ନେତାମାନଙ୍କ ସହ କଂଗ୍ରେସ ମୁଖ୍ୟମୁଖ୍ୟମନ୍ତ୍ରୀ ଓମେନ ଚାଣ୍ଡି ଧାରଣାରେ ବସିଥିଲେ। ସେହିପରି ପଶ୍ଚିମ ବଙ୍ଗଳାର ସ୍ୱାର୍ଥ ପାଇଁ କମ୍ୟୁନିଷ୍ଟମାନଙ୍କ ସହ କଂଗ୍ରେସ ସରକାର ଥିବା ବେଳେ କଂଗ୍ରେସ ନେତାମାନେ ଧାରଣା ଦେବାର ନଜିର ରହିଛି। କଂଗ୍ରେସ ସରକାର ଥିବା ସମୟରେ ନାଲ୍‌କୋ ଘରୋଇକରଣ ଦାବିରେ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ସାଂସଦ ଭାବେ ସେ ଗିରଫ ହୋଇଥିଲି ଓ ଦିଲ୍ଲୀରେ ସଂସଦ ଆଗରେ ଧାରଣା ଦିଆଯାଇଥିଲା। ଏଣୁ ଓଡ଼ିଶା ରାଜ୍ୟର ସ୍ୱାର୍ଥ ପାଇଁ ବିଜେପିର ଓଡ଼ିଶା ନେତାମାନେ କେନ୍ଦ୍ର ସରକାରଙ୍କ ପାଖରେ ଆଇନ ପ୍ରତ୍ୟାହାର କରିବା ଦାବି ଉପସ୍ଥାପନ କରିବା ଆବଶ୍ୟକ। ୨୦୨୬ର ଧାରା ୯ (ଡି) କାର୍ଯ୍ୟକାରୀ ହେଲେ ୨୦୨୪ରେ ସୁପ୍ରିମ୍‌କୋର୍ଟର ରାୟ ଅକାମୀ ହେବ। ଖଣି ଖାଦାନ ଥିବା ୧୫ଟି ରାଜ୍ୟ ଖଣି ରୟାଲଟି ସଂଗ୍ରହ କରିପାରିବେ ନାହିଁ ଓ ବକେୟା ପାଉଣା ଜରିମାନା ମଧ୍ୟ ସଂଗ୍ରହ କରିପାରିବେ ନାହିଁ। ଯାହା ଫଳରେ ଓଡ଼ିଶାର ଲକ୍ଷେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜକୋଷ ହରାଇବ। ସମଗ୍ର ଦେଶର ୩୩ରୁ ୩୫ ପ୍ରତିଶତ ଲୁହାପଥର କେବଳ ଓଡ଼ିଶାରେ ଅଛି। ପ୍ରତିବର୍ଷ ଭାରତରୁ ଉତ୍ପାଦିତ ଓ ରପ୍ତାନୀ ହେଉଥିବା ୫୦ ପ୍ରତିଶତ ଲୁହାପଥର କେବଳ ଓଡ଼ିଶାରୁ ଯାଉଛି। କେନ୍ଦ୍ର ସରକାର ଖଣିଜ ପଦାର୍ଥର ଦର ଓ ସମାନତା ଆଣିବା ପାଇଁ ଶିଳ୍ପପତିଙ୍କୁ ସୁବିଧା ଦେବା ପାଇଁ ବ୍ୟସ୍ତ ହେଉଥିବା ବେଳେ ଶ୍ରମିକମାନଙ୍କର ମଜୁରୀରେ ମନେରେଗା ୨୨୨ ଟଙ୍କା ଥିବା ବେଳେ ଓଡ଼ିଶା ସର୍ବନିମ୍ନ ମଜୁରୀ ୪୭୨ ଟଙ୍କା, ଦିଲ୍ଲୀର ସର୍ବନିମ୍ନ ମଜୁରୀ ୨୧ ହଜାର ଟଙ୍କା, କର୍ଣ୍ଣାଟକର ସର୍ବନିମ୍ନ ମଜୁରୀ ୨୩ ହଜାର ଟଙ୍କା, ତେଲଙ୍ଗାନାର ସର୍ବନିମ୍ନ ମଜୁରୀ ୨୨ ହଜାର ଟଙ୍କା ପରିବର୍ତ୍ତେ ସମଗ୍ର ଦେଶରେ ଏକ ଦେଶ ଏକ ମଜୁରୀ କରାଯାଇପାରିବ ନାହିଁ କାହିଁକି? ଏହି ଆଇନ୍ ପରିବର୍ତ୍ତନ ନ ହେଲେ ଶ୍ରମିକ କର୍ମଚାରୀ, ଚାଷୀ, ମୂଲିଆ ଖଣିଜପ୍ରଧାନ ଜିଲ୍ଲାରେ ଓଡ଼ିଶା ବନ୍ଦ, ଅର୍ଥନୈତିକ ଅବରୋଧ ଓ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଡ. ଖୁଣ୍ଟିଆ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ହିମାଂଶୁ ଲେଙ୍କା ଉପସ୍ଥିତ ଥିଲେ।

# ଅର୍ଦ୍ଧଦଗ୍ଧ ଅବସ୍ଥାରେ ଯୁବକ ଉଦ୍ଧାର

ଭୁବନେଶ୍ୱର,୨୬।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱର ରସୁଲଗଡ଼ କୋଚିଲେଇ ହାଟରୁ ଜଣେ ଅର୍ଦ୍ଧଦଗ୍ଧ ଯୁବକଙ୍କୁ ଉଦ୍ଧାର କରାଯାଇଛି। ନିଆଁରେ ପୋଡ଼ି ହୋଇ ଯାଇଛନ୍ତି ସେଲୁନ କର୍ମଚାରୀ ମଙ୍ଗୁ ଡାକୁଆ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୁବକଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଇଓଓଗଙ୍କ ସ୍ଥାନାନ୍ତର କରାଯାଇଛି। ବାହାରେ ଜଳୁଥିବା ନିଆଁ ହଠାତ୍ ତାଙ୍କ ଦେହରେ ଲାଗିଯାଇଥିବା ଅନୁମାନ କରାଯାଉଛି। ଯୁବକ ଜଣଙ୍କ ତାରିଣୀ ବସ୍ତିରେ ରୁହନ୍ତି। ଆଜି ସକାଳେ ହଠାତ୍ ତାଙ୍କ ଦେହ ପୋଡିଯାଇଥିଲା। ସେ ଦୌଡୁଥିବା ବେଳେ ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପୋଲିସ ଆସିବା ପରେ ପୋଡ଼ିଯାଇଥିବା କପଡା ମଧ୍ୟ ଜବତ କରିଛି। ଗୁରୁତର ଉଦ୍ଧାର ଯୁବକକୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ସହୀଦ ନଗର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ପୋଲିସ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା ଜାରି ରଖିଛି।



ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁଙ୍କ ଅନ୍ତିମ ଦର୍ଶନ କରୁଛନ୍ତି।

## ମୁଣ୍ଡଳିରେ ୬.୫ ଲକ୍ଷ କ୍ୟୁସେକ୍ ପାଣି, ବନ୍ୟା ଆଶଙ୍କା ନାହିଁ

ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ): ବୁଧବାର ସନ୍ଧ୍ୟାରେ ମୁଣ୍ଡଳିରେ ସାଢ଼େ ୬ ଲକ୍ଷ କ୍ୟୁସେକ ପାଣି ପ୍ରବାହିତ ହେବ। ଏହାଦ୍ୱାରା ତଳି ଅଞ୍ଚଳରେ ନଦୀ ଫୁଲିବ। ହେଲେ ବନ୍ୟା ଆଶଙ୍କା ନାହିଁ। ଏହା କହିଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ କୁମାର ରାଉତ। ସମ୍ବଲପୁର ଜିଲ୍ଲା ବାମରାରେ ସର୍ବାଧିକ ୪୯ ମିଲିମିଟର ବର୍ଷା ହେଇଛି। ହୀରାକୁଦରେ ୧୬ଟି ଗେଟ୍ ଦେଇ ବନ୍ୟା ପାଣି ନିଷ୍କାସନ ହେଉଛି। ଆଜି ସନ୍ଧ୍ୟାରେ ୬ ଲକ୍ଷ ୫୦ ହଜାର କ୍ୟୁସେକ ପାଣି ମୁଣ୍ଡଳିରେ ପ୍ରବାହିତ ହେବ। ସେପଟେ ବୈତରଣୀରେ ବନ୍ୟା ସ୍ଥିତି ସୁଧୁରିଛି। ଆଖୁଆପଦା, ବ୍ରାହ୍ମଣୀ, ସାଳନ୍ଦୀରେ ବି ସତର୍କ ସଙ୍କେତ ତଳେ ଜଳସ୍ତର ରହିଛି। ଅନ୍ୟପଟେ ବୈତରଣୀ ନଦୀରେ ବନ୍ୟା ସ୍ଥିତିରେ ସୁଧାର ଆସିଛି। ଆଖୁଆପଦାରେ ଜଳସ୍ତର ହ୍ରାସ ପାଇବା ସହ ବ୍ରାହ୍ମଣୀ ଓ ସାଳନ୍ଦୀ ନଦୀରେ ମଧ୍ୟ ଜଳସ୍ତର ସତର୍କ ସଙ୍କେତ ତଳେ ରହିଛି। ତେଣୁ ଏହି ନଦୀଗୁଡ଼ିକରେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ଥିବା କୁହାଯାଉଛି। ତଥାପି ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବା ସହ ନଦୀକୂଳକୁ ନଯିବାକୁ ପରାମର୍ଶ ଦିଆଯାଇଛି।

**■ ବେଦାନ୍ତ ଆଲୁମିନିୟମର କୋଇଲା ଖଣି ପ୍ରକଳ୍ପ ଜ୍ୟୋତି**

## ୨୨ ହଜାର ପରିବାରକୁ ମିଳୁଛି ସୌରଶକ୍ତିଚାଳିତ ଆଲୋକ



ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଏହାର ଗୋଷ୍ଠୀ ପ୍ରୋତ୍ସାହନ ଯୋଜନାରେ ପ୍ରକଳ୍ପ ଜ୍ୟୋତି ମାଧ୍ୟମରେ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣ କରି ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ସୁରକ୍ଷା ଏବଂ ଗ୍ରହଣୀୟତାକୁ ଉନ୍ନତ କରୁଛି। ଆଜି ପର୍ଯ୍ୟନ୍ତ ୨୧ଟି ଗ୍ରାମରେ ୪୦୬ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି, ଯାହାଦ୍ୱାରା ପ୍ରାୟ ୨୨ ହଜାର ବାସିନ୍ଦା ଉପକୃତ ହେଉଛନ୍ତି। ପ୍ରକଳ୍ପ ଜ୍ୟୋତି ଅଧୀନରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଜାମଖାନି, ଗିରିସିମା, ଝାରପାଲମ, ହେମଗିର, ଆରଆଣ୍ଡଆର କଲୋନୀ, ବିଲେଇମୁଣ୍ଡା, ମୁଣ୍ଡେରଖେତ, ଘୋଘରପଲ୍ଲୀ, ପୋଡ଼ାଜାଲଙ୍ଗା, ରେଙ୍ଗାଲପାଣି, କୁରାଲୋଇ, ବଞ୍ଜାରୀ, ବାରତାପ, ଗ୍ରିଣ୍ଡୋଲା, ପିପିଲିମାଳ, ଲିୟାଖାଇ, ଲଖନପୁର ଓ ବେଲପାହାଡ଼ ପୌରପାଳିକା ମଧ୍ୟରେ ଷ୍ଟ୍ରିଟ ଲାଇଟ ଲଗାଇଛି। ନିରନ୍ତର ଆଲୋକ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ କମ୍ପାନୀ ଏକ ନିୟମିତ ରକ୍ଷଣାବେକ୍ଷଣ ଓ ମନିଟରିଂ ପ୍ରଣାଳୀ ପ୍ରତିଷ୍ଠା କରିଛି, ଯେଉଁଥିରେ ତ୍ରୈମାସିକ ଯାଞ୍ଚ ଓ ରକ୍ଷଣାବେକ୍ଷଣ ମଧ୍ୟରେ ଲାଗିଥିବା ଧୂଳିକୁ ସଫା କରିବା, ବ୍ୟାଟେରୀ ଓ ତା'ର ସ୍ଥିତି ଯାଞ୍ଚ ଏବଂ ସଂରଚନାତ୍ମକ ସ୍ଥିରତା, ସମସ୍ତ ଋତୁରେ ଷ୍ଟ୍ରିଟ୍ ଲାଇଟର ଦୀର୍ଘକାଳୀନ ବିଶ୍ୱସନୀୟତା ନିଶ୍ଚିତ କରିଥାଏ। ବିଶେଷକରି ମହିଳା, ବରିଷ୍ଠ ନାଗରିକ ଓ ଦୈନିକ ଯାତ୍ରୀମାନଙ୍କ ପାଇଁ ଏହି ପଦକ୍ଷେପ ଦ୍ୱାରା ସୁରକ୍ଷା ଓ ସୁଗମ୍ୟତାରେ ଉନ୍ନତି ଆସିଛି। ଉନ୍ନତ ଆଲୋକିତ ରାସ୍ତାଗୁଡ଼ିକ ଯାତାୟାତକୁ ଅଧିକ ସୁବିଧାଜନକ ଏବଂ ଅତ୍ୟାବଶ୍ୟକ ସେବାଗୁଡ଼ିକର ଉନ୍ନତ ପ୍ରବେଶକୁ ପରିଣତ କରିଛି, ଯାହା ସମ୍ପ୍ରଦାୟଗୁଡିକରେ ଏକ ଉନ୍ନତ ମାନର ଜୀବନ ଶୈଳୀରେ ଯୋଗଦାନ ଦେଇଛି।

ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି ଯେ ନିରାପଦ, ଅଧିକ ସଂଯୁକ୍ତ ଓ ସଶକ୍ତ ସମ୍ପ୍ରଦାୟ ଗଠନ ପାଇଁ ବିଶ୍ୱସନୀୟ ଆଲୋକ ବ୍ୟବସ୍ଥା ମୌଳିକ। ପ୍ରକଳ୍ପ ଜ୍ୟୋତି ଜରିଆରେ ଆମେ ସ୍ୱଚ୍ଛ ସୌର ଶକ୍ତିର ଉପଯୋଗ କରି ଗତିଶୀଳତାରେ ଉନ୍ନତି ଆଣିଛୁ, ଅତ୍ୟାବଶ୍ୟକ ସେବାଗୁଡ଼ିକର ଉପଲବ୍ଧତା ବୃଦ୍ଧି କରିଛୁ ଓ ଆମ ପଡ଼ୋଶୀ ସମ୍ପ୍ରଦାୟର ଦୈନନ୍ଦିନ ଜୀବନକୁ ଉନ୍ନତ କରିଛୁ। ଆମର ପ୍ରୟାସ ହେଉଛି ଏକ ସ୍ୱଚ୍ଛ ଓ ଅଧିକ ନମନୀୟ ଭବିଷ୍ୟତ ପାଇଁ ଅବଦାନ ଦେଉଥିବା ସ୍ଥାୟୀ ସମାଧାନକୁ ଆଗକୁ ବଢ଼ାଇବା ସହିତ ସ୍ଥାୟୀ ସାମାଜିକ ପ୍ରଭାବ ସୃଷ୍ଟି କରିବା।

## ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରବୀର'ର ଟାଇଟଲ୍ ଟ୍ରାକ୍ ରିଲିଜ୍



ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ସୂର୍ଯ୍ୟା ଫିଲ୍ମ ୱାର୍ଲ୍ଡ ବ୍ୟାନର ପ୍ରସ୍ତୁତ 'ଚକ୍ରବୀର'ର ଟାଇଟିଲ ଗୀତ ଆଜି ମୁକ୍ତିଲାଭ କରିଛି। ଗୁରୁ କେଳୁ ଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରଠାରେ ଏହି ଫିଲ୍ମର ଗୀତ ମୁକ୍ତିଲାଭ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ଚକ୍ରବୀର'ର ପ୍ରଯୋଜକ ତଥା ନିର୍ଦ୍ଦେଶକ ସୁରେନ୍ ମହାପାତ୍ର, ଓଡ଼ିଆ ଚଳଚ୍ଚିତ୍ର ଜଗତର ଅତି ଜଣାଶୁଣା ପ୍ରଯୋଜକ ସଚ୍ଚିକାନ୍ତ ଜେନା, ଅତୀଶ ରାଉତ, ରୋଟାରିଆନ୍ ବିକାଶ ଗରାବଡୁ, କେ. ବଦ୍ରି ନାରାୟଣ ସୁବୁଦ୍ଧି, ଫିଲ୍ମର ପ୍ରଚାର ଓ ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ, କୋରିଓଗ୍ରାଫର ବିଦ୍ୟୁତ ସେଠୀ, ଅଭିନେତା ମିଟୁ ମିଥୁନ ଯୋଗଦେଇଥିଲେ।

'ଚକ୍ରବୀର' ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଥିଲେ ନାୟିକା ସୁପ୍ରିୟା ନାୟକ। ଟାଇଟଲ ଗୀତଟି ତାଙ୍କ ନୃତ୍ୟାଭିନୟକୁ ନେଇ ଗତିଶୀଳ ହୋଇଛି। ଉନ୍ନତ ଜ୍ଞାନ କୌଶଳ ଭିଏଫଏକ୍ସ ମାଧ୍ୟମରେ ଗୀତଟି ତିଆରି ହୋଇଛି। ବିଶେଷ ଆକର୍ଷଣ ଥିଲା ଗୀତଟିର ନୃତ୍ୟ ପରିବେଷଣ, ଯାହାର ଆଇକନିକ୍ କୋରିଓଗ୍ରାଫର ବିଦ୍ୟୁତ ସେଠୀ ଅଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏସବି ସ୍ମୃତି ଓ ସାଇ ପ୍ରଜ୍ଞା କଣ୍ଠଦାନ କରିଥିବା ବେଳେ ଗୀତ ସୁଶାନ୍ତ ମଣି ଗୀତ ରଚନା କରିଛନ୍ତି। ଡିଓପି ସୀତାଂଶୁ ମହାପାତ୍ର, ସୁକୁମାର ମଣି ସମ୍ପାଦନା କରିଛନ୍ତି ଓ ଗ୍ରାଫିକ୍ସ ଏବଂ ଭିଏଫଏକ୍ସ ଗୋପୀନାଥ କରିଛନ୍ତି।

## ବାଣୀବିହାରରେ ଛାତ୍ର-ଅଣଛାତ୍ର ଗଣ୍ଡଗୋଳ: ୨ ଆହତ

ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ପୁଣି ଅଶାନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର। ହଷ୍ଟେଲକୁ ନେଇ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିବା ବେଳେ ଏଥିରେ ଦୁଇ ଛାତ୍ରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି।

ସୂଚନାନୁସାରେ, ହଷ୍ଟେଲରେ ରହିବାକୁ ନେଇ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଘଟଣାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ଛାତ୍ର ଗଙ୍ଗାଧର ପାଢ଼ୀ ଓ ଲାଇବ୍ରେରୀ ସାଇନ୍ସ ଦ୍ୱିତୀୟ ବର୍ଷର ଆଦିବାସୀ ଛାତ୍ର ଲକ୍ଷ୍ମଣ ମୁଣ୍ଡା ଆହତ ହୋଇଛନ୍ତି। ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ଅନେକ ଛାତ୍ର ସହିଦ ନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାକୁ ନେଇ ଥାନାରେ ଏତଲା ଦିଆଯାଇଛି।

**■ ଏମ୍‌ଏମ୍‌ଡିଆର୍ ଆମେଣ୍ଡମେଣ୍ଟ ଆକ୍ଟ ପ୍ରସଙ୍ଗ**

## ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ଓଡ଼ିଶାକୁ ଲୁଟୁଛି ବିଜେପି



ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ଓଡ଼ିଶାକୁ ଲୁଟିବାରେ ଲାଗିଛି। ଏମ୍‌ଏମ୍‌ଡିଆର୍ ଆମେଣ୍ଡମେଣ୍ଟ ଆକ୍ଟ ଦ୍ୱାରା ଓଡ଼ିଶାବାସୀଙ୍କ ହକ୍‌କୁ କେନ୍ଦ୍ର ସରକାର ଛଡ଼ାଇନେଇଛନ୍ତି। ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଖଣି ମାଲିକଙ୍କ ଏଜେଣ୍ଟ ପରି କାମ କରୁଥିବାରୁ ଡବଲ ଇଞ୍ଜିନ ସରକାରକୁ କଡ଼ା ସମାଲୋଚନା କରିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛନ୍ତି।

ଶ୍ରୀ ନାୟକ କହିଥିଲେ ଯେ ରତ୍ନଗର୍ଭା ଓଡ଼ିଶାର ଖଣିଜ ସମ୍ପଦ ଉପରେ ଡବଲ ଇଞ୍ଜିନ ସରକାରର ଲୋଲୁପ ଦୃଷ୍ଟି ପଡ଼ିଛି। ଏମ୍‌ଏମ୍‌ଡିଆର ଆମେଣ୍ଡମେଣ୍ଟ ଆକ୍ଟ ଦ୍ୱାରା କେନ୍ଦ୍ର ସରକାର ରାଜ୍ୟର ଖଣିଗୁଡ଼ିକ ନିଜ ଅଧୀନକୁ ନେଇଯାଇଛନ୍ତି। ଏହି ଆକ୍ଟ ଯୋଗୁଁ ଓଡ଼ିଶା ବାର୍ଷିକ ୧୨ ହଜାର କୋଟିର ରାଜସ୍ୱ ହରାଇବା ସହ ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବକେୟା ଟିକସ ହରାଇବ। ଏହି ଆକ୍ଟ ଦ୍ୱାରା ଓଡ଼ିଶା କ୍ଷତି ସହିବ ଜାଣି ମଧ୍ୟ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଏହାକୁ ସମର୍ଥନ କରିବା ଦୁର୍ଭାଗ୍ୟଜନକ। ଦଳୀୟ ସ୍ୱାର୍ଥ ପାଇଁ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଭୁଲିଯାଇ ରାଜ୍ୟ ସରକାର ପାଟି ଖୋଲିଲେ ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ହକ୍ ପାଇଁ ପୂର୍ବରୁ ଅନେକ ଆଇନଗତ ଲଢ଼େଇ ଲଢ଼ିଛନ୍ତି। କିନ୍ତୁ ବିଜେପି ସରକାର ତାହା କରିବା ପାଇଁ ସାହସ ଜୁଟାଇପାରୁନାହିଁ। ବିଜେଡି ଶାସନ ସମୟରେ ୨୦୨୧ରୁ ୨୦୨୩ ମଧ୍ୟରେ ବକେୟା ୨୨ ହଜାର କୋଟିର ଟିକସ ପାଇଁ ଖଣି ମାଲିକମାନଙ୍କୁ ନୋଟିସ କରାଯାଇ ୧୬ ହଜାର କୋଟି ଟଙ୍କା ଆଦାୟ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ବିଜେପି ସରକାର ତାହା ନ କରି କେବଳ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଅନୁପାଳନ କରୁଛି। ପଡ଼ୋଶୀ ଝାଡ଼ଖଣ୍ଡ ସରକାର ୪୨ ହଜାର କୋଟି ଟଙ୍କାର ବକେୟା ଖଣି ଟିକସ ଆଦାୟ କରିଛନ୍ତି। ଖଣି ମାଲିକଙ୍କ ପ୍ରତି ବିଜେପି ସରକାରଙ୍କ ଏତେ ପ୍ରୀତି କ'ଣ ପାଇଁ ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି।

# ପୌରସଂସ୍ଥା ଟଙ୍କା ଖର୍ଚ୍ଚ କରିପାରୁନାହାନ୍ତି



ଭୁବନେଶ୍ୱର,୨୬।୮: ପୌରସଂସ୍ଥାଗୁଡିକୁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଯୋଗାଇ ଦେଉଥିବା ଅର୍ଥକୁ କେତେକ ପୌରାଞ୍ଚଳ ଠିକଣା ଭାବେ ଖର୍ଚ୍ଚ କରିପାରୁନାହାନ୍ତି। ଏପରିକି ୨୦ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ଖର୍ଚ୍ଚ କରିବା ବି ଏମାନଙ୍କ ପକ୍ଷେ ସମ୍ଭବପର ହେଉନାହିଁ। ପୌରାଞ୍ଚଳଗୁଡିକୁ ରାଜ୍ୟ ସରକାର ସ୍ୱଚ୍ଛ ଓଡିଶା, ବର୍ଷା ଜଳ ସଂରକ୍ଷଣ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ଉନ୍ନତି ଆଦି ଯୋଜନାରେ ଅର୍ଥ ପ୍ରଦାନ କରୁଛନ୍ତି। ତେବେ ନିକଟରେ କରାଯାଇଥିବା ସମୀକ୍ଷାରୁ ଜଣାଯାଇଛି ଯେ ଗୋପାଳପୁର, ଚାନ୍ଦବାଲି, କୋଣାର୍କ ଭଳି ପୌରସଂସ୍ଥା ମିଳିଥିବା ଅର୍ଥର ୨୦ ପ୍ରତିଶତ ବି ଖର୍ଚ୍ଚ କରିପାରିନାହାନ୍ତି। ସର୍ବନିମ୍ନ ଅର୍ଥ ବ୍ୟୟ କରିଥିବା ଯେଉଁ ୧୦ଟି ପୌରସଂସ୍ଥାର ତାଲିକା ପ୍ରସ୍ତୁତ ହୋଇଛି ସେଥିରେ ଉପରୋକ୍ତ ତିନି ପୌରସଂସ୍ଥା ସହ ରେମୁଣା, ଚିକିଟି, ତୁସରା, ଫୁଲବାଣୀ, କରଞ୍ଜିଆ, ବାଣପୁର ଓ ନିମାପଡ଼ା ଆଦି ରହିଛନ୍ତି।

ଗୋପାଳପୁର ପୌରାଞ୍ଚଳକୁ ୧୨.୩୦ କୋଟି ଟଙ୍କା ଦିଆଯାଇଥିବା ବେଳେ ଏଥିରୁ ୨କୋଟି ଟଙ୍କା ବି ଖର୍ଚ୍ଚ ହୋଇପାରିନାହିଁ। ସେହିଭଳି ଚାନ୍ଦବାଲିକୁ ୧୪.୫୦ କୋଟି ଟଙ୍କା ମିଳିଥିବା ବେଳେ ଏଥିରୁ ମାତ୍ର ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ୨୦ କୋଟି ଟଙ୍କା ପାଇଥିବା ରେମୁଣା ଏଥିରୁ ୪ କୋଟି ଟଙ୍କା ବି ଖର୍ଚ୍ଚ କରିପାରି ନାହିଁ। ଗୋଟିଏ ପଟେ ପୌରସଂସ୍ଥାଗୁଡିକରେ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ସରକାର ଦେଉଥିବା ଅର୍ଥ ଖର୍ଚ୍ଚ ହୋଇନପାରିବା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଧାର୍ଯ୍ୟ ସମୟରେ ଯଦି ଟଙ୍କା ଖର୍ଚ୍ଚ ନହୁଏ ତେବେ ସମ୍ପୃକ୍ତ ପୌରାଞ୍ଚଳଗୁଡିକୁ ପରବର୍ତ୍ତୀ ପର୍ଯ୍ୟାୟରେ ତ ଆଉ ଟଙ୍କା ମିଳିବନାହିଁ, ବରଂ କର୍ତ୍ତୃପକ୍ଷ ସମ୍ପୃକ୍ତ ପୌରସଂସ୍ଥାଗୁଡିକୁ ବାରମ୍ବାର ଚିଠି ଲେଖିବାକୁ ବାଧ୍ୟ ହେବେ। ମିଳିଥିବା ସୂଚନାନୁଯାୟୀ, ଟଙ୍କା ଖର୍ଚ୍ଚ ହୋଇନପାରିବାର ପ୍ରମୁଖ କାରଣ ମଧ୍ୟରେ ରହିଛି କର୍ମଚାରୀ ସଙ୍କଟ। ପ୍ରାୟତଃ ସମସ୍ତ ପୌରସଂସ୍ଥାରେ ଆଉଟସୋର୍ସିଂ ଜରିଆରେ କର୍ମଚାରୀ ନିଯୁକ୍ତି ହେଉଥିବା ବେଳେ ସେମାନଙ୍କ ପାରିଶ୍ରମିକରେ କୌଣସି ତାଳମେଳ ରହୁନାହିଁ। ଏପରିକି ନିୟମିତ ଭାବେ କର୍ମଚାରୀମାନେ ପାରିଶ୍ରମିକ ପାଉ ନ ଥିବାରୁ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି।

ଏହା ସତ୍ତ୍ୱେ ବି ଆଉ କିଛି ପୌରସଂସ୍ଥା ମିଳିଥିବା ଅର୍ଥଠାରୁ ଅଧିକ ଅର୍ଥ ଖର୍ଚ୍ଚ କରି ରେକର୍ଡ ସୃଷ୍ଟି କରିଛନ୍ତି। ଏହିଭଳି ପ୍ରସ୍ତୁତ ହୋଇଥିବା ୧୦ଟି ପୌରସଂସ୍ଥା ମଧ୍ୟରେ ରହିଛନ୍ତି ଜୟପୁର, ରେଢ଼ାଖୋଲ, ଦେବଗଡ଼, ମାଲକାନଗିରି, ତରଭା, କୋରାପୁଟ, ବଲାଙ୍ଗୀର, ବାସୁଦେବପୁର, ଢେଙ୍କାନାଳ ପୌରସଂସ୍ଥା ସହ ରାଉରକେଲା ମହାନଗର ନିଗମ। କୋରାପୁଟ ଜିଲ୍ଲାର ଜୟପୁର ମ୍ୟୁନିସିପାଲିଟିକୁ ସରକାର ୩୧ କୋଟି ଟଙ୍କା ଦେଇଥିବା ବେଳେ ଏହି ପୌରସଂସ୍ଥା ୩୯ କୋଟି ଟଙ୍କାରୁ ଅଧିକ ଅର୍ଥାତ୍ ୧୨୭ ପ୍ରତିଶତ ଅର୍ଥ ବ୍ୟୟ କରିଛି। ସେହିଭଳି ରେଢ଼ାଖୋଲ ଏନଏସି ୭.୭୯ କୋଟି ଟଙ୍କା ପାଇଥିବା ବେଳେ ୯.୩୦ କୋଟି ଟଙ୍କା ଖର୍ଚ୍ଚ କରି ରେକର୍ଡ କରିଛି। ରାଉରକେଲା ମହାନଗର ନିଗମକୁ ୧୧୮ କୋଟି ୩୮ ଲକ୍ଷ ଟଙ୍କା ମିଳିଥିବା ବେଳେ ଏହା ପ୍ରାୟ ୯୬ କୋଟି ଟଙ୍କା ଖର୍ଚ୍ଚ କରିପାରିଛି। (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ଗୁରୁବାର ୨୭ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Thursday 27 August 2026, Bhubaneswar

# ସଂଘୀୟ ବ୍ୟବସ୍ଥା ଓ ରାଜସ୍ୱ ସୁରକ୍ଷା

୨୦୨୪ ଜୁଲାଇ ୨୫ ତାରିଖରେ ସୁପ୍ରିମକୋର୍ଟର ନଅ ଜଣିଆ ସାମ୍ବିଧାନିକ ବେଞ୍ଚ ମିନରାଲ୍ ଏରିଆ ଡେଭଲପମେଣ୍ଟ ଅଥରିଟି ବନାମ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ମାମଲାରେ ଏକ ଐତିହାସିକ ରାୟ ଦେଇଥିଲେ। ଆଠ-ଏକ ଭୋଟରେ ରାୟ ଦେଇ କୋର୍ଟ କହିଥିଲେ ଯେ ଏମଏମଡିଆର ଆଇନ,



୧୯୫୭ ଅନୁଯାୟୀ ଖଣିଜ ଉପରେ ପ୍ରଦତ୍ତ ରୟାଲ୍ଟି କୌଣସି କର ନୁହେଁ। ଏହା ଖଣି ଲିଜ୍ ଧାରକଙ୍କ ଦ୍ୱାରା ଖଣିଜ ଅଧିକାର ଉପଭୋଗ ପାଇଁ ପ୍ରଦତ୍ତ ଏକ ଚୁକ୍ତିଗତ ବିଚାର। ରାଜ୍ୟଗୁଡ଼ିକର ସାମ୍ବିଧାନିକ ତାଲିକାର ଏଣ୍ଟ୍ରି ୫୦ ଅନୁଯାୟୀ ଖଣିଜ ଅଧିକାର ଉପରେ ଏବଂ ଏଣ୍ଟ୍ରି ୪୯ ଅନୁଯାୟୀ ଖଣିଜ ସମୃଦ୍ଧ ଜମି ଉପରେ କର ଲଗାଇବାର କ୍ଷମତା ରହିଛି। ସେତେବେଳର ଏମଏମଡିଆର ଆଇନ ଏହି କ୍ଷମତା ଉପରେ କୌଣସି ସୀମା ଲଗାଇ ନଥିଲା, ଯଦିଓ ସଂସଦ ଖଣିଜ ବିକାଶ ସମ୍ବନ୍ଧୀୟ ଆଇନ ମାଧ୍ୟମରେ ଏହି କ୍ଷମତାକୁ ସୀମିତ କିମ୍ବା ନିଷେଧ କରିପାରେ।

ଅଗଷ୍ଟ ୧୪, ୨୦୨୪ରେ କୋର୍ଟ ଏହି ରାୟର ପ୍ରଭାବ ସ୍ପଷ୍ଟ କରିଥିଲେ। ରାୟ ପୂର୍ବବର୍ତ୍ତୀ ଭାବେ ପ୍ରଭାବୀ ହେବ ଏବଂ ଏପ୍ରିଲ ୧, ୨୦୦୫ରୁ କାରବାର ଉପରେ ରାଜ୍ୟଗୁଡ଼ିକ କର ଦାବି କରିପାରିବେ। ଦେୟ ଏପ୍ରିଲ ୧, ୨୦୨୬ରୁ ୧୨ ବର୍ଷ ମଧ୍ୟରେ କିସ୍ତିରେ ପରିଶୋଧ କରାଯିବ ଏବଂ ଜୁଲାଇ ୨୫, ୨୦୨୪ ପୂର୍ବର ଦେୟ ଉପରେ ସୁଧ ଓ ଜୁରିମାନା ମାଫ ରହିବ। ଏହା ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ, ବିଶେଷକରି ଓଡ଼ିଶା ପାଇଁ ବଡ଼ ରାଜସ୍ୱ ସୁଯୋଗ ସୃଷ୍ଟି କରିଥିଲା। ଓଡ଼ିଶାର ଲୁହାପଥର, କୋଇଲା, ବକ୍ସାଇଟ୍ ଆଦି ଖଣିଜରୁ ଆସୁଥିବା ବାର୍ଷିକ ହଜାର ହଜାର କୋଟି ଟଙ୍କା ରାଜସ୍ୱ ରାଜ୍ୟର ବିକାଶ, ଆଦିବାସୀ କଲ୍ୟାଣ ଓ ଡିଏମଏଫ୍ ପାଣ୍ଠି ପାଇଁ ଗୁରୁତ୍ୱପୂର୍ଣ୍ଣ।

ତଥାପି ଦୁଇ ବର୍ଷ ପରେ ୨୦୨୬ ଅଗଷ୍ଟରେ ସଂସଦ ଏମଏମଡିଆର ସଂଶୋଧନ ଆଇନ ପାରିତ କରିଛି। ନୂଆ ଧାରା ୯ଡି ରାଜ୍ୟ ସରକାରଙ୍କୁ ଖଣିଜ ଅଧିକାର କିମ୍ବା ଖଣିଜ ସମୃଦ୍ଧ ଜମି ଉପରେ କର, ସେସ୍ କିମ୍ବା ଅନ୍ୟ ଲେଭି ଲଗାଇବାରୁ ବାରଣ କରିଛି, ଯଦିଓ କେନ୍ଦ୍ର ସରକାର ନିର୍ଦ୍ଧାରିତ ସର୍ତ୍ତ ଓ ସୀମା ମଧ୍ୟରେ ନ ହୁଏ। ଆଇନ ଲାଗୁ ହେବା ପୂର୍ବରୁ ଜମା କିମ୍ବା ଆଦାୟ ନ ହୋଇଥିବା ଦେୟକୁ ଅବୈଧ ଘୋଷଣା କରାଯାଇଛି, ଯଦିଓ ପୂର୍ବରୁ ଆଦାୟ ହୋଇଥିବା ଅର୍ଥ ଫେରସ୍ତ କରାଯିବ ନାହିଁ। ଖଣିଜ ସମୃଦ୍ଧ ଜମିକୁ ମଧ୍ୟ କେନ୍ଦ୍ରର ନିୟନ୍ତ୍ରଣ ଅଧୀନକୁ ଆଣାଯାଇଛି।

କେନ୍ଦ୍ର ସରକାର ଯୁକ୍ତି ଦେଉଛନ୍ତି ଯେ ଏହା ଖଣିଜ କ୍ଷେତ୍ରରେ ନିଶ୍ଚିତତା, ସ୍ଥିରତା ଓ ଏକରୂପତା ଆଣିବ। ରାଜ୍ୟଗୁଡ଼ିକ ମଧ୍ୟରେ ଭିନ୍ନ ଭିନ୍ନ କର ହାର ବିନିଯୋଗକୁ ପ୍ରଭାବିତ କରୁଥିଲା ଏବଂ ଇସ୍ପାତ, ସିମେଣ୍ଟ ଭଳି ଶିଳ୍ପର ମୂଲ୍ୟ ବଢ଼ାଉଥିଲା। ସୁପ୍ରିମକୋର୍ଟ ନିଜେ ସ୍ୱୀକାର କରିଥିଲେ ଯେ ସଂସଦ ଏହି କ୍ଷମତାକୁ ସୀମିତ କରିପାରେ। ତେଣୁ ଆଇନଗତ ଭାବେ ଏହା କୋର୍ଟର ରାୟ ବିରୋଧୀ ନୁହେଁ।

ତଥାପି ଏହା ଫେଡେରାଲିଜମର ମୂଳ ଭିତ୍ତିକୁ ପ୍ରଶ୍ନ କରେ। ରାଜ୍ୟଗୁଡ଼ିକର ରାଜସ୍ୱ ଅଧିକାର ସାମ୍ବିଧାନିକ ସୁରକ୍ଷା ପାଇଥିଲା। ଓଡ଼ିଶା ଭଳି ରାଜ୍ୟ ପାଇଁ ବାର୍ଷିକ ବଡ଼ ରାଜସ୍ୱ କ୍ଷତି ହେବାର ଆଶଙ୍କା ରହିଛି। ଅନାଦାୟୀ ଦେୟ ବାତିଲ୍ ହେବା ଦ୍ୱାରା ରାଜ୍ୟର ବିକାଶ ଯୋଜନା ପ୍ରଭାବିତ ହୋଇପାରେ। ଆଦିବାସୀ ଅଞ୍ଚଳର କଲ୍ୟାଣ ଓ ଡିଏମଏଫ୍ ପାଣ୍ଠି ଉପରେ ମଧ୍ୟ ପ୍ରଭାବ ପଡ଼ିବ। କେନ୍ଦ୍ର ସରକାର ନିୟମ ପ୍ରଣୟନ କରିବେ, କିନ୍ତୁ ସେହି ନିୟମ ରାଜ୍ୟଙ୍କ ସ୍ୱାର୍ଥକୁ କେତେ ସୁରକ୍ଷିତ କରିବ ତାହା ଭବିଷ୍ୟତ ନିର୍ଣ୍ଣୟ କରିବ।

ଖଣିଜ କ୍ଷେତ୍ରରେ ଏକରୂପତା ଆବଶ୍ୟକ, କିନ୍ତୁ ରାଜ୍ୟଙ୍କ ଆର୍ଥିକ ସ୍ୱାୟତ୍ତତାକୁ ଅବହେଳା କରି ନୁହେଁ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଆବଶ୍ୟକ। ନିୟମ ପ୍ରଣୟନ ସମୟରେ ରାଜ୍ୟଗୁଡ଼ିକର ମତାମତ ଗ୍ରହଣ କରାଯିବା ଉଚିତ। ଅନ୍ୟଥା ଏହା ନୂଆ ବିବାଦ ସୃଷ୍ଟି କରିପାରେ। ଓଡ଼ିଶା ଭଳି ରାଜ୍ୟ ନିଜ ସମ୍ପଦ ଉପରେ ନ୍ୟାୟସଙ୍ଗତ ଅଧିକାର ରଖିବା ସହ ଜାତୀୟ ସ୍ୱାର୍ଥକୁ ମଧ୍ୟ ସୁରକ୍ଷିତ କରିବା ଆବଶ୍ୟକ। ସମତୁଲ ପଦକ୍ଷେପ ହିଁ ସମାଧାନର ପଥ।

# ଖୁଦୁରୁକୁଣୀ ଓଷା

ଜ୍ୟୋସ୍ନା ମହାପାତ୍ର



ସ୍ୱର୍ଗତ ଗୋପୀନାଥ ଦାସ ବିରଚିତ 'ତଅପୋଇ ଓଷା'ରେ ବର୍ଣ୍ଣିତ ସାଧବ ଝିଅ ତଅପୋଇ କାହାଣୀ ଭାଇମାନଙ୍କ ଶୁଭ ସଂକଳ୍ପର ଏକ ସଂସ୍କୃତି। ଭାଦ୍ରବ ମାସର ପ୍ରଥମ ରବିବାରଠାରୁ ପାଞ୍ଚ ରବିବର ଧରି ପାଳିତ ହେଉଥିବା ଏହି ଓଷା ସହିତ ଉତ୍କଳୀୟ ସଂସ୍କୃତିର ବହୁଳ ସମ୍ପର୍କ ରହିଛି। ଓଡ଼ିଆ ଜାତି ଯେ ଦିନେ ଦେଶ ବିଦେଶ ସହିତ ନୌବାଣିଜ୍ୟ କରି ସମୃଦ୍ଧଶାଳୀ ହୋଇଥିଲା, କୁମାରୀମାନେ ପାଳନ କରୁଥିବା ଏହି ପର୍ବ ତାହାରି ସ୍ମୃତି ବହନ କରେ।

ଭାଦ୍ରବ ମାସର ପ୍ରଥମ ରବିବାରରୁ ଆରମ୍ଭ ହୋଇଛି କୁମାରୀମାନଙ୍କ ପର୍ବ ଖୁଦୁରୁକୁଣୀ ଓଷା। ଭାଦ୍ରବ ମାସର ପ୍ରତି ରବିବାର କୁମାରୀମାନେ ଭାଇଙ୍କ ଶୁଭ ମନାସୀ ମା' ମଙ୍ଗଳାଙ୍କ ନିକଟରେ ପୂଜା କରନ୍ତି ଏବଂ ଶେଷ ରବିବାର ଓଷାର ଉଦ୍‌ଯାପନ ଆଡ଼ମ୍ବର ସହକାରେ ହୋଇଥାଏ। ଏହି ଓଷା ସହ ସାଧବ ଝିଅ ତଅପୋଇ ଏବଂ ସାତ ଭାଇଙ୍କ କାହାଣୀ

> "ପ୍ରଥମ ଜମ୍ବୁଦ୍ୱୀପେ ସାର ବେଢ଼ିଛି ଲବଣ ସାଗର,
> ତହିଁରେ ରାଜା ତାଳଧ୍ୱଜ ବହୁତ ଆୟତନ ରାଜ୍ୟ
> ବହୁତ ସାଧବ ଅଛନ୍ତି ବୋଇତ ବାଣିଜ୍ୟ କରନ୍ତି
> ତହିଁରେ ଏକ ସାଧବର ତନୟବନ୍ତ ନାମ ତା'ର
> ଝିଅର ନାମ ତଅପୋଇ ସବୁହୁଁ ଦୁଲଣା ଅଟଇ।"



ଜଡ଼ିତ ହୋଇଥିବାରୁ ଏହାକୁ ତଅପୋଇ ଓଷା ଓ ଭାଲୁକୁଣୀ ଓଷା ମଧ୍ୟ କୁହାଯାଇଥାଏ। ଓଡ଼ିଆ ଜାତି ଯେ ଦିନେ ବିଦେଶ ସହ ନୌବାଣିଜ୍ୟ କରି ଦେଶକୁ ସମୃଦ୍ଧ କରିଥିଲା ତାହା ଏହି ଖୁଦୁରୁକୁଣୀ ଓଷା ମାହାତ୍ମ୍ୟରୁ ଜଣାଯାଏ।

ଏହି ଓଷା କୁମାରୀମାନଙ୍କ ମଧ୍ୟରେ ଗୋଷ୍ଠୀ କାର୍ଯ୍ୟକଳାପକୁ ମଧ୍ୟ ଉତ୍ସାହିତ କରେ। କାରଣ ରବିବାର ବଡ଼ି ଭୋରରୁ ଝିଅମାନେ ଏକାଠି ହୋଇ ଫୁଲ ତୋଳିବାକୁ ଯାଆନ୍ତି, ଏକାଠି ବସି ଫୁଲର ସୁନ୍ଦର ସୁନ୍ଦର ହାର ଗୁନ୍ଥନ୍ତି। ଏକାଠି ମିଶି ନଦୀ ବା ପୋଖରୀକୁ ଗାଧୋଇ ଯାଆନ୍ତି ଏବଂ ପୋଖରୀ କୂଳରେ ବାଲିର ମନ୍ଦିର କରି ପୂଜା କରନ୍ତି। ପୁଣି ସନ୍ଧ୍ୟାରେ ସମସ୍ତେ ଏକାଠି ବସି 'ଖୁଦୁରୁକୁଣୀ ଓଷା' ବହି ପଢ଼ି ମା' ମଙ୍ଗଳାଙ୍କୁ ପୂଜା କରନ୍ତି ଏବଂ ପରସ୍ପର ମଧ୍ୟରେ ଭୋଗ ବାଣ୍ଟନ୍ତି। ପିଲାବେଳୁ ଅତି ଆଗ୍ରହର ସହିତ ଖୁଦୁରୁକୁଣୀ ବ୍ରତ ପାଳନ କରୁଥିଲି। ଏବେ ଆମ ପିଲାମାନେ ଯେତେବେଳେ ଏହି ଓଷା ପାଳନ କରୁଛନ୍ତି ସେତେବେଳେ ମୋ ପିଲାଦିନର କଥା ସବୁ ମନେପଡ଼ିଯାଏ। କୁମାରୀମାନଙ୍କ ମଧ୍ୟରେ ଧର୍ମଭାବନା ଜାଗ୍ରତ କରିବା ଏହି ଓଷାର ଆଉ ଏକ ଲକ୍ଷ୍ୟ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧
E-MAIL : ABHISEKMOHAPATRA1999@GMAIL.COM

# ଶ୍ରୀ ମନ୍ଦିରରେ ବଡଠାକୁର ଶ୍ରୀ ବଳଭଦ୍ରଙ୍କ ଜନ୍ମଉତ୍ସବ

ସନ୍ତୋଷ କୁମାର ଦାଶ

ଶ୍ରାବଣ ମାସ ର ପୂର୍ଣ୍ଣିମାକୁ ଝୁଲଣ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା କୁହା ଯାଇଥାଏ। ପୁରୀ ଶ୍ରୀମନ୍ଦିରରେ ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଦିନ ବଡ଼ଠାକୁର ଶ୍ରୀ ବଳଭଦ୍ରଙ୍କ ଜନ୍ମୋତ୍ସବ ଭକ୍ତି ଓ ନିଷ୍ଠାର ସହିତ ପାଳନ କରାଯାଇଥାଏ। ଜଗନ୍ନାଥ ଦାସ ଙ୍କ ନବାକ୍ଷରୀ ଓଡ଼ିଆ 'ଭାଗବତ' ର ଦଶମ ସ୍କନ୍ଧରେ ଶ୍ରୀ ବଳଭଦ୍ର ଙ୍କର ଜନ୍ମବୃତ୍ତାନ୍ତ ବର୍ଣ୍ଣିତ ହୋଇଛି। ସେଥିରେ କୁହାଯାଇଛି ଯେ, ଅସୁରଙ୍କ ଉତ୍ପାତରେ ଭୂମି ଥରହର ହୋଇ କମ୍ପିବାରୁ ପୃଥ୍ୱୀଦେବୀ ମାୟା ସୁରଭି ରୂପରେ ଯାଇ ବ୍ରହ୍ମା ଙ୍କର ଶରଣ ପଶିଲେ। ଫଳରେ ବ୍ରହ୍ମା, ଶିବ ଓ ଅନ୍ୟାନ୍ୟ ଦେବତାଙ୍କୁ ନେଇ, କ୍ଷୀରସାଗର ରେ ଅନନ୍ତ ଶୟନ ରେ ଥିବା ଶ୍ରୀବିଷ୍ଣୁଙ୍କ ନିକଟକୁ ଯାଇ ଅସୁର ମାନଙ୍କ ଦୌରାତ୍ମ୍ୟ ସମ୍ପର୍କ ରେ କହିଥିଲେ।ସବୁ କଥା ଶୁଣି ବିଷ୍ଣୁ ତାଙ୍କୁ ଯାହା କହିଲେ, ସେହି ପ୍ରସଙ୍ଗରେ ଶ୍ରୀ ବଳଭଦ୍ର ଙ୍କର ଜନ୍ମବୃତ୍ତାନ୍ତ ବର୍ଣ୍ଣିତ ହୋଇଛି। ବ୍ରହ୍ମା ଦେବଗଣଙ୍କୁ କହିଲେ, ହେ ଦେବଗଣ, ଶୁଣ ! ପ୍ରଭୁ ନାରାୟଣ ଯାଦବ ବସୁଦେବ ଙ୍କ ଘରେ, ଦେବକୀଙ୍କ ପୁତ୍ର ରୂପେ ଜନ୍ମନେବେ। କିନ୍ତୁ ତାଙ୍କର କଳାରେ ପ୍ରଥମେ ଅନନ୍ତ ବା ଶ୍ରୀବଳଭଦ୍ର ଦେବକୀଙ୍କର ଗର୍ଭଗତ ହେବେ। ମହାମାୟା ଯୋଗ ବଳରେ ସେହି ଗର୍ଭକୁ ଆକର୍ଷଣ କରି, ବା ହରଣ କରିନେଇ, ନନ୍ଦରାଜାଙ୍କ ଘରେ ଥିବା ରୋହିଣୀ ଙ୍କ ଗର୍ଭରେ ସ୍ଥାପନ କରିବେ। ଫଳରେ ରୋହିଣୀଙ୍କ ଗର୍ଭରୁ ସଂକର୍ଷଣ ଶ୍ରୀବଳଭଦ୍ର ଜନ୍ମନେବେ। ଏ ସଂପର୍କରେ, ଭାଗବତର ଦଶମ ସ୍କନ୍ଧ, ତୃତୀୟ ଅଧ୍ୟାୟରେ ବର୍ଣ୍ଣନା ଅଛି ଯେ ବିଷ୍ଣୁଙ୍କ ପରାମର୍ଶରେ, ମହାମାୟା ମହା ଆନନ୍ଦରେ ମର୍ତ୍ତ୍ୟଲୋକର ମଥୁରା ନଗରୀକୁ ଆସିଲେ ଏବଂ କଂସର ବନ୍ଦୀଶାଳାରୁ ଦେବକୀଙ୍କର ଗର୍ଭକୁ ହରିନେଇ ଗୋପନରେ ରୋହିଣୀଙ୍କ ଗର୍ଭରେ ସ୍ଥାପନ କଲେ। ତାହା ଫଳରେ ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରୀବଳଭଦ୍ର ଜନ୍ମ ନେଇ ଥିଲେ।ଏହି ପବିତ୍ର ଜନ୍ମୋତ୍ସବ ବିଧି ବିଧାନର ସହ ଶ୍ରୀମନ୍ଦିର ରେ ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ଏହି ଦିନ ଭୋଗମଣ୍ଡପ ଶେଷ ହେବା ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ହୁଏ। ପରେ ତିନିବାଡ଼ରେ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତଙ୍କଦ୍ୱାରା ସର୍ବାଙ୍ଗ ନୀତି ହୁଏ। ତା' ପରେ ଦିଅଁମାନେ ବୋଇରାଣୀ ପତନି ନୂଆ ଲୁଗା ଲାଗି ହୁଅନ୍ତି ଓ ଦ୍ୱିପ୍ରହର ଧୂପପାଇଁ ବେଶ ହୁଅନ୍ତି। ଏହି ବେଶରେ ତିନି ଖଣ୍ଡ ଆଜ୍ଞା ମାଳ (ଦକ୍ଷିଣ ଭୁଜ -୧, ବାମ ଭୁଜ-୨) ମହାପ୍ରଭୁ ଲାଗି ହୋଇଥାନ୍ତି। ଚାରିଟି ପାଟ ରାକ୍ଷୀ ଓ ଗୁଆର ମାଳି ଲାଗି ହୁଏ। ପାଣି ପଡ଼ି ଭିତର ଧୋପଖାଳ ହୁଏ। ସିଂହାସନ ତଳେ ବଳଭଦ୍ର ଠାକୁରଙ୍କ ବାଡ଼ ଆଡ଼େ ଷଷ୍ଠୀ ମାର୍କଣ୍ଡି ଓ ବରୁଣ ପୂଜାର ସୁଧ ସୁଆର କିମ୍ବା ଆସ୍ଥାନ ପଢ଼ିଆରୀ କରନ୍ତି।ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଏହି ପୂଜା କରନ୍ତି। ଏହି ପୂଜା ଶେଷ ପରେ ଭିତର ପାଣି ପଡ଼ି ଧୋପଖାଳ ହୁଏ। ଏହା ପରେ ଦ୍ୱିପ୍ରହର ଧୂପ ସହ ଯାତ୍ରାଙ୍ଗୀ ଭୋଗ ଛାମୁକୁ ଆସେ। ପୂଜାପଣ୍ଡା ତିନି ଜଣ ଷୋଡଶ ଉପଚାରରେ ପୂଜା କରିଥାନ୍ତି। ମଣୋହି ପରେ ଟେରାଫିଟା ଆଳତି ହୁଏ। ସୁଧ ସୁଆର ବଡ଼ବାଡ଼ ବଳଭଦ୍ରଙ୍କ ବାଡ଼ରେ ମଙ୍ଗଳାର୍ପଣ ସାମଗ୍ରୀ ରଖନ୍ତି। ପୂଜାପଣ୍ଡା ବଡ଼ ବାଡ଼ରେ ମଙ୍ଗଳାର୍ପଣ କରନ୍ତି। ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ତିନି ବାଡ଼ରେ



ବନ୍ଦାପନା କରନ୍ତି। ଏହା ପରେ ମହାଜନେ ମଦନମୋହନଙ୍କୁ ରତ୍ନ ସିଂହାସନକୁ ବିଜେ କରାନ୍ତି। ପୂଜାପଣ୍ଡା ଆଜ୍ଞାମାଳ ଦେଲା ପରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ଝୁଲଣମଣ୍ଡପକୁ ବିଜେ କରନ୍ତି।ଏହାପରେ ସୁଦର୍ଶନଙ୍କ ବିଜେ ପାଇଁ ଦଇତାପତିମାନଙ୍କୁ ଡକାଯାଏ।ଦଇତାପତିମାନେ ସିଂହାସନକୁ ଉଠନ୍ତି। ଶ୍ରୀ ଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଗୋଟିଏ ଆଜ୍ଞାମାଳ ସୁଦର୍ଶନ ପାଆନ୍ତି।ଦଇତାମାନେ ସୁଦର୍ଶନଙ୍କୁ ଜଗମୋହନରେ ଥିବା ଚଉଦୋଳରେ ବସାନ୍ତି। ସେଠାରେ ପାଟପତନି, ଚୂଳ ଲାଗି କରାଯାଏ।ଏହାପରେ ବିମାନବଡୁ ମାନେ ସୁଦର୍ଶନଙ୍କୁ ଚଉଦୋଳରେ ନେଇ ଝୁଲଣ ମଣ୍ଡପରେ ବିଜେ କରାନ୍ତି। ସେଠାରେ ସୁଦର୍ଶନଙ୍କୁ ସୁବ କମରପଟି ଓ ହରଡ଼ମାଳ ଲାଗି କରାଯାଏ। ତା'ପରେ ବିମାନବଡୁ ମାନେ ସୁଦର୍ଶନଙ୍କୁ ବିମାନରେ ନେଇ ମାର୍କଣ୍ଡଙ୍କ ଆଶ୍ରମକୁ ଯାଆନ୍ତି ଓ ସେଠାରେ ମଣ୍ଡପ ଉପରେ ବିଜେ କରାନ୍ତି।

ଏଠାରେ ସୁଧ ସୁଆର ଚିକିଟା ମାଟିରେ ବଳଭଦ୍ର ମୂର୍ତ୍ତି ନିର୍ମାଣ କରନ୍ତି। ପୂଜାପଣ୍ଡା ଉକ୍ତ ମୂର୍ତ୍ତି କୁ ଜୀବନ୍ୟାସ ଦେଇ ଜାତକର୍ମ କରନ୍ତି। ମୁଦିରସ୍ତ ପ୍ରସାଦ ଲାଗି କରନ୍ତି।ପୂଜାପଣ୍ଡା ପଞ୍ଚ ଉପଚାର ରେ ଶୀତଳ ମଣୋହି କରାନ୍ତି। ତା' ପରେ ବନ୍ଦାପନା ହୋଇ, ବଳଭଦ୍ର ପିତୁଳାକୁ ଜଳରେ ବିସର୍ଜନ କରାଯାଏ। ଏହାପରେ ବିମାନବଡୁ ମାନେ ବିମାନରେ ସୁଦର୍ଶନଙ୍କୁ ନେଇ ଚାରି ଆଶ୍ରମ, ନଗର ଭ୍ରମଣ କରାଇ ଶ୍ରୀମନ୍ଦିରକୁ ବିଜେ କରାନ୍ତି। ସୁଦର୍ଶନ ରତ୍ନ ସିଂହାସନକୁ ବିଜେ କରିବା ପରେ ପାଳିଆ ମେକାପ ସିଂହାସନ ଧୁଅନ୍ତି। ସୁଧ ସୁଆର ଚାରି ବାଡ଼ରେ ସିଂହାସନ ତଳେ ମହାସ୍ନାନ ପୂଜା କରନ୍ତି। ଚାରିଜଣ ପୂଜାପଣ୍ଡା ଆସି ମହାସ୍ନାନ ବଢ଼ାନ୍ତି। ମହାସ୍ନାନ ପରେ ପୁଷ୍ପାଳକମାନେ ମଇଲମ କରି ଦିଅଁମାନଙ୍କର ବେଶ ବଢ଼ାନ୍ତି।

> 'ଦୋର୍ଭ୍ୟାଂ ଶୋଭିତ ଲାଙ୍ଗଳଂ ସମୂଷଳଂ କାଦମ୍ବରୀ ଚଞ୍ଚଳଂ,
> ରତ୍ନାଢ୍ୟଂବର କୁଣ୍ଡଳଂ ଭୁଜବଳୈରାକ୍ରାନ୍ତଭୂମଣ୍ଡଳମ୍,
> ବଜ୍ରାଭ ମଳଚାରୁ ଗଣ୍ଡଯୁଗଳଂ ନାଗେନ୍ଦ୍ର ଚୁଡ଼ୋ ଜ୍ୱଳଂ, ସଂଗ୍ରାମେ
> ଚପଳଂ ଶଶାଙ୍କ ଧବଳଂ ଶ୍ରୀ କାମପାଳଂ ଭଜେ।।'

ତା'ପରେ ସିଂହାସନରୁ ଓହ୍ଲାଇ ସନ୍ଧ୍ୟା ଆଳତି କରନ୍ତି। ଏହା ପରେ ଧୋପଖାଳ ହୋଇ ସୁଆରବଡୁ ଥାଳି ପକାଇବା ପରେ ପାଳିଆ ପ୍ରତିହାରୀ ରୋଷକୁ ସନ୍ଧ୍ୟା ଧୂପ ଡାକିଯାଏ।ରୋଷରୁ ଭୋଗ ଆସିବା ପରେ ପତ୍ରିବଡୁ ଚାରିବାଡ଼ରେ ପୂଜା ଠା' କରନ୍ତି।ଚାରିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ପୂଜା କରନ୍ତି। ତିନିଜଣ ପୂଜାପଣ୍ଡା ସିଂହାସନ ଉପରେ ବସନ୍ତି ଓ ଜଣେ ତଳେ ସୁଦର୍ଶନଙ୍କ ବାଡ଼ରେ ବସନ୍ତି। ସନ୍ଧ୍ୟା ଧୂପ ସମାପ୍ତି ପରେ ସୁଦର୍ଶନଙ୍କ ବାଡ଼ରେ ବନ୍ଦାପନା ହୁଏ। ମୁଦିରସ୍ତ ସୁଦର୍ଶନଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରନ୍ତି। ଏହା ପରେ ଅନ୍ୟାନ୍ୟ ଦୈନନ୍ଦିନ ନୀତି ଅନୁଷ୍ଠିତ ହୋଇଥାଏ। ଶେଷ ହୋଇଥାଏ ଶ୍ରୀ ମନ୍ଦିର ରେ ବଡ଼ ଠାକୁର ଶ୍ରୀ ବଳଭଦ୍ର ଙ୍କ ଜନ୍ମ ଉତ୍ସବ ନୀତି। ମହାପ୍ରଭୁ ଶ୍ରୀ ଅନନ୍ତ ନାରାୟଣ ଙ୍କ ଶେଷନାଗ ଙ୍କୁ ତାଙ୍କ ଅନୁରୋଧ କ୍ରମେ ତ୍ରେତୟା ଯୁଗ ରେ ଲକ୍ଷ୍ମଣ, ଦ୍ୱାପର ଯୁଗରେ ଶ୍ରୀ ବଳରାମ ଓ କଳିଯୁଗ ରେ ଶ୍ରୀ ବଳଭଦ୍ର ରୁପରେ ପୂଜା ପାଇ ଆସୁଥିବା ବିଶ୍ୱାସ ରହିଛି।

ଜୟ ବଡ଼ ଠାକୁର ଶ୍ରୀ ବଳଭଦ୍ର।

ତୁଳସୀପୁର, ପୁରୀ।
୯୪୩୯୩୬୧୮୮

# ଇଥାନଲ୍‌ରୁ ଇନ୍ଧନ ଖାଦ୍ୟ ସୁରକ୍ଷା ପାଇଁ ଦ୍ୱନ୍ଦ୍ୱ



ସମୀର ବିଶ୍ୱାଳ

ଇଥାନଲ୍ ଏକ ସମ୍ଭାବନାମୟ ବିକଳ୍ପ ଇନ୍ଧନ। ଏହି ପରିପେକ୍ଷୀରେ ଜୈବ ଇନ୍ଧନ ବା ବାୟୋ ଫୁଏଲ ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ଭାବେ ଉଭା ହୋଇଛି। ଇଥାନଲ୍ ମିଶ୍ରଣର ଉଦ୍ଦେଶ୍ୟ ନିଶ୍ଚିତ ଭାବେ— ପେଟ୍ରୋଲିୟମ ଆମଦାନୀ ଉପରେ ନିର୍ଭରତା କମାଇବ, କୃଷିଜାତ ଉତ୍ପାଦର ମୂଲ୍ୟ ବଢ଼ାଇବ, ଚାଷୀଙ୍କୁ ଅତିରିକ୍ତ ବଜାର ଦେବା ସହ କାର୍ବନ୍ ନିସ୍ସରଣ କମାଇବ। କିନ୍ତୁ, ଏହା ପାଇଁ ଅତ୍ୟଧିକ ପାଣି ଖର୍ଚ୍ଚ କରୁଥିବା ଫସଲକୁ ଅଧିକ ପ୍ରୋତ୍ସାହନ ଦିଆଯାଏ । ତେବେ ଆଜିର ଇନ୍ଧନ ସମସ୍ୟାର ସମାଧାନ କରିବାକୁ ଯାଇ ଏହାଦ୍ୱାରା ଭବିଷ୍ୟତର ଜଳ ଓ ଖାଦ୍ୟ ସୁରକ୍ଷା ସଙ୍କଟ ସୃଷ୍ଟି ହୋଇପାରେ। ତେଣୁ ଇଥାନଲ୍ ନୀତିର ରୂପରେଖ, କାର୍ଯ୍ୟାନ୍ୱୟନ, ଆର୍ଥିକ ପ୍ରୋତ୍ସାହନ ଓ ଦୀର୍ଘମିଆଦୀ ପରିଣାମକୁ ଯଦି ଠିକ୍ ଭାବେ ବିଚାର କରା ନ ଯାଏ; ତେବେ ଜୈବ ଇନ୍ଧନ ନୀତି ନିଜେ କୃଷି, ଜଳସମ୍ପଦ ଓ ଖାଦ୍ୟ ସୁରକ୍ଷା ପାଇଁ ସମସ୍ୟା ସୃଷ୍ଟି କରିପାରେ। ଇଥାନଲ୍ ହେଉଛି ଏକ ପ୍ରକାର ଆଲକୋହଲ୍, ଯାହା ଆଖୁ, ମକା, ଧାନ ଓ ଅନ୍ୟାନ୍ୟ ଜୈବିକ ଉତ୍ସରୁ ଉତ୍ପାଦନ କରାଯାଇପାରେ। ଏହାକୁ ପେଟ୍ରୋଲ୍‌ରେ ମିଶାଇ ଇନ୍ଧନ ଭାବେ ବ୍ୟବହାର କରାଯାଏ। ଇଥାନଲ୍ ମିଶ୍ରଣର ପରିମାଣକୁ ସାଧାରଣତଃ E10, E20, E85 ଭଳି ନାମରେ ବୁଝାଯାଏ। E20ର ଅର୍ଥ ହେଉଛି ପେଟ୍ରୋଲ୍‌ରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ। ଭାରତ ଧୀରେ ଧୀରେ ଅଧିକ ଇଥାନଲ୍ ମିଶ୍ରଣ ଦିଗକୁ ଗତି କରୁଛି। E20 ପରେ ଫ୍ଲେକ୍ସ-ଫ୍ୟୁଏଲ୍ ଯାନରେ E85 ଓ E100 ଭଳି ଅଧିକ ଇଥାନଲ୍ ମିଶ୍ରଣ ବ୍ୟବହାର କରିବାର ସମ୍ଭାବନା ମଧ୍ୟ ଆଲୋଚନାକୁ ଆସିଛି। କିନ୍ତୁ ସରକାର ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମ ଏବଂ ଦୀର୍ଘମିଆଦୀରେ କୃଷି, ଖାଦ୍ୟ ବ୍ୟବସ୍ଥା ଓ ବୃହତ୍ ଅର୍ଥନୀତି ଉପରେ ଏହାର ପ୍ରଭାବକୁ ତିନୋଟି କାରଣରୁ ସମୀକ୍ଷା କରିବା ଆବଶ୍ୟକ। ପ୍ରଥମତଃ ୨୦୧୮ର ଜାତୀୟ ଜୈବ ଇନ୍ଧନ ନୀତି ଅଧୀନରେ ଆରମ୍ଭ ହୋଇଥିବା ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମ ବର୍ତ୍ତମାନ ଉଚ୍ଚ ମିଶ୍ରଣ ପର୍ଯ୍ୟାୟରେ ପହଞ୍ଚିଛି। ଜୁନ୍‌ରେ ସରକାରୀ ତୈଳ ବିପଣନ କମ୍ପାନୀମାନଙ୍କ ୪୮ଟି ଖୁଚୁରା ବିକ୍ରୟ କେନ୍ଦ୍ର ଫ୍ଲେକ୍ସ-ଫ୍ୟୁଏଲ୍ ଯାନ ପାଇଁ E85 ବିକ୍ରି ଆରମ୍ଭ କରିଥିଲେ। ଏହା ପରେ ରାସ୍ତା ପରିବହନ ଓ ରାଜପଥ ମନ୍ତ୍ରଣାଳୟ ୨୭ ଏପ୍ରିଲ୍ ୨୦୨୬ରେ ଏକ ଖସଡ଼ା ବିଜ୍ଞପ୍ତି ଜାରି କରି E85 ଓ E100 ଉପରେ ଚାଲିପାରୁଥିବା ଫ୍ଲେକ୍ସ-ଫ୍ୟୁଏଲ୍ ଯାନକୁ ଅନୁମତି ଦେଇଛି। କିନ୍ତୁ, ଇଥାନଲ୍ ମୂଲ୍ୟ ଶୃଙ୍ଖଳରେ ଏପରି ହଠାତ୍ ବୃଦ୍ଧି କାହିଁକି କରାଯାଉଛି, ତାହାର ଯଥେଷ୍ଟ ସାର୍ବଜନୀନ ତଥ୍ୟ କିମ୍ବା ଯୁକ୍ତି ଉପଲବ୍ଧ ନାହିଁ। ଦ୍ୱିତୀୟତଃ, ଅଧିକ ପେଟ୍ରୋଲ୍ ମିଶ୍ରଣ ଜାତୀୟ ଜୈବ ଇନ୍ଧନ ନୀତି ୨୦୧୮ (୨୦୨୨ରେ ସଂଶୋଧିତ)ର ପରିସର ବାହାରେ ରହିଛି। ସରକାରଙ୍କ ୧୫ ଜୁନ୍ ୨୦୨୨ର ଗେଜେଟ୍ ବିଜ୍ଞପ୍ତି ଜୈବ ଇନ୍ଧନ ନୀତିରେ ସଂଶୋଧନ କରି ୨୦୨୫-୨୬ ଇଥାନଲ୍ ଯୋଗାଣ ବର୍ଷ ସୁଦ୍ଧା ପେଟ୍ରୋଲ୍‌ରେ E20 ଏବଂ ୨୦୩୦ ସୁଦ୍ଧା ବାୟୋଡିଜେଲ୍ ୫% ମିଶ୍ରଣର ଲକ୍ଷ୍ୟ ରଖିଥିଲା। ଏଠାରେ ଧ୍ୟାନ ଦେବା କଥା ଯେ, ୨୭ ଏପ୍ରିଲ୍‌ର ଖସଡ଼ା ଗେଜେଟ୍ ବିଜ୍ଞପ୍ତିରେ E85 ଓ E100ର ପ୍ରସ୍ତାବ CENTRAL MOTOR VEHICLES RULES, ୧୯୮୯ ସମ୍ପର୍କିତ। ଏହା ଜୈବ ଇନ୍ଧନ କାର୍ଯ୍ୟକ୍ରମକୁ ନିଜେ ସଂଶୋଧନ କରୁନାହିଁ।ତୃତୀୟତଃ, ଜୈବ ଇନ୍ଧନ କାର୍ଯ୍ୟକ୍ରମର ସମୀକ୍ଷା ଆବଶ୍ୟକ, କାରଣ ଅଧିକ ମିଶ୍ରଣ ସ୍ତରରେ ଏକ ନୂତନ ଖର୍ଚ୍ଚ-ଲାଭ ବିଶ୍ଳେଷଣ ଆବଶ୍ୟକ। ବିଶେଷକରି ଗତ ୭ ବର୍ଷର ତଥ୍ୟ ଏଥିପାଇଁ ଉପଯୋଗ କରାଯିବା ଦରକାର। "ଖାଦ୍ୟ ପାଇଁ ଫସଲ, ଇନ୍ଧନ ପାଇଁ ନୁହେଁ"— ଏପରି ଏକ ଦୃଢ଼ ମତ ରଖିବା ଉପଯୁକ୍ତ ନୁହେଁ। ଅତିରିକ୍ତ କୃଷିଜ



ବାୟୋମାସ୍ ଯଦି ସ୍ଥାୟୀ ଭାବେ ବ୍ୟବହାର କରାଯାଇପାରେ, ତେବେ ଏହାକୁ ଇନ୍ଧନରେ ପରିଣତ କରିବା ଉଚିତ। କିନ୍ତୁ ସରକାର ବର୍ତ୍ତମାନର ଇଥାନଲ୍ ପ୍ରୋତ୍ସାହନ ବ୍ୟବସ୍ଥାକୁ ଯତ୍ନର ସହ ବିଚାର କରିବା ଆବଶ୍ୟକ, କାରଣ ଏହା ଦୁଇଟି ଅଧିକ ପାଣି ଆବଶ୍ୟକ କରୁଥିବା ଫସଲ— ଆଖୁ ଓ ଧାନ ଉପରେ ନିର୍ଭର। କିନ୍ତୁ ଏଠାରେ ଏକ ମୌଳିକ ପ୍ରଶ୍ନ ଉଠେ— ଆମର କୃଷି, ଜଳସମ୍ପଦ ଓ ଖାଦ୍ୟ ବ୍ୟବସ୍ଥା ଏତେ ଅଧିକ ଇଥାନଲ୍ ଚାହିଦା ପୂରଣ କରିବାକୁ ପ୍ରସ୍ତୁତ କି? ଏହି ପ୍ରଶ୍ନର ଉତ୍ତର କେବଳ ଇଥାନଲ୍ ଉତ୍ପାଦନ କ୍ଷମତା ଦେଖି ଦିଆଯାଇପାରିବ ନାହିଁ। କେଉଁ ଫସଲରୁ ଇଥାନଲ୍ ଆସୁଛି, ସେହି ଫସଲ ପାଇଁ କେତେ ପାଣି ଲାଗୁଛି, ସେହି ଫସଲ ଖାଦ୍ୟ ଭାବେ କେତେ ଗୁରୁତ୍ୱପୂର୍ଣ୍ଣ, ଏବଂ ଏହା ଚାଷୀଙ୍କ ଜମି ବ୍ୟବହାର ଉପରେ କି ପ୍ରଭାବ ପକାଉଛି— ସବୁକୁ ଏକାଠି ବିଚାର କରିବାକୁ ପଡ଼ିବ। ଇଥାନଲ୍ ନୀତିର ସବୁଠାରୁ ବଡ଼ ଚିନ୍ତା ହେଉଛି ଆଖୁ ଓ ଧାନ ଭଳି ଅଧିକ ପାଣି ଆବଶ୍ୟକ କରୁଥିବା ଫସଲକୁ ଅତ୍ୟଧିକ ପ୍ରୋତ୍ସାହନ। ଆଖୁ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ନଗଦ ଫସଲ। ଏହା ଚାଷୀଙ୍କୁ ଆୟ ଦିଏ ଏବଂ ଚିନି ଶିଳ୍ପ ସହ ଲକ୍ଷ ଲକ୍ଷ ଚାଷୀ ଓ ଶ୍ରମିକଙ୍କ ଜୀବିକା ଜଡ଼ିତ। କିନ୍ତୁ ଆଖୁ ଚାଷ ପାଇଁ ଅଧିକ ପାଣି ଆବଶ୍ୟକ। ଯେଉଁ ଅଞ୍ଚଳରେ ଭୂତଳ ଜଳ ଉପରେ ଅଧିକ ଚାପ ରହିଛି, ସେଠାରେ ଆଖୁ ଚାଷର ବିସ୍ତାର ଦୀର୍ଘମିଆଦୀ ଜଳ ସଙ୍କଟକୁ ଆହୁରି ଗଭୀର କରିପାରେ। ଠିକ୍ ସେପରି ଧାନ ମଧ୍ୟ ଭାରତର ଖାଦ୍ୟ ବ୍ୟବସ୍ଥାର ମୂଳ ଫସଲ। ସରକାରୀ ମଜୁତରେ ଥିବା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରିବାର ନୀତି ଯଦି ବ୍ୟାପକ ହୁଏ, ତେବେ ଖାଦ୍ୟ ଓ ଇନ୍ଧନ ମଧ୍ୟରେ ଏକ ନୂଆ ପ୍ରତିସ୍ପର୍ଦ୍ଧା ଉତ୍ପନ୍ନ ହୋଇପାରେ। ଇଥାନଲ୍ ଉତ୍ପାଦନରେ ମକା ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ହୋଇପାରେ। କିନ୍ତୁ, ଭାରତରେ ଏହାର ଉତ୍ପାଦନକ୍ଷମତା ହେକ୍ଟର ପିଛା ପ୍ରାୟ ୪ ଟନ୍, ଯେଉଁଠି ଆମେରିକାରେ ଏହା ୧୩-୧୪ ଟନ୍ ପ୍ରତି ହେକ୍ଟର ପର୍ଯ୍ୟନ୍ତ। ତେଣୁ ଇଥାନଲ୍‌ର ଅଧିକ ଚାହିଦା ପୂରଣ ପାଇଁ ମକା ଉପରେ ନିର୍ଭର କରିବା ସହଜ ନୁହେଁ। ଆମେରିକା ଓ ବ୍ରାଜିଲ୍ ଭଳି ବଡ଼ ଇଥାନଲ୍ ଉତ୍ପାଦକ ଦେଶଗୁଡ଼ିକ ଇଥାନଲ୍ ପାଇଁ ମୁଖ୍ୟତଃ ମକା ଆଧାରିତ ଇଥାନଲ୍ ଉତ୍ପାଦନରେ ବହୁତ ଆଗରେ। କିନ୍ତୁ, ଭାରତର ଉତ୍ପାଦନକ୍ଷମତା ତୁଳନାତ୍ମକ ଭାବେ ବହୁତ କମ୍। ଦେଶରେ ଗରିବ ଓ ନିମ୍ନ ଆୟ ବର୍ଗର ଲୋକଙ୍କ ପାଇଁ ସରକାରଙ୍କ ଖାଦ୍ୟ ସୁରକ୍ଷା ଏକ ବଡ଼ ଦାୟିତ୍ୱ, ତେଣୁ ଖାଦ୍ୟଶସ୍ୟର କେତେ ପ୍ରତିଶତ ଅଂଶକୁ ଇନ୍ଧନ ପାଇଁ ବ୍ୟବହାର କରିବା ଯୁକ୍ତିସଙ୍ଗତ କି ବୋଲି ପ୍ରଶ୍ନ ଉଠେ ? ବିଶ୍ୱରେ ଜୈବ ଇନ୍ଧନକୁ ନେଇ "FOOD VERSUS FUEL" ବା "ଖାଦ୍ୟ ବନାମ ଇନ୍ଧନ" ବିତର୍କ ବହୁ ପୁରୁଣା। ଯଦି ଖାଦ୍ୟ ଉତ୍ପାଦନ ପାଇଁ ବ୍ୟବହୃତ ଜମି, ପାଣି ଓ ଫସଲକୁ ବହୁ ପରିମାଣରେ ଇନ୍ଧନ ଉତ୍ପାଦନ ଦିଗକୁ ନିଆଯାଏ, ତେବେ ଖାଦ୍ୟ ଯୋଗାଣ ଉପରେ ଚାପ ପଡ଼ିପାରେ। କିନ୍ତୁ, ଅତିରିକ୍ତ ଉତ୍ପାଦନ, ଅନୁପଯୋଗୀ କିମ୍ବା ଅବଶିଷ୍ଟ କୃଷିଜ ଉତ୍ପାଦକୁ ଇଥାନଲ୍ ପାଇଁ ବ୍ୟବହାର କରାଯାଏ; ତେବେ ଏହା ଏକ ଉପଯୋଗୀ ପଦକ୍ଷେପ ହୋଇପାରେ। ଆଖୁ ଚାଷୀ ଓ ଚିନି ଶିଳ୍ପ ପାଇଁ ଏକ ବିକଳ୍ପ ବଜାର ସୃଷ୍ଟି କରିପାରେ । ଚିନି ଶିଳ୍ପରେ ଅତିରିକ୍ତ ଚିନି ଉତ୍ପାଦନ ହେଲେ ତାହାର କିଛି ଅଂଶକୁ ଇଥାନଲ୍ ଉତ୍ପାଦନ ଦିଗରେ ନେବାର ସୁଯୋଗ ସୃଷ୍ଟି ହୋଇ ପାରିବ। ଇଥାନଲ୍ ନୀତିର ଏକ ବଡ଼ ସକାରାତ୍ମକ ପକ୍ଷ ହେଉଛି ଚାଷୀଙ୍କ ପାଇଁ ବଜାର ବୃଦ୍ଧି। ଯେଉଁ ଫସଲର ଚାହିଦା ବଢ଼ିବ, ତାହାର ମୂଲ୍ୟ ଓ ଚାଷୀଙ୍କ ଆୟ ବଢ଼ିପାରେ। କିନ୍ତୁ ଚାଷୀଙ୍କୁ କେବଳ ବଜାର ଦର ଦେଖାଇଲେ ହେବ ନାହିଁ। ଫସଲ ବାଛିବା ସମୟରେ ପାଣି, ମାଟିର ଉର୍ବରତା, ଜଳବାୟୁ, ବଜାର ମୂଲ୍ୟ ଓ ଦୀର୍ଘମିଆଦୀ ଉତ୍ପାଦନ କ୍ଷମତାକୁ ମଧ୍ୟ ବିଚାର କରିବାକୁ ପଡ଼ିବ ଏବଂ ସରକାର ସଚେତନମାଧ୍ୟମରେ— ଚାଷୀଙ୍କୁ ଏକମାତ୍ର ଫସଲ ଉପରେ ନିର୍ଭରଶୀଳ ନକରି ଫସଲ ବିବିଧୀକରଣକୁ ପ୍ରୋତ୍ସାହନ କରିବାକୁ ହେବ। ଜଳବାୟୁ ପରିବର୍ତ୍ତନ ଫଳରେ ବର୍ଷାର ଧାରା ବଦଳୁଛି। କେଉଁଠି ଅତ୍ୟଧିକ ବର୍ଷା, ତ କେଉଁଠି ଖରା— ଏପରି ପରିସ୍ଥିତି ବଢୁଛି। ଭୂତଳ ଜଳ ମଧ୍ୟ ଅନେକ ଅଞ୍ଚଳରେ ଦ୍ରୁତ ହ୍ରାସ ପାଉଛି। ଏପରି ସମୟରେ ଅଧିକ ପାଣି ଆବଶ୍ୟକ କରୁଥିବା ଫସଲକୁ ଇନ୍ଧନ ନୀତି ମାଧ୍ୟମରେ ଅତିରିକ୍ତ ପ୍ରୋତ୍ସାହନ ଦେବା ପୂର୍ବରୁ ଜଳର ମୂଲ୍ୟ ଓ ଜଳର ଉପଲବ୍ଧତାକୁ ବିଚାର କରିବା ଦରକାର। ଆଜି ଯେଉଁ ଅଞ୍ଚଳରେ ପାଣି ପର୍ଯ୍ୟାପ୍ତ ଅଛି, ଆସନ୍ତା ୨୦-୩୦ ବର୍ଷରେ ସେଠାରେ ମଧ୍ୟ ଜଳ ସଙ୍କଟ ହୋଇପାରେ। ତେଣୁ ଇଥାନଲ୍ ନୀତିକୁ କେବଳ ଆଜିର ପେଟ୍ରୋଲ୍ ଚାହିଦା ଆଧାରରେ ନୁହେଁ, ଆଗାମୀ ପିଢ଼ିର ଜଳ ଆବଶ୍ୟକତା ଆଧାରରେ ମଧ୍ୟ ମୂଲ୍ୟାଙ୍କନ କରିବା ଦରକାର। ଭାରତ ପାଇଁ ଏହାର ଗୁରୁତ୍ୱ ଏଥିପାଇଁ ଅଧିକ ଯେ, ଦେଶର ପେଟ୍ରୋଲିୟମ ଚାହିଦାର ଏକ ବଡ଼ ଅଂଶ ଆମଦାନୀ ଉପରେ ନିର୍ଭରଶୀଳ। ତେଣୁ ଦେଶ ଭିତରେ ଉତ୍ପାଦିତ ଇଥାନଲ୍ ପେଟ୍ରୋଲ୍‌ର ଏକ ଅଂଶକୁ ବଦଳାଇ ପାରିଲେ ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରେ। ଭାରତର ଇଥାନଲ୍ ନୀତିକୁ ଆହୁରି ସନ୍ତୁଳିତ କରିବା ପାଇଁ କିଛି ମୂଳ ନୀତି ଗ୍ରହଣ କରାଯିବା ଦରକାର। ଫସଲ ଆଧାରିତ ନୁହେଁ, ସମ୍ପଦ ଆଧାରିତ ପ୍ରୋତ୍ସାହନ ଦେବା ଦରକାର। ଅର୍ଥାତ୍ କେବଳ ଆଖୁ କିମ୍ବା ଧାନରୁ ଇଥାନଲ୍ ଉତ୍ପାଦନକୁ ପ୍ରୋତ୍ସାହନ ନଦେଇ କୃଷି ଅବସିଷ୍ଟ ଫସଲ ଅବଶେଷ ଓ ଅନ୍ୟାନ୍ୟ ସ୍ଥାୟୀ ଉତ୍ସରୁ ଇଥାନଲ୍ ଉତ୍ପାଦନକୁ ଅଧିକ ପ୍ରାଥମିକତା ଦେବା ଦରକାର। ଜଳ ବ୍ୟବହାରକୁ ନୀତିର ମାନଦଣ୍ଡ କରିବା ଦରକାର। ଯେଉଁ ଅଞ୍ଚଳରେ ଜଳ ସଙ୍କଟ ଅଧିକ, ସେଠାରେ ଅଧିକ ପାଣି ଆବଶ୍ୟକ କରୁଥିବା ଫସଲକୁ ଅତିରିକ୍ତ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ଖାଦ୍ୟ ସୁରକ୍ଷାକୁ ପ୍ରଥମ ପ୍ରାଥମିକତା ଦେବା ଆବଶ୍ୟକ। ଦେଶର ଖାଦ୍ୟ ଭଣ୍ଡାର, ଗରିବଙ୍କ ଖାଦ୍ୟ ଅଧିକାର ଓ ବଜାର ଦରକୁ ବିଚାର କରି ଖାଦ୍ୟଶସ୍ୟକୁ ଇନ୍ଧନ ପାଇଁ ବ୍ୟବହାରର ସୀମା ନିର୍ଦ୍ଧାରଣ କରିବା ଦରକାର। ପ୍ରତି ୩-୫ ବର୍ଷରେ ନୀତିର ସ୍ୱାଧୀନ ଖର୍ଚ୍ଚ ଲାଭ ବିଶ୍ଳେଷଣ କରାଯିବା ଉଚିତ। ଏଥିରେ କେବଳ ଇଥାନଲ୍ ଉତ୍ପାଦନ କିମ୍ବା ବିଦେଶୀ ମୁଦ୍ରା ସଞ୍ଚୟକୁ ଦେଖିଲେ ହେବ ନାହିଁ ପାଣି, ମାଟି, ଖାଦ୍ୟ ମୂଲ୍ୟ, ଚାଷୀଙ୍କ ଆୟ, ରାଜକୋଷୀୟ ସବସିଡି ଓ ପରିବେଶୀୟ ପ୍ରଭାବକୁ ମଧ୍ୟ ହିସାବରେ ନେବାକୁ ପଡ଼ିବ। ଭାରତକୁ ତେଣୁ ଏମିତି ଏକ ଇଥାନଲ୍ ନୀତି ଦରକାର, ଯାହା ଇନ୍ଧନ ସୁରକ୍ଷା ସହ ଖାଦ୍ୟ ସୁରକ୍ଷା, କୃଷକଙ୍କ ସମୃଦ୍ଧି ସହ ଜଳ ସୁରକ୍ଷା ଏବଂ ଆର୍ଥିକ ବିକାଶ ସହ ପରିବେଶ ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବ। ସେହି ସନ୍ତୁଳନ ହିଁ ଭାରତର ଜୈବ ଇନ୍ଧନ ଭବିଷ୍ୟତକୁ ସଫଳ ଓ ସ୍ଥାୟୀ କରିପାରିବ।

ମୋବାଇଲ୍:୯୪୩୭୫୪୨୮୮୫

# ଏସ୍ଆଇଆର୍‌ରୁ ବାଦ୍ ପଡ଼ିଥିବା ୯୦% ନାମ ବୈଧ



କୋଲକାତା, ୨୬।୮: ପଶ୍ଚିମବଙ୍ଗରେ ପୁଣି ବିଧାନସଭା ନିର୍ବାଚନ ହେବ କି ବୋଲି ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମୟରେ ବାଦ୍ ଦିଆଯାଇଥିବା ନାମ ଉପରେ ଶୁଣାଣି ସମୟରେ ଏଭଳି ଏକ ପ୍ରଶ୍ନ ଉଠିଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଜଣେ ଆବେଦନକାରୀଙ୍କ ଯୁକ୍ତିର ଉତ୍ତର ଦେଇ କୋର୍ଟ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇପାରିବେ କି ବୋଲି ପ୍ରଶ୍ନ କରିଥିଲେ। ଖଣ୍ଡପୀଠର ଅନ୍ୟତମ ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ କହିଛନ୍ତି, ଧରନ୍ତୁ ବିଜୟର ବ୍ୟବଧାନ ୫୦% ଏବଂ ସେହି ବିଧାନସଭା ନିର୍ବାଚନମଣ୍ଡଳୀରେ ୧୦୦ ଭୋଟରଙ୍କ ନାମ କାଟି ଦିଆଯାଇଛି। ଯଦି ଶୁଣାଣି ସମୟରେ, ଟ୍ରିବ୍ୟୁନାଲ୍ ୧୦୦ ଭୋଟରଙ୍କ ମଧ୍ୟରୁ ୭୦ ଜଣଙ୍କ ନାମ କାଟିବା ଭୁଲ୍ ବୋଲି ପାଆନ୍ତି, ତେବେ ପରିସ୍ଥିତି ଭିନ୍ନ ହେବ। ଜଷ୍ଟିସ ବାଗଚୀ କହିଛନ୍ତି, ଯଦି ୭୦ ଜଣ ଲୋକ ସେମାନଙ୍କ ନାମ ବାଦ୍ ଦେବା ବିରୋଧରେ ଟ୍ରିବ୍ୟୁନାଲରେ ଆବେଦନ କରିଛନ୍ତି ତେବେ ଏହି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ।

ଶୁଣାଣି ସମୟରେ ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ଗୋପାଳ ଶଙ୍କରନାରାୟଣନ ଏକ ତଥ୍ୟ ରିପୋର୍ଟ ଦାଖଲ କରିଥିଲେ। ଶଙ୍କରନାରାୟଣନଙ୍କ ଅନୁଯାୟୀ, ଟ୍ରିବ୍ୟୁନାଲ୍ ଏସଆଇଆରରୁ ବାଦ୍ ଦିଆଯାଇଥିବା ନାମ ମଧ୍ୟରୁ ୯୦ ପ୍ରତିଶତ ସଠିକ୍ ବୋଲି ଜାଣିଛନ୍ତି। ଏହା ଏକ ଅତ୍ୟନ୍ତ ଗମ୍ଭୀର ମାମଲା। ଏହା ପରେ ସୁପ୍ରିମକୋର୍ଟ ନିର୍ବାଚନ କମିସନଙ୍କୁ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନଙ୍କ ଅନୁଯାୟୀ, ଟ୍ରିବ୍ୟୁନାଲ୍ ଏଏସଆଇ ଅଧୀନରେ ୮୩,୦୦୦ ମାମଲାରେ ତାଙ୍କର ରାୟ ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ପ୍ରାୟ ୭୫,୦୦୦ ମାମଲାରେ ନାମ ବାଦ୍ ଦେବା ଭୁଲ୍ ବୋଲି ଜଣାପଡ଼ିଛି। ଏହାର ଅର୍ଥ ହେଉଛି ୯୦ ପ୍ରତିଶତ ନାମ ସଠିକ୍ ବୋଲି ଜଣାପଡ଼ିଛି। ଯଦି ଏହି ତଥ୍ୟକୁ ଏକ ନମୁନା ଭାବରେ ବିଚାର କରାଯାଏ, ତେବେ ପରିସ୍ଥିତି ବହୁତ ଗମ୍ଭୀର ହେବାକୁ ଯାଉଛି। ଗୋପାଳ ଶଙ୍କରନାରାୟଣନଙ୍କ ଅନୁଯାୟୀ, ରାଜ୍ୟରେ ଏସଆଇ ସହିତ ଜଡ଼ିତ ମୋଟ ୩୮ ଲକ୍ଷ ମାମଲା ଦାୟର କରାଯାଇଛି। ଏଥିମଧ୍ୟରୁ ୩୧ ଲକ୍ଷ ମାମଲା ସେମାନଙ୍କ ନାମ କାଟିଥିବା ପକ୍ଷରୁ ଏବଂ ୭ ଲକ୍ଷ ମାମଲା ନାମ ରଖିବାକୁ ଚାହୁଁଥିବା ଲୋକଙ୍କ ଦ୍ୱାରା ଦାୟର କରାଯାଇଥିଲା। ଏପର୍ଯ୍ୟନ୍ତ କେବଳ ୮୩,୦୦୦ ମାମଲାର ରାୟ ଆସିଛି। ତୃଣମୂଳ କଂଗ୍ରେସ ଦାବି କରୁଛି, ନିର୍ବାଚନରେ ବିଜେପି ୨ କୋଟି ୯୩ ଲକ୍ଷ ଭୋଟ ପାଇଥିଲା, ଯେତେବେଳେ ଟିଏମସି ୨ କୋଟି ୬୦ ଲକ୍ଷ ଭୋଟ ପାଇଥିଲା। ଏହାର ଅର୍ଥ ହେଉଛି ଟିଏମସି ବିଜେପି ତୁଳନାରେ ମାତ୍ର ୩୦ ଲକ୍ଷ କମ୍ ଭୋଟ ପାଇଥିଲା। ଏହି ସମୟରେ, ଏସଆଇଆରକୁ ନେଇ ୩୮ ଲକ୍ଷ ମାମଲା ଦାୟର କରାଯାଇଛି।

ତୃଣମୂଳ କଂଗ୍ରେସ ସାଂସଦ ଏବଂ ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀଙ୍କ ଅନୁଯାୟୀ, ଏପରି ୩୧ଟି ଆସନ ଅଛି ଯେଉଁଠାରେ ବିଜୟର ବ୍ୟବଧାନ ଏଏସଆଇଆରରେ ଡିଲିଟ୍ ହୋଇଥିବା ଭୋଟ ସଂଖ୍ୟାଠାରୁ କମ୍ ବୋଲି, ହେମତାବାଦ ଏବଂ ସାତଗଛିଆ ଏହିଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ। ତୃଣମୂଳ କଂଗ୍ରେସ ଦାବି କରୁଛି, କଟାଯାଇଥିବା ଭୋଟର ଟିଏମସି ସମର୍ଥକମାନଙ୍କର ଥିଲା। ଚଳିତ ବର୍ଷ ଏପ୍ରିଲ ୨୩ ତାରିଖରେ ଶୁଣାଣି ସମୟରେ, ଜଷ୍ଟିସ୍ ଜେ. ବାଗଚୀ କହିଥିଲେ, ଧରନ୍ତୁ ଏକ ବିଧାନସଭା ଆସନରେ ବିଜୟର ବ୍ୟବଧାନ ୨ ପ୍ରତିଶତ ଏବଂ ୧୫ ପ୍ରତିଶତ ଲୋକ ଭୋଟ୍ ଦେଇପାରିଲେ ନାହିଁ, ଏପରି ପରିସ୍ଥିତିରେ କ'ଣ ହୋଇପାରେ? ସେ କହିଥିଲେ, ଆମକୁ ଏହାକୁ ଯାଞ୍ଚ କରିବାକୁ ପଡ଼ିବ। ଶୁଣାଣି ସମୟରେ, ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ପଚାରିଲେ, କୋର୍ଟ ନୂଆ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇପାରିବେ କି? ସୂର୍ଯ୍ୟକାନ୍ତ କହିଥିଲେ ଯେ ଏହି ମାମଲା ଉପରେ ବିଚାର କରାଯିବା ଆବଶ୍ୟକ। ତେବେ ସେ ପ୍ରଥମେ ଆବେଦନ ଦାଖଲ କରିବାକୁ କହିଥିଲେ। ସମ୍ବିଧାନର ଧାରା ୩୨୪ ଅନୁଯାୟୀ, ନିର୍ବାଚନ କମିସନଙ୍କ ପାଖରେ ନିର୍ବାଚନ ପରିଚାଳନା କରିବାର କ୍ଷମତା ଅଛି। ରାଷ୍ଟ୍ରପତିଙ୍କ ପାଖରେ ସରକାର ଭାଙ୍ଗିବାର କ୍ଷମତା ଅଛି। ଧାରା ୩୫୬ ଅନୁଯାୟୀ, ରାଜ୍ୟପାଳଙ୍କ ସୁପାରିଶରେ ରାଷ୍ଟ୍ରପତି ଏହି ନିଷ୍ପତ୍ତି ନିଅନ୍ତି।

ତେବେ ଧାରା ୧୪୨ ଅନୁଯାୟୀ ସୁପ୍ରିମକୋର୍ଟର ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବାର କ୍ଷମତା ଅଛି। ଏହି ବ୍ୟବସ୍ଥା ଅନୁଯାୟୀ, ସୁପ୍ରିମକୋର୍ଟ ଯେକୌଣସି ବଡ଼ ନିଷ୍ପତ୍ତି ନେଇପାରିବେ, କିନ୍ତୁ ଏପର୍ଯ୍ୟନ୍ତ ଏପରି କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ନିର୍ବାଚନ କମିସନ ୨୦୨୬ ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ ପାଇଁ ଏସଆଇଆର ଅଭିଯାନ ଆରମ୍ଭ କରିଥିଲେ। ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି ଯେ ଏସଆଇଆର ଅଭିଯାନରେ ଏହାର ସମର୍ଥକଙ୍କ ନାମ ବାଦ୍ ଦିଆଯାଇଛି। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ, ତୃଣମୂଳ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇଥିଲା। ନିର୍ବାଚନରେ, ବିଜେପି ୨୯୪ ଆସନ ମଧ୍ୟରୁ ୨୦୭ ଆସନ ଜିତିଥିଲା। ତୃଣମୂଳ କଂଗ୍ରେସ ୮୦ ଆସନକୁ ହ୍ରାସ ପାଇଥିଲା। ରାଜ୍ୟରେ ସରକାର ଗଠନ କରିବା ପାଇଁ ୧୪୮ ବିଧାୟକଙ୍କ ଆବଶ୍ୟକତା ଅଛି।

## ପିଆଜ, ଚିନି ଓ ତେଲ ଦର ନେଇ ବର୍ଷିଲେ ଖାର୍ଗେ



ନୂଆଦିଲ୍ଲୀ,୨୬।୮: ଦେଶରେ ବୃଦ୍ଧି ପାଉଥିବା ଦରଦାମ୍ ବୃଦ୍ଧିକୁ ନେଇ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ବିଜେପି ୧୨ ବର୍ଷ ଧରି କ୍ଷମତାରେ ଅଛି, ଏବଂ ଆଚ୍ଛେ ଦିନ୍ ଏପରି ଆସିଛି ଯେ କେତେବେଳେ ଡାଲି, କେତେବେଳେ ପନିପରିବା, କେତେବେଳେ ତେଲ, କେତେବେଳେ ଚିନି ସାଧାରଣ ଲୋକଙ୍କ ବଜେଟକୁ ଦୋହଲାଇ ଦେଉଛି।

ଖାର୍ଗେ କହିଛନ୍ତି, ଦେଶ ଦରଦାମ୍ ବୃଦ୍ଧିରେ ଜର୍ଜରିତ, କିନ୍ତୁ ବିଜେପି ବିଭ୍ରାନ୍ତିକର ଷ୍ଟଣ୍ଟ ଏବଂ ଅବାନ୍ତର ବୟାନବାଜି କରି ନିଜର ଭୁଲ୍‌ରୁ ରକ୍ଷା ପାଇବାକୁ ଚେଷ୍ଟା କରୁଛି, କିନ୍ତୁ କଂଗ୍ରେସ ଏହା ଉପରେ ପ୍ରଶ୍ନ ଉଠାଇବ। ଖାର୍ଗେ ସୋସିଆଲ ମିଡିଆ ଏକ୍ସରେ ପିଆଜ, ଚିନି ଏବଂ ତେଲ ସମେତ ଅନେକ ସାମଗ୍ରୀର ବୃଦ୍ଧି ପାଉଥିବା ମୂଲ୍ୟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଖାର୍ଗେ ମୋଦୀ ସରକାର କ୍ଷମତାକୁ ଆସିବା ପୂର୍ବରୁ, ଅର୍ଥାତ୍ ୨୦୧୩ ମେ' ମାସରେ କିଛି ସାମଗ୍ରୀର ମୂଲ୍ୟ କେତେ ଥିଲା ଏବଂ ବର୍ତ୍ତମାନ କେତେ ଏବଂ କେତେ ପ୍ରତିଶତ ବୃଦ୍ଧି ପାଇଛି ତାହା ବୁଝାଇବାକୁ ଚେଷ୍ଟା କରିଛନ୍ତି। ୨୦୧୩ ମେ' ତୁଳନାରେ, ଅଗଷ୍ଟ ୨୦୨୬ ସୁଦ୍ଧା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଛି।

## ହିଜାବ ଉପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଅୱେସୀଙ୍କ ସମାଲୋଚନା



ହାଇଦ୍ରାବାଦ,୨୬।୮: ଅଲ୍ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ୍ ମୁସଲିମିନ୍ (ଏଆଇଏମ୍ଆଇଏମ୍) ମୁଖ୍ୟ ତଥା ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ୍ ଅୱେସୀ ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ନିନ୍ଦା କରିଛନ୍ତି। ଆହ୍ଲାବାଦ ହାଇକୋର୍ଟ ଜଣେ ମୁସଲିମ୍ ଝିଅ ସ୍କୁଲରେ 'ହେଡ୍‌ସ୍କାର୍ଫ' ପିନ୍ଧିବାକୁ କରିଥିବା ଆବେଦନକୁ ଖାରଜ କରିଦେଇଥିଲେ। ଏହି ରାୟକୁ ଇସଲାମ ଉପରେ ଆକ୍ରମଣ ବୋଲି ଅଭିହିତ କରି ଅୱେସି କହିଛନ୍ତି ଯେ, ଇସଲାମ ପାଇଁ କ'ଣ ଜରୁରୀ ଓ କ'ଣ ନୁହେଁ ତାହା ବିଚାରପତିମାନେ ନିଷ୍ପତ୍ତି ନେବା ଉଚିତ୍ ନୁହେଁ। ପ୍ରୟାଗରାଜର ଏକ ଘରୋଇ ସ୍କୁଲର ଛାତ୍ରୀ ଜଣେ ନାବାଳିକା ଝିଅ ଏହି ଆବେଦନ ଦାଖଲ କରିଥିଲେ। ଝିଅଟି ହାଇସ୍କୁଲ ପାସ୍ କରିଛି ଓ ସେହି ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ ପ୍ରବେଶ କରିବାକୁ ଚାହୁଁଛି। ଜଷ୍ଟିସ ଜେଜେ ମୁନିର୍ ଓ ଇନ୍ଦ୍ରଜିତ ଶୁକ୍ଲାଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ଯୁକ୍ତିକୁ ଖାରଜ କରିଛନ୍ତି ଯେ, ମୁଣ୍ଡରେ ସ୍କାର୍ଫ ପିନ୍ଧିବା ଏକ ଅତ୍ୟାବଶ୍ୟକ ଇସଲାମିକ ଅଭ୍ୟାସ।

## ସ୍କୁଲ ବସ୍ ଚଳାଚଳ ବନ୍ଦକଲା ଗୁରୁଗ୍ରାମ ପ୍ରଶାସନ




ନୂଆଦିଲ୍ଲୀ,୨୬।୮: ନିକଟରେ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ପ୍ରବଳ ବର୍ଷା ଯୋଗୁ ରାସ୍ତାଗୁଡ଼ିକ ପାଣିରେ ବୁଡ଼ି ଯାଇଥିଲା। ଗୁରୁଗ୍ରାମରେ ପାଣି ଘେରରେ ଅନେକ ସ୍କୁଲ ବସ୍ ବିପ୍ଜନକ ଭାବେ ଚଳପ୍ରଚଳ କରିଥିଲା। ତେବେ ଗୁରୁଗ୍ରାମ ପ୍ରଶାସନ ବର୍ଷା ପାଣିରେ ସ୍କୁଲ ବସ୍ ଚଳାଚଳ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାପରେ ଏହାକୁ ନେଇ ଲୋକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୋମବାର ଗୁରୁଗ୍ରାମରେ ପାଣି ଜମି ରହିଥିବା ରାସ୍ତାରେ ଅନେକ ସ୍କୁଲ ବସ୍ ଫସି ରହିଥିଲା। ବସ୍‌ରେ ଛୋଟ ଛୋଟ ପିଲା ଭୟଭୀତ ଅବସ୍ଥାରେ ଥିଲେ। ଏହି ଭୟଙ୍କର ଦୃଶ୍ୟ ପରେ ପ୍ରଶାସନ ଏକ ସମାଧାନ ବାହାର କରି ପାଣି ଜମି ରହିଥିବା ରାସ୍ତାରେ ସ୍କୁଲ ବସ୍ ପଠାନ୍ତୁ ନାହିଁ ବୋଲି ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ବର୍ଷାରେ ସମାନ ଦୃଶ୍ୟ ଦେଖିବାକୁ ମିଳୁଥିବାବେଳେ କର୍ତ୍ତୃପକ୍ଷ ସହରରେ ମୌଳିକ ଭିତ୍ତିଭୂମି ଯୋଗାଇବାରେ ବିଫଳ ହୋଇଥିବା ଦର୍ଶାଇ ଅନଲାଇନରେ ନିନ୍ଦା କରାଯାଇଛି।

## ଯାତ୍ରୀବାହୀ ବସ୍‌କୁ ଟ୍ରକ୍ ଧକ୍କା, ୬ ମୃତ



ତେଲେଙ୍ଗାନା, ୨୬।୮: ତେଲେଙ୍ଗାନାର ସୂର୍ଯ୍ୟପେଟ୍‌ରେ ଘଟିଛି ଏକ ଭୟଙ୍କର ସଡ଼କ ଦୁର୍ଘଟଣା। ହାଇଦ୍ରାବାଦରୁ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଲୁହା ରଡ୍ ବୋଝେଇ ଟ୍ରକ୍ ଧକ୍କା ଦେବାରୁ ୬ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୩୦ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ହାଇଦ୍ରାବାଦରୁ ବିଜୟୱାଡା ଯାଉଥିବା ଏକ ଘରୋଇ ଇଲେକ୍ଟ୍ରିକ୍ ବସ୍ ଦୁର୍ଗାପୁରମ୍ ଷ୍ଟେଜ୍ ନିକଟରେ ଲୁହା ରଡ୍ ବୋଝେଇ ଏକ କଣ୍ଟେନର ଟ୍ରକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ସମୟରେ ବସ୍‌ରେ ମୋଟ ୪୩ ଜଣ ଯାତ୍ରୀ ଥିବା ପୁଲିସ ସୂଚନା ଦେଇଛି। ଧକ୍କା ପରେ ବସ୍‌ର ସମ୍ମୁଖ ଭାଗ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ଲୋକେ ପହଞ୍ଚି ଆହତ ଯାତ୍ରୀଙ୍କୁ ବାହାର କରି ନିକଟସ୍ଥ ହସ୍ପିଟାଲକୁ ପଠାଇଥିଲେ। ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ମର୍ଗକୁ ପଠାଯାଇଛି।

## ୨୦ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କୁ ବାଚସ୍ପତିଙ୍କ ନୋଟିସ



ନୂଆଦିଲ୍ଲୀ: ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଚାଲିଥିବା ବିବାଦ ମଧ୍ୟରେ ୨୦ ବିଦ୍ରୋହୀ ସାଂସଦଙ୍କୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, ବିଦ୍ରୋହୀ ସାଂସଦଙ୍କ ଅଯୋଗ୍ୟତା ଆବେଦନ ଉପରେ ଶୀଘ୍ର ନିଷ୍ପତ୍ତି ନେବା ପାଇଁ ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ରାଜି ହେବା ପରେ, ଲୋକସଭା ସଚିବାଳୟ ତୃଣମୂଳ କଂଗ୍ରେସରୁ ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ନୋଟିସ ଜାରି କରି ସାତ ଦିନ ମଧ୍ୟରେ ସେମାନଙ୍କ ଉତ୍ତର ମାଗିଛି ବୋଲି ସୂତ୍ରରୁ ଜଣାପଡିଛି। ସୂଚନା ଅନୁଯାୟୀ, ଅଗଷ୍ଟ ୨୫ ତାରିଖରେ ଦିଆଯାଇଥିବା ନୋଟିସଗୁଡ଼ିକ ଲୋକସଭା ସଦସ୍ୟ (ଦଳବଦଳ ପରିବର୍ତ୍ତନ ଆଧାରରେ ଅଯୋଗ୍ୟତା) ନିୟମ, ୧୯୮୫ର ନିୟମ ୬ ଅନୁଯାୟୀ ଜାରି କରାଯାଇଥିଲା ଓ ଏଥିରେ ସାଂସଦମାନଙ୍କ ବିରୋଧରେ ଜୁନ୍ ୧୮ ତାରିଖରେ ଦାୟର ବାନାର୍ଜୀଙ୍କ ଆବେଦନର କପି ଅନ୍ତର୍ଭୁକ୍ତ ଥିଲା।

## ଠକ ସୁକେଶ ଦୋଷୀ ସାବ୍ୟସ୍ତ



ନୂଆଦିଲ୍ଲୀ,୨୬।୮: ଠକ ସୁକେଶ ଚନ୍ଦ୍ରଶେଖରଙ୍କୁ ଦିଲ୍ଲୀର ତିସ୍ ହଜାରୀ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ନିଜକୁ ସୁପ୍ରିମକୋର୍ଟ ବିଚାରପତି ଭାବରେ ପରିଚୟ ଦେଇ ଏକ ସ୍ୱତନ୍ତ୍ର ଏସିବି ବିଚାରପତିଙ୍କୁ ପ୍ରଭାବିତ କରିବାର ପ୍ରୟାସ କରିଥିବା ଅଭିଯୋଗ ହୋଇଥିଲା। କୋର୍ଟ ସୁକେଶଙ୍କୁ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ନ୍ୟାୟିକ ହାଜତରେ ଥିବା ସମୟରେ ସୁକେଶ କନଷ୍ଟେବଳ ମନଜିତଙ୍କ ମୋବାଇଲ୍ ଫୋନ୍ ପାଇଥିଲେ।ଏହି ଫୋନ୍ ବ୍ୟବହାର କରି ସେ ଦୁର୍ନୀତି ମାମଲାର ଶୁଣାଣି କରୁଥିବା ଏସିବି ସ୍ୱତନ୍ତ୍ର ବିଚାରପତିଙ୍କ ସରକାରୀ ଲ୍ୟାଣ୍ଡଲାଇନ୍ ନମ୍ବରରେ ଯୋଗାଯୋଗ କରିଥିଲେ।

### ଦେଶର ୮୫୦ ଅଫିସରଙ୍କୁ ଶାହଙ୍କ କଡ଼ା ବାଣୀ

## ଏ ଦେଶ କୌଣସି ଧର୍ମଶାଳା ନୁହେଁ



ନୂଆଦିଲ୍ଲୀ,୨୬।୮: ଦିଲ୍ଲୀରେ ୮୫୦ ଅଫିସରଙ୍କୁ ଗୃହମନ୍ତ୍ରୀ ଅମିତ ଶାହ ବଡ଼ ଟାର୍ଗେଟ୍ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଦିନ ସ୍ପଷ୍ଟ କରିଛନ୍ତି ଯେ, ମୋଦି ସରକାର ଖୁବ୍ କମ୍ ସମୟ ମଧ୍ୟରେ ଦେଶକୁ ଅବୈଧ ଅନୁପ୍ରବେଶରୁ ମୁକ୍ତ କରିବା ପାଇଁ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ଗତ ୮ ମାସ ମଧ୍ୟରେ ସୀମାନ୍ତ ରାଜ୍ୟଗୁଡ଼ିକ ସହ ଆଲୋଚନା କରାଯାଇ ସୀମା ସୁରକ୍ଷା ପାଇଁ ଏକ 'ଚତୁର୍ମୁଖୀ ଦୃଷ୍ଟିକୋଣ' ଥିବା ଦସ୍ତାବିଜ୍ ହସ୍ତାନ୍ତର କରାଯାଇଛି। ଏହି ନୀତିରେ ସୀମା ସୁରକ୍ଷା ବାହିନୀ, ରାଜ୍ୟ ଓ ଜିଲ୍ଲା ପ୍ରଶାସନ, କେନ୍ଦ୍ରୀୟ ବିଭାଗ ଏବଂ ସ୍ଥାନୀୟ ଲୋକଙ୍କୁ ମୁଖ୍ୟ ଭାଗିଦାର ଭାବେ ସାମିଲ କରାଯାଇଛି। ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ଆୟୋଜିତ 'ନ୍ୟାସନାଲ ସିକ୍ୟୁରିଟି ଷ୍ଟ୍ରାଟେଜୀ କନଫରେନ୍ସ'ର ଉଦଯାପନୀ ସମାରୋହରେ ଅଧ୍ୟକ୍ଷତା କରି ଶାହ ସୀମାନ୍ତ ରାଜ୍ୟର ପ୍ରାୟ ୮୫୦ ଅଫିସରଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, "ଏହି ଦେଶ କୌଣସି 'ଧର୍ମଶାଳା' ନୁହେଁ ଏବଂ ଏଠାରେ ରହିବାର ଅଧିକାର କେବଳ ଭାରତୀୟ ନାଗରିକଙ୍କର ଅଛି।" ଘଟଣଉର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଗାମୀ ୧୫-୨୦ ବର୍ଷର ସୁରକ୍ଷା ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକୁ ପୂର୍ବାନୁମାନ କରି ରଣନୀତି ପ୍ରସ୍ତୁତ କରିବା। ଗୃହମନ୍ତ୍ରୀ କହିଛନ୍ତି ଯେ, ବିପଦ ବଡ଼ ହେବା ପୂର୍ବରୁ ହିଁ ତାହାକୁ ଚିହ୍ନଟ କରି ନଷ୍ଟ କରିବାକୁ ପଡ଼ିବ। ଏକ ସୁରକ୍ଷିତ, ଅନୁପ୍ରବେଶମୁକ୍ତ ଏବଂ ନିଶାମୁକ୍ତ ଭାରତ ଗଢ଼ିବା ପାଇଁ ଏକ ମଜବୁତ ଇକୋସିଷ୍ଟମ ପ୍ରସ୍ତୁତ କରାଯାଉଛି।

## ପ୍ରଧାନମନ୍ତ୍ରୀଙ୍କ ଇଦ୍ ଓ ଓନମ୍ ଶୁଭେଚ୍ଛା



ନୂଆଦିଲ୍ଲୀ, ୨୬।୮: ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁସଲମାନଙ୍କ ପର୍ବ ପବିତ୍ର ଇଦ୍ ମିଲାଦ-ଉନ୍-ନବିର ଶୁଭେଚ୍ଛା ଜଣାଇ କହିଛନ୍ତି ଇଦ୍ ମୁବାରକ୍। ମୁଁ ଆଶା କରୁଛି ଏହି ଅବସରରେ ଆମମାନଙ୍କ ମଧ୍ୟରେ ଏକତା ଏବଂ ସମୃଦ୍ଧିର ଭାବନା ବୃଦ୍ଧି ପାଇବ। ସମାଜ ପ୍ରତି କରୁଣା ଏବଂ ଅବଦାନର ଭାବନା ସର୍ବଦା ଆମକୁ ମାର୍ଗଦର୍ଶନ କରିବ।

ପ୍ରଧାନମନ୍ତ୍ରୀ ମୋଦୀ କେରଳ ରାଜ୍ୟର ୧୦ ଦିନିଆ ସାଂସ୍କୃତିକ ଏବଂ ଫସଲ ମହୋତ୍ସବ ଓନମ୍ ପାଇଁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ସମସ୍ତଙ୍କୁ ଓନମ୍‌ର ବହୁତ ବହୁତ ଶୁଭକାମନା। ଏହି ପର୍ବ ଯାହା ସାରା ବିଶ୍ୱରେ ବହୁ ଉତ୍ସାହର ସହିତ ପାଳନ କରାଯାଏ। ଏହି ପର୍ବ ଆନନ୍ଦ, ଏକତା ଏବଂ ସମୃଦ୍ଧିର ଭାବନାକୁ ଆହୁରି ମଜବୁତ କରୁ।

### ହିନ୍ଦୁ ପରିବାର ହତ୍ୟା ଘଟଣା

## ପତ୍ନୀ ଓ ଝିଅଙ୍କୁ ଦୁଷ୍କର୍ମ କରିଥିଲେ ଅଭିଯୁକ୍ତ

ନୂଆଦିଲ୍ଲୀ,୨୬।୮: ବାଂଲାଦେଶର ରଙ୍ଗପୁର ଅଞ୍ଚଳରେ କିଛି ଦିନ ତଳେ ଗୋଟିଏ ହିନ୍ଦୁ ପରିବାରକୁ ହତ୍ୟା କରାଯାଇଥିଲା। ସେମାନଙ୍କୁ ସମ୍ପର୍କୀୟ ହତ୍ୟା କରିଥିବା ପ୍ରଥମେ ସୂଚନା ଆସିଥିଲା। ଯାହା ନେଇ ଅନେକ ପ୍ରମାଣ ମିଳିଛି। ଏହାରି ଭିତରେ ଆଉ ଏକ ଖବର ସାମ୍ନାକୁ ଆସିଛି ଯାହା ପୁଲିସ ଲୁଚାଇଥିଲା। ପ୍ରାଣ ହରାଇଥିବା ପରିବାରର ମହିଳା ପ୍ରଥମେ ଦୁଷ୍କର୍ମର ଶିକାର ହୋଇଥିଲେ। ଏକଥାକୁ



### ପୁଲିସ ତଥ୍ୟ ଲୁଚାଇଥିବା ଅଭିଯୋଗ

ପୋଲିସ ଚାପି ଦେଇଥିବା ଅଭିଯୋଗ ହୋଇଛି। ରିପୋର୍ଟ ଅନୁସାରେ, ବାଂଲାଦେଶର ସ୍କୁଲ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ, ପତ୍ନୀ, ଝିଅ ଏବଂ ପୁଅଙ୍କ ମୃତଦେହ ସେମାନଙ୍କ ଘରୁ ଉଦ୍ଧାର ହୋଇଥିଲା। ଘଟଣାରେ ପୋଲିସ ଗଣପତିଙ୍କ ଭାଇ ମୁଗଧୋ ଦାସ୍ ଏବଂ ସିଧାର୍ଥ ଦାସଙ୍କୁ ଗିରଫ କରିଛି। ପୋଲିସର କହିବାନୁସାରେ ଏହି ଦୁଇ ଅଭିଯୁକ୍ତ ସମସ୍ତଙ୍କ ତଣ୍ଟିକୁ ଚିପି ହତ୍ୟା କରିଥିଲେ। କିନ୍ତୁ ସ୍ଥାନୀୟ ସଙ୍ଗଠନର ଏଥିରେ ହାତ ଥିବା କିଛି ହିନ୍ଦୁନେତା ଦାବି କରୁଛନ୍ତି। ପୋଲିସ ଜାଣିଶୁଣି ସେମାନଙ୍କୁ ଗିରଫ କରୁନାହିଁ ବୋଲି ଅଭିଯୋଗ ହେଉଛି।

## କର୍ଣ୍ଣାଟକରେ 'ବନ୍ଦେ ମାତରମ୍' ଦୁଇ ପଦ



ବେଙ୍ଗାଲୁରୁ, ୨୬।୮: ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ଦୁଇଟି ଓ ଛଅଟି ପଦ ଗାନ କରିବାକୁ ନେଇ ବିବାଦ ମଧ୍ୟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ, ସେ ସରକାରୀ ଓ ସାର୍ବଜନୀନ କାର୍ଯ୍ୟକ୍ରମରେ କେବଳ 'ବନ୍ଦେ ମାତରମ୍'ର ପ୍ରଥମ ଦୁଇଟି ପଦ ଗାଇବା ପାଇଁ କଂଗ୍ରେସର ନିଷ୍ପତ୍ତିରେ ଅଟଳ ରହିବେ। କର୍ଣ୍ଣାଟକରେ ଏକ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ସମସ୍ତ ଛଅଟି ପଦ ଗାନକୁ ଖାରଜ କରି ଶିବକୁମାର କହିଛନ୍ତି ଯେ, ତାଙ୍କ ଅଜାଣତରେ ଏହି ନିଷ୍ପତ୍ତି ନିଆଯାଇଥିଲା। କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲ୍ୟୁସି) ଗତ ସପ୍ତାହରେ ଦଳର ୧୯୩୭ ମସିହାର ପ୍ରସ୍ତାବକୁ ପୁନଃସ୍ଥାପିତ କରି, ସାର୍ବଜନୀନ ଓ ଜାତୀୟ ସମାବେଶରେ କେବଳ ବନ୍ଦେ ମାତରମର ପ୍ରଥମ ଦୁଇଟି ପଦ ଗାନ କରାଯିବା ଉଚିତ ବୋଲି ନିଷ୍ପତ୍ତି ନେଇଥିଲା। ନୂତନ ବନ୍ଦେ ମାତରମ ବିଲ୍ ଦ୍ୱାରା ଜାତୀୟ ଗୀତର ସମସ୍ତ ପଦ ଗାଇବା ବାଧ୍ୟତାମୂଳକ କରାଯିବା ପରେ ଓ ଏହାର ପରିବେଷଣକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ବିବାଦ ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଭାରତୀୟ ରାଜନୀତିରେ ତୁଷ୍ଟିକରଣ ରାଜନୀତି ଉପରେ ମତାମତ ଦେଇ ଶିବକୁମାର କହିଛନ୍ତି ଯେ, କଂଗ୍ରେସ ବିବିଧତାରେ ବିଶ୍ୱାସ କରେ ଓ ବିଜେପି ତୁଷ୍ଟିକରଣ ରାଜନୀତି କରୁଥିବାର ଅଭିଯୋଗ ଆଣିଛନ୍ତି।

### କୃତି ସାନନଙ୍କ ପୋଷାକକୁ ନେଇ ହଙ୍ଗାମା

## ରକ୍ଷା ବନ୍ଧନ ବିଜ୍ଞାପନ ପ୍ରତ୍ୟାହାର କଲା କମ୍ପାନୀ



ମୁମ୍ବାଇ,୨୬।୮: ଅଳଙ୍କାର ବ୍ରାଣ୍ଡ 'ଗିଭା' ବଲିଉଡ ଅଭିନେତ୍ରୀ କୃତି ସାନନଙ୍କ ସହିତ ତାଙ୍କର ରକ୍ଷା ବନ୍ଧନ ବିଜ୍ଞାପନ ପ୍ରତ୍ୟାହାର କରିନେଇଛି। ବିଜ୍ଞାପନରେ କୃତି ସାନନ ପିନ୍ଧିଥିବା ପୋଷାକକୁ ନେଇ ବିବାଦ ଦେଖାଦେଇଥିଲା; ସୋସିଆଲ ମିଡିଆ ବ୍ୟବହାରକାରୀମାନେ ତାଙ୍କ ପୋଷାକକୁ ନେଇ ତାଙ୍କୁ ଟ୍ରୋଲ କରୁଥିଲେ। ଗିଭା ବୁଧବାର (୨୬ ଅଗଷ୍ଟ) ଏହି ସମ୍ପର୍କରେ ଏକ ବିବୃତ୍ତି ଜାରି କରିଥିଲା, ଯଦିଓ ବିବୃତ୍ତିରେ ସ୍ପଷ୍ଟ ଭାବରେ ପୋଷାକ ବିଷୟରେ ଉଲ୍ଲେଖ କରାଯାଇ ନଥିଲା। ଗିଭା ତାର ବିବୃତ୍ତିରେ କହିଛି, 'ଆମେ ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ପର୍ବଗୁଡ଼ିକୁ ଗଭୀର ଭାବରେ ସମ୍ମାନ କରୁ। ଏକ ବ୍ରାଣ୍ଡ ଭାବରେ, ଆମେ ସର୍ବଦା ସମଗ୍ର ପରିବାର ସହିତ ଆନନ୍ଦର ମୁହୂର୍ତ୍ତ ପାଳନ କରିବାରେ ବିଶ୍ୱାସ କରୁ।' କମ୍ପାନୀ ଆହୁରି କହିଛି, 'ଏହି ଥର, ଆମେ ଏହି ପ୍ରେମ ଏବଂ ଉତ୍ସବ ସହିତ ଆମର ପାଳିତ ପଶୁମାନଙ୍କୁ ମଧ୍ୟ ସାମିଲ କରିବାକୁ ଚାହୁଁଥିଲୁ। ଯଦି ଆମର ସାମ୍ପ୍ରତିକ ବିଜ୍ଞାପନ ଅଜାଣତରେ ସମାଜର କୌଣସି ବର୍ଗର ଭାବନାକୁ ଆଘାତ ଦେଇଥାଏ, ତେବେ ତାହା ନିଶ୍ଚିତ ଭାବରେ ଆମର ଉଦ୍ଦେଶ୍ୟ ନଥିଲା।' ଗିଭା ଆହୁରି କହିଛି, 'ସମ୍ମାନର ସହିତ, ଆମେ ସମସ୍ତ ମିଡିଆ ପ୍ଲାଟଫର୍ମରୁ ବିଜ୍ଞାପନ ପ୍ରତ୍ୟାହାର କରିନେଇଛୁ। ଏହି ଉତ୍ସବ ଋତୁରେ ଆପଣଙ୍କୁ ବହୁତ ପ୍ରେମ ଏବଂ ସକାରାତ୍ମକତା କାମନା କରୁଛୁ!'

## ଜେଲରେ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ



ଇସଲାମବାଦ୍,୨୬।୮: ପାକିସ୍ତାନର କାରାଗାରରେ ବନ୍ଦୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅବନତି ହେବାରୁ ସେ ଜୀବିତ ରହିବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ତାଙ୍କ ପୁଅମାନେ। ଏକ ଅନଲାଇନ୍ ପ୍ରେସ୍ କନଫରେନ୍ସରେ ଇମ୍ରାନଙ୍କ ପୁଅ ସୁଲେମାନ ଓ କାସିମ ଖାନ ଅଭିଯୋଗ କରିଛନ୍ତି ଯେ ପାକିସ୍ତାନ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଅବମାନନା କରିଛନ୍ତି। ସୁପ୍ରିମକୋର୍ଟ ଇମ୍ରାନଙ୍କୁ ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସା କରାଇବା ଓ ପରିବାର ସହ ନିୟମିତ ଭେଟଘାଟ ପାଇଁ ଅନୁମତି ଦେଇଥିଲେ ମଧ୍ୟ ସରକାର ତାହା କାର୍ଯ୍ୟକାରୀ କରିନାହାନ୍ତି। ୭୩ ବର୍ଷୀୟ ଇମ୍ରାନ ଖାନଙ୍କୁ ଏକାନ୍ତ କୋଠରିରେ ରଖାଯାଇଥିବାବେଳେ ତାଙ୍କ ଆଇନଜୀବୀ ଜାରେଡ୍ ଗେନସର୍ ଏହି ଜେଲ୍ ପରିସ୍ଥିତିକୁ 'ଧୀରେ ଧୀରେ ହତ୍ୟା' ବୋଲି ଅଭିଯୋଗ କରିଛନ୍ତି। ୧.୮ ମିଟର ଓ ୨.୪ ମିଟର ଆକାରର ଏକ କୋଠରୀରେ ଦିନର ୨୩ ଘଣ୍ଟା ତାଙ୍କୁ ପ୍ରାକୃତିକ ଆଲୋକ ବିନା ରଖାଯାଉଛି। ଆଖି ସମସ୍ୟା ସମେତ ବିଭିନ୍ନ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ଇସଲାମାବାଦର ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ନେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

### ବଜ୍ରପାତରୁ ମିଳିବ ଭୂମି ତଳର ତଥ୍ୟ

## ପୃଥିବୀର ଏକ୍ସ-ରେ କରିବ 'ଅଣ୍ଡରକ୍ୱେକ୍'



ନୂଆଦିଲ୍ଲୀ,୨୬।୮: ପୃଥିବୀ ତଳେ କ'ଣ ଅଛି, ଜାଣିବା ପାଇଁ ବୈଜ୍ଞାନିକଙ୍କୁ ଅଦ୍ୟାବଧି ଭୂକମ୍ପ ଭଳି ଘଟଣାରୁ ମିଳୁଥିବା ତରଙ୍ଗ ଉପରେ ନିର୍ଭର କରିବାକୁ ପଡୁଥିଲା। କିନ୍ତୁ ନୂଆ ଅଧ୍ୟୟନ ଏକ ଭିନ୍ନ ମାର୍ଗ ଦେଖାଇଛି। ଏହା ଅନୁସାରେ, ଭୂମି ତଳର ପରସ୍ତ ଓ ଚଟାଣ ବିଷୟରେ ତଥ୍ୟ ସଂଗ୍ରହ ପାଇଁ ବଜ୍ରପାତ ପରେ ସୃଷ୍ଟ ତରଙ୍ଗର ଉପଯୋଗ କରାଯାଇପାରେ। ବୈଜ୍ଞାନିକମାନେ ଏହି ତରଙ୍ଗକୁ 'ଅଣ୍ଡରକ୍ୱେକ୍' ନାମ ଦେଇଛନ୍ତି। ମାଟି ତଳେ ଗତି କରିବା ସମୟରେ ଏହା କିଭଳି ବଦଳେ, ତା'ର ସଙ୍କେତକୁ ସେମାନେ ଠିକ୍‌ରେ ବୁଝିପାରିବେ। ଏହି ପରିବର୍ତ୍ତନରୁ ଭୂମି ତଳେ ଚଟାଣ ଓ ଅନ୍ୟ ସଂରଚନା ବିଷୟରେ ସଙ୍କେତ ମିଳିପାରେ। ଏହି ପଦ୍ଧତି ଏକ୍ସ-ରେ ଭଳି କାମ କରିପାରିବ। ବଜ୍ର ଯେତେବେଳେ ଭୂମିରେ ପଡ଼େ, ତା'ର ଅତ୍ୟଧିକ ଶକ୍ତି ଯୋଗୁଁ ଭୂମି ତଳେ କମ୍ପନ ଭଳି ତରଙ୍ଗ ସୃଷ୍ଟି ହୁଏ।

ଏହି ତରଙ୍ଗକୁ 'ଅଣ୍ଡରକ୍ୱେକ୍' କୁହାଯାଏ। ଏହା ସାଧାରଣ ଭୂକମ୍ପଠୁ ଭିନ୍ନ। ଭୂକମ୍ପରେ ଭୂମି ତଳେ ହେଉଥିବା ଗତିବିଧିରୁ ତରଙ୍ଗ ସୃଷ୍ଟି ହୁଏ, ଅନ୍ୟପକ୍ଷେ 'ଅଣ୍ଡରକ୍ୱେକ୍' ବଜ୍ରପାତ ଯୋଗୁଁ ସୃଷ୍ଟି ହୁଏ। ଏହି ତରଙ୍ଗ ଯେତେବେଳେ ଭୂମି ତଳେ ଆଗକୁ ଗତି କରେ, ତା'ର ମାର୍ଗରେ ବିଭିନ୍ନ ଚଟାଣ ଓ ପରସ୍ତ ଆସେ। ଏହା ମଧ୍ୟଦେଇ ଗତି କରିବା ସମୟରେ ତରଙ୍ଗର ଗତି ଓ ଦିଗ ବଦଳିପାରେ। ବୈଜ୍ଞାନିକମାନେ ଏହି ପରିବର୍ତ୍ତନକୁ ରେକର୍ଡ କରି ଭୂମି ତଳର ତଥ୍ୟ ହାସଲ କରିପାରିବେ।

ଭୂମି ତଳର ପରସ୍ତକୁ ବୁଝିବା ପାଇଁ ଭୂକମ୍ପ ତରଙ୍ଗର ଉପଯୋଗ କରାଯାଏ, କିନ୍ତୁ ଭୂକମ୍ପ ସବୁ ସ୍ଥାନ ଓ ସମୟରେ ଆସେ ନାହିଁ। ଏହି ସ୍ଥିତିରେ ବିଜୁଳିରୁ ସୃଷ୍ଟ ତରଙ୍ଗ ଅତିରିକ୍ତ ଉପାୟ ହୋଇପାରେ। ବିଶ୍ୱର ଅନେକ ସ୍ଥାନରେ ବଜ୍ରପାତ ଘଟଣା ଘଟୁଛି। ଯଦି ଏଥିରୁ ସୃଷ୍ଟ ସଂକେତକୁ ରେକର୍ଡ କରାଯାଏ, ତେବେ ବୈଜ୍ଞାନିକମାନେ ଏହାକୁ ଭୂମି ତଳର ତଥ୍ୟ ସହ ଯୋଡ଼ିପାରିବେ। ଏଥିପାଇଁ ସେମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନରୁ ଅଧିକ ତଥ୍ୟ ସଂଗ୍ରହ କରିବାକୁ ପଡ଼ିବ।

## କମ୍ପ୍ରେସର ଫାଟି ଲାଗିଲା ନିଆଁ, ଜଳିଗଲେ ୧୫ ନବଜାତ ଶିଶୁ

ମୁମ୍ବାଇ, ୨୬।୮: ପାକିସ୍ତାନ ର ରାଜଧାନୀ ଇସଲାମାବାଦରୁ ଏକ ହୃଦୟବିଦାରକ ଖବର ସାମ୍ନାକୁ ଆସିଛି। ସେଠାକାର ଏକ ପ୍ରମୁଖ ହସ୍ପିଟାଲ ନର୍ସରୀରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ପ୍ରାୟ ୧୫ ଜଣ ନବଜାତ ଶିଶୁଙ୍କର ପ୍ରାଣହାନି ଘଟିଛି। ଏହି



ଅଘଟଣରେ ମାତ୍ର ଗୋଟିଏ ଶିଶୁ ବର୍ତ୍ତି ଯାଇଛି। ବର୍ତ୍ତମାନ ଏହି ଅଭାବନୀୟ ଘଟଣା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି। ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସର ସ୍ତ୍ରୀ ରୋଗ ବିଭାଗରେ ଏହି ଘଟଣା ଘଟିଛି। ସୂତ୍ର ଅନୁଯାୟୀ ହସ୍ପିଟାଲର ନର୍ସରୀରେ ଏକ ଏୟାର-କଣ୍ଡିସନର କମ୍ପ୍ରେସର ବିସ୍ଫୋରଣ ହେବା ଫଳରେ ଅଗ୍ନିକାଣ୍ଡ ଘଟିଥିଲା। ଅଧିକାରୀଙ୍କ ଅନୁଯାୟୀ, ଘଟଣା ସମୟରେ ନର୍ସରୀରେ ୧୬ ଜଣ ନବଜାତ ଶିଶୁ ଥିଲେ। ଯେଉଁଥିରୁ ୧୫ ଜଣଙ୍କର ମୃତ୍ୟୁ ହୋଇଥିବା କେବଳ ଗୋଟିଏ ଶିଶୁର ଜୀବନ ବଞ୍ଚିଯାଇଥିଲା।

### ଦ୍ୱିତୀୟ ଟେଷ୍ଟ: କାମଦେଲାନି ଦିନୁଶାଙ୍କ ଶତକ

# ଶ୍ରୀଲଙ୍କା ଫଲୋଅନ୍, ମଜଭୁତ ସ୍ଥିତିରେ ଭାରତ

**କଲମ୍ବୋ, ୨୬।୮:** ଚଳିତ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ମଜଭୁତ ସ୍ଥିତିରେ ରହିଛି। ଦଳ ଆଜି ଚତୁର୍ଥ ଦିନରେ ଶ୍ରୀଲଙ୍କାର ପ୍ରଥମ ଇନିଂସକୁ ୨୯୦ରେ ସୀମିତ ରଖିବା ସହ ଫଲୋଅନ୍ ଦେଇଛି। ଏଥିସହ ଫଲୋଅନ୍ ପରେ ବ୍ୟାଟିଂ କରି ଶ୍ରୀଲଙ୍କା ତା'ର ଦ୍ୱିତୀୟ ଇନିଂସର ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ୬ ୱିକେଟ୍ ବିନିମୟରେ ୨୨୯ ରନ୍ କରି ଅଦ୍ୟାବଧି ୧୬ ରନ୍‌ରେ ଆଗୁଆ ରହିଛି। ଦିନର ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଓପନର୍ ଦିନୁଶା ୭ ଓ କେଶରା ନୁୱନ୍ତ ୩ ରନ୍ କରି ଅପରାଜିତ ଅଛନ୍ତି।


୧୧୫ ରନ୍‌ର ଭାଗୀଦାରୀ କରିଥିବା ସୁରିୟାବନ୍ଦରା ଓ କାମିନ୍ଦୁ

ଗତକାଲି ଶ୍ରୀଲଙ୍କା ୨୬୫ ରନ୍ କରିଥିବା ବେଳେ ଦିନୁଶା ୮୫ ଓ ଲାହିରୁ କୁମାରା ୮ ରନ୍ କରି ଖେଳୁଥିଲେ। ଉଭୟ ଏହିଠାରୁ ଆଜିର ଖେଳ ଆରମ୍ଭ କରିବା ପରେ କୁମାରା ୧୨ ରନ୍‌ରେ ଆଉଟ୍ ହୋଇଥିଲେ। କିନ୍ତୁ ଏହା ପୂର୍ବରୁ କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ଦିନୁଶା ଶତକ ପୂରଣ କରିଥିଲେ। ୮ ଚୌକା ଓ ୩ ଛକା ସହ ୧୦୩ ରନ୍ କରି ସେ ଅନ୍ତିମ ବ୍ୟାଟ୍ସମ୍ୟାନ୍ ଭାବେ ଆଉଟ୍ ହୋଇଥିଲେ। କିନ୍ତୁ ତାଙ୍କ ଶତକ ଦଳକୁ ଫଲୋଅନ୍‌ରୁ ରକ୍ଷା କରିପାରିନଥିଲା। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ମାନବ ସୁତାର ୩ଟି ଲେଖାଏଁ, ନବାଗତ ସାରାଂଶ ଜୈନ୍ ୨ଟି ଏବଂ ମହମ୍ମଦ ସିରାଜ୍ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଶ୍ରୀଲଙ୍କା ଫଲୋଅନ୍ ହେବା ପରେ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ବେଳେ ପ୍ରଥମ ଇନିଂସରେ ଅର୍ଦ୍ଧଶତକ କରିଥିବା ପାଥିନ୍ଦୁ ସୁରିୟାବନ୍ଦରା ଓ କାମିନ୍ଦୁ ମେଣ୍ଡିସ୍‌ଙ୍କ ମଧ୍ୟରେ ତୃତୀୟ ୱିକେଟ୍‌ରେ ୧୧୫ ରନ୍‌ର ବଳିଷ୍ଠ ଭାଗୀଦାରୀ ହୋଇଥିଲା। କାମିନ୍ଦୁ ୫୫ ରନ୍ କରି ଆଉଟ୍ ହେବା ଫଳରେ ଏହି ଭାଗୀଦାରୀ ଭାଙ୍ଗିଥିଲା। ତାଙ୍କ ସ୍ଥାନରେ ଆସିଥିବା ଅଧିନାୟକ ଧନଞ୍ଜୟ ଡି'ସିଲଭା ୨୩ ରନ୍‌ର ଯୋଗଦାନ ଦେଇଥିଲେ। ତେବେ ପ୍ରଥମ ଇନିଂସରେ ଶତକରୁ ବଞ୍ଚିତ ହୋଇଥିବା ସୁରିୟାବନ୍ଦରା ୧୦ଟି ଚୌକା ଓ ଗୋଟିଏ ଛକା ସହ ୯୨ ରନ୍ କରି ଆଉଟ୍ ହେବା ଫଳରେ ପୁଣିଥରେ ନିରାଶ ହୋଇଥିଲେ। ଭାରତ ପକ୍ଷରୁ ସୁତାର ୨ଟି ଲେଖାଏଁ ଏବଂ କ୍ରିଷ୍ଣା, ସିରାଜ, ସାରାଂଶ ଓ ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି।

### ଏସିଆ ରଗ୍‌ବୀ ସେଭେନ୍ସ ସିରିଜ୍ ପାଇଁ ଭାରତୀୟ ଦଳ

# ୬ ଓଡ଼ିଆ ଖେଳାଳି ସାମିଲ



**ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ):** ଏସିଆ ରଗବୀ ଏମିରେଟ୍ସ ସେଭେନ୍ସ ସିରିଜ୍ ୨୦୨୬ ପାଇଁ ଭାରତୀୟ ସିନିୟର ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଚୀନର ସୁଝୋଠାରେ ପ୍ରଥମ ରାଉଣ୍ଡ ହେବ ଓ ଶେଷ ରାଉଣ୍ଡ ଆସନ୍ତା ଅକ୍ଟୋବରରେ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ହେବ। ଏହି ସିରିଜ୍ ଆଇଚି-ନାଗୋୟା ୨୦୨୬ ଏସୀୟ ଖେଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜ୍ ୨୦୨୬ ପାଇଁ ଆଜି ଘୋଷଣା ହୋଇଥିବା ଭାରତୀୟ ସିନିୟର ପୁରୁଷ ଓ ମହିଳା ଦଳରେ ଓଡ଼ିଶାର ୬ ଜଣ ପ୍ରତିଭାବାନ ଖେଳାଳି ସ୍ଥାନ ପାଇଛନ୍ତି। ଭାରତୀୟ ସିନିୟର ପୁରୁଷ ଦଳରେ ଓଡ଼ିଶାର ତାରକା ଖେଳାଳି ଆଶିଷ ସବର ଏବଂ ଗଣେଶ ମାଝୀ ସ୍ଥାନ ପାଇଥିବା ବେଳେ ମହିଳା ଦଳରେ ଓଡ଼ିଶାର ଡୁମୁଣୀ ମାରାଣ୍ଡିଙ୍କୁ ଭାରତୀୟ ଦଳର ଉପ-ଅଧିନାୟିକା ଦାୟିତ୍ୱ ମିଳିଛି। ତାଙ୍କ ସହ ଓଡ଼ିଶାର ଅନ୍ୟ ତିନି ପ୍ରମୁଖ ମହିଳା ଖେଳାଳି ମାମା ନାଏକ, ନିର୍ମଳ୍ୟା ରାଉତ ଓ ସନ୍ଧ୍ୟାରାଣୀ ଟୁଡୁ ମଧ୍ୟ ସ୍ଥାନ ପାଇଛନ୍ତି। ଭାରତୀୟ ଦଳଗୁଡ଼ିକ ଆଜି ସୁଝୋ ଯାତ୍ରା କରି ୩୧ରେ ଫେରିବେ। ଦ୍ୱିତୀୟ ତଥା ଶେଷ ରାଉଣ୍ଡ ଆସନ୍ତା ଅକ୍ଟୋବର ୧୭-୧୮ରେ ଶ୍ରୀଲଙ୍କାର କଲମ୍ବୋରେ ଖେଳାଯିବ, ଯେଉଁଠାରେ ୨୦୨୬ ଚାମ୍ପିଅନ୍ ଘୋଷିତ ହେବେ। ପୁରୁଷ ଦଳ ୨୦୨୫ରେ ଏସିଆ ରଗବୀ ଏମିରେଟସ୍ ସେଭେନ୍ସ ଟ୍ରଫିରୁ ପ୍ରମୋସନ୍ ପାଇ ଏହି ସିରିଜ୍‌ରେ ପ୍ରବେଶ କରିଛନ୍ତି। ଦଳ ପୁଲ୍ 'ଏ'ରେ ଜାପାନ, ୟୁଏଇ ଓ ସିଙ୍ଗାପୁର ସହ ରହିଛି। ସେହିପରି ମହିଳା ଦଳ ଗତ ବର୍ଷ ଦଶମରୁ ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇ ଦ୍ୱିତୀୟ କ୍ରମାଗତ ସିଜନ ପାଇଁ ସିରିଜ୍‌ରେ ସ୍ଥାନ ବଜାୟ ରଖିଛନ୍ତି। ମହିଳା ଦଳ ପୁଲ୍ 'ଡି'ରେ ଡିଫେଣ୍ଡିଂ ଚାମ୍ପିଅନ୍ ଜାପାନ, ୟୁଏଇ ଓ ଇରାନ ସହ ରହିଛନ୍ତି।

# ମହମ୍ମଦ ଜୟନ୍ତୀରେ ବାରବାଟୀ-କଟକ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା

**କଟକ, ୨୬।୮ (ସଂଚାର ବ୍ୟୁରୋ):** ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ଅବସରରେ ବୁଧବାର ମୁସଲମାନ ଭାଇ ଓ ଭଉଣୀମାନଙ୍କ ଦ୍ୱାରା ଆୟୋଜିତ ଏକ ବିଶାଳ ଶୋଭାଯାତ୍ରାକୁ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ବକ୍ସି ବଜାର ଛକଠାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଯାଇଛି। ଏକ ମଞ୍ଚରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜ ମସଜିଦର ଶୋଭାଯାତ୍ରାରେ ଅଂଶଗ୍ରହଣକାରୀଙ୍କୁ କଟକ ମେୟର ସୁଭାସ ସିଂହ, ରାମଜାନ ଖାନ, ଏକାମ୍ର ହୁସେନ, ମହମ୍ମଦ ସକିଲ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଲଡୁ ପ୍ୟାକେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା, ଯାହାର ସଭାପତିତ୍ୱ କରିଥିଲେ କଟକ ମହାନଗର ସାଙ୍ଗଠନିକ ଜିଲ୍ଲା (ସହର) ସଭାପତି ଆଇନଜୀବୀ ସ୍ୱଦେଶ ଦାସ। ସଭାରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ଉପସଭାପତି ଆଇନଜୀବୀ ଶଶୀ ଭୂଷଣ ଦାସ, ଜିଲ୍ଲା ମହିଳା ସଭା ନେତ୍ରୀ ଏ ଶ୍ରୀଦେବୀ, ଜିଲ୍ଲା ଯୁବ ସଭାପତି ସୌମ୍ୟ ଦର୍ଶନ ବେହେରା, ଜିଲ୍ଲା ଛାତ୍ର ସଭାପତି ଶିବ ଶଙ୍କର ସିଂ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା, ସଞ୍ଜୟ ବରାଳ, ସ୍ମୃତି ରଞ୍ଜନ ନାୟକ, ଜିଲ୍ଲା କୋଷାଧ୍ୟକ୍ଷ ଅର୍ଦ୍ଧେନ୍ଦୁ ଶେଖର ମାଝୀ, ଉପସଭାପତି ଦେବେନ୍ଦ୍ର କାହାଳି, ବିକାଶ ବେହେରା, ନିମାଇଁ ବିଶ୍ୱାଳ, ପୂର୍ବତନ ମେୟର ଅନିତା ବେହେରା, ଶ୍ରୀମତୀ ସଙ୍ଗୀତା ଦାସ, ପୁଷ୍ପିତା ମହାନ୍ତି, ଲଲିଶ୍ରୀ ଦାସ, ବକଲତା ପ୍ରଧାନ ଓ ସାଧାରଣ ସମ୍ପାଦକ କାଳାଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱର ବାର୍ତ୍ତା ପ୍ରଚାରିତ ହୋଇଥିଲା।



# ସତ୍ୟଭୂଷଣ ସାହୁଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ



**ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ):** ପୂର୍ବତନ କଂଗ୍ରେସ ମୁଖ୍ୟ ସଚେତକ, ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସତ୍ୟଭୂଷଣ ସାହୁଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ଦାସ କହିଛନ୍ତି ଯେ ସ୍ୱର୍ଗତଃ ସତ୍ୟଭୂଷଣ ସାହୁ କଂଗ୍ରେସ ଦଳର ଜଣେ ଦୃଢ଼ ସଂଗଠକ ଥିଲେ। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ତାଙ୍କ ମୃତ୍ୟୁ ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଶ୍ରୀ ଦାସ ଗଭୀର ସମବେଦନା ଜଣାଇଛନ୍ତି।

### ତୁଟିଲା ନେରେଡି ବ୍ୟାରେଜ୍ ବିବାଦ

# ଆନ୍ଧ୍ରକୁ ୧୦୬ ଏକର ଜମି ଦେବ ଓଡ଼ିଶା

**ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ):** ନେରେଡି ବ୍ୟାରେଜ୍ ନିର୍ମାଣ ଓ ସମ୍ପ୍ରସାରଣ ପାଇଁ ଆନ୍ଧ୍ରପ୍ରଦେଶକୁ ୧୦୬ ଏକର ଜମି ଯୋଗାଇଦେବେ ଓଡ଼ିଶା ସରକାର। ଆସନ୍ତା ବର୍ଷକ ମଧ୍ୟରେ ଓଡ଼ିଶା ପକ୍ଷରୁ ଏହି ଜମି ଆନ୍ଧ୍ରପ୍ରଦେଶକୁ ହସ୍ତାନ୍ତର କରାଯିବ। ଏହି ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ଓ ଜମି ପାଇଁ ଆବଶ୍ୟକ କ୍ଷତିପୂରଣ



ପ୍ରଦାନ କରିବେ ଆନ୍ଧ୍ର ପ୍ରଦେଶ ସରକାର। ଆସନ୍ତା ୨୮ ତାରିଖରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ଯୁଗ୍ମ କମିଟି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ମିଳିତ ଭାବେ ଅନୁଧ୍ୟାନ କରିବ। ବହୁଦିନର ବିବାଦ ପରେ ଟ୍ରିବ୍ୟୁନାଲ୍ ପକ୍ଷରୁ ନେରେଡି ବ୍ୟାରେଜ୍ ନିର୍ମାଣ ପାଇଁ ସବୁଜ ସଂକେତ ମିଳିଥିଲା। ଏବେ ଦୁଇ ରାଜ୍ୟର ମିଳିତ ପଦକ୍ଷେପ ପରେ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପର କାମ ଆଗକୁ ବଢ଼ିବାକୁ ଯାଉଛି।

# କାର-ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

**କୋଲକାତା, ୨୬।୮ (ସଂଚାର ବ୍ୟୁରୋ):** ଜିଟି ରୋଡ୍‌ରେ ଏକ କାର ଓ ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ଜୀବନ ଯାଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ପୂର୍ବ ବର୍ଦ୍ଧମାନର ମେମାରିର ସାତଗାଛିଆ ଅଞ୍ଚଳରେ ବୁଧବାର ଏହି ଘଟଣା ଘଟିଛି। ମୃତକଙ୍କୁ ତାପସ ସିଂହ (୩୨) ବୋଲି ଚିହ୍ନଟ କରାଯାଇଛି। ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ କ୍ରିକେଟ ମ୍ୟାଚ୍

# ବିଏମ୍‌ସିକୁ ହରାଇ କେଏମସି ବିଜୟୀ




**ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ):** ଆସନ୍ତା ୩୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଓ କଟକ ମହାନଗର ନିଗମ (କେଏମସି) ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ କିଟ୍ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଛି। ମ୍ୟାଚରେ ବିଏମସିକୁ ୪ ୱିକେଟ୍ ରେ ଶୋଚନୀୟ ଭାବେ ପରାସ୍ତ କରିଛି କେଏମସି। ଉଭୟ ଦଳର କ୍ୟାପଟେନ୍ ଖେଳାଳି ପରିଚୟ ପ୍ରଦାନ କରିବା ପରେ ମେୟର ସୁଲୋଚନା ଦାସ ଟସ୍ ପକାଇଥିଲେ। ଟସ୍ ଜିଣି ବିଏମସି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଓପନର ଭାବେ ମଇଦାନକୁ ଓହ୍ଲାଇଥିଲେ ଜୋନାଲ କମିଶନର ରାକେଶ କୁମାର ପାତ୍ର ଓ ଡେପୁଟି କମିଶନର ଜନାର୍ଦ୍ଦନ ତହସିଲଦାର। ରାକେଶ ପାତ୍ର ମାତ୍ର ଗୋଟିଏ ରନ୍ କରି କ୍ୟାଚ୍ ଆଉଟ ହୋଇଥିବା ବେଳେ ଶ୍ରୀ ତହସିଲଦାର ଗୋଟିଏ ଚୌକା ସହ ୬ ରନ୍ କରି ପାଭିଲିୟନକୁ ଫେରିଥିଲେ। କର୍ପୋରେଟର ଶେକ୍ ନୁରହାସନ୍ ଓ ଅନ୍ୟତମ ଜୋନାଲ କମିଶନର ମନ୍ମଥ ନାଥ ନାୟକଙ୍କ ଧୁଆଁଧାର ବ୍ୟାଟିଂ ଦଳକୁ ବେଶ କିଛି ବାଟ ଆଗେଇ ନେଇଥିଲା। ତେବେ କର୍ପୋରେଟର ଅଜିତ୍ ବେହେରା ଓ ଅପୂର୍ବ ନାରାୟଣ ରାଉତ କେଏମସି ବୋଲରଙ୍କ ବଲର ମୁକାବିଲା କରି ନ ପାରି ମାତ୍ର ଦୁଇ ଦୁଇଟି ବଲର ସମ୍ମୁଖୀନ ହୋଇଥିଲେ। ସେମାନେ କୌଣସି ରନ୍ ନ କରି ପ୍ୟାଭିଲିୟନକୁ ଫେରି ଆସିବା, ଦଳକୁ ବିପର୍ଯ୍ୟୟ ଆଡ଼କୁ ଟାଣି ନେଇଥିଲା।

# ମହିଳାଙ୍କୁ ହତ୍ୟା ଧମକ ଦେଇ ଯୁବକ ଗିରଫ

**ଦିଗପହଣ୍ଡି, ୨୬।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ପୁଲିସ ବୁଧବାର ପାଟପୁର ଥାନା ପ୍ରତାପଗିରି ଗ୍ରାମର ବି. କାଳିଆ ପାତ୍ର (୪୪) ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ. ୩୫୧/୨୬ ବିଏନ୍‌ଏସର ଦଫା - ୩୧୬(୨/୨୯୬/ ୩୫୧(୨) ଅନୁଯାୟୀ କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଦିଗପହଣ୍ଡି ଥାନା ଆଇଆଇସି କିଶୋର କୁମାର ସାମଲଙ୍କ ସୁଚାନାନୁସାରେ, ଚୁଡୁଙ୍ଗପୁର ଗ୍ରାମର ଏମ୍. ସୁଷମା ପାତ୍ର ଗତ ୧୨ ତାରିଖରେ ଦିଗପହଣ୍ଡି ହୋଣ୍ଡା ଶୋ'ରୁମ୍‌ରୁ ଏକ ହୋଣ୍ଡା ଆକ୍ଟିଭା ସ୍କୁଟି (ନଂ. ଓଡ଼ି୦୭ବିଏଫ୍ ୯୬୭୫) ଫାଇନାନ୍ସରେ କିଣିଥିଲେ। ବି. କାଳିଆ ପାତ୍ର ଉକ୍ତ ହୋଣ୍ଡା ଶୋ' ରୁମ୍‌ରେ ତାଙ୍କୁ ସାକ୍ଷାତ କରି ଆନୁଷଙ୍ଗିକ ସହଯୋଗ କରିଥିଲେ। ଗତ ୧୮ ତାରିଖରେ ଅଭିଯୁକ୍ତ କାଳିଆ ସୁଷମାଙ୍କ ଘରକୁ ଆସି କୌଶଳ କ୍ରମେ ସ୍କୁଟିକୁ ମାଗି ନେଇଥିଲେ। କିନ୍ତୁ ସେ ସ୍କୁଟିକୁ ୫ ଦିନ ଯାଏ ପାଖରେ ରଖି ଆଉ ଫେରାଇ ନ ଥିଲେ। ସୁଷମା ତାଙ୍କୁ ଫୋନ୍ କରି ତୁରନ୍ତ ତାଙ୍କ ସ୍କୁଟି ଫେରାଇବାକୁ କହିବାରୁ ସେ ପୁରୀରେ ଥିବା କହିବା ସହ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳି କରିବା ସହ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଗତ ରବିବାର ସୁଷମା ଦିଗପହଣ୍ଡି ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କ ନାଁରେ ମକଦ୍ଦମା ରୁଜୁ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଏଏସଆଇ କହ୍ନେଇ ମିର୍ଦ୍ଧା ବୁଧବାର ସକାଳ ପ୍ରାୟ ୮ଟାରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଆକ୍ଟିଭା ସ୍କୁଟିକୁ ଜବତ କରିଥିବା ଜଣାପଡ଼ିଛି।

# ବନ୍ୟାରେ ୧୩.୫୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ

**୧୦ ଜିଲ୍ଲାର ୯୧ ବ୍ଲକ ଅନ୍ତର୍ଗତ ୧୮୯୫ ଗାଁ କ୍ଷତିଗ୍ରସ୍ତ**

**୧.୦୨ ଲକ୍ଷ ହେକ୍ଟର ଜମିରେ ନଷ୍ଟ ହୋଇଛି ଧାନ ଫସଲ**

**ଧୋଇଯାଇଛି ୮୮ ରାସ୍ତା ଓ ପୋଲ**

**ଅଗଷ୍ଟରେ ୨୧ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା**



**ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ):** ଗତ ୧୩ରୁ ଆଜି ପର୍ଯ୍ୟନ୍ତ ରାଜ୍ୟର ୧୦ଟି ଜିଲ୍ଲାର ମୋଟ୍ ୯୧ଟି ବ୍ଲକ୍, ୬୦୪ଟି ଗ୍ରାମପଞ୍ଚାୟତ, ୧୮୯୫ଟି ଗ୍ରାମ ଏବଂ ୧୩,୫୦,୩୦୬ ଜଣ ଲୋକ ସାମଗ୍ରିକ ଭାବେ ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା, ଘାଇ ସୃଷ୍ଟି ଓ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ବର୍ତ୍ତମାନ ସାମଗ୍ରିକ ସ୍ଥିତି ସ୍ଥିର ରହିଥିଲେ ବି କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁର ଜିଲ୍ଲା ଉପରେ କଡ଼ା ନଜର ରଖିଛନ୍ତି ସରକାର। କ୍ରମାଗତ ଲଘୁଚାପ ଓ ବର୍ଷା ପାଇଁ ଗତ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ମୋଟ ୩୪୭.୭ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକଠାରୁ ୧୬.୪ ପ୍ରତିଶତ ଅଧିକ। ସେହିପରି ଚଳିତ ମୌସୁମୀ ଋତୁ ଅର୍ଥାତ ଗତ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ମୋଟ ୧୧୦୩.୯ ମିମି ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକଠାରୁ ୩୦.୯ ପ୍ରତିଶତ ଅଧିକ।

ମୌସୁମୀ ସମୟରେ ରାଜ୍ୟର ୨୧ଟି ଜିଲ୍ଲା ବରଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ଼, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର, କଟକ, ସମ୍ବଲପୁର, ଢେଙ୍କାନାଳ, ଭଦ୍ରକ, ଅନୁଗୋଳ, ବଲାଙ୍ଗୀର, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ଜଗତସିଂହପୁର, ଯାଜପୁର ଓ ପୁରୀରେ ସ୍ୱାଭାବିକଠାରୁ ୧୯ ପ୍ରତିଶତରୁ ଅଧିକ ବର୍ଷା ହୋଇଛି। ଅବଶିଷ୍ଟ ୯ଟି ଜିଲ୍ଲା ଝାରସୁଗୁଡ଼ା, କନ୍ଧମାଳ, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର ଓ ଗଜପତିରେ ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଛି। ବର୍ତ୍ତମାନର ରିପୋର୍ଟ ଅନୁଯାୟୀ, ୩ଟି ଜିଲ୍ଲା ଯଥା କେନ୍ଦ୍ରାପଡ଼ାର ୫ଟି ବ୍ଲକ୍ , ଭଦ୍ରକର ୨ଟି ବ୍ଲକ୍ ଏବଂ ଯାଜପୁରର ୨ଟି ବ୍ଲକ୍ ବନ୍ୟା ଦ୍ୱାରା ପ୍ରଭାବିତ ଥିବା ବେଳେ ୬୮ଟି ଗ୍ରାମପଞ୍ଚାୟତର ୧୮୯ଟି ଗ୍ରାମର ୮୦୨୮୪ ଲୋକ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ୮୭ଟି ଫ୍ରି' କିଚେନ୍ ମାଧ୍ୟମରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ୧,୦୨,୪୮୧.୫ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ରିପୋର୍ଟ ଅନୁଯାୟୀ, ୨୧ଟି ଓଡ୍ରାଫ, ଗୋଟିଏ ଏନଡିଆରଏଫ, ୩୩ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ୨ଟି ପୋଲିସ/ସିଭିଲ ଡିଫେନ୍ସ/ସ୍ଥାନୀୟ ଟିମକୁ ମିଶାଇ ସମୁଦାୟ ୫୭ଟି ଟିମ୍ ନିୟୋଜିତ ଅଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକ୍, ୩୦ଟି ଗ୍ରାମ ପଞ୍ଚାୟତର ୫୫ଟି ଗ୍ରାମ ଏବଂ ୪,୭୧୦ ଜଣ ଲୋକ ପ୍ରଭାବିତ ଥିବା ବେଳେ ଭଦ୍ରକ ଜିଲ୍ଲାର ୨ଟି ବ୍ଲକ୍, ୧୮ଟି ଗ୍ରାମ ପଞ୍ଚାୟତ, ୭୦ଟି ଗ୍ରାମ ଏବଂ ୨୫,୪୩୨ ଜଣ ଲୋକ ପ୍ରଭାବିତ ଅଛନ୍ତି। ଯାଜପୁର ଜିଲ୍ଲାର ୨ଟି ବ୍ଲକ୍, ୨୦ଟି ଗ୍ରାମ ପଞ୍ଚାୟତ, ୬୪ଟି ଗ୍ରାମ ଓ ୫୦,୧୪୨ ଜଣ ଲୋକ ପ୍ରଭାବିତ ଅଛନ୍ତି। ସମୁଦାୟ ୪୧,୭୬୧ ଜଣ ଉଦ୍ଧାର ହୋଇଥିବା ବେଳେ ୭୬,୦୫୧ ଜଣଙ୍କୁ ଡଙ୍ଗା ଦ୍ୱାରା ସ୍ଥାନାନ୍ତର କରାଯାଇଛି। ୭୭୫ଟି ବିଚ୍ଛିନ୍ନ ଗ୍ରାମକୁ ଯୋଗାଯୋଗ ସଂଯୋଗ କରାଯାଇଥିବା ବେଳେ ୨୧୫ ଜଣଙ୍କୁ ଜରୁରୀକାଳୀନ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ସମୁଦାୟ ୨୧୦ଟି ଡଙ୍ଗା ମୁତୟନ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୮୬୧୧ଟି ଟ୍ୟୁବୱେଲ୍ ଓ ୨୪୫ଟି ପିଡବ୍ଲ୍ୟୁଏସ ପ୍ରକଳ୍ପ ପ୍ରଭାବିତ ହୋଇଥିବା ବେଳେ ୫୮୧୬ଟି ଟ୍ୟୁବୱେଲ୍ ଓ ୧୪୪ଟି ପିଡବ୍ଲ୍ୟୁଏସ ବିଶୋଧିତ/ପୁନରୁଦ୍ଧାର କରାଯାଇଛି। ୭୬ଟି ୱାଟର ଟ୍ୟାଙ୍କର, ୧୦,୨୮,୨୬୪ଟି ପାଣି ବୋତଲ/ପାଉଚ୍ ବଣ୍ଟାଯାଇଛି ଏବଂ ୬ଟି ମୋବାଇଲ୍ ୱାଟର ଟ୍ରିଟମେଣ୍ଟ ୟୁନିଟ୍ ନିୟୋଜିତ ଅଛନ୍ତି। ୮୮ଟି ରାସ୍ତା ତଥା ପୋଲ ପ୍ରଭାବିତ ହୋଇଥିବା ବେଳେ ୨୬ଟି ଅଞ୍ଚଳରେ ଜଳବନ୍ଦୀଜନିତ ଦୂଷିତ ଜଳ ନିଷ୍କାସନ ଓ ବିଶୋଧନ ଜାରି ରହିଛି। ତେବେ କୌଣସି ଟେଲିକମ୍ ଟାୱାର ପ୍ରଭାବିତ ହୋଇନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୯୮ ମୃତ, ଶତାଧିକ...

ରିପୋର୍ଟରେ କହିଛି। ବିପର୍ଯ୍ୟୟ ସମୟରେ ସମସ୍ତେ ଏକଜୁଟ ହୋଇ ସହାୟତାର ହାତ ବଢ଼ାଇବାକୁ ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ହିମାଳୟ ସଂଲଗ୍ନ ରାଷ୍ଟ୍ରଗୁଡ଼ିକୁ ଅନୁରୋଧ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଭାରତ ସବୁବେଳେ ନେପାଳ ସାଥିରେ ରହିଛି ଓ ତଲାସୀ ଏବଂ ଉଦ୍ଧାର କାର୍ଯ୍ୟରେ ସବୁପ୍ରକାର ସହାୟତା କରିବ ବୋଲି ବାଲେନ୍ଦ୍ର ସରକାରଙ୍କୁ ଆଶ୍ୱାସନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ନେପାଳୀ ପ୍ରତିପକ୍ଷ ବାଲେନ୍ଦ୍ର ଶାହଙ୍କ ସହ କଥା ହୋଇ ସବୁପ୍ରକାର ମାନବୀୟ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ, ନିଖୋଜ ରହିଥିବା ତୀର୍ଥଯାତ୍ରୀଙ୍କ ଉଦ୍ଧାର ଲାଗି ଭାରତ ତୁରନ୍ତ ତଲାସୀ ଅପରେସନ୍ ଆରମ୍ଭ କରିବାକୁ ୱାୟନାଡର ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କେନ୍ଦ୍ର ସରକାରଙ୍କୁ ଆବେଦନ କରିଛନ୍ତି। ସେହିଭଳି ତାମିଲନାଡୁ ଓ କେରଳମ୍‌ରୁ ବହୁ ତୀର୍ଥଯାତ୍ରୀ ଥିବା ବେଳେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ସି. ବିଜୟ ଓ ଭି.ଡି. ସତୀଶନ୍ କେନ୍ଦ୍ର ସରକାରଙ୍କ ସହିତ ନିୟମିତ ଯୋଗାଯୋଗରେ ଥିବା ସୂଚନା ଦେଇଛନ୍ତି। ଏକ ସୂତ୍ରରୁ ପ୍ରାପ୍ତ ତଥ୍ୟ ଅନୁସାରେ, ତିବ୍ବତ ଅଞ୍ଚଳରେ ଏକ ଗ୍ଲାସିୟର ହ୍ରଦ ଫାଟିଯିବା କାରଣରୁ ଭୋଟେ-କୋଶୀ ନଦୀରେ ପ୍ରାୟ ୩ ମିଟର ଗଭୀରତାର ଜଳସ୍ତର ହଠାତ୍ ବଢ଼ିଯାଇଛି। ଏହା ତ୍ରିଶୂଳୀ ନଦୀ ଦେଇ ବିହାରର ଗଣ୍ଡକ ନଦୀକୁ ମାଡ଼ି ଆସୁଛି। ଏହି କାରଣରୁ ଗଣ୍ଡକ ନଦୀରେ ୩ ଲକ୍ଷ କ୍ୟୁସେକରୁ ଅଧିକ ପାଣି ପ୍ରବାହିତ ହେବାର ଆଶଙ୍କା ରହିଛି। ଏହାକୁ ବିପଦକୁ ଦୃଷ୍ଟିରେ ରଖି ବିହାର ସରକାରଙ୍କ ପକ୍ଷରୁ ହାଇଆଲର୍ଟ ଜାରି କରିବା ସହ ବାଲ୍ମୀକିନଗରର ସ୍ଥିତ ଗଣ୍ଡକ ବ୍ୟାରେଜର ସମସ୍ତ ୩୬ଟି ଗେଟ୍ ଖୋଲି ଦିଆଯାଇଛି। ସ୍ଥିତି ସମ୍ପର୍କରେ ଗୃହମନ୍ତ୍ରୀ ଅମିତ ଶାହ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀଙ୍କ ସହ ଆଲୋଚନା କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଏ ପର୍ଯ୍ୟନ୍ତ ଏଭଳି ଅତର୍କିତ ବନ୍ୟା ବିଭୀଷିକାର କୌଣସି ସଠିକ୍ କାରଣ ଜଣାପଡ଼ିନାହିଁ। ତେବେ ଜର୍ମାନୀର ଜିଓ-ସାଇନ୍ସ ରିସର୍ଚ୍ଚ ସେଣ୍ଟର ଅନୁସାରେ ବନ୍ୟା ଆସିବାର ଠିକ୍ ୭ ମିନିଟ୍ ପୂର୍ବରୁ ୪.୪ ତୀବ୍ରତାର ଏକ ଭୂକମ୍ପ ସେହି ସ୍ଥାନରେ ହୋଇଥିବା ରେକର୍ଡ କରାଯାଇଛି। ସମଗ୍ର ଅଞ୍ଚଳଟି ସମ୍ପ୍ରତି ସ୍ପର୍ଶକାତର ଥିବାରୁ ଦ୍ୱିତୀୟ ବନ୍ୟା ଆସିବାର ଆଶଙ୍କା ମଧ୍ୟ ବ୍ୟକ୍ତ କରାଯାଇଛି।

### ୭ ସହରରେ ମହିଳାଙ୍କ...

ରକ୍ଷା ବନ୍ଧନ ଅବସରରେ ମହିଳା ସଶକ୍ତିକରଣ ଓ ସୁରକ୍ଷିତ ଜନପରିବହନକୁ ଗୁରୁତ୍ୱ ଦେଇ କ୍ରୁଟ୍ ପକ୍ଷରୁ ଏହି ଘୋଷଣା କରାଯାଇଛି। 'ଆମ ବସ୍'ରେ ଯାତ୍ରା କରି ମହିଳାମାନେ ନିଜର ସାମାଜିକ, ଆର୍ଥିକ ଓ ପାରିବାରିକ କାର୍ଯ୍ୟରେ ଅଧିକ ସୁବିଧାରେ ଯୋଗଦେଇପାରିବେ ବୋଲି କ୍ରୁଟ୍ ଆଶା ରଖିଛି। ତେବେ ମାଗଣା ଯାତ୍ରା କରିବା ସତ୍ତ୍ୱେ ପ୍ରତ୍ୟେକ ମହିଳା ଯାତ୍ରୀଙ୍କୁ 'ଜିରୋ ଟିକେଟ୍' ନେବା ବାଧ୍ୟତାମୂଳକ। ଟିକେଟ୍ ନେଇ ହିଁ ଯାତ୍ରା କରିବାକୁ କ୍ରୁଟ୍ ପକ୍ଷରୁ ଅନୁରୋଧ କରାଯାଇଛି। ଜିପିଏସ୍ ଆଧାରିତ ବସ୍ ଟ୍ରାକିଂ, ସିସିଟିଭି ନିରୀକ୍ଷଣ, ପ୍ରଶିକ୍ଷିତ ବସ୍ କର୍ମଚାରୀ ଓ ଯାତ୍ରୀ ସହାୟତା ବ୍ୟବସ୍ଥା ଭଳି ପଦକ୍ଷେପ ମାଧ୍ୟମରେ ଆମ ବସ୍‌କୁ ନିରାପଦ ଓ ନିର୍ଭରଯୋଗ୍ୟ ଜନପରିବହନ ବ୍ୟବସ୍ଥା ଭାବେ ଗଢ଼ି ତୋଳିବାକୁ କ୍ରୁଟ୍ ଉଦ୍ୟମ କରୁଛି। ମହିଳା ଯାତ୍ରୀମାନେ ଆତ୍ମବିଶ୍ୱାସର ସହ ଯାତ୍ରା କରିବା ସହ ସହରର ଟ୍ରାଫିକ୍ ଭିଡ଼, ପ୍ରଦୂଷଣ ହ୍ରାସ ଓ ସ୍ୱଚ୍ଛ ସହରୀ ପରିବେଶ ଗଠନରେ ସହଯୋଗ କରିବାକୁ କ୍ରୁଟ୍ ଆହ୍ୱାନ କରିଛି। ଏହି ସମସ୍ତ ସହରରେ 'ଆମ ବସ୍'ରେ ମହିଳାଙ୍କ ପାଇଁ ଆସନ୍ତାକାଲି ମାଗଣା ଯାତ୍ରା ସୁବିଧା ଉପଲବ୍ଧ ହେବ। ରକ୍ଷା ବନ୍ଧନରେ ମହିଳାଙ୍କ ପାଇଁ କ୍ରୁଟ୍‌ର ଏହି ପଦକ୍ଷେପ ଜନପରିବହନକୁ ଆହୁରି ସୁଲଭ ଓ ମହିଳା-ବନ୍ଧୁ କରିବା ଦିଗରେ ଏକ ପ୍ରୟାସ ବୋଲି କୁହାଯାଇଛି।

### କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ...

ଅଏଲ୍ କୋର୍ପୋରେସନ୍ ରିଫାଇନାରୀ ଓ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ ଦ୍ୱାରା ପରିଚାଳିତ ପାରାଦୀପର ପିସିପିଆଇଆର; ଧାମରାସ୍ଥିତ ବନ୍ଦର-ଭିତ୍ତିକ ଶିଳ୍ପ କମ୍ପ୍ଲେକ୍ସ ଏବଂ ଗୋପାଳପୁର ବନ୍ଦର ସଂଲଗ୍ନ ଶିଳ୍ପାଞ୍ଚଳ ଅନ୍ତର୍ଭୁକ୍ତ, ଯେଉଁଠାରେ ରେଡ୍ ଓ ଅରେଞ୍ଜ ବର୍ଗର ଶିଳ୍ପଗୁଡ଼ିକର ଶୀଘ୍ର ସ୍ଥାପନ ପାଇଁ ପୂର୍ବରୁ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଛି। ଓଡ଼ିଶାର 'ଶିଳ୍ପ ନୀତି ସଂକଳ୍ପ ୨୦୨୨' ଅଧୀନରେ କେମିକାଲ୍ସ, ପେଟ୍ରୋକେମିକାଲ୍ସ ଓ ଟେକ୍ନିକାଲ୍ ଟେକ୍ସଟାଇଲ୍ସ କ୍ଷେତ୍ରକୁ ସର୍ବାଧିକ ପ୍ରୋତ୍ସାହନ ବର୍ଗରେ ରଖାଯାଇଛି। ଏହି ସମ୍ମିଳନୀରେ ଓଡ଼ିଶା ପ୍ରତିନିଧି ଦଳ ଟାଇଟାନିୟମ୍ ପିଗମେଣ୍ଟ, ଆଡହେସିଭ୍, ବିଓପିପି ଫିଲ୍ମ ଓ ସାର କ୍ଷେତ୍ରରେ ନୂତନ ପ୍ରକଳ୍ପ ସ୍ଥାପନ ପାଇଁ ଆଗ୍ରହୀ କମ୍ପାନୀଗୁଡ଼ିକ ସହ ପୃଥକ ଭାବେ ଆଲୋଚନା କରିଥିଲେ। ଉପଯୁକ୍ତ ସ୍ଥାନ, ଭିତ୍ତିଭୂମି, ୟୁଟିଲିଟି, ପ୍ରୋତ୍ସାହନ ଓ ସରକାରୀ ସହାୟତା ଉପରେ ଏହି ବୈଠକଗୁଡ଼ିକରେ ବିସ୍ତୃତ ଚର୍ଚ୍ଚା ହୋଇଥିଲା। ପ୍ରକଳ୍ପ ଯୋଜନା, ସ୍ଥାନ ନିରୂପଣ, ଆବଶ୍ୟକୀୟ ମଞ୍ଜୁରୀ ଓ କାର୍ଯ୍ୟକାରିତା ପ୍ରକ୍ରିୟାରେ ନିବେଶକମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବାକୁ ରାଜ୍ୟ ସରକାର ନିଜର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟର କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ବିଭାଗ ଓ ଇନଭେଷ୍ଟ ଇଣ୍ଡିଆର ମିଳିତ ସହଯୋଗରେ ଆୟୋଜିତ ଏହି ରାଉଣ୍ଡ ଟେବୁଲ୍‌ରେ ୩୦ରୁ ଊର୍ଦ୍ଧ୍ୱ ପ୍ରମୁଖ ବିଶ୍ୱସ୍ତରୀୟ ଓ ଭାରତୀୟ କେମିକାଲ କମ୍ପାନୀର ସିଇଓସ୍ତରୀୟ ପ୍ରତିନିଧି ଯୋଗ ଦେଇଥିଲେ। ବୈଠକରେ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଜେପି ନଡ୍ଡା ଅଧ୍ୟକ୍ଷତା କରି ୨୦୪୦ ସୁଦ୍ଧା ଏହି କ୍ଷେତ୍ରକୁ ୧ ଟ୍ରିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଓଡ଼ିଶାର ଗୋପାଳପୁର ଓ ପାରାଦ୍ୱୀପଠାରେ ଗଢ଼ି ଉଠୁଥିବା କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ହବ୍‌ଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ ବୋଲି ସେ ଦୋହରାଇଥିଲେ।

### ଚଳିବନି ଘରୋଇ ହସ୍ପିଟାଲ...

ବିଭାଗ ଆକ୍ସନ ମୋଡରେ ଆସିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଗଣମାଧ୍ୟମ ଜରିଆରେ ସମସ୍ତ ଘରୋଇ ହସ୍ପିଟାଲକୁ ସତର୍କତା କରିଛନ୍ତି ମନ୍ତ୍ରୀ। ଲୋକଙ୍କୁ ଶୋଷଣ କଲେ, ରୋଗୀଙ୍କୁ ହଇରାଣ କଲେ ବା ଦୁର୍ବ୍ୟବହାର ପ୍ରଦର୍ଶନ କଲେ ଆଦୌ ଏହାକୁ ଗ୍ରହଣ କରାଯିବ ନାହିଁ। ଇନଡୋରରେ ଯେଉଁ ରୋଗୀ ଚିକିତ୍ସିତ ହେଉଛନ୍ତି, ୩ ଦିନ ପୂର୍ବରୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଖର୍ଚ୍ଚ ହେଉଥିବା ଟଙ୍କା କାର୍ଡ ମାଧ୍ୟମରେ ନେଇପାରିବେ ରୋଗୀ। ଏହି ସମସ୍ତ ଟଙ୍କା ରାଜ୍ୟ ସରକାର ବହନ କରିବେ। ରୋଗୀ ଚିକିତ୍ସା ହେଇ ଯିବା ପରେ ୧୫ ଦିନ ପର୍ଯ୍ୟନ୍ତ ଔଷଧ ଓ ଅନ୍ୟ ଚିକିତ୍ସା ଖର୍ଚ୍ଚ ନେଇପାରିବେ। ଏହି ନିୟମକୁ ସମସ୍ତ ଘରୋଇ ହସ୍ପିଟାଲରେ କାର୍ଯ୍ୟକାରୀ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ତାଗିଦ କରିଛନ୍ତି।

### ମାଓବାଦୀ ଡମ୍ପ...

ଓ ସୁରକ୍ଷାବଳଙ୍କୁ ଟାର୍ଗେଟ କରିବା ପାଇଁ ମାଓବାଦୀମାନେ ବ୍ୟବହାର କରିବା ଉଦ୍ଦେଶ୍ୟରେ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି। ଜବତ ସାମଗ୍ରୀଗୁଡ଼ିକ ଏଓବିଏସ୍‌ଜେଡ୍‌ସିର ମାଓବାଦୀ କ୍ୟାଡରଙ୍କର ହୋଇଥିବା ବେଳେ ଚଳିତ ବର୍ଷ ଜୁନ୍ ମାସରେ ମଧ୍ୟ ମାଲକାନଗିରି ଜିଲ୍ଲାରୁ ୩ଟି ବଡ଼ ମାଓବାଦୀ ଡମ୍ପ ଠାବ କରାଯାଇଥିଲା। ମାଓବାଦୀମାନେ ଜଙ୍ଗଲରେ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଠାବ କରିବା ପାଇଁ ଏସଓଜି ଓ ଡିଭିଏଫ୍ ପକ୍ଷରୁ ନିୟମିତ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜାରି ରହିଛି।

### ଦେଶର ସାଢ଼େ ୮କୋଟି...

ବି ସାମ୍ନାକୁ ଆସିଛି। କେବଳ ୮.୨୫ ପ୍ରତିଶତ ସ୍ନାତକ ବା ଗ୍ରାଜୁଏଟ୍ ଯୁବକଙ୍କୁ ହିଁ ତାଙ୍କ ଯୋଗ୍ୟତା ଅନୁସାରେ ରୋଜଗାର ମିଳିପାରୁଛି। ପାରମ୍ପରିକ ଶିକ୍ଷା ହାସଲ କରିବା ପରେ ବି ଉଦ୍ୟୋଗ ଆଧାରିତ ବା ଶିଳ୍ପଭିତ୍ତିକ ତାଲିମ ନ ଥିବାରୁ ଚାକିରି ମିଳୁନାହିଁ। ୮.୭ କୋଟି ଯୁବକ ଏନଇଇଟି ଅନ୍ତର୍ଭୁକ୍ତ ହେବା ଦର୍ଶାଉଛି ଯେ ଦେଶରେ ଦକ୍ଷତା ବିକାଶର ଗତି ଓ ଗୁଣବତ୍ତାକୁ ବଢ଼ାଇବାକୁ ପଡ଼ିବ। ଯେପର୍ଯ୍ୟନ୍ତ ଦେଶର ଏହି ବିଶାଳ ଯୁବ ଶକ୍ତି ସଠିକ୍ ଦିଗରେ ନ ଯାଏ ଓ ରୋଜଗାରର ସୁଯୋଗ ନପାଏ, ସେପର୍ଯ୍ୟନ୍ତ ଦେଶର ଭବିଷ୍ୟତ ବିପଦରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି।

● ଦିନକରେ ୨୦ ନବଜାତ ଶିଶୁ ମୃତ ଘଟଣା

# ରିପୋର୍ଟ ମାଗିଲା ସ୍ୱାସ୍ଥ୍ୟ ଭବନ

**କୋଲକାତା, ୨୬।୮ (ସଂଚାର ବ୍ୟୁରୋ):** ମାଲଦା ମେଡିକାଲ କଲେଜ ଓ ହସ୍ପିଟାଲରେ ଗୋଟିଏ ଦିନରେ ଦଶଟି ଶିଶୁଙ୍କ ମୃତ୍ୟୁ ଘଟିବାକୁ ନେଇ ସ୍ୱାସ୍ଥ୍ୟ ଭବନ ରିପୋର୍ଟ ମାଗିଛି। ଏହି ଘଟଣା ଅଗଷ୍ଟ ମାସର ଦ୍ୱିତୀୟ ସପ୍ତାହରେ ଘଟିଥିଲା। ହସ୍ପିଟାଲ ସୂତ୍ର ଅନୁଯାୟୀ, ସେହିଦିନ ମୃତ୍ୟୁବରଣ କରିଥିବା ଦଶ ଜଣ ନବଜାତ ଶିଶୁଙ୍କ ମଧ୍ୟରୁ ଆଠଜଣଙ୍କୁ ବାହାରୁ ମେଡିକାଲକୁ ଅଣାଯାଇଥିଲା। ଏହି ଶିଶୁମାନେ ଅନ୍ୟ ସରକାରୀ ହସ୍ପିଟାଲ କିମ୍ବା ନର୍ସିଂହୋମରେ ଜନ୍ମ ହୋଇଥିଲେ। ସେମାନେ ଶ୍ୱାସକ୍ରିୟା କଷ୍ଟ, ଜଣ୍ଡିସ୍ କିମ୍ବା ହୃଦ୍‌ଜନିତ ଜଟିଳତାରେ ମୃତ୍ୟୁବରଣ କରିଥିଲେ। ତେବେ ସେହି ଦଶଟି ଶିଶୁଙ୍କ ମଧ୍ୟରୁ କେବଳ ଦୁଇଟି ଶିଶୁ ଏହି ପ୍ରତିଷ୍ଠାନରେ ଜନ୍ମ ହୋଇଥିଲେ।

# ଆବାସିକ କୋଠାରେ ଅଗ୍ନିକାଣ୍ଡ, ବୃଦ୍ଧାଙ୍କ ମୃତ୍ୟୁ

**କୋଲକାତା, ୨୬।୮ (ସଂଚାର ବ୍ୟୁରୋ):** ହାଓଡାର ଆନ୍ଦୁଲ-ମୌରୀ ଅଞ୍ଚଳରେ ଥିବା ଏକ ବହୁତଳ ଆବାସିକ କୋଠାରେ ଅଗ୍ନିକାଣ୍ଡ ଘଟି ଗୋପା ମୁଖାର୍ଜୀ ନାମ୍ନୀ ଜନୈକା ବୟସ୍କା ମହିଳାଙ୍କ ମୃତ୍ୟୁ ଘଟିଛି। ବୁଧବାର ପ୍ରାୟ ଦେଢ଼ଟା ସମୟରେ କୋଠାର ଚତୁର୍ଥ ମହଲାରେ ନିଆଁ ଲାଗି ସମଗ୍ର କୋଠାକୁ ବ୍ୟାପି ଯାଇଥିଲା। ଅନେକ ଲୋକ ନିଆଁରେ ଫସି ରହିଥିଲେ। ଖବର ପାଇ ତିନୋଟି ଦମକଳ ଗାଡି ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାଥମିକ ତଦନ୍ତରୁ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ହତ୍ୟା ଅଭିଯୁକ୍ତ ଫେରାର



ସୁନ୍ଦରଗଡ଼,୨୬।୮ (ସଂଚାର ବ୍ୟୁରୋ)ଃ ନରହତ୍ୟା ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ କାରାଗାରରେ ବନ୍ଦୀ ଥିବା ଟେକଚାନ୍ଦ ବେହେରା ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରୁ ଚମ୍ପଟ ମାରିଛି।

ସୂଚନା ଅନୁସାରେ, ଗତକାଲି ଅର୍ଥାତ୍ ଅଗଷ୍ଟ ୨୫ ତାରିଖ ଅପରାହ୍ଣରେ ଟେକଚାନ୍ଦ ବେହେରାଙ୍କୁ ଅସୁସ୍ଥତା କାରଣରୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଜେଲ୍ ସୁରକ୍ଷାକର୍ମୀଙ୍କ ନଜରରେ ରହିଥିଲେ କଏଦୀ। କିନ୍ତୁ ଆଜି ଅଗଷ୍ଟ ୨୬ ତାରିଖ ଭୋର ସମୟରେ ଶୌଚ ଯିବାର ବାହାନା କରି ସୁରକ୍ଷାକର୍ମୀଙ୍କୁ ଚକମା ଦେଇ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ଘଟଣା ଜଣାପଡ଼ିବା ପରେ ଡାକ୍ତରଖାନା ପରିସରରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। ଖବର ପାଇ ସୁନ୍ଦରଗଡ଼ ଟାଉନ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। କଏଦୀ କେଉଁ ବାଟ ଦେଇ ଫେରାର ହେଲା, ଏଥିରେ କାହାର ଅବହେଳା ରହିଛି କି ନାହିଁ, ସେନେଇ ତଦନ୍ତ ଚାଲିଛି। ହତ୍ୟା ମାମଲାରେ ସେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ କାରାଗାରରେ ବନ୍ଦୀ ଜୀବନ କାଟୁଥିଲେ। ଫେରାର କଏଦୀ ଟେକଚାନ୍ଦ ବେହେରାଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଖୋଜା ଖୋଜି ଜାରି ରହିଛି।

## ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ



ଫୁଲବାଣୀ,୨୬।୮ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ସଦର ଥାନା ଅଧୀନସ୍ଥ ସୁଡ୍ରୁକୁମ୍ପା ପଞ୍ଚାୟତ ଅନ୍ତର୍ଗତ ସୁଡ୍ରେକୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟ କ୍ରାଣ୍ଡିମାଘ ଠାରେ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ଓ ଦୁଇ ଗୋରୁଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ସୂଚନା ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ଏକ ଅଜଣା ଗାଡ଼ି ଭାରସାମ୍ୟ ହରାଇ ସୁଡ୍ରେକୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟ କ୍ରାଣ୍ଡିମାଘ ଠାରେ ଦୁର୍ଘଟଣା ଘଟାଇଥିଲା। ଗାଡ଼ିଟି ରାସ୍ତାରେ ଯାଉଥିବା ଏକ ବାଇକ୍‌କୁ ଧକ୍କା ଦେବା ସହ ରାସ୍ତାକଡ଼ରେ ଶୋଇଥିବା ଦୁଇ ଗୋରୁଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣା ଏତେ ଭୟାବହ ଥିଲା ଯେ, ଘଟଣାସ୍ଥଳରେ ହିଁ ବାଇକ୍‌ରେ ଥିବା ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିସହ ଦୁଇ ଗୋରୁଙ୍କର ମଧ୍ୟ ମୃତ୍ୟୁ ହୋଇଛି। ମୃତକମାନେ ସୁଡ୍ରେକୁ ଅଞ୍ଚଳର ଦିଗାମ୍ବର ମଲିକ, ବୟସ (୩୦) ବର୍ଷ ଏବଂ ସଞ୍ଜିତ ମଲିକ, ବୟସ (୧୯) ବର୍ଷ ବୋଲି ଜଣାପଡ଼ିଛି। ଉଭୟେ କୌଣସି କାମରେ ଯାଇ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଚିହ୍ନଟ କରିବା ସହ ଚାଳକଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଛେଳିଗଡ଼ ବିସ୍ଥାପିତଙ୍କୁ ପଟ୍ଟା ଓ ଆର୍‌ଆର୍ ପ୍ୟାକେଜ୍‌କୁ ସାଂସଦଙ୍କ ସ୍ୱାଗତ

ଛତ୍ରପୁର, ୨୬।୮ (ସଂଚାର ବ୍ୟୁରୋ)ଃ ନୂଆ ଗୋଲାବନ୍ଧ ଓ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ପରିବାରଙ୍କୁ ଆର୍‌ଆର୍ ପ୍ୟାକେଜ୍ ଓ ଜମି ପଟ୍ଟା ଦେବା ନିଷ୍ପତ୍ତିକୁ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ସ୍ୱାଗତ କରିଛନ୍ତି। ଆସନ୍ତା ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଗସ୍ତରେ ଆସିବେ। ଏହି ସମୟରେ ଦୀର୍ଘଦିନ ଧରି ଅପେକ୍ଷାରେ ଥିବା ବିସ୍ଥାପିତ ପରିବାରଙ୍କୁ ଆର୍‌ଆର୍ ପ୍ୟାକେଜ୍ ଓ ଜମି ପଟ୍ଟା ପ୍ରଦାନ କରାଯିବ। ଏଥିପାଇଁ ସାଂସଦ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ସେହିପରି ଗୋଲାବନ୍ଧ ସେନା ଛାଉଣୀ ନିକଟ ଅଞ୍ଚଳର ଜମି ଓ ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସାଂସଦ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଗୋଲାବନ୍ଧ, କମଳାପୁର, ବକ୍ସିପାଲ୍ଲୀ ଓ ହାତୀପଦା ପଞ୍ଚାୟତର ଲୋକେ ଦୀର୍ଘଦିନ ଧରି ଜମି ସୀମା ଓ ଯାତାୟାତ ସମସ୍ୟାରେ ରହିଛନ୍ତି।

ରାସ୍ତା ସମସ୍ୟା ଯୋଗୁଁ ସ୍କୁଲ ପିଲା, ରୋଗୀ ଓ ସାଧାରଣ ଲୋକ ଅସୁବିଧା ଭୋଗୁଛନ୍ତି। ଏହା କମଳାପୁର, ବଡ଼ ହାତୀପଦା, ସାନ ହାତୀପଦା ଓ ଗୋଲାବନ୍ଧର ୨ ହଜାରରୁ ଅଧିକ ପରିବାର ଦୀର୍ଘଦିନ ଧରି ବସବାସ କରୁଥିଲେ ମଧ୍ୟ ସ୍ଥାୟୀ ପଟ୍ଟା ପାଉନାହାନ୍ତି। ଏହାସହ ଶ୍ମଶାନ, ଖେଳପଡ଼ିଆ ଓ ଧର୍ମଶାଳା ମହାଦେବ ମନ୍ଦିର ରାସ୍ତା ନେଇ ମଧ୍ୟ ସମସ୍ୟା ରହିଛି।

ଏହି ସବୁ ସମସ୍ୟାର ସମାଧାନ ପାଇଁ ଦକ୍ଷିଣାଞ୍ଚଳ ଆରଡ଼ିସିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସାଂସଦ ପ୍ରସ୍ତାବ ଦେଇଛନ୍ତି। କମିଟି ଜମି ସର୍ଭେ କରିବା ସହ ରାଜ୍ୟ ସରକାର ଓ ପ୍ରତିରକ୍ଷା ବିଭାଗ ସହ ଆଲୋଚନା କରି ଜମି ଓ ରାସ୍ତା ସମସ୍ୟାର ସମାଧାନ କରିବ। ଏହାଦ୍ୱାରା ବର୍ଷ ବର୍ଷ ଧରି ଚାଲିଆସୁଥିବା ସମସ୍ୟାର ସ୍ଥାୟୀ ସମାଧାନ ହୋଇ

### ପାଞ୍ଚ ଟଙ୍କାରେ ଯାତ୍ରୀ ସେବା

# ବସ୍‌ର ଅବସ୍ଥା ଦୟନୀୟ

**'ସରକାର କା ମାଲ, ଦରିଆ ମେ ଡାଲ' ମନୋଭାବ ନୁହେଁ, ରକ୍ଷଣାବେକ୍ଷଣ ଉପରେ ଦିଆଯାଉ ଗୁରୁତ୍ୱ**



ଲକ୍ଷ୍ମୀପୁର,୨୬।୮ (ସଂଚାର ବ୍ୟୁରୋ)ଃ ଅଳ୍ପ ଭଡ଼ାରେ ସାଧାରଣ ଲୋକଙ୍କୁ ଯାତ୍ରୀ ପରିବହନ ସୁବିଧା ଯୋଗାଇ ଦେଉଥିବା 'ଲକ୍ଷ୍ମୀ ବସ୍' ଏବେ ନିଜର ରକ୍ଷଣାବେକ୍ଷଣକୁ ନେଇ ପ୍ରଶ୍ନ ଘେରରେ। ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷିତ ଯାତାୟାତ ପାଇଁ ଚାଲୁଥିବା ବସ୍‌ର ଅନେକ ସିଟ୍ ଭାଙ୍ଗି ଯାଇଥିବାରୁ ଯାତ୍ରୀମାନେ ଅସୁବିଧାରେ ଯାତ୍ରା କରୁଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରୁ ପଞ୍ଚଡା ଯାଉଥିବା ଓଡ଼ି-୧୦-ଏକ୍ସ-୧୮୩୩ ଏବଂ ଲକ୍ଷ୍ମୀପୁରରୁ ଦାମନଯୋଡ଼ି ଯାଉଥିବା ଓଡ଼ି-୧୦-ଏକ୍ସ-୧୮୪୦ ନମ୍ବର ବିଶିଷ୍ଟ ଦୁଇଟି ବସ୍‌ର ଅନେକ ସିଟ୍ ନଷ୍ଟ ହୋଇଯାଇଛି। ଫଳରେ ଯାତ୍ରୀଙ୍କୁ ଭଙ୍ଗା ଓ ଅସୁବିଧାଜନକ ସିଟ୍‌ରେ ବସି ଯାତ୍ରା କରିବାକୁ ପଡୁଛି। ବସ୍ ଚାଳକ ଓ କଣ୍ଡକ୍ଟର ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଉପରିସ୍ଥ କର୍ମଚାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ ନଷ୍ଟ ସିଟ୍‌ଗୁଡ଼ିକର ମରାମତି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ରହିଛି।

ଲକ୍ଷ୍ମୀ ବସ୍ ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ପାଇଁ ଯାତାୟାତର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ମାତ୍ର ପାଞ୍ଚ ଟଙ୍କା ଭଳି ଅଳ୍ପ ଭଡ଼ାରେ ଯାତ୍ରୀଙ୍କୁ ସେବା ଯୋଗାଇ ଦେବା ନିଶ୍ଚିତ ଭାବେ ଏକ ପ୍ରଶଂସନୀୟ ପଦକ୍ଷେପ। ତେବେ ଭଡ଼ା କମ୍ ହେଲେ ସେବାର ମାନ ମଧ୍ୟ କମିଯିବ ଏଭଳି ମନୋଭାବ ଗ୍ରହଣୀୟ ନୁହେଁ ବୋଲି ଯାତ୍ରୀମାନେ ମତ ପ୍ରକାଶ କରିଛନ୍ତି। ସରକାରୀ ସମ୍ପତ୍ତିକୁ 'ସରକାର କା ମାଲ, ଦରିଆ ମେ ଡାଲ' ମନୋଭାବରେ ଅବହେଳା କରାଯିବା ଉଚିତ୍ ନୁହେଁ। ସରକାରୀ ସମ୍ପତ୍ତି ମଧ୍ୟ ଜନସାଧାରଣଙ୍କ ଅର୍ଥରେ ନିର୍ମିତ। ତେଣୁ ଏହାର ସୁରକ୍ଷା, ଯତ୍ନ ଓ ନିୟମିତ ରକ୍ଷଣାବେକ୍ଷଣ କରିବା ସମ୍ପୃକ୍ତ ବିଭାଗର ଦାୟିତ୍ୱ। ସମ୍ପତ୍ତିକୁ ସମୟୋପଯୋଗୀ ଭାବେ ମରାମତି କରାଗଲେ ଯାତ୍ରୀଙ୍କୁ ଭଲ ସେବା ମିଳିବା ସହ ସରକାରୀ ସମ୍ପତ୍ତିର ଆୟୁ ମଧ୍ୟ ବୃଦ୍ଧି ପାଇବ।

କେବଳ ସିଟ୍ ନୁହେଁ, ବସ୍‌ର ସ୍ୱଚ୍ଛତା, ଯାତ୍ରୀଙ୍କ ବସିବା ବ୍ୟବସ୍ଥା, ଆଲୋକ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସହ ବସ୍‌ର ଯାନ୍ତ୍ରିକ ସ୍ଥିତିକୁ ମଧ୍ୟ ନିୟମିତ ଯାଞ୍ଚ କରାଯିବା ଆବଶ୍ୟକ। ବିଶେଷକରି ଯାତ୍ରୀଙ୍କ ସୁରକ୍ଷା ସହ ଜଡ଼ିତ କୌଣସି ତ୍ରୁଟିକୁ ଅଣଦେଖା ନକରି ତୁରନ୍ତ ସମାଧାନ କରାଯିବା ଦରକାର। ଏପରି ସ୍ଥିତିରେ ଲକ୍ଷ୍ମୀପୁର ଅଞ୍ଚଳରେ ଚାଲୁଥିବା ଲକ୍ଷ୍ମୀ ବସ୍‌ଗୁଡ଼ିକର ସ୍ଥିତି ଉପରେ ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ନଷ୍ଟ ସିଟ୍‌ଗୁଡ଼ିକର ମରାମତି ସହ ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ କରାଇବାକୁ ଯାତ୍ରୀ ଓ ସାଧାରଣ ଲୋକଙ୍କ ପକ୍ଷରୁ ଦାବି ହୋଇଛି।

## ୩ରୁ ମାଲକାନଗିରି-ଭୁବନେଶ୍ୱର ବିମାନ ସେବା




ମାଲକାନଗିରି,୨୬।୮ (ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ଏକ ବଡ଼ ସୁଖବର। ସୀମାନ୍ତ ଜିଲ୍ଲା ମାଲକାନଗିରିରୁ ରାଜଧାନୀ ଭୁବନେଶ୍ୱରକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ଆଗାମୀ ସେପ୍ଟେମ୍ବର ୩ ତାରିଖରୁ ଏହି ବାଣିଜ୍ୟିକ ଉଡ଼ାଣ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବ। ଏହାଦ୍ୱାରା ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ଜିଲ୍ଲାବାସୀଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି।

ଏହି ବିମାନ ସେବା ପ୍ରାରମ୍ଭିକ ପର୍ଯ୍ୟାୟରେ ୯ ସିଟ୍ ବିଶିଷ୍ଟ ବିମାନ ମାଧ୍ୟମରେ ପରିଚାଳିତ ହେବ। ଏଥିପାଇଁ ଟିକେଟ୍ ବୁକିଂ ପ୍ରକ୍ରିୟାକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲ୍ ଖୁବ୍ ଶୀଘ୍ର ଉପଲବ୍ଧ ହେବ। ସାଧାରଣ ଜନତା ଏବଂ ଯାତ୍ରୀମାନେ ଘରେ ବସି ନିଜର ସିଟ୍ ବୁକ୍ କରିପାରିବେ। ଏହା ସହିତ ଯାତ୍ରୀମାନଙ୍କୁ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିମାନବନ୍ଦରର ରନୱେ ଏବଂ ସୁରକ୍ଷା ବ୍ୟବସ୍ଥାର ଟ୍ରାଏଲ୍ ରନ୍ ମଧ୍ୟ ସଫଳତାର ସହ ଶେଷ ହୋଇଛି।

ଏହି ଅବସରରେ ଜିଲ୍ଲାପାଳ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମାଲକାନଗିରିରୁ ଭୁବନେଶ୍ୱର ବିମାନ ସେବା ଆରମ୍ଭ ହେବା ଯାହା ଜିଲ୍ଲା ପାଇଁ ଏକ ଐତିହାସିକ ସଫଳତା। ଏହା କେବଳ ଯାତ୍ରୀମାନଙ୍କ ସମୟ ବଞ୍ଚାଇବ ନାହିଁ, ବରଂ ସ୍ଥାନୀୟ ଅଞ୍ଚଳରେ ସାମାଜିକ ସଂଯୋଗ, ପର୍ଯ୍ୟଟନର ବିକାଶ ଏବଂ ଆର୍ଥିକ ପ୍ରଗତିର ଏକ ନୂତନ ଦିଗ ଉନ୍ମୋଚନ କରିବ। ଯାତ୍ରୀମାନେ ସହଜରେ ଅନଲାଇନ୍ ମାଧ୍ୟମରେ ନିଜର ଟିକେଟ୍ ବୁକ୍ କରି ଏହି ସେବାର ଲାଭ ଉଠାଇବାକୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ। ଏହି ନୂତନ ବିମାନ ସେବା ଦ୍ୱାରା ଜିଲ୍ଲାରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବ୍ୟବସାୟିକ କ୍ଷେତ୍ରରେ ବ୍ୟାପକ ସୁଧାର ଆସିବ ବୋଲି ଆଶା କରାଯାଉଛି।

## ଜୁଆ ଆଡ୍ଡାରେ ପୁଲିସର ଚଢ଼ାଉ, ୧୧ ଜୁଆଡି ଗିରଫ



ହିଞ୍ଜିଳିକାଟୁ,୨୬।୮ (ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଞ୍ଚବଣିଆର ଏକ ଜୁଆ ଆଡ୍ଡା ଚାଲିଥିବା ବେଳେ ହିଞ୍ଜିଳି ପୁଲିସ କୌଣସି ସୂତ୍ରରୁ ଖବର ପାଇଁ ମଙ୍ଗଳବାର ରାତି ସାଢେ ୯ଟାରେ ଅତର୍କିତ ଚଢ଼ଉ କରି ୧୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ୪୮ ହଜାର ୫୮୦ ଟଙ୍କା, ୩ଟି ମୋଟର ସାଇକେଲ ଓ ୧୧ଟି ମୋବାଇଲ ଜବତ କରାଯାଇଛି। ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀଙ୍କ ନିର୍ଦ୍ଦେଶରେ ପୁଲିସ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ।

## ପୁରୀ କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର



ବାଲିଅନ୍ତା, ୨୬।୮ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା ଥାନା ସତ୍ୟଭାମାପୁର ପଞ୍ଚାୟତ ଅଧୀନ ଅଲାରପୁର ସ୍ଥିତ ସାଇ ଫନ ନିକଟରୁ ଆଜି ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି । ମୃତ ମହିଳା ହେଲେ କଟକ ଜିଲ୍ଲା ମଧୁପାଟଣା ଥାନା ନୂଆପଡାର ବାସିନ୍ଦା ସ୍ୱର୍ଗତ ହେମନ୍ତ ପାଣିଙ୍କ ପତ୍ନୀ ୫୪ ବର୍ଷୀୟ ରୀନା ପାଣି । ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଞ୍ଚି ଗଳିତ ମୃତଦେହ ଜବତ କରିଥିଲା । ଏପଟେ ଖବର ପାଇ ରୀନା ପାଣିଙ୍କ ଝିଅ ସୁଭଦ୍ରାଙ୍କ ସମେତ ବନ୍ଧୁ ସମ୍ପର୍କୀୟ ପହଞ୍ଚି ଥିଲେ।

ସୁଭଦ୍ରାଙ୍କ କହିବା ଅନୁସାରେ ତାଙ୍କର ମାଆ ରୀନା ସହିଦ ନଗର ଥାନା ଅଧୀନ ରୂପାଲି ଛକ ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଗତ ରବିବାର ଦିନ ଠାରୁ ସେ ନଖରା ଲକ୍ଷେଶ୍ୱର ମନ୍ଦିର ଅଞ୍ଚଳରୁ ରୀନା ନିଖୋଜ ଥିଲେ। ଏସମ୍ପର୍କରେ ସୁଭଦ୍ରା ସହୀଦ ନଗର ଏବଂ ପାହାଳ ଥାନାରେ ନିଖୋଜ ଅଭିଯୋଗ କରିଥିଲେ । ଆଜି ସକାଳେ ଶବ ଅଲାରପୁର ସାଇଫନ ନିକଟ ପୁରୀ କେନାଲର ଏକ ବରକୋଳି ଗଛରେ ଲାଗିଥିବା ଦେଖି ସ୍ଥାନୀୟ ଲୋକ ବାଲିଅନ୍ତା ଥାନାକୁ ଫୋନ କରି ଜଣାଇ ଥିଲେ । ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି ଶବ ଉପରକୁ ଆଣିଥିଲେ। ବାଲକାଟି ଫାଣ୍ଡି ପୁଲିସ ମୃତଦେହ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା ।

## ଏମ୍‌ଏମ୍‌ଡିଆର ବିଲ୍‌କୁ ପ୍ରତ୍ୟାହାର ଦାବିରେ ଇଣ୍ଡି ମେଣ୍ଟର ମଶାଲ ଶୋଭାଯାତ୍ରା



ଖୋର୍ଦ୍ଧା, ୨୬।୮ (ସଂଚାର ବ୍ୟୁରୋ)ଃ କେନ୍ଦ୍ର ସରକାର ଆଣିଥିବା କଳା ଆଇନ ଏମ୍‌ଏମ୍‌ଡିଆର-୨୦୨୬କୁ ପ୍ରତ୍ୟାହାର ଦାବିରେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସମେତ ଇଣ୍ଡି ମେଣ୍ଟର ଖୋର୍ଦ୍ଧାର ସମସ୍ତ ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବିଶାଳ ମଶାଲ ଶୋଭାଯାତ୍ରା ଖୋର୍ଦ୍ଧାସ୍ଥିତ ଗୋଡି ପୋଖରୀ ଠାରୁ ଆରମ୍ଭ ହୋଇ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ହଜାର ହଜାର କର୍ମୀ ସାମିଲ ହୋଇ କେନ୍ଦ୍ରରେ ଥିବା ବିଜେପି ସରକାର କିଭଳି ଅଦାନୀ ଅମ୍ବାନୀ ସ୍ୱାର୍ଥରେ ଓଡ଼ିଶାର ଖଣି ଖାଦାନକୁ ଟେକିଦେବାକୁ ନେଇଥିବା ନିଷ୍ପତ୍ତିକୁ ଭତ୍ସନା କରିଛନ୍ତି। ଏହି ଆଇନ ଦ୍ୱାରା ଓଡ଼ିଶା ସବୁଠାରୁ ବେଶୀ କ୍ଷତି ସହିବ। ଖଣି ମାଲିକଙ୍କ ଉପରେ ପଡିଥିବା ବକେୟା ଦେଢ଼ ଲକ୍ଷ କୋଟି ଟଙ୍କା ଆଉ ରାଜ୍ୟ ପାଇବ ନାହିଁ। ରାଜ୍ୟ ଖଣି ଗୁଡ଼ିକରୁ ଆସୁଥିବା ଟିକସ, ସେସ ଓ ରୟାଲିଟି ଉପରେ ଚାଲୁଥିଲା। ଏହି ନିୟମ ଲାଗୁ ହେବାଦ୍ୱାରା ଓଡ଼ିଶା ସିଧାସଳଖ ଭାବେ ବର୍ଷକୁ ୧ ଲକ୍ଷ କୋଟି ହରାଇବ।

ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ କହିଛନ୍ତି ଓଡ଼ିଶାକୁ କାଙ୍ଗାଳ କରିବାକୁ ଯେତେବେଳେ ଏଇ ବିଲ ଲୋକସଭାରେ ଆସିଲା ସେତେବେଳେ ଓଡ଼ିଶାର ୨୦ ବିଜେପି ସାଂସଦ ପାଟି ବନ୍ଦ କରି ମୁଦା ମାଙ୍କଡ଼ ସାଜିବା ଦୁର୍ଭାଗ୍ୟର କଥା। ଏଇ ଓଡ଼ିଆ ସାଂସଦଙ୍କ ପାଇଁ ଆଜି ଓଡିଶା ସର୍ବସ୍ୱାନ୍ତ ହେବାକୁ ଯାଉଛି। ତେଣୁ ଓଡ଼ିଶାର ସ୍ୱାର୍ଥ ପାଇଁ ଓଡିଶାକୁ ଏକ ବଡ଼ ଅର୍ଥନୈତିକ ବିପଦରୁ ମୁକୁଳେଇବା ପାଇଁ ଉକ୍ତ ଆଇନକୁ ପ୍ରତ୍ୟାହାର ପାଇଁ ସବୁ ଦଳର ନେତା ଦାବି କରିଥିଲେ।

ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବେଗୁନିଆ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ସିପିଏମ୍ ଗିରିଶ ମହାରଣା, ଚମ୍ପତି, ଜନ୍ମଜେୟ ସ୍ୱାଇଁ, ସିବୁ ନାୟକ, ସାଦିକ୍ ଖାନ୍, ଯୁବ କଂଗ୍ରେସ ଜିଲ୍ଲା କାର୍ଯକାରୀ ସଭାପତି ସୌମ୍ୟ ବରାଳଙ୍କ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସତ୍ୟ ଲେଖିଲା 'ସଂଚାର', ପରିଚୟ ଖୋଜୁଛନ୍ତି ଦଣ୍ଡିଆ!

**ଚୋରି ଓ ନିଶା ରୋକିବାରେ ପୁଲିସ ବିଫଳ**

**ବ୍ୟବସାୟୀ ମହାସଂଘର ଥାନାଧିକାରିଣୀଙ୍କ ବଦଳି ଦାବି ପରେ ପୁଲିସ ଛାନିଆ**

କାକଟପୁର/ଅସ୍ତରଙ୍ଗ, ୨୬।୮ (ସଂଚାର ବ୍ୟୁରୋ)ଃ ସତ ଲେଖିଲେ ବାଧେ କାହିଁକି? ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଏବେ ଏହି ପ୍ରଶ୍ନ। ଅସ୍ତରଙ୍ଗରେ ଦିନକୁ ଦିନ ଚୋରି ଓ ନିଶା କାରବାର ବୃଦ୍ଧି, ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ଏବଂ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ସଂଚାରରେ ଖବର ପ୍ରକାଶ ପାଇଥିଲା। ଏହି ଖବର ପରେ ଅସ୍ତରଙ୍ଗ ବ୍ୟବସାୟୀ ମହାସଂଘ ୭ ଦିନ ଭିତରେ ଦୁର୍ବୃତ୍ତଙ୍କୁ ଧରିବାକୁ ଏବଂ ନ ହେଲେ ଥାନା ଅଧିକାରିଣୀଙ୍କ ବଦଳି ଦାବୀ କରିଥିଲା।

ହେଲେ ଚୋରଙ୍କୁ ନ ଖୋଜି ଏବେ କିଛି ଦଣ୍ଡିଆ ଓ ଦଲାଲ ଅସ୍ତରଙ୍ଗ ମୁଖ୍ୟ ବଜାର ଠୁ ଚା ଦୋକାନ ଯାଏଁ ଖୋଜି ବୁଲୁଛନ୍ତି -ଅନ୍ୟ ପଟେ ୫୦ଲକ୍ଷ ଟଙ୍କାର ଦାମୀ ଫୋନ୍ ଲୁଟ ପରେ ରାଜେଶଙ୍କ ପରିବାର ଚିନ୍ତାରେ। ଋଣ ସୁଜିବେ କିପରି। ଥାନା ସାମ୍ନାରେ ଯାଉଛି ମଦ କିନ୍ତୁ ପୁଲିସ ଧରିବାରେ ବିଫଳ। ସାଧାରଣ ଦାବୀ ଥାନା ସିସିଟିଭି କେବେ ଯାଞ୍ଚ ହେବ ? କିନ୍ତୁ ଖବର ସଂଚାର ବାହାରିବେ ପରେ ଦୁର୍ବୃତ୍ତଙ୍କୁ ଧରିବାରେ ସମସ୍ତେ ଚେଷ୍ଟା ଜାରି ରଖିଥିବା ବେଳେ କିଛି ଦଣ୍ଡିଆ ଅସ୍ତରଙ୍ଗ ବଜାର ଠାରୁ ଚା "ଦୋକାନ ଯାଏ ପଚାରି ବୁଝୁଛନ୍ତି "ସଂଚାର ସାମ୍ବାଦିକ କିଏ? ସଂଚାର ସତ ଲେଖିଲା ବୋଲି ସେମାନଙ୍କୁ ବାଧିଲା କାହିଁକି?

ସାଧାରଣ ଲୋକେ କହୁଛନ୍ତି, ଏହି ଦଣ୍ଡିଆ ଓ ଦଲାଲଙ୍କ ପାଇଁ ହିଁ ଆଜି ସ୍ୱଚ୍ଛ ଅସ୍ତରଙ୍ଗରେ ଚୋରି ଓ ନିଶା କାରବାର ବୃଦ୍ଧି ପାଇଛି। ସେମାନେ ଚୋରିକୁ ଘୋଡାଇ ସାମ୍ବାଦିକଙ୍କୁ ଧମକାଇବାକୁ ଚେଷ୍ଟା କରୁଛନ୍ତି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି।

ଲୋକେ କହୁଛନ୍ତି, ପୁଲିସ ଚୋର ଧରିବା ବଦଳରେ ସାମ୍ବାଦିକ ଖୋଜା ଚାଲିଛି କି? ଯଦି ସାମ୍ବାଦିକଙ୍କ ଉପରେ ଆଞ୍ଚ ଆସେ, ସମଗ୍ର ପୁରୀ ଜିଲ୍ଲାର ସାମ୍ବାଦିକ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇବେ। ପ୍ରଶାସନ ତୁରନ୍ତ ଏହି ଦଣ୍ଡିଆଙ୍କୁ ଚିହ୍ନଟ କରୁ। କଲମ ବନ୍ଦ ହେବ ନାହିଁ, ସଂଚାର ସତ୍ୟ ଲେଖୁଥିଲା, ଲେଖୁଛି ଓ ଲେଖୁଥିବ।

## ସାମ୍ବାଦିକଙ୍କୁ ରାକ୍ଷୀ ବାନ୍ଧିଲେ ବ୍ରହ୍ମକୁମାରୀ ଭଉଣୀ



ପାରାଦୀପ, ୨୬।୮ (ସଂଚାର ବ୍ୟୁରୋ)ଃ ରକ୍ଷାବନ୍ଧନ ଅବସରରେ ସମାଜରେ ସାମ୍ବାଦିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇ ପାରାଦୀପର ମଧୁବନସ୍ଥିତ ବ୍ରହ୍ମକୁମାରୀ ଶାଖା ପକ୍ଷରୁ ବୁଧବାର ଦିନ ଏକ ସ୍ୱତନ୍ତ୍ର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଭଉଣୀ ସୁମନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇ ସ୍ୱାଗତ କରାଯାଇଥିଲା। ପରେ ବ୍ରହ୍ମକୁମାରୀ ଭଉଣୀମାନେ ସାମ୍ବାଦିକମାନଙ୍କ ହାତରେ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ଧାର୍ମିକ ସଭାରେ ଅନୁଷ୍ଠାନର ସଦସ୍ୟ ବିବେକାନନ୍ଦ ନାୟକ ଓ କ୍ୟାପଟେନ୍ ଅମିତ ଉପସ୍ଥିତ ରହି ଆଧ୍ୟାତ୍ମିକ ବାଣୀ ପ୍ରଦାନ କରିଥିଲେ।

## କୃତ୍ରିମ ବୁଦ୍ଧିମତା ଓ ମାନବିକୀ ବିଜ୍ଞାନ ମଧ୍ୟରେ ସେତୁ ସ୍ଥାପନ ପାଇଁ ସୋଆରେ କର୍ମଶାଳା




ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ)ଃ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପକ୍ଷରୁ ଆୟୋଜିତ ଦୁଇଦିନିଆ ଆନ୍ତଃବିଷୟକ କର୍ମଶାଳାରେ କୃତ୍ରିମ ବୁଦ୍ଧିମତା (ଏଆଇ), ମାନବିକୀ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନର ଉଦୀୟମାନ ସମନ୍ୱୟ ଓ ପାରସ୍ପରିକ ସମ୍ପର୍କକୁ ନେଇ ବିଷଦ ଆଲୋଚନା ମାଧ୍ୟମରେ ନୂତନ ଦିଗ ଉନ୍ମୋଚିତ ହୋଇଛି।

ଆଇଟିଇଆରର ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସେସ୍ ବିଭାଗ ପକ୍ଷରୁ ଅଗଷ୍ଟ ୨୧ ଓ ୨୨ ଦୁଇ ଦିନ ଧରି ଆୟୋଜିତ 'ଏଆଇ ଆଣ୍ଡ ହ୍ୟୁମାନିଟିଜ୍ଃ ବ୍ରିଜିଂ କମ୍ପ୍ୟୁଟେସ୍‌ନାଲ ଇନ୍‌ଟେଲିଜେନ୍ସ ଇନ୍ ହ୍ୟୁମାନିଟିଜ୍' ଶୀର୍ଷକ କର୍ମଶାଳାରେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

ମାନବିକୀ ବିଜ୍ଞାନ ଓ ଡାଟା ସାଇନ୍ସ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ସହିତ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତାର ଉଦୀୟମାନ ପ୍ରଯୁକ୍ତି ସମ୍ପର୍କରେ ପରିଚିତ କରାଇବା ଏହି କର୍ମଶାଳାର ଅନ୍ୟତମ ଉଦ୍ଦେଶ୍ୟ ଥିଲା। ଶିକ୍ଷା, ଗବେଷଣା, ଭାଷା, ସାହିତ୍ୟ, ଇତିହାସ ଓ ସାମାଜିକ ବିଜ୍ଞାନ କ୍ଷେତ୍ରରେ ଏଆଇର ପ୍ରୟୋଗ ସମ୍ପର୍କରେ ଆଲୋଚନା ହେବା ସହ ଏଆଇ ସାକ୍ଷରତା ଏବଂ ଦାୟିତ୍ୱବୋଧପୂର୍ଣ୍ଣ କୃତ୍ରିମ ବୁଦ୍ଧିମତା ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା।

କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ଭାରତୀୟ ବିଦ୍ୟା ଭବନର ଏମେରିଟସ୍ ପ୍ରଫେସର ପ୍ରଫେସର କେ. ସି. ମିଶ୍ର ଏବଂ ଦି ପାୟୋନିୟରର ବରିଷ୍ଠ ସାମ୍ବାଦିକ ଶ୍ରୀ ସୁଜ୍ଞାନ ଚୌଧୁରୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ଚୌଧୁରୀ କହିଥିଲେ ଯେ ମାନବୀୟ ମୂଲ୍ୟବୋଧ ଓ ସୃଜନଶୀଳତାକୁ କେବେହେଲେ କୃତ୍ରିମ ବୁଦ୍ଧିମତା ପ୍ରତିସ୍ଥାପିତ କରିପାରିବ ନାହିଁ। ବୁଦ୍ଧିମତା କେବେ କୃତ୍ରିମ ହୋଇପାରିବ ନାହିଁ ବୋଲି ମତ ଦେଇ ସେ କହିଥିଲେ ଯେ କୃତ୍ରିମ ବୁଦ୍ଧିମତା ହେଉଛି ଏକ ସାଧନ, ଯାହା ମାନବର କାର୍ଯ୍ୟକୁ ସହଜ ଓ ଦ୍ରୁତ କରିଥାଏ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ




ନୀଳଗିରି, ୨୬।୮ (ସଂଚାର ବ୍ୟୁରୋ)ଃ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାପାଇଁ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧାରକରି ସରକାରଙ୍କ ନୂତନ ଶିକ୍ଷାନୀତିରେ ଯୋଡ଼ି ହୋଇଥିବା ଶକ୍ତିଶ୍ରୀ, ଆତ୍ମସୁରକ୍ଷା ଓ ଷ୍ଟାର୍ଟ ଅଫ କାର୍ଯ୍ୟକ୍ରମପରି ବିଭିନ୍ନ କାର୍ଯ୍ୟକ୍ରମର ସଚେତନତା ଶିବିର ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଫକୀରମୋହନ ମେଡିକାଲ କଲେଜର କୁଳସଚିବ ଦକ୍ଷ ପ୍ରଶାସିକା ମନୋରମା ଭୂୟାଁ ଯୋଗଦେଇ ଆଜିର ଛାତ୍ରୀଙ୍କ ମାନସିକତାର ଲକ୍ଷଣକୁ ବର୍ଣ୍ଣନା କରିବାସହ ଉକ୍ତ ଯୋଜନାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁନିୟର ମହିଳା କଲେଜର ଅଧ୍ୟକ୍ଷ ସତ୍ୟରଞ୍ଜନ ମିଶ୍ର, ଶକ୍ତିଶ୍ରୀ ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପିକା ଡ. ଶିବାନୀ ଡଗର, ଷ୍ଟାର୍ଟ ଅଫ ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପିକା ମଣିମାଳା ବିଶ୍ୱାଳ ଓ ମୌସୁମୀ ଭୋଳ ଉପସ୍ଥିତ ରହି ନିଜନିଜ ମତ ଉପସ୍ଥାପନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଯୋଗଦାନ କରିଥିଲେ ।

## ଠିକାଦାରଙ୍କ ଅବହେଳାରେ ଅଟକିଛି ଗଞ୍ଜାମ ଏନ୍‌ଏସିର ବିକାଶ !

ଛତ୍ରପୁର, ୨୬।୮ (ସଂଚାର ବ୍ୟୁରୋ)ଃ ସରକାରୀ ଅର୍ଥରେ ଉନ୍ନୟନ କାମ ପାଇଁ ଟେଣ୍ଡର ହେଉଛି ଓ ଠିକାଦାରଙ୍କୁ କାମ ମିଳୁଛି। ହେଲେ ସମୟସୀମା ଶେଷ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ କାମର ନାଁଗନ୍ଧ ନାହିଁ। ଏଭଳି ଅଭିଯୋଗ ଗଞ୍ଜାମ ଏନ୍‌ଏସିରେ ଦେଖିବାକୁ ମିଳିଛି। ଠିକାଦାରଙ୍କ ଅବହେଳା ଯୋଗୁଁ ଗତ ଏକ ବର୍ଷରେ ୨ କୋଟିରୁ ଅଧିକ ଟଙ୍କାର ଉନ୍ନୟନ କାମ ହୋଇପାରିନଥିବା ଅଭିଯୋଗ ହୋଇଛି। କାମ ଅଟକି ରହିବାରୁ ଲୋକେ ସମସ୍ୟା ଭୋଗୁଥିବା ବେଳେ ଏହାର ବଦନାମ ଏନ୍‌ଏସି ପ୍ରଶାସନକୁ ମୁଣ୍ଡାଇବାକୁ ପଡୁଛି।

ସୂଚନା ଅନୁସାରେ, ଏନ୍‌ଏସିର ବିଭିନ୍ନ ୱାର୍ଡରେ ରାସ୍ତା, ଡ୍ରେନ୍, କଲଭର୍ଟ, କମ୍ୟୁନିଟି ସେଣ୍ଟର ଓ ବଜାର ନିର୍ମାଣ ପାଇଁ ଟେଣ୍ଡର ହୋଇଛି। ଏଥିରେ ୱାର୍ଡ ନଂ-୫ ଜଗନ୍ନାଥ ମନ୍ଦିରରେ ପ୍ରସାଦ ସେବନ ମଣ୍ଡପ ଓ ଗୋଶାଳା ବିକାଶ, ତୁଳସୀନଗରରେ ରାସ୍ତା, ୱାର୍ଡ ନଂ-୪ରେ ଡ୍ରେନ୍, ୱାର୍ଡ ନଂ-୩ ଓ ୯ରେ କମ୍ୟୁନିଟି ସେଣ୍ଟର, ମୁଖ୍ୟ ଡ୍ରେନ୍ ପାର୍ଶ୍ୱରେ ସର୍ଭିସ୍ ରୋଡ୍, ବିଭିନ୍ନ ସ୍ଥାନରେ କଲଭର୍ଟ ଏବଂ ବରପଲ୍ଲୀ ଓ ବଡ଼ସାହି ପୁଇଁତଳାରେ ରାସ୍ତା ଉନ୍ନତି କାମ ସାମିଲ ରହିଛି। ତେବେ ଏସବୁ ମଧ୍ୟରୁ ଅନେକ କାମ ଅଟକି ରହିଥିବା ଅଭିଯୋଗ ହୋଇଛି।

ଏଥିମଧ୍ୟରେ ୱାର୍ଡ ନଂ-୩ କମ୍ୟୁନିଟି ସେଣ୍ଟର କାମ ଆରମ୍ଭ ନହେବାରୁ ଏନ୍‌ଏସି ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ ଶୋ'କଜ୍ ନୋଟିସ୍ ଦିଆଯାଇଛି। ଅନ୍ୟପଟେ, ଜଣେ ଠିକାଦାରଙ୍କ ପାଖରେ ୫୭ ଲକ୍ଷ ଟଙ୍କାରୁ ଅଧିକ ବକେୟା କାମ ଥିବା ସତ୍ତ୍ୱେ ତାଙ୍କୁ ପୁଣି ନୂଆ କାମ ମିଳୁଥିବା ନେଇ ପ୍ରଶ୍ନ ଉଠିଛି। ପୂର୍ବ କାମ ଶେଷ ନକରି ନୂଆ କାମ ପାଇବା ଘଟଣାକୁ ନେଇ ଏନ୍‌ଏସି ପ୍ରଶାସନର ଭୂମିକା ଚର୍ଚ୍ଚାରେ ରହିଛି।

ଅନ୍ୟପକ୍ଷରେ, ଏନ୍‌ଏସି କାର୍ଯ୍ୟାଳୟରେ କେତେକ ଠିକାଦାରଙ୍କ ଅବାଧ ଯାତାୟାତ ନେଇ ଅଭିଯୋଗ ରହିଛି। ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟରେ ହସ୍ତକ୍ଷେପ ଏବଂ ବିରୋଧ କଲେ ବଦଳି ଧମକ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ସରକାରୀ କାଗଜପତ୍ର ଓ ଦଲିଲପତ୍ରରେ ସେମାନଙ୍କ ହାତ ପାହାନ୍ତରେ ପହଞ୍ଚୁଥିବାରୁ ସମ୍ପୃକ୍ତ କିଛି କର୍ମଚାରୀଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଅଟକିଥିବା ସମସ୍ତ ଉନ୍ନୟନ କାମର ସ୍ଥିତି ଯାଞ୍ଚ କରି ଶୀଘ୍ର ଶେଷ କରିବା ସହ ଧାର୍ଯ୍ୟ ସମୟରେ କାମ ନକରୁଥିବା ଠିକାଦାରଙ୍କ ବିରୋଧରେ ନିୟମାନୁସାରେ କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଇଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

▶ ପଟିଆ ଆରଓବି ଓ ମା' ଶିଖରଚଣ୍ଡୀ ମନ୍ଦିରର ବିକାଶ କାର୍ଯ୍ୟ ସମୀକ୍ଷା

# ଉତ୍ତର ଭୁବନେଶ୍ୱରବାସୀଙ୍କ ସମସ୍ୟାର ସମାଧାନକୁ ଗୁରୁତ୍ୱ



ଭୁବନେଶ୍ୱର,୨୬।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ବିଭିନ୍ନ ଜନସମସ୍ୟା ଓ ବିକାଶମୂଳକ କାର୍ଯ୍ୟକୁ ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ଏକ ବିସ୍ତୃତ ସମୀକ୍ଷା କରାଯାଇଛି। ପଟିଆ ରେଳ ଷ୍ଟେସନ୍ ନିକଟରେ ପ୍ରସ୍ତାବିତ ଆରଓବି, ୱାର୍ଡ ନଂ- ୪ର ଜଳବନ୍ଦୀ ଓ ଡ୍ରେନେଜ୍ ସମସ୍ୟା, ଶିଖରଚଣ୍ଡୀ ପାନୀୟ ଜଳ ପ୍ରକଳ୍ପ ଓ ମା' ଶିଖରଚଣ୍ଡୀ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଏହି ସମୀକ୍ଷା ସମୟରେ ବିଜେପି ନେତା ଗୋଲକ ମହାପାତ୍ର ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଉତ୍ତର ଭୁବନେଶ୍ୱରବାସୀଙ୍କ ଦୀର୍ଘଦିନର ସମସ୍ୟାଗୁଡ଼ିକର ସମାଧାନ ପାଇଁ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଥିବାରୁ କମିଟିର ଚେୟାରମ୍ୟାନ ତଥା ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ସମସ୍ତ ସଦସ୍ୟ ଓ ସମ୍ପୃକ୍ତ ଅଧିକାରୀଙ୍କୁ ଶ୍ରୀ ମହାପାତ୍ର ଧନ୍ୟବାଦ ଜଣାଇଛନ୍ତି। ପଟିଆ ରେଳ ଷ୍ଟେସନ୍ ନିକଟରେ ପ୍ରସ୍ତାବିତ ଆରଓବି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ଜାନୁଆରୀ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷ କରି କାମ ଆରମ୍ଭ କରିବା ଓ ପରବର୍ତ୍ତୀ ଦୁଇ ବର୍ଷ ମଧ୍ୟରେ ନିର୍ମାଣ ସମ୍ପୂର୍ଣ୍ଣ କରିବା ନେଇ ଆଲୋଚନା ହୋଇଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ସହ ଖୋର୍ଦ୍ଧା ରୋଡ୍ ରେଲୱେ ଓ ପୂର୍ତ୍ତ ବିଭାଗ ମଧ୍ୟରେ ଆବଶ୍ୟକ ସମନ୍ୱୟ ବୈଠକ କରି କାର୍ଯ୍ୟକୁ ଆଗେଇ ନେବାକୁ କୁହାଯାଇଛି।

ସେହିପରି ୱାର୍ଡ ନଂ- ୪ର ବିଭିନ୍ନ ଅଞ୍ଚଳରେ ବର୍ଷାଜଳ ଜମି ରହୁଥିବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ବର୍ଷାଜଳର ସୁଚାରୁ ନିଷ୍କାସନ ଓ ଜଳବନ୍ଦୀ ସମସ୍ୟାର ନିରାକରଣକୁ ପ୍ରାଥମିକତା ଦିଆଯାଇଛି। ଶିଖରଚଣ୍ଡୀ ପାନୀୟ ଜଳ ପ୍ରକଳ୍ପର ବିଭିନ୍ନ ସ୍ଥାନରେ ପାଇପ୍ ସଂଯୋଗ ଓ ପାଣି ଯୋଗାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଛି। କିଛି ସ୍ଥାନରେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ପାଇପ୍ ବିଛାଇବା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଏହାର ଶୀଘ୍ର ସମାଧାନ କରି ସମଗ୍ର ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଛି। ଶିଖରଚଣ୍ଡୀ ମନ୍ଦିରରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଆସନ୍ତା ଦଶହରା ପୂଜା ପୂର୍ବରୁ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

## ଲୋକୋ ପାଇଲଟ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ଟିଟିଲାଗଡ଼,୨୬।୮ (ସଂଚାର ବ୍ୟୁରୋ): ଟିଟିଲାଗଡ଼ ସହରର ମାଲଗୋଦାମ ପଡ଼ାସ୍ଥିତ ଏକ ଭଡ଼ା ଘର ଭିତରୁ ଜନୈକ ଲୋକୋ ପାଇଲଟ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣଙ୍କ ଟିଟିଲାଗଡ଼ ରେଳ ବିଭାଗର ଚିଫ୍ ଲୋକୋ ପାଇଲଟ ପ୍ରଭାତ କୁମାର ମଜୁମଦାର ବୋଲି ଜଣାପଡ଼ିଛି। ଆଜି ଘର ଭିତରୁ ଟିଟିଲାଗଡ଼ ପୁଲିସ ତାଙ୍କ ମୃତଦେହ ଉଦ୍ଧାର କରିଛି। ପଙ୍ଖାରେ ଏକ କପଡ଼ା ବେଡ଼ସିଟ୍ ବନ୍ଧାଯାଇଥିବା ବେଳେ ଉକ୍ତ କପଡ଼ା ବେକରେ ଲାଗି ଝୁଲି ରହିଥିବା ଦେଖାଯାଇଥିଲା। ଘରର ମୁଖ୍ୟ ଦ୍ୱାର ସେମିତି ଖୋଲା ରହିଥିବା ଯୋଗୁଁ ପାଇଲଟଙ୍କ ମୃତ୍ୟୁକୁ ନେଇ ନାନା ପ୍ରକାର ଚର୍ଚ୍ଚା ଲାଗି ରହିଛି। ଟିଟିଲାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଛି। ପ୍ରଭାତ କୁମାର ମଜୁମଦାରଙ୍କ ଚାକିରି କାଳ ଆହୁରି ୪ ବର୍ଷ ରହିଥିବା ବେଳେ ସେ ଟିଟିଲାଗଡ଼ ସହରର ମାଲଗୋଦାମ ପଡାରେ ଉକ୍ତ ଭଡ଼ା ଘରେ ଦୀର୍ଘ ୮ ବର୍ଷ ଧରି ରହି ଆସୁଥିଲେ। ତାଙ୍କ ସ୍ତ୍ରୀ ଓ ଝିଅ ପଶ୍ଚିମବଙ୍ଗର କୋଲକାତା ସହରରେ ରହୁଥିବା ବେଳେ ଝିଅ ସେଠାରେ ରହି ପାଠ ପଢୁଛନ୍ତି। ଲୋକୋ ପାଇଲଟ ଜଣଙ୍କ ଏକୁଟିଆ ରହୁଥିବା ବେଳେ କେତେକ ମହିଳା କର୍ମଚାରୀ ତାଙ୍କୁ ଭେଟିବାକୁ ଆସିଥିବା ନେଇ ଚର୍ଚ୍ଚା ହେଉଛି। ଗତ କିଛି ଦିନ ଧରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବା ଯୋଗୁଁ ସେ ଛୁଟିରେ ରହିଥିବା ବେଳେ ଆଜି ଅପରାହ୍ନ ସମୟରେ ଉକ୍ତ ଭଡ଼ା ଘର ଭିତରେ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ତେବେ ଏହା ଏକ ଆତ୍ମହତ୍ୟା ନା ହତ୍ୟା ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ବି ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ଆତ୍ମହତ୍ୟାର ସନ୍ଦେହ ସୃଷ୍ଟି ହେଉଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଆସିବା ପରେ ତଦନ୍ତ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଜେଲ୍ ୱାର୍ଡେନଙ୍କୁ ଭୁଜାଲିରେ ହାଣିଲେ ଦୁର୍ବୃତ୍ତ

■ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର



ସୋର, ୨୬।୮ (ସଂଚାର ବ୍ୟୁରୋ): ସୋର ଉପକାରାଗାରର ୱାର୍ଡେନ ସୁରେନ୍ଦ୍ର ସାମଲଙ୍କୁ ଆକ୍ରମଣ ହୋଇଛି। ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ମାଣତ୍ରୀ ଛକ ବଳିବାଡ଼ ନିକଟରେ ଦିନ ଦ୍ୱିପହରରେ ଭୁଜାଲିରେ ତିନି ଦୁର୍ବୃତ୍ତ ହାଣିଛନ୍ତି। ତିନିଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ପ୍ରଥମେ ନାମ ସୁରେନ୍ଦ୍ର ବୋଲି ପଚାରିଥିଲେ। ସଙ୍ଗେ ସଙ୍ଗେ ସୁରେନ୍ଦ୍ରଙ୍କ ଗୋଡ଼, ହାତ ଓ ପାପୁଲିକୁ ହାଣିଥିଲେ। ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ଜେଲରେ ଥିବା କିଛି ଅପରାଧୀ ଏପରି ହାଣିଥିବା ଯାହା ପ୍ରାଥମିକ ଭାବରେ ଜଣାପଡ଼ିଛି। ଘଟଣାସ୍ଥଳରେ ସୋର ଆଇଆଇସି ପହଁଚି ତଦନ୍ତ ଆରମ୍ଭ କରିଛନ୍ତି।

## ୭ ଦିନ ପ୍ରବଳ ଛେଚିବ, ଅରେଞ୍ଜ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୨୬।୮ (ସଂଚାର ବ୍ୟୁରୋ): ୭ ଦିନ ପ୍ରବଳ ବର୍ଷା। ଆସନ୍ତା ୧ ତାରିଖ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ରହିଛି। ୨୮ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଏହି ଘୂର୍ଣ୍ଣିବଳୟ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଆସନ୍ତା ୨୯ କିମ୍ବା ୩୦ ତାରିଖ ବେଳକୁ ଏହା ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇପାରେ। ଏହା ପୂର୍ବରୁ ରାଜ୍ୟରେ ଦେଖାଦେଇପାରେ ଏହାର ପ୍ରଭାବ। ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ପବନ ସମ୍ଭାବନା ରହିଛି। ଆଜି ୨୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ତେବେ ଆସନ୍ତା ୨୯ ତାରିଖଠାରୁ ରାଜ୍ୟରେ ଅତି ପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ପ୍ରକଟ କରାଯାଇଛି। ଏନେଇ ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୋଳ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଅତିପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଘୂର୍ଣ୍ଣିବଳୟ ପ୍ରଭାବରେ ୩୦ ତାରିଖ ବେଳକୁ ଲଘୁଚାପ ସମ୍ଭାବନା। ଉତ୍ତର ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆସନ୍ତା ୨୯ ତାରିଖରୁ ପୁଣି ରାଜ୍ୟରେ ବଢ଼ିବ ବର୍ଷା। ଆଜି ପ୍ରବଳ ବର୍ଷା ସମ୍ଭାବନା ପାଇଁ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଆସନ୍ତାକାଲି ପ୍ରବଳ ବର୍ଷା ପାଇଁ କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ସେହିପରି ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏପଟେ ଲଘୁଚାପ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହୋଇଛି। ଏଥିରେ ଭୁବନେଶ୍ୱରରେ ସର୍ବାଧିକ ୫୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ନାବାଳକକୁ ଛୁରି ଭୁସି ହତ୍ୟାକଲା ନାବାଳକ

ବଲାଙ୍ଗୀର, ୨୬।୮ (ସଂଚାର ବ୍ୟୁରୋ): ନାବାଳକକୁ ଛୁରି ଭୁସି ହତ୍ୟା କଲା ନାବାଳକ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବଲାଙ୍ଗୀର ଜିଲ୍ଲା ଆଗଲପୁର ଥାନା ରୋତ ଗାଁରେ। ଘଟଣାସ୍ଥଳରେ ପୋଲିସର ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ବୁଧବାର ରୋତ ଗାଁର ଦୁଇ ନାବାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଏପରି ତିକ୍ତ ହୋଇଥିଲା ଯେ, ଜଣେ ଅନ୍ୟ ଜଣଙ୍କୁ ଛୁରି ଭୁସିବାକୁ ପଛେଇ ନଥିଲେ। ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସାହିଲ ପଟେଲ। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ଏହି ବଚସା ହୋଇଥିଲା ତା'ର କାରଣ ଜାଣିବାକୁ ପୋଲିସ ଚେଷ୍ଟା କରୁଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି।

## ସ୍କୁଲ ପଛ ନାଳରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

● ବିଦ୍ୟାଳୟ ସମ୍ମୁଖରେ ଶବ ରଖି ପରିବାର ଲୋକଙ୍କ ବିକ୍ଷୋଭ



ବୋରିଗୁମ୍ମା, ୨୬।୮ (ସଂଚାର ବ୍ୟୁରୋ): ୩ ଦିନ ତଳୁ ନିଖୋଜ ଥିବା ଛାତ୍ରଙ୍କ ମୃତଦେହ ସ୍କୁଲ ପଛପଟ ନାଳରୁ ଉଦ୍ଧାର କରାଯାଇଛି। ବୋରିଗୁମ୍ମା ବ୍ଲକ ଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହରଡ଼ାଗୁଡ଼ା ପଞ୍ଚାୟତ ମାରାଡ଼ ମାଲିଗୁଡ଼ାର ଗୁରୁନାଥ ବୋଲି ଚିହ୍ନଟ କରାଯାଇଛି। ସେ ଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ସୋମବାରଠାରୁ ସମ୍ପୃକ୍ତ ଛାତ୍ର ଜଣକ ବିଦ୍ୟାଳୟ ପରିସରରୁ ନିଖୋଜ ଥିଲେ। ଆଜି ପରିତ୍ୟକ୍ତ ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହି ଅଘଟଣ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନାଁରେ ମୃତକଙ୍କ ପରିବାର ଲୋକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଛାତ୍ର ନିଖୋଜ ନେଇ ଥାନା କିମ୍ବା ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇନଥିଲା କି ପରିବାର ଲୋକଙ୍କୁ ଖବର ଦିଆଯାଇନଥିଲା ବୋଲି କହିଛନ୍ତି। ସେପଟେ ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଏଭଳି ଘଟଣା ଦୁର୍ଭାଗ୍ୟଜନକ ଏବଂ ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ଥାନୀୟ ଜିଲ୍ଲା ପରିଷଦ ନୃସିଂହ ନାଥ ଶତପଥୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ସ୍କୁଲ କିମ୍ବା ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇନଥିବା ବେଳେ ସିଂହପୁର ପୁଲିସ ପହଞ୍ଚି ଶବ ଉଦ୍ଧାର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ନ୍ୟାୟ ଦାବିରେ ବିଦ୍ୟାଳୟ ସମ୍ମୁଖରେ ପରିବାର ଲୋକ ଶବ ରଖି ବିକ୍ଷୋଭ କରୁଛନ୍ତି।

## ନଦୀକୁ ଡେଇଁ ଯୁବକ ନିଖୋଜ

ମାହାଙ୍ଗା, ୨୬।୮ (ସଂଚାର ବ୍ୟୁରୋ): ବିରୂପା ନଦୀକୁ ଡେଇଁଲେ ଯୁବକ। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ପୁଲିସ, ଅଗ୍ନିଶମ ବାହିନୀ ପହଞ୍ଚି ତଲାସୀ ଜାରି ରଖିଛନ୍ତି। ସୂଚନା ଅନୁସାରେ, ବୁଧବାର ଅପରାହ୍ଣରେ ହଠାତ୍ ଜନୈକ ଯୁବକ ଆସି ନଦୀକୁ ଡେଇଁ ପଡ଼ିଥିଲେ। ପରେ ଯୁବକ ଜଣଙ୍କ ନିଖୋଜ ହୋଇଯାଇଛନ୍ତି। ତାଙ୍କର କୌଣସି ପତ୍ତା ମିଳିପାରୁନାହିଁ। ପୋଲିସ, ଅଗ୍ନିଶମ ବାହିନୀ ପହଞ୍ଚି ତଲାସୀ କାର୍ଯ୍ୟ ଜାରି ରଖିଛନ୍ତି। ଖବର ଲେଖା ହେବା ସୁଦ୍ଧା ଡେଇଁଥିବା ଯୁବକଙ୍କ ପରିଚୟ ମିଳିପାରି ନାହିଁ। ସେ କାହିଁକି ଡେଇଁଲେ ତାହାର କାରଣ ଅସ୍ପଷ୍ଟ ରହିଛି। ଏହି ଘଟଣା ଏବେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ଅର୍ଥ ତୋଷରପାତ ମାମଲାରେ ପୂର୍ବତନ ଅଧ୍ୟକ୍ଷ ଗିରଫ



ସମ୍ବଲପୁର,୨୬।୮ (ସଂଚାର ବ୍ୟୁରୋ): ୭୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ତୋଷରପାତ ମାମଲାରେ ଆଜି ଜଣେ କଲେଜର ପୂର୍ବତନ ଅଧ୍ୟକ୍ଷଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ସମ୍ବଲପୁରର ରେଙ୍ଗାଲି ବ୍ଲକ୍ ଅନ୍ତର୍ଗତ ଲଇଡ଼ାସ୍ଥିତ ଦୁତିକା ସାହୁ କଲେଜର ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ବର୍ତ୍ତମାନର ଅଧ୍ୟାପକ ଡ. ବସନ୍ତ କୁମାର ନାଏକ ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ ୭୩ ଲକ୍ଷ ୪୪ ହଜାର ୯୫୦ ଟଙ୍କାର ଅନିୟମିତତା କରିଥିଲେ। କଲେଜର ଭିତ୍ତିଭୂମି ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଡ. ନାଏକ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଡ. ନାଏକ ଜାଲ୍ ବିଲ୍ କରି ଏହି ଟଙ୍କା ହଡ଼ପ କରିଥିବାରୁ ତାଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସରେ ୧୩/୨୦୨୬ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତାଙ୍କୁ ସମ୍ବଲପୁର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଏବେ ଡ. ନାଏକଙ୍କୁ ଚାକିରିରୁ ବହିଷ୍କାର କରିବା ସକାଶେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରାଯିବ। ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବା ସକାଶେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି।

# ସାତ ବର୍ଷର ହିସାବ ଦେଲେ ସାଂସଦ ଅପରାଜିତା

### ଟ୍ରାଫିକ ସମସ୍ୟାଠୁ ଲାଇବ୍ରେରୀ ପର୍ଯ୍ୟନ୍ତ ୫୫ ପ୍ରକାର ପ୍ରକଳ୍ପକୁ ଗୁରୁତ୍ୱ



ଭୁବନେଶ୍ୱର,୨୬।୮ (ସଂଚାର ବ୍ୟୁରୋ): ସାତ ବର୍ଷର ରିପୋର୍ଟ କାର୍ଡ ଦେଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ୬୦ ପୃଷ୍ଠାର ଏହି ରିପୋର୍ଟ କାର୍ଡରେ ନିଜର ୭ ବର୍ଷର କାର୍ଯ୍ୟର ହିସାବ ଦେଇଛନ୍ତି ସାଂସଦ। ଭୁବନେଶ୍ୱର ପାଇଁ ୧୦୦ ପ୍ରତିଶତ ଚେଷ୍ଟା କରୁଥିବା କହିବା ସହ ନିଜ କାର୍ଯ୍ୟର ବିବରଣୀ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ କହିଛନ୍ତି। ସାଂସଦଙ୍କ ଦାବି ଅନୁସାରେ, ଏହି ୭ ବର୍ଷରେ ୫୫ ପ୍ରକାରର କାର୍ଯ୍ୟ କରାଯାଇଛି। ସଂସଦୀୟ କ୍ଷେତ୍ର ପାଇଁ ୮ଟି ମୁଖ୍ୟ କାର୍ଯ୍ୟକୁ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ଭୁବନେଶ୍ୱରର ଟ୍ରାଫିକ ସମସ୍ୟା ଦୂର କରିବାକୁ ୧୦ଟି ଫୁଟ୍ ଓଭରବ୍ରିଜ୍, ୭ଟି ଫ୍ଲାଏଓଭର ଓ ୧୬ଟି ଅଣ୍ଡରପାସ୍ ପାଇଁ ପ୍ରସ୍ତାବ ରହିଥିବା ସେ କହିଛନ୍ତି। ପଳାଶୁଣୀରେ ୭ ମିଟର ସର୍ଭିସ୍ ରୋଡ୍ ଓ ପଳାଶୁଣୀରୁ ରସୁଲଗଡ଼ ମଧ୍ୟରେ ପ୍ରାୟ ୧୮ କୋଟି ୪୨ ଲକ୍ଷ ଟଙ୍କାର ଫୁଟ୍ ଓଭରବ୍ରିଜ୍ ଓ ସ୍କାଏୱାକ୍ ନିର୍ମାଣ ଯୋଜନା ଥିବା ସୂଚନା ଦେଇଛନ୍ତି।

ସେହିପରି ୧୧୧ କିମିର ୬ ଲେନ୍ ରାସ୍ତା ନିର୍ମାଣ କାମ ଆରମ୍ଭ ହେବ ବୋଲି କହିଛନ୍ତି ଅପରାଜିତା। ଏହାଦ୍ୱାରା ୩ଟି ଜିଲ୍ଲା ଉପକୃତ ହେବା ନେଇ ସେ ଦାବି କରିଛନ୍ତି। କେବଳ ରାସ୍ତା ଓ ଟ୍ରାଫିକ୍ ନୁହେଁ, ଆଲୋକ ଓ ପାନୀୟ ଜଳ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି। ୭,୫୦୦ ସୋଲାର ଲାଇଟ୍ ଏବଂ ୬୫୭ଟି ମନ୍ଦିର ଓ ମାର୍କେଟ୍ କମ୍ପ୍ଲେକ୍ସରେ ଆକ୍ୱାଗାର୍ଡ ପାଣି ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି।

ପାଣ୍ଡରା ଛକରେ ୫୭ କୋଟି ଟଙ୍କା ବ୍ୟୟରେ ଆଧୁନିକ ହୋଲସେଲ୍ ଫିସ୍ ମାର୍କେଟ୍ ନିର୍ମାଣ ହେବ। ସେହିପରି ୬୩୦ କୋଟି ଟଙ୍କା ବ୍ୟୟରେ ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟ ପାଇଁ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସାଂସଦ କହିଛନ୍ତି। ଶିକ୍ଷା କ୍ଷେତ୍ରରେ ପ୍ରତି ବ୍ଲକ୍‌ରେ ଲାଇବ୍ରେରୀ କରିବା ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବା ଉପରେ ଜୋର୍ ଦିଆଯିବ। ପ୍ରତି ମାସରେ ୪ ଥର ଅଭିଯୋଗ ଶୁଣାଣି କରାଯାଉଥିବା ସହ ୧୧୫ଟି ଜନ ଔଷଧୀ କେନ୍ଦ୍ର ବିଭିନ୍ନ ଅଞ୍ଚଳରେ ରହିଥିବା ସେ ସୂଚନା ଦେଇଛନ୍ତି। ସବୁଠାରୁ ବଡ଼ କଥା, ଭୁବନେଶ୍ୱର ମେଟ୍ରୋ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି ଶ୍ରୀମତୀ ଷଡ଼ଙ୍ଗୀ। ଏନେଇ ସରକାର ସକାରାତ୍ମକ ଥିବା ଓ ଆଗକୁ କାମ କରାଯିବ ବୋଲି ସରକାର କହିଥିବା ସେ ଦାବି କରିଛନ୍ତି।

## ପୂର୍ବତନ ଆଇଆଇସିଙ୍କ ବିରୋଧରେ ଏନବିଡବ୍ଲ୍ୟୁ



ଭୁବନେଶ୍ୱର, ୨୬।୮ (ସଂଚାର ବ୍ୟୁରୋ): ଦୁଷ୍କର୍ମ ଅଭିଯୋଗରେ ଶରଣକୁଳ ଥାନାର ପୂର୍ବତନ ଆଇଆଇସି ସୁଜିତ କୁମାର ଦାସଙ୍କ ବିରୋଧରେ ଆଜି ଜାମିନ ବିହୀନ ୱାରେଣ୍ଟ (ଏନବିଡବ୍ଲୁ) ଜାରି କରାଯାଇଛି। କ୍ରାଇମବ୍ରାଞ୍ଚ ମହିଳାବିରୋଧୀ କ୍ରାଇମ ୱାରେଣ୍ଟ ସମାନ ଅଭିଯୋଗରେ ଏନବିଡବ୍ଲ୍ୟୁ ଜାରି କରିଛି। ଏନେଇ ଏଡିଜି କ୍ରାଇମବ୍ରାଞ୍ଚ ଏସ. ସାଇନି ସ୍ପଷ୍ଟ କରିଛନ୍ତି। ୱାରେଣ୍ଟ ଜାରି ହେବା ପରେ କ୍ରାଇମ ବ୍ରାଞ୍ଚ ଟିମ୍ ଫେରାର ଅଭିଯୁକ୍ତ ସୁଜିତ ଦାସଙ୍କୁ ଖୋଜିବା ଓ ଗିରଫ କରିବା ପାଇଁ ଛାନ୍‌ଭିନ୍‌କୁ ତ୍ୱରାନ୍ୱିତ କରିଛନ୍ତି। ଭୁବନେଶ୍ୱର ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ରିପୋର୍ଟ ଅନୁଯାୟୀ, କ୍ରାଇମ ବ୍ରାଞ୍ଚର ଏକ ଟିମ୍ ପଟିଆର କାନନ ବିହାରରେ ଶ୍ରୀ ଦାସଙ୍କ ଜଣେ ସମ୍ପର୍କୀୟଙ୍କ ଘରେ ମଧ୍ୟ ତଲାସ ଚଳାଇଛି। ଅପର ପକ୍ଷରେ ଅଭିଯୁକ୍ତଙ୍କୁ ପୂର୍ବରୁ ନିଲମ୍ବିତ କରାଯାଇଥିଲା। ମାମଲାଟି ପ୍ରଥମେ ଶରଣକୁଳ ପୁଲିସ ଷ୍ଟେସନରେ ପଞ୍ଜିକୃତ ହୋଇଥିଲା ଓ ପରେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା।

## ଆଇଟିଆଇରେ ର୍ୟାଗିଂ ଅଭିଯୋଗ: ଥାନାରେ ପରିବାର

■ ଫୋନ୍ ଛଡ଼ାଇ ନେଉଛନ୍ତି, ମାଡ଼ ଧମକ, ପାଣି ପିଇବାକୁ ବାରଣ

■ ଅଭିଯୋଗକୁ ପ୍ରିନ୍ସିପାଲ୍‌ଙ୍କ ଖଣ୍ଡନ



ଆନନ୍ଦପୁର,୨୬।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ରେ ର୍ୟାଗିଂ ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଦୁଇ ଜଣ ଛାତ୍ର ର୍ୟାଗିଂର ଶିକାର ହୋଇଥିବା ନେଇ ପରିବାର ଲୋକଙ୍କୁ ଜଣାଇବା ପରେ ଏପରି ଘଟଣା ସାମ୍ନାକୁ ଆସିଛି। ଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନିଆଯାଉଛି, ହାଫ୍ ପ୍ୟାଣ୍ଟ ପିନ୍ଧିବାକୁ ବାରଣ କରାଯାଉଛି, ମାଡ଼ ମାରିବାକୁ ଧମକ ଦିଆଯାଉଛି। ଏପରିକି ମୁହଁ ତଳକୁ କରି ଚାଲିବା ଓ ପାଣି ପିଇବାକୁ ବାରଣ କରାଯାଉଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ତିନି ଦିନ ଧରି ଗାଧୋଇ ପାରି ନ ଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଘଟଣାକୁ ନେଇ ଛାତ୍ର ଲୁବୁନ ଜେନାଙ୍କ ସହ ପରିବାର ଲୋକେ ଘଷିପୁରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଘଟଣାର ସତ୍ୟାସତ୍ୟ ଓ କିଏ ଏଥିରେ ସମ୍ପୃକ୍ତ, ଏନେଇ ତଦନ୍ତ ଦାବି ଜୋର ଧରିଛି। ଅନ୍ୟପକ୍ଷରେ ପ୍ରିନ୍ସିପାଲ ର୍ୟାଗିଂ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ଅନୁଷ୍ଠାନ ସମ୍ପୂର୍ଣ୍ଣ ଭାବେ ର୍ୟାଗିଂମୁକ୍ତ ଓ ଏଠାରେ ର୍ୟାଗିଂ ହୁଏନାହିଁ। ତଥାପି ଛାତ୍ରଛାତ୍ରୀଙ୍କୁ ନେଇ ବୈଠକ କରାଯାଇଥିବା ସହ ଅନୁଷ୍ଠାନର କର୍ମଚାରୀଙ୍କୁ ନେଇ ମଧ୍ୟ ବୈଠକ କରାଯାଇଥିବା ପ୍ରିନ୍ସିପାଲ୍ କହିଛନ୍ତି।

## ରେଲୱେ ସାଇଡିଂରୁ ଲୁହାପଥର ଚୋରି, ୩ ଗିରଫ

ବଡ଼ବିଲ,୨୬।୮ (ସଂଚାର ବ୍ୟୁରୋ): କେନ୍ଦୁଝର ବାମେବାରୀ ଥାନା ଅଞ୍ଚଳରେ ଖଣି ମାଫିଆଙ୍କ ଉପରେ ପୁଲିସର ବଡ଼ କାର୍ଯ୍ୟାନୁଷ୍ଠାନ। ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ରେଲୱେ ସାଇଡିଂ ନିକଟରେ ଥିବା ଡମ୍ପିଂ ୟାର୍ଡରୁ ଲୁହାପଥର ଚୋରାଚାଲାଣ ହେଉଥିବା ବେଳେ ପୁଲିସ ଅତର୍କିତ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶର ସିଏସ୍ ସୁରେଶ, ରାଉରକେଲା ଅଞ୍ଚଳର ବିଭୁଧେନ୍ଦ୍ର ମହାପାତ୍ର ଓ କେନ୍ଦୁଝର ଜିଲ୍ଲା ବାରିଆ ଥାନା ଭୁଇଁପୁର ଗ୍ରାମର ରାହୁଲ କୁମାର ସେଠୀ। ଗତକାଲି ରାତିରେ ନୟାଗଡ଼ ରେଲୱେ ସାଇଡିଂ ଅଞ୍ଚଳରୁ ବେଆଇନ ଭାବେ ଲୁହାପଥର ବୋଝେଇ ହୋଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିଲା। ତେଖବର ପାଇ ବାମେବାରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ଏକ ଲୁହାପଥର ବୋଝେଇ ଟ୍ରକ୍, ଗୋଟିଏ ଜେସିବି ମେସିନ ଓ ଏକ ସ୍କର୍ପିଓ ଗାଡ଼ିକୁ ପୁଲିସ ଜବତ କରିଛି। କେବଳ ସେତିକି ନୁହେଁ, ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୩ ଲକ୍ଷ ଟଙ୍କା, ୩ଟି ମୋବାଇଲ ଫୋନ୍ ଓ ୩ଟି ୱାକି ଟକି ମଧ୍ୟ ଜବତ କରାଯାଇଛି। ଏହି ର୍ୟାକେଟ୍ ପଛରେ ଆଉ କାହାର ସମ୍ପୃକ୍ତି ଅଛି ଓ ଏହି ଲୁହାପଥର କେଉଁଠାକୁ ଚାଲାଣ କରାଯାଉଥିଲା, ସେନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ଶ୍ରୀମନ୍ଦିର ପରିସରରେ ଭକ୍ତ ଗୋଷ୍ଠୀ ହାତାହାତି

ପୁରୀ,୨୬।୮ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ପରିସରରେ ଆଜି ସକାଳେ ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦର୍ଶନକୁ ନେଇ ଦୁଇ ଗୋଷ୍ଠୀ ଭକ୍ତଙ୍କ ମଧ୍ୟରେ ହାତାହାତି ହୋଇଥିବା ସୂଚନା ମିଳିଛି। ତେବେ ପୁଲିସ ଉଭୟ ଗୋଷ୍ଠୀକୁ ନେଇ ସିଂହଦ୍ୱାର ଥାନାରେ ଜିମା ଦେବା ସହ ଘଟଣା ସମ୍ପର୍କରେ ଉଭୟ ଗୋଷ୍ଠୀକୁ ପଚରାଉଚରା କରଥିଲା। ପୁଲିସ ଉଭୟଙ୍କୁ ବୁଝାଶୁଝା କରି ଛାଡ଼ିଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଆଜି ମହାପ୍ରଭୁଙ୍କ ମଙ୍ଗଳ ଆରତି ସମୟରେ ଦୁଇ ଭକ୍ତ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ଦର୍ଶନ ସାରି ଫେରିବା ସମୟରେ ବାଇଶି ପାହାଚ ନିକଟରେ ଦୁଇ ଭକ୍ତ ଗୋଷ୍ଠୀ ସମୟରେ ହାତାହାତି ହୋଇଥିବା କୁହାଯାଇଛି। ବୁଧବାର ଛୁଟିଦିନ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ତେବେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିବା ହାତାହାତିର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଦର୍ଶନକୁ ନେଇ ବଚସା ଓ ପରେ ହାତାହାତି ହୋଇଥିବା ଅନୁମାନ କରାଯାଉଛି।

କେନ୍ଦ୍ରାଞ୍ଚଳ ଆଇଜିପିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ

# ବୈଜ୍ଞାନିକ ତଦନ୍ତକୁ ଓଡ଼ିଶା ପୁଲିସ୍‌ର ଗୁରୁତ୍ୱ




କଟକ,୨୬।୮ (ସଂଚାର ବ୍ୟୁରୋ): ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଓ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ ଓଡ଼ିଶା ପୁଲିସ ପକ୍ଷରୁ କଟକସ୍ଥିତ ଆଇଜିପି, କେନ୍ଦ୍ରାଞ୍ଚଳଙ୍କ କାର୍ଯ୍ୟାଳୟରେ ଏକଦିନିଆ 'ସଡ଼କ ସୁରକ୍ଷା ଓ ଦୁର୍ଘଟଣା ତଦନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜିତ ହୋଇଛି। ଆଇଜିପି, କେନ୍ଦ୍ରାଞ୍ଚଳ ଡଃ ସତ୍ୟଜିତ ନାୟକଙ୍କ ତତ୍ତ୍ୱାବଧାନରେ ଓ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ସହ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀଙ୍କ ସମେତ ସଡ଼କ ସୁରକ୍ଷା ସହ ସମ୍ପୃକ୍ତ ବିଭିନ୍ନ ଅଂଶୀଦାର ଯୋଗଦେଇଥିଲେ। ଏସ୍‌ଟିଏ, ଓଡ଼ିଶାର ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଆଇଆଇଟି ମାଡ୍ରାସର ବୈଷୟିକ ବିଶେଷଜ୍ଞମାନେ ଏଥିରେ ଯୋଗଦେଇ ବୈଜ୍ଞାନିକ ଢଙ୍ଗରେ ସଡ଼କ ଦୁର୍ଘଟଣା ତଦନ୍ତ ଓ ସଡ଼କ ସୁରକ୍ଷା ପରିଚାଳନା ସମ୍ପର୍କରେ ବିଶେଷ ବୈଷୟିକ ଜ୍ଞାନ ଏବଂ ବ୍ୟାବହାରିକ ଅନୁଭୂତି ପ୍ରଦାନ କରିଥିଲେ।

ପ୍ରଶିକ୍ଷଣରେ ଦୁର୍ଘଟଣା ତଦନ୍ତ ପାଇଁ ଏକ ବ୍ୟବସ୍ଥିତ ଓ ବୈଜ୍ଞାନିକ ପଦ୍ଧତି ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଦୁର୍ଘଟଣାସ୍ଥଳ ପରୀକ୍ଷା, ଦୁର୍ଘଟଣାରେ ସହାୟକ କାରକ ଚିହ୍ନଟ, ପ୍ରମାଣର ବୈଜ୍ଞାନିକ ସଂଗ୍ରହ ଓ ସୁରକ୍ଷିତ ସଂରକ୍ଷଣ, ଦୁର୍ଘଟଣା ପୁନର୍ନିର୍ମାଣ, ଦୁର୍ଘଟଣାର ପରିସ୍ଥିତି ବିଶ୍ଳେଷଣ ଏବଂ ତଦନ୍ତ ରିପୋର୍ଟ ପ୍ରସ୍ତୁତି ଆଦି ବିଷୟ ସାମିଲ। ଦୁର୍ଘଟଣା ତଦନ୍ତରୁ ମିଳୁଥିବା ତଥ୍ୟକୁ ପ୍ରତିଷେଧମୂଳକ ଓ କାର୍ଯ୍ୟକ୍ଷମ ପଦକ୍ଷେପରେ ପରିଣତ କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏସ୍‌ଟିଏ ପକ୍ଷରୁ ସଡ଼କ ସୁରକ୍ଷା କ୍ଷେତ୍ରରେ ତଥ୍ୟଭିତ୍ତିକ ଓ ପ୍ରଯୁକ୍ତିନିର୍ଭର ପଦ୍ଧତିକୁ ପ୍ରୋତ୍ସାହନ ଦେବା ପାଇଁ ସଡ଼କ ସୁରକ୍ଷା ତଥ୍ୟ ପରିଚାଳନାକୁ ସୁଦୃଢ଼ କରିବା, ରୋଡ୍ ସେଫ୍ଟି ଡ୍ୟାସ୍‌ବୋର୍ଡ ବିକଶିତ କରିବା, ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ଦୁର୍ଘଟଣା ପ୍ରତିରୋଧ ପାଇଁ ପ୍ରମାଣଭିତ୍ତିକ ପଦକ୍ଷେପ ଗ୍ରହଣ ଭଳି ଅନେକ ପଦକ୍ଷେପ ନିଆଯାଉଛି। ପ୍ରଶିକ୍ଷଣର ବୈଷୟିକ ଅଧିବେଶନଗୁଡ଼ିକ ଏସ୍‌ଟିଏ, ଓଡ଼ିଶାର ବୈଷୟିକ ପରାମର୍ଶଦାତା ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବିଶେଷଜ୍ଞମାନେ ବୈଜ୍ଞାନିକ ଦୁର୍ଘଟଣା ତଦନ୍ତ ସମ୍ପର୍କରେ ନିଜର ଜ୍ଞାନ ଏବଂ କ୍ଷେତ୍ରଭିତ୍ତିକ ପଦ୍ଧତି ବିଷୟରେ ଅବଗତ କରାଇଥିଲେ। ଏହା ଦ୍ୱାରା ଅଂଶଗ୍ରହଣକାରୀ ଅଧିକାରୀମାନେ ସଡ଼କ ଦୁର୍ଘଟଣାର ବୈଷୟିକ ଓ ବିଶ୍ଳେଷଣାତ୍ମକ ଦିଗ ସମ୍ପର୍କରେ ଅଧିକ ସ୍ପଷ୍ଟ ଧାରଣା ହାସଲ କରିଥିଲେ। ଏହି ଅବସରରେ ଡଃ ନାୟକ କହିଛନ୍ତି ଯେ ପ୍ରତ୍ୟେକ ସଡ଼କ ଦୁର୍ଘଟଣା ଆମକୁ ସେହି ତ୍ରୁଟିଗୁଡ଼ିକ ବିଷୟରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରେ, ଯାହାର ସମାଧାନ ଆବଶ୍ୟକ। ବୈଜ୍ଞାନିକ ତଦନ୍ତ ଆମକୁ ସେହି ତ୍ରୁଟିଗୁଡ଼ିକୁ ବୁଝିବାରେ ସହାୟତା କରେ ଏବଂ ଭବିଷ୍ୟତରେ ସମାନ ଦୁର୍ଘଟଣାକୁ ରୋକିବା ପାଇଁ ଉପଯୁକ୍ତ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣର ସୁଯୋଗ ଦେଇଥାଏ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776 Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତରେ କମୁଛି ପ୍ରଜନନ ହାର

## ଧନୀ ହେବା ପୂର୍ବରୁ ବୁଢ଼ା ହେଇଯିବ ଭାରତ

**ନୂଆଦିଲ୍ଲୀ,୨୬।୮ :** ଭାରତ ବିକଶିତ ପଥରେ ଯିବା ପୂର୍ବରୁ ଚିନ ଭଳି ଏକ ବଡ଼ ସମସ୍ୟାରେ ପଡ଼ିପାରେ। ଆଗକୁ ଭାରତରେ ବଡ଼ ଜନସଂଖ୍ୟା ହ୍ରାସ ହୋଇପାରେ। ଓ ଦେଶରେ ବୟସ୍କଙ୍କ ସଂଖ୍ୟା ବଢ଼ିପାରେ। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆଙ୍କ ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ୍ (ଏସ୍ଆରଏସ୍) ୨୦୨୪ ରିପୋର୍ଟରେ ଏଭଳି ଚିନ୍ତାଜନକ ରିପୋର୍ଟ ସାମ୍ନାକୁ ଆସିଛି। ବର୍ତ୍ତମାନ ଭାରତ ବିଶ୍ୱର ସବୁଠାରୁ ଯୁବ ଜନସଂଖ୍ୟା ଥିବା ଦେଶଗୁଡ଼ିକ ମଧ୍ୟରେ ରହିଛି। ତେବେ ଦେଶରେ ଶିଶୁ ଜନ୍ମହାର ଦ୍ରୁତ ହ୍ରାସ ପାଉଥିବାରୁ ଆଗାମୀ ଦିନରେ ଭାରତର ଜନସାଂଖ୍ୟିକ ଚିତ୍ରରେ ବଡ଼ ପରିବର୍ତ୍ତନ ଆସିପାରେ। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆଙ୍କ ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ୍ (ଏସ୍ଆରଏସ୍) ୨୦୨୪ ରିପୋର୍ଟ ଅନୁଯାୟୀ, ଦେଶର ମୋଟ ପ୍ରଜନନ ହାର (ଟିଏଫ୍ଆର) ୧.୯କୁ ଖସିଆସିଛି। ଜନସଂଖ୍ୟାକୁ ଦୀର୍ଘକାଳୀନ ସ୍ଥିର ରଖିବା ପାଇଁ ଆବଶ୍ୟକ ୨.୧ର ପ୍ରତିସ୍ଥାପନ(ରିପ୍ଲେସମେଣ୍ଟ) ସ୍ତରଠାରୁ ଏହା କମ୍। ପ୍ରଜନନ ହାର ଦୀର୍ଘ ସମୟ ଧରି ୨.୧ରୁ କମ୍ ରହିଲେ ଦେଶରେ ଯୁବ ଜନସଂଖ୍ୟାର ଅନୁପାତ କମିବା ସହ ବୃଦ୍ଧ ଲୋକଙ୍କ ଅନୁପାତ ବଢ଼ିବା ଆରମ୍ଭ ହୁଏ। ଏହି ପରିବର୍ତ୍ତନ ଭାରତ ପାଇଁ ଆହୁରି ଗୁରୁତ୍ୱପୂର୍ଣ୍ଣ, କାରଣ ଚୀନ ଭଳି ଦେଶ ଯେଉଁ ଆୟ ସ୍ତରରେ ବୃଦ୍ଧାବସ୍ଥାଜନିତ ଚାପ ସାମ୍ନା କରିଥିଲା, ଭାରତ ସେହି ସ୍ତରରେ ଏଯାବତ୍ ପହଞ୍ଚି ନାହିଁ।



ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁସାରେ, ଭାରତର ପ୍ରତି ବ୍ୟକ୍ତି ଜିଡିପି ପ୍ରାୟ ୨,୭୦୦ ଡଲାର ରହିଛି। ଅନ୍ୟପକ୍ଷରେ, ଚୀନ ବୃଦ୍ଧ ଜନସଂଖ୍ୟା ଚାପର ସାମ୍ନା କରିବା ପୂର୍ବରୁ ପ୍ରତି ବ୍ୟକ୍ତି ଜିଡିପି ପ୍ରାୟ ୧୩,୦୦୦ ଡଲାର ଅତିକ୍ରମ କରିଥିଲା। ତେଣୁ ଏଠି ପ୍ରଶ୍ନ ଉଠୁଛି ଭାରତ ଧନୀ ହେବା ପୂର୍ବରୁ ବୃଦ୍ଧ ହୋଇଯିବ କି? ଅର୍ଥନୀତିଜ୍ଞମାନଙ୍କ ମତରେ, ଯଦିଓ ଏହା ହଠାତ୍ ଆସିବା ଭଳି ସଙ୍କଟ ନୁହେଁ, କିନ୍ତୁ ଏହାର ପ୍ରସ୍ତୁତି ଏବେଠାରୁ କରିବା ଆବଶ୍ୟକ। ବୃଦ୍ଧ ଜନସଂଖ୍ୟା ବଢ଼ିଲେ ଶ୍ରମଶକ୍ତିର ବୃଦ୍ଧି ଧୀର ହେବ, ସ୍ୱାସ୍ଥ୍ୟ ଖର୍ଚ୍ଚ ବଢ଼ିବ, ପେନ୍ସନ୍ ଉପରେ ଚାପ ବଢ଼ିବ ଏବଂ ବୃଦ୍ଧଙ୍କ ପାଇଁ ଦୀର୍ଘମିଆଦି ଯତ୍ନର ଚାହିଦା ବୃଦ୍ଧି ପାଇବ। ଏଥିରେ ଦେଶର ଅଧିକାଂଶ ସମ୍ବଳ ଖର୍ଚ୍ଚ ହୋଇଗଲେ ଦେଶ ବିକାଶ କ୍ଷେତ୍ର ପୁଞ୍ଜି ନିବେଶ କରିବା କଷ୍ଟକର ହୋଇଯିବ। ଏହା ବାଦ ବୃଦ୍ଧ ଜନସଂଖ୍ୟାର ଦେଶରେ ବିଦେଶନୀ ନିବେଶ ବି କମିପାରେ। ଜନସାଂଖ୍ୟିକୀ ଲାଭ (ଡେମୋଗ୍ରାଫି ଡିଭିଡେଣ୍ଟ) ହେଉଛି ସେହି ସମୟ, ଯେତେବେଳେ କୌଣସି ଦେଶରେ ନିର୍ଭରଶୀଳ ଜନସଂଖ୍ୟା ତୁଳନାରେ କାର୍ଯ୍ୟକ୍ଷମ ବୟସର ଲୋକଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଥାଏ। ଏହା ଫଳରେ ଅଧିକ ଶ୍ରମଶକ୍ତିର ଅଂଶଗ୍ରହଣ, ଉତ୍ପାଦକତା ବୃଦ୍ଧି ଓ ସଞ୍ଚୟ ମାଧ୍ୟମରେ ଅର୍ଥନୈତିକ ବିକାଶକୁ ଦ୍ରୁତ କରିବାର ସୁଯୋଗ ସୃଷ୍ଟି ହୁଏ। କିନ୍ତୁ ଏହି ସୁଯୋଗର ସମୟସୀମା ରହିଛି। ଜନସଂଖ୍ୟା ବୟସ୍କ ହେବା ସହିତ ଏହି ଜନସାଂଖ୍ୟିକ ଲାଭର ସୁଯୋଗ ଧୀରେ ଧୀରେ ସଙ୍କୁଚିତ ହେବାକୁ ଲାଗେ। ଭାରତର ଜନସାଂଖ୍ୟିକୀ ଲାଭ ଏବେ ବି ଜାରି ରହିଛି। ତେବେ ଆଗାମୀ ଦୁଇ ଦଶକରେ ଉପଲବ୍ଧ ବିଶାଳ ଶ୍ରମଶକ୍ତିକୁ ଦେଶ କେତେ ଦୂର ପର୍ଯ୍ୟନ୍ତ ଦୀର୍ଘକାଳୀନ ଉତ୍ପାଦକତା ବୃଦ୍ଧିରେ ପରିଣତ କରିପାରିବ, ତାହା ହିଁ ମୁଖ୍ୟ ଚ୍ୟାଲେଞ୍ଜ। କାରଣ, ଆଗାମୀ ଦିନରେ ଜନସଂଖ୍ୟା ବୟସ୍କ ହେବାର ପ୍ରଭାବ ଅର୍ଥନୈତିକ ବିକାଶ ଉପରେ ଅଧିକ ଅନୁଭୂତ ହେବା ପୂର୍ବରୁ ଏହି ସୁଯୋଗକୁ ସଠିକ୍ ଭାବେ ବ୍ୟବହାର କରିବା ଆବଶ୍ୟକ। ସମୟ କଟୁଛି, ସଜାଗ ହେବା ବେଳ ଆସୁଛି ଜନସଂଖ୍ୟାଗତ ପରିବର୍ତ୍ତନ ହଠାତ୍ ନୁହେଁ ବରଂ ଧୀରେ ଧୀରେ ଘଟୁଛି। ବର୍ତ୍ତମାନ ଭାରତ ଜନସାଂଖ୍ୟିକୀ ଲାଭରେ ରହିଛି। ନିକୋର ଆସୋସିଏଟ୍ସର ପ୍ରତିଷ୍ଠାତା ତଥା ମୁଖ୍ୟ ଅର୍ଥନୀତିଜ୍ଞ ମିତାଲି ନିକୋରଙ୍କ ଅନୁଯାୟୀ, ଏସଆର୍ଏସ୍ ୨୦୨୪ ତଥ୍ୟରେ ୧୫ରୁ ୫୯ ବର୍ଷ ବୟସର ଲୋକ ଭାରତର ମୋଟ ଜନସଂଖ୍ୟାର ୬୬.୪% ଥିବାବେଳେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ଅନୁପାତ ୯.୭% ରହିଛି। ଅର୍ଥାତ୍ ଭାରତର ଡେମୋଗ୍ରାଫିକ୍ ଡିଭିଡେଣ୍ଡ ବା ଜନସାଂଖ୍ୟିକୀ ଲାଭ ଏବେ ବି ରହିଛି। ଅର୍ଥନୀତିକୁ ଦ୍ରୁତ ବଢ଼ାଇବା ପାଇଁ ଏହି ସମୟରେ ଅଧିକ ରୋଜଗାର, ଉତ୍ପାଦକତା, ଦକ୍ଷତା ବିକାଶ ଓ ଶ୍ରମଶକ୍ତିରେ ମହିଳାଙ୍କ ଅଂଶଗ୍ରହଣ ବଢ଼ାଇବା ଗୁରୁତ୍ୱପୂର୍ଣ୍ଣ। ୨୦୧୮-୧୯ ଆର୍ଥିକ ସର୍ଭେ ଅନୁଯାୟୀ, ଦେଶର କାର୍ଯ୍ୟକ୍ଷମ ବୟସର ଜନସଂଖ୍ୟା ପ୍ରାୟ ୨୦୪୧ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି, ଯାହା ନୀତି ନିର୍ଦ୍ଧାରକମାନଙ୍କୁ ଅର୍ଥନୈତିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ବଡ଼ ସୀମିତ ସମୟ ପ୍ରଦାନ କରିବ।

### ଜିଓକୁ ୧୧,୦୦୩ କୋଟିର ଟିକସ ଆଶ୍ୱସ୍ତି

## ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ୍‌ରେ ବିଜୟ

**ନୂଆଦିଲ୍ଲୀ,୨୬।୮ :** ରିଲାଏନ୍ସ ଜିଓ ଇନ୍‌ଫୋକମ୍‌କୁ ବଡ଼ ଟିକସ ଆଶ୍ୱସ୍ତି ମିଳିଛି। ଆୟକର ଅପିଲେଟ୍ ଟ୍ରିବ୍ୟୁନାଲ୍ (ଆଇଟିଏଟି) ଜିଓ ବିରୋଧରେ ଲାଗୁ ହୋଇଥିବା ଏହି ଟିକସକୁ ବାତିଲ କରିଛନ୍ତି। ଏହି ମାମଲା ୨୦୧୯-୨୦ ଆକଳନ ବର୍ଷ ସହ ଜଡିତ ଥିଲା। ବିବାଦର ମୁଖ୍ୟ ବିଷୟ ଥିଲା ଜିଓର ପ୍ରାୟ ୧୧,୦୦୩ କୋଟି ଟଙ୍କାର ବିଭିନ୍ନ ଖର୍ଚ୍ଚ। କମ୍ପାନି ଏହି ଖର୍ଚ୍ଚକୁ ନିଜ ହିସାବ ବହିରେ 'ଅଗ୍ରଗତିରେ ଥିବା ପୁଞ୍ଜି' ଭାବେ ଦର୍ଶାଇଥିଲା, କିନ୍ତୁ ଆୟକର ହିସାବ କରିବା ସମୟରେ ଏହାକୁ ରାଜସ୍ୱ ଖର୍ଚ୍ଚ ଭାବେ ଦାବି କରିଥିଲା। ଏଥିରେ ଇଣ୍ଟରକନେକ୍ଟ ଚାର୍ଜ, କର୍ମଚାରୀ ଖର୍ଚ୍ଚ, ପ୍ରଫେସନାଲ୍ ଫି, କଲ୍ ସେଣ୍ଟର ଖର୍ଚ୍ଚ, ବିଦ୍ୟୁତ ଓ ଇନ୍ଧନ, ମରାମତି, ନେଟୱର୍କ ଅପରେଟିଂ ଖର୍ଚ୍ଚ ଆଦି ସାମିଲ ଥିଲା। ବିବାଦର ମୁଖ୍ୟ ବିଷୟ ଥିଲା ଜିଓର ପ୍ରାୟ ୧୧,୦୦୩ କୋଟି ଟଙ୍କାର ବିଭିନ୍ନ ଖର୍ଚ୍ଚ ତେବେ ଆୟକର ବିଭାଗର ଆସେସିଂ ଅଫିସର ଏହି ଖର୍ଚ୍ଚଗୁଡ଼ିକୁ ଜିଓର ଟେଲିକମ୍ ନେଟୱର୍କର ଉନ୍ନତି ସହ ଜଡିତ ଦର୍ଶାଇ ଏହାକୁ ପୁଞ୍ଜିଗତ ଖର୍ଚ୍ଚ ଭାବେ ଗ୍ରହଣ କରିଥିଲେ। ଏଥି ସହିତ କମ୍ପାନିକୁ ୧୧,୦୦୩ କୋଟି ଟଙ୍କାର ଟିକସ ଦେବାକୁ କୁହାଯାଇଥିଲା। ଟ୍ରିବ୍ୟୁନାଲ କହିଛନ୍ତି ଯେ କୌଣସି ଖର୍ଚ୍ଚକୁ କମ୍ପାନି ନିଜ ହିସାବ ବହିରେ କିପରି ଦର୍ଶାଇଛି, କେବଳ ସେହି ଆଧାରରେ ତାହାର ଟିକସ ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଖର୍ଚ୍ଚର ପ୍ରକୃତି, ଉଦ୍ଦେଶ୍ୟ ଓ ସେଥିରୁ ନୂଆ ପୁଞ୍ଜି ସମ୍ପତ୍ତି ସୃଷ୍ଟି ହୋଇଛି କି ନାହିଁ, ତାହା ସ୍ପଷ୍ଟ କରିବା ଆବଶ୍ୟକ। ଟ୍ରିବ୍ୟୁନାଲ୍ ଆହୁରି କହିଛନ୍ତି ଯେ ଟେଲିକମ୍ ନେଟୱର୍କରେ ବ୍ୟବସାୟିକ କାର୍ଯ୍ୟ ଆରମ୍ଭ ହେବା ପରେ ମଧ ନିରନ୍ତର ଉନ୍ନତୀକରଣ, ରକ୍ଷଣାବେକ୍ଷଣ ଓ ନେଟୱର୍କ ସୁଦୃଢ଼ୀକରଣ ଆବଶ୍ୟକ ହୋଇଥାଏ। ଏପରି ଖର୍ଚ୍ଚକୁ ସ୍ୱତଃସ୍ଫୂର୍ତ୍ତ ଭାବେ ପୁଞ୍ଜିଗତ ଖର୍ଚ୍ଚ କୁହାଯାଇପାରିବ ନାହିଁ। ଟ୍ରିବ୍ୟୁନାଲ କହିଛନ୍ତି ବିବାଦୀୟ ଖର୍ଚ୍ଚଗୁଡ଼ିକ ପୂର୍ବରୁ ସ୍ଥାପିତ ଓ ବ୍ୟବହାରରେ ଥିବା ନେଟୱର୍କ ସମ୍ପତ୍ତିର ଗୁଣବତ୍ତା ଓ ସେବା ମାନ ବଜାୟ ରଖିବା ପାଇଁ ହୋଇଥିଲା।

## ଟେଲିକମ୍ ଟାରିଫ୍‌ରେ ୧୨% ବୃଦ୍ଧି ସମ୍ଭାବନା

**ନୂଆଦିଲ୍ଲୀ:** ଆସନ୍ତା ୪ରୁ ୬ ମାସ ମଧ୍ୟରେ ଭାରତରେ ଟେଲିକମ୍ ଟାରିଫ୍‌ରେ ପ୍ରାୟ ୧୨%ର ବ୍ୟାପକ ବୃଦ୍ଧି ହୋଇପାରେ। ଏହା ନଭେମ୍ବର-ଡିସେମ୍ବର ସମୟରେ ହେବାର ସମ୍ଭାବନା ରହିଛି ବୋଲି ସେଣ୍ଟ୍ରମ ଇଣ୍ଡିଆର (Centrum India)ର ସିନିୟର ଭାଇସ୍ ପ୍ରେସିଡେଣ୍ଟ ପୀୟୂଷ ପାଣ୍ଡେ କହିଛନ୍ତି। ପାଣ୍ଡେଙ୍କ କହିବା ଅନୁସାରେ, ଟେଲିକମ୍ କମ୍ପାନୀଗୁଡ଼ିକ ସାଧାରଣତଃ ପ୍ରତି ଦୁଇରୁ ଅଢ଼େଇ ବର୍ଷରେ ଥରେ ଟାରିଫ୍ ବଢ଼ାଇଥାନ୍ତି। ଶେଷ ଥର ପାଇଁ ୨୦୨୪ ଜୁଲାଇରେ ଟାରିଫ୍ ବୃଦ୍ଧି ହୋଇଥିଲା। ତେଣୁ ଆସନ୍ତା କିଛି ମାସରେ ପୁଣି ଟାରିଫ୍ ବଢ଼ିବାର ସମ୍ଭାବନା ରହିଛି। ଆସନ୍ତା ୪ରୁ ୬ ମାସ ମଧ୍ୟରେ ପ୍ରାୟ ୧୨% ଟାରିଫ୍ ବୃଦ୍ଧି ଆଶା କରାଯାଉଛି ବୋଲି ପାଣ୍ଡେ କହିଛନ୍ତି। ଟାରିଫ୍ ବୃଦ୍ଧି ହେଲେ ଟେଲିକମ୍ ଅପରେଟରମାନଙ୍କ ଆୟ ଓ ଲାଭରେ ସକାରାତ୍ମକ ପ୍ରଭାବ ପଡ଼ିପାରେ ବୋଲି ସେ କହିଛନ୍ତି। Vodafone Idea ପାଇଁ ଫଣ୍ଡିଂ ହେଉଛି ମୁଖ୍ୟ ପ୍ରସଙ୍ଗ ଟେଲିକମ ସେକ୍ଟରର ଉପରେ ଅଧିକ ସୂଚନା ଦେଇ ଶ୍ରୀ ପାଣ୍ଡେ କହିଛନ୍ତି Vodafone Ideaର ଫଣ୍ଡିଂ ଯୋଜନା ଟେଲିକମ୍ ସେକ୍ଟର ପାଇଁ ଏକ ବଡ଼ ଡେଭଲପ ହୋଇପାରେ। ପାଣ୍ଡେଙ୍କ ଅନୁସାରେ, କମ୍ପାନୀର ଅପରେଟିଂ ପରଫର୍ମାନ୍ସରେ ସୁଧାର ଦେଖାଯାଇଛି। କମ୍ପାନୀରେ ନୂଆ ଗ୍ରାହକ ଯୋଡ଼ିବା, ଅଧିକ ARPU (ପ୍ରତି ଗ୍ରାହକ ହାରାହାରି ଆୟ), 4G ଓ ପୋଷ୍ଟପେଡ୍ ଗ୍ରାହକ ସଂଖ୍ୟାରେ ବୃଦ୍ଧି ଏବଂ ଅପରେଟିଂ ମାର୍ଜିନ୍‌ରେ ସ୍ଥିରତା ଦେଖାଯାଇଛି। ତେବେ ନେଟୱର୍କ ବିସ୍ତାର ପାଇଁ ଆବଶ୍ୟକ ଫଣ୍ଡିଂ ହିଁ କମ୍ପାନୀ ପାଇଁ ମୁଖ୍ୟ ସମସ୍ୟା ହୋଇରହିଛି ବୋଲି ସେ କହିଛନ୍ତି। ୩ ବର୍ଷରେ ₹୪୫,୦୦୦ କୋଟି ଖର୍ଚ୍ଚ କରିବ Vodafone Idea ଭୋଡ଼ାପୋନ ଆଇଡିଆ ଆସନ୍ତା ତିନି ବର୍ଷରେ ପ୍ରାୟ ₹୪୫,୦୦୦ କୋଟି ଖର୍ଚ୍ଚ କରିବାର ଯୋଜନା ରଖିଛି। ତେଣୁ କମ୍ପାନୀକୁ ପ୍ରାୟ ₹୩୫,୦୦୦ରୁ ₹୪୦,୦୦୦ କୋଟି ବାହ୍ୟ ଫଣ୍ଡିଂ ଆବଶ୍ୟକ ହେବ ବୋଲି ପାଣ୍ଡେ ଆକଳନ କରିଛନ୍ତି। ଯଦି ରିପୋର୍ଟ ହୋଇଥିବା ବ୍ୟାଙ୍କ ଫଣ୍ଡିଂ ମିଳିଯାଏ, ତେବେ Vodafone Idea ତାହାର 4G ଓ 5G ନେଟୱର୍କକୁ ବିସ୍ତାର କରିପାରିବ। ବିଶେଷକରି କମ୍ପାନୀ ଚିହ୍ନଟ କରିଥିବା ୧୭ଟି ଫୋକସ୍ ସର୍କଲ୍‌ରେ ନେଟୱର୍କ ବିସ୍ତାର ହୋଇପାରେ। କଭରେଜ୍ ପ୍ରାୟ ୮୬% ରହିଛି।




## ୩୦,୦୦୦ କୋଟି ଡେଇଁବ ରାକ୍ଷୀ କାରବାର, କେବଳ ଦିଲ୍ଲୀରେ ହୋଇପାରେ ୪,୦୦୦ କୋଟିର ବ୍ୟବସାୟ

**ନୂଆଦିଲ୍ଲୀ,୨୬।୮ :** ଚଳିତ ବର୍ଷ ରାକ୍ଷୀ ଭାଇ ଭଉଣୀଙ୍କ ମଧ୍ୟରେ ସ୍ନେହର ପାରମ୍ପରିକ ବାର୍ତ୍ତାଠାରୁ ଆହୁରି ଅନେକ କିଛି ଦର୍ଶାଉଛି। ପ୍ରତ୍ୟେକ ରାକ୍ଷୀରେ ସ୍ୱଦେଶୀ ଗର୍ବ ଏବଂ ଭାରତ ସରକାରଙ୍କ ପ୍ରମୁଖ ଅଭିଯାନଗୁଡ଼ିକ ପ୍ରତିଫଳିତ ହେଉଛି । ବିକଶିତ ଭାରତ, ବ୍ରହ୍ମୋସ ଏବଂ ନାରୀ ସଶକ୍ତିକରଣର ବାର୍ତ୍ତା ବହନ କରୁଛି ରାକ୍ଷୀ । ବ୍ୟବସାୟୀମାନଙ୍କ ଅନୁମାନ ରହିଛି ଯେ, ଏଥର ଦେଶର ରାକ୍ଷୀ କାରବାର ପାଖାପାଖି ୨୫,୦୦୦ କୋଟି ଟଙ୍କା ଛୁଇଁପାରେ । ଯଦି ବ୍ୟାପକ ହିସାବ କରାଯାଏ ତେବେ ମିଠା, ଡ୍ରାଏ ଫ୍ରୁଟ୍ସ, ଉପହାର, ପୋଷାକ, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ମିଶାଇଲେ ଦେଶରେ ମୋଟ କାରବାର ୩୦,୦୦୦ କୋଟି ଟଙ୍କା ପାର କରିପାରେ ବୋଲି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପକ୍ଷରୁ ଅନୁମାନ କରାଯାଇଛି । କେବଳ ଦିଲ୍ଲୀରେ ୪,୦୦୦ କୋଟି ଟଙ୍କାର ବ୍ୟବସାୟ ହୋଇପାରେ । ଅଗଷ୍ଟ ୨୭ରେ ରାକ୍ଷୀ ଥିବାବେଳେ ଦିଲ୍ଲୀରେ ଚାନ୍ଦିନୀ ଚୌକ, ସଦର ବଜାର, କରୋଲ ବାଗ, ଲାଜପତ ନଗର, କମଳା ନଗର, ରଜୌରୀ ଗାର୍ଡେନ, ଗାନ୍ଧୀ ନଗର, ଖରି ବାଓଲି ଏବଂ ଲକ୍ଷ୍ମୀ ନଗର ଆଦି ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଥିବା ଜଣାପଡ଼ିଛି । ଏଥର ରାକ୍ଷୀ ଡିଜାଇନଗୁଡ଼ିକ ଅତି ନିଆରା ରହିଛି । ବିକଶିତ ଭାରତ, ମୋଦିଙ୍କ ଗ୍ୟାରେଣ୍ଟି, ନାରୀ ବନ୍ଦନ, ଆତ୍ମନିର୍ଭର ଭାରତ, ଲକ୍ଷପତି ଦିଦି, ଅମୃତ କାଳ, ବ୍ରହ୍ମୋସ ଏବଂ ରାଷ୍ଟ୍ର ରକ୍ଷା ସୂତ୍ର ଆଦି ଏଥିରେ ଅଙ୍କିତ କରାଯାଇଛି । ସ୍ୱଦେଶୀ ରାକ୍ଷୀଗୁଡ଼ିକ ବିଶେଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ହୋଇଛି । ୩ ବର୍ଷ ଧରି ରାକ୍ଷୀ ତିଆରି କାର୍ଯ୍ୟରେ ଜଡ଼ିତ ଦିଲ୍ଲୀର ହାଇଦରପୁର ବାସିନ୍ଦା ସରିତା କୁମାର କୁହନ୍ତି, ପରିବାର ଚଳାଇବାରେ ସାହାଯ୍ୟ କରିବା ନିମନ୍ତେ ଆମେ ଏ କାର୍ଯ୍ୟରେ ଜଡ଼ିତ ରହିଛୁ । ପର୍ବ ଆସିଲେ ଆମେ ଋତୁକାଳୀନ ବ୍ୟବସାୟରେ ଯୋଗ ଦେଇ ଭଲ ଆୟ କରିଥାଉ । କୁମାର ୨୫ ଜଣ ମହିଳାଙ୍କୁ ନେଇ ଗଠିତ ଏକ ଗ୍ରୁପ୍‌ରେ କାର୍ଯ୍ୟ କରୁଛନ୍ତି । କଞ୍ଚାମାଲ ପାଇକାରୀ ବଜାରରୁ ସଂଗ୍ରହ କରି ମହିଳାମାନେ ରାକ୍ଷୀ ପ୍ରସ୍ତୁତି କାର୍ଯ୍ୟରେ ଜୋରସୋର ଲାଗିଯାଆନ୍ତି ବୋଲି ସେ କହିଛନ୍ତି। ଗୋଟିଏ ରାକ୍ଷୀ ତିଆରି କରିବା ପାଇଁ ଦୁଇରୁ ୪ ମିନିଟ୍ ସମୟ ଲାଗିଥାଏ । ଗୋଟିଏ ପିସ୍ ତିଆରି କରିବା ପାଇଁ ଖର୍ଚ୍ଚ ପାଖାପାଖି ୩ରୁ ୪ ଟଙ୍କା ଲାଗିଥାଏ ଏବଂ ଏହା ୬ରୁ ୭ ଟଙ୍କାରେ ପାଇକାରୀ ବ୍ୟବସାୟୀମାନଙ୍କୁ ଦିଆଯାଏ। ଖୁଚୁରା ବ୍ୟବସାୟୀମାନେ ଡିଜାଇନ୍ ଆଧାରରେ ୧୦ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ମୂଲ୍ୟରେ ଏହାକୁ ବିକ୍ରି କରିଥାନ୍ତି । କୁମାର କହିଲେ ଯେ, ଖାଲି ରାକ୍ଷୀ ନୁହେଁ । ଆମେ ମଧ ଦୀପାବଳିରେ ଦୀପ ଏବଂ ଲାଇଟ୍ ତିଆରି କରିଥାଉ । ସ୍ଥାନୀୟ ବଜାରରେ ରାକ୍ଷୀ ତିଆରି ହେବା ଫଳରେ ଚିରାଚରିତ ଭାବେ ଚୀନ୍ ବଜାରରୁ ଅଣାଯାଉଥିବା ରାକ୍ଷୀ ଆମଦାନି ଠପ୍ ହୋଇଯାଇଛି । କାରିଗରମାନଙ୍କ କହିବାନୁସାରେ, ଗତ ୨ରୁ ୩ ବର୍ଷ ହେବ ବଜାରରେ ଚାଇନା ରାକ୍ଷୀ ଦେଖିବାକୁ ମିଳୁନାହିଁ । ପୂର୍ବରୁ ରାକ୍ଷୀ ଚୀନ୍‌ରୁ ଆସୁଥିଲା । କିନ୍ତୁ ୨୦୨୦ ପରେ ସ୍ୱଦେଶୀ ଅଭିଯାନକୁ ମଜଭୁତ କରାଯାଇ ସ୍ଥାନୀୟ କାରିଗରଙ୍କୁ ପ୍ରୋତ୍ସାହନ ମିଳିଲା । ସିଏଆଇଟି ରାଷ୍ଟ୍ରୀୟ ସଚିବ ପ୍ରବୀଣ ଖଣ୍ଡେଲୱାଲଙ୍କ କହିବାନୁସାରେ, ୨୦୨୦ ଗଲୱାନ ଘାଟିରେ ଭାରତୀୟ ଯବାନମାନଙ୍କ ଉପରେ ଚୀନ୍ ଯବାନମାନଙ୍କ ହମ୍‌ଲା ପରଠାରୁ ଚୀନ୍ ସାମଗ୍ରୀ ବର୍ଜନ ଅଭିଯାନ ଜୋର ଧରିଛି । ଯୁବ ଗ୍ରାହକଙ୍କ ମଧ୍ୟରେ ଥିମ୍ ଭିତ୍ତିକ ରାକ୍ଷୀ ଲୋକପ୍ରିୟ ରହିଥିବାବେଳେ ମହିଳାମାନେ ନାରୀ ବନ୍ଦନ ଏବଂ ଲକ୍ଷପତି ଦିଦି ରାକ୍ଷୀ ଅଧିକ କିଣୁଛନ୍ତି ।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୩,୭୫୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୫୦,୧୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୩,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୫୦,୧୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୩,୭୫୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୫୦,୧୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୩,୩୯୦ ଟଙ୍କା ଓ ୨୨ କ୍ୟାରଟେ ୧,୫୦,୨୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୫୦,୧୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୩,୭୫୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୫୦,୧୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୫.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୪୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୦୯ ପଇସା ଓ ଡିଜେଲ ଦର ୧୦୨ ଟଙ୍କା ୧୫ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୭ଟଙ୍କା ୬୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୧୦୫.୩୦ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୮୪ ଟଙ୍କା ଥିବାବେଳେ ଡିଜେଲ ଦର ୧୦୦ ଟଙ୍କା ୯୪ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୧୭ ଟଙ୍କା ୬୧ ପଇସା ଥିବା ବେଳେ ଡିଜେଲ ଦାମ ୧୦୫ ଟଙ୍କା୩୦ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ହାଟଗଡ଼ା ଛକରେ ବିଶ୍ରାମ ଗୃହ ପାଇଁ ଶିଳାନ୍ୟାସ କଲେ ବିଧାୟକ



ବାଲିକୁଦା,୨୬।୮ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବାଲିକୁଦା ମୁଖ୍ୟ ବଜାର ନିକଟସ୍ଥ ହାଟ ଗଡା ଛକ ରେ ଆଜି ନୂତନ ବିଶ୍ରାମ ଗୃହ ର ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ କରକମଳରେ ଶୁଭ ଶିଳାନ୍ୟାସ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଯୋଗ ଦେଇଥିବା ବେଳେ ସାମ୍ମାନୀୟ ଅତିଥିଭାବେ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାଶ, ,ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ବିଜେଡି ରାଜ୍ୟ ସମ୍ପାଦକ କମାଳା କାନ୍ତ ମହାପାତ୍ର, ଯୁବ ନେତା ସୁଭେନ୍ଦ୍ର ଦାସ, ଆଶିଷ ରଥ, ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବାଲିକୁଦା ବଜାର ର ହାଟ ଗଡା ଏକ ପ୍ରମୁଖ ଜନ ସମାଗମ ସ୍ଥାନ ହୋଇ ଥିବାରୁ ନୂତନ ବିଶ୍ରାମଗାର ପ୍ରତିଷ୍ଠା ହେବାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ସୁବର୍ଣ୍ଣରେଖା ସୁଅରେ ଭାସିଗଲା ଚାଷୀଙ୍କ ସ୍ୱପ୍ନ

### ଧରାଶାୟୀ ହେଲା ଧାନ ଓ ପରିବା ଚାଷ, ଚିନ୍ତାରେ ଚାଷୀ

### ଆଠଦିନ ହେଲା ଭୋକ ଉପବାସରେ ଗୃହପାଳିତ ପଶୁ



ବାଲିଆପାଳ,୨୬।୮ (ସଂଚାର ବ୍ୟୁରୋ): ଛାଡି ଯାଇଛି ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ। ହେଲେ ସାଙ୍ଗରେ ଦେଇଯାଇଛି ଅସରନ୍ତି ଦୁଃଖ ଓ ଦୁର୍ଦ୍ଦଶାର ଚିତ୍ର। ଏବେ ବି ଚାଷ ଜମିରୁ ଛାଡି ନାହିଁ ପାଣି। ଭଙ୍ଗା ଅସଜଡା ଘରକୁ ସଜାଡି ପୁଣି ଥରେ ବଂଚିବାର ରାହା ଖୋଜୁଥିବା ବେଳେ ବନ୍ୟା ପାଣି ଚାଷୀଙ୍କ ସବୁ ସ୍ୱପ୍ନକୁ ମାଟିରେ ମିଶେଇ ଦେଇଛି। ବନ୍ୟା ଛାଡଯିବା ପରେ ଗ୍ରାଉଣ୍ଡ ଜିରୋରରେ ରହିଛି ଏହିଭଳି ବାସ୍ତବ ଚିତ୍ର। ଯେଉଁ ଜମିରେ କିଛି ଦିନ ତଳେ ସବୁଜ ଧାନ ଗଛ ଚାଷୀଙ୍କୁ ଭଲ ଫସଲର ସ୍ୱପ୍ନ ଦେଖାଉଥିଲା, ଆଜି ସେହି ଜମି ଲାଗୁଛି ଏକ ମରୁଭୂମି। ପାଣି ଭିତରେ ନଷ୍ଟ ହୋଇ ପଡ଼ିଛି ଧାନ ଗଛ, ପଚିବାକୁ ବସିଛି ପରିବା ଫସଲ। ଏହା କେବଳ ଏକ ଫସଲ ନଷ୍ଟର ଚିତ୍ର ନୁହେ, ଏହା ଜଣେ ଚାଷୀଙ୍କ ଭାଙ୍ଗି ଯାଇଥିବା ସ୍ୱପ୍ନର ଚିତ୍ର।

ସୁବର୍ଣ୍ଣରେଖାର ବନ୍ୟା ପାଣି ବାଲିଆପାଳର କୃଷିଭିତ୍ତିକ ଅର୍ଥନୀତିକୁ ଦୋହଲାଇ ଦେଇଛି। ଉପଲବ୍ଧ ସ୍ଥାନୀୟ ଆକଳନ ଅନୁସାରେ, ବାଲିଆପାଳ ବ୍ଲକରେ ପ୍ରାୟ ୮ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଧାନ ଚାଷ ନଷ୍ଟ ହୋଇଛି। ଧାନ ସହିତ ବିଭିନ୍ନ ପରିବା ଚାଷ ମଧ୍ୟ ବନ୍ୟା ପାଣିରେ ବୁଡିଯାଇଛି। ବ୍ଲକର ୧୯ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ବର୍ଷା, ଖରା ଓ ବିଭିନ୍ନ ପ୍ରତିକୂଳତାକୁ ସହି ଚାଷୀ ଜମିରେ ଫସଲ ଠିଆ କରିଥିଲେ। ବିହନ, ସାର, କୀଟନାଶକ ଓ ଶ୍ରମ ପାଇଁ ଖର୍ଚ୍ଚ କରିଥିଲେ ହଜାର ହଜାର ଟଙ୍କା। ମନରେ ଥିଲା ଗୋଟିଏ ଆଶା— ଧାନ ଅମଳ ହେବ, ଘରକୁ ଖୁସି ଆସିବ, ଋଣ ଶୁଝିବ। କିନ୍ତୁ ସୁବର୍ଣ୍ଣରେଖାର ଗୋଟିଏ ବନ୍ୟା ସେହି ଆଶାକୁ ପାଣିରେ ମିଶାଇ ଦେଇଛି। ଜମିରେ ଫସଲ ନାହିଁ। ହାତରେ ଆୟ ନାହିଁ। ମୁଣ୍ଡ ଉପରେ ଋଣର ବୋଝ। ଚାଷୀଙ୍କ ଆଖିରେ ଏବେ ଫସଲ ଅମଳର ସ୍ୱପ୍ନ ନୁହେଁ, ଆଗାମୀ ଦିନ କେମିତି କଟିବ— ସେହି ଚିନ୍ତା।

ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ ପ୍ରଭୃତି ପଞ୍ଚାୟତର ଚଡପାଳପଡା, ଚଡବଢ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ଆଠଡାଟିଆ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉର୍ଦ୍ଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖିପାଳ, ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ ପ୍ରଭୃତି ପଞ୍ଚାୟତରେ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି।

ଏହି ସବୁ ସ୍ଥାନରେ ଗ୍ରାଉଣ୍ଡ ଜିରୋର ଚିତ୍ର ଆହୁରି ଦୁଃଖଦ। ଧାନ ଗଛ ପାଣି ଭିତରେ ନଇଁ ପଡ଼ିଛି। କେଉଁଠି ଧାନ ଗଛର ମୂଳ ଉପୁଡ଼ି ଯାଇଛି, ଆଉ କେଉଁଠି ଦୀର୍ଘ ସମୟ ପାଣିରେ ବୁଡ଼ି ରହି ଫସଲ ପଚିବା ଆରମ୍ଭ କରିଛି। ପରିବା କ୍ଷେତର ଅବସ୍ଥା ମଧ୍ୟ ସମାନ। ବନ୍ୟା ପାଣି ଭିତରେ ଫସଲ ନଷ୍ଟ ହୋଇ ଚାଷୀଙ୍କ ଆୟର ମୁଖ୍ୟ ଉତ୍ସ ଏବେ ବିପର୍ଯ୍ୟସ୍ତ।

ତେବେ ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଉ, ନଷ୍ଟ ହୋଇଥିବା ଫସଲର ଉଚିତ କ୍ଷତିପୂରଣ ମିଳୁ ଏବଂ ପରବର୍ତ୍ତୀ ଚାଷ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟ ପଟରେ ଆଜକୁ ଅଠଦିନ ହେଲା ଗୃହପାଳିତ ପଶୁ ମାନେ ଭୋକ ଉପବାସରେ ଦିନ କାଟୁଥିବା ବେଳେ ମୁଠାଏ ବି ଗୋଖାଦ୍ୟ ଦିଆଯାଇନଥିବା ଗ୍ରମବାସୀ ଅଭିଯୋଗ କରିଛନ୍ତି।

# ସର୍ଭର ଡାଉନ୍, ଚାଷୀ ପଞ୍ଜୀକରଣରେ ବିଳମ୍ବ

### ସମୟସୀମା ମଧ୍ୟରେ ସରିବା ନେଇ ଆଶଙ୍କା

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୨୬।୮ (ସଂଚାର ବ୍ୟୁରୋ): ତେନ୍ତୁଳିଖୁଣ୍ଟି ସମବାୟ ସମିତିର ଚାଷୀ ପଞ୍ଜିକରଣ ପ୍ରକ୍ରିୟାରେ ସର୍ଭର ସମସ୍ୟା ବାଧକ ସାଜିଥିବା ଅଭିଯୋଗ ହୋଇଛି। ସର୍ଭର ଡାଉନ୍ ଯୋଗୁଁ ଶହ ଶହ ଚାଷୀଙ୍କ ପଞ୍ଜିକରଣ ହୋଇପାରୁନାହିଁ। ଫଳରେ ସରକାରଙ୍କ ଧାର୍ଯ୍ୟ ସମୟସୀମା ମଧ୍ୟରେ ପଞ୍ଜିକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ କି ନାହିଁ, ତାହାକୁ ନେଇ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି।



ସୂଚନା ଅନୁସାରେ, ଏପର୍ଯ୍ୟନ୍ତ ୧୧ ଶହରୁ ଅଧିକ ଚାଷୀଙ୍କ ପଞ୍ଜିକରଣ ହୋଇଥିବା ଜଣାପଡ଼ିଛି। ତେବେ ଆହୁରି ବହୁ ଚାଷୀ ପଞ୍ଜିକରଣ ପାଇଁ ଅପେକ୍ଷାରେ ରହିଛନ୍ତି। ଆଜି ପଞ୍ଜିକରଣ କେନ୍ଦ୍ରଗୁଡ଼ିକରେ ବହୁ ସଂଖ୍ୟାରେ ଚାଷୀଙ୍କ ଭିଡ଼ ଦେଖିବାକୁ ମିଳିଥିବାବେଳେ, ପୁଣି ବର୍ଷା ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି।

ଦୂରଦୂରାନ୍ତରୁ ଆସି ପଞ୍ଜିକରଣ ପାଇଁ ଦୀର୍ଘ ସମୟ ଅପେକ୍ଷା କରିବା ସତ୍ତ୍ୱେ ସର୍ଭର ଠିକ୍ ଭାବେ କାମ ନକରିବାରୁ ଅନେକ ଚାଷୀ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ସର୍ଭର ସମସ୍ୟାର ତୁରନ୍ତ ସମାଧାନ କରି ପଞ୍ଜିକରଣ ପ୍ରକ୍ରିୟାକୁ ଦ୍ରୁତ କରିବା ସହ ଆବଶ୍ୟକ ହେଲେ ସମୟସୀମା ବଢ଼ାଇବାକୁ ଚାଷୀ ମହଲରୁ ଦାବି ହେଉଛି।ଅଞ୍ଚଳର ଲମତାଗୁଡା, ଦିଗି, ମଣ୍ଟାଗାଁ, କଣ୍ଟାଗାଁ ଭଳି ବିଭିନ୍ନ ସ୍ଥାନରେ ପଞ୍ଜିକରଣ କରିବା ପାଇଁ ଚାଷୀ ମହଲ ରେ ଦାବୀ ହୋଇଛି।

## ପୁଲିସ ପକ୍ଷରୁ ସାଇବର ସଚେତନତା

ହିଞ୍ଜିଳିକାଟୁ,୨୬।୮ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରପରିଷଦ ସ୍ଥିତ ପିଏମଶ୍ରୀ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଓ ନିଶାମୁକ୍ତ ଭାରତ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ବୃନ୍ଦାବନ ବିଦ୍ୟାପୀଠର ଶିକ୍ଷକଶିକ୍ଷୟିତ୍ରୀଙ୍କ ସମତେ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଏହାକୁ ପ୍ରତିହତ କରିବା ଲାଗି ସତର୍କ ଓ ସଚେତନାତର ଆବଶ୍ୟକତା ରହିଥିବା ବେଳେ ଅଜଣା ଓଟିପି ନମ୍ବର ସେୟାର ନକରିବା ଏବଂ ସାମାଜିକ ଗଣମାଧ୍ୟମରେ ଅପରିଚିତ ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ ନକରିବାବାକୁ ପରାମର୍ଶ ଦିଆଯାଇଥିଲା | କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ |




### ମହିଳା ସରପଞ୍ଚଙ୍କ ଫଟୋ ପୋଷ୍ଟ କରି ଅଶ୍ଳୀଳ ମନ୍ତବ୍ୟ ଦେବା ଘଟଣା

## ଡିଏସପିଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲା ଯୁବ କଂଗ୍ରେସ



ବାଲିଆପାଳ,୨୬।୮ (ସଂଚାର ବ୍ୟୁରୋ):ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତର ମହିଳା ସରପଞ୍ଚଙ୍କ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରି ଅଶାଳୀନ ମନ୍ତବ୍ୟ ଲେଖିଥିବା ସୋସିଆଲ ମିଡ଼ିଆ ବ୍ଲଗର ପିଣ୍ଟୁ ପ୍ରଧାନ ଓରଫ ଯଶୋବନ୍ତ ପ୍ରଧାନଙ୍କ ଗିରଫ ଦାବିରେ ଯୁବ କଂଗ୍ରେସ ପକ୍ଷରୁ ବାଲିଆପାଳ ଥାନା ସମ୍ମୁଖରେ ଅହୋରାତ୍ର ଧାରଣାରେ ମଙ୍ଗଳବାର ଠାରୁ ବସିଥିଲେ।

ଆଜି ମଧ୍ୟାହ୍ନରେ ବାଲେଶ୍ୱର ଡିଏସପି ଚାନ୍ଦମଣି ସିଂ ଧାରଣା ସ୍ଥଳରେ ପହଞ୍ଚି ଯୁବ କଂଗ୍ରେସର ସମସ୍ତ ଅଭିଯୋଗ ଶୁଣିବା ପରେ ପ୍ରକୃତ ଦୋଷୀ ବିରୁଦ୍ଧରେ ତଦନ୍ତ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଯୁବ କଂଗ୍ରେସର କର୍ମକର୍ତ୍ତା ମାନଙ୍କ ନାମରେ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ଏବଂ ତାଙ୍କ କର୍ମକର୍ତ୍ତା ମାନଙ୍କ ଦ୍ୱାରା ବାଲିଆପାଳ ଥାନାରେ ଦିଆଯାଇଥିବା ଏତଲା ଆଧାରରେ ହୋଇଥିବା ମିଥ୍ୟା କେଶକୁ ତଦନ୍ତ କରି ଖାରଜ କରିବା ସହିତ ଅଭିଯୁକ୍ତ ପିଣ୍ଟୁ ପ୍ରଧାନର ସୋସିଆଲ ମିଡ଼ିଆ ଆକାଉଣ୍ଟକୁ ବନ୍ଦ କରିବା ଭଳି ଦାବି ସବୁକୁ ଶୁଣିବା ପରେ ତଦନ୍ତ କରାଯାଇ ଆସନ୍ତା ୬ଦିନ ମଧ୍ୟରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଯୁବ କଂଗ୍ରେସ କର୍ମକର୍ତ୍ତା ମାନେ ଅହୋରାତ୍ର ଧାରଣା ପ୍ରତ୍ୟାହାର କରିଛନ୍ତି।

ଏହି ସମୟରେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ, କଂଗ୍ରେସ ନେତା ବିଜନ ନାୟକ, କଂଗ୍ରେସ ବ୍ଲକ ସଭାପତି ମୂରଲୀ ମୋହନ ସାହୁ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ, ରବିନାରାୟଣ ମହାନ୍ତି ଦେଉଳା ପଞ୍ଚାୟତର ସରପଞ୍ଚ ସରୋଜ କୁମାର ପିଳା, ଜଗତିପୁର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର, ବାଲିଆପାଳ ବ୍ଲକ ସଂଖ୍ୟାଲଘୁ ସେଲର ସଭାପତି ସେକ କମିରୁଦ୍ଧିନ, ଯୁବ କଂଗ୍ରେସ ନେତା ଚନ୍ଦନ ରାଜ, ହୃଷିକେଶ ପଣ୍ଡା, କେଦାର ମହାନ୍ତି, ସୁଶାନ୍ତ ପାତ୍ର, ପ୍ରଶାନ୍ତ ଦାସ, ସୁଜୟ ପରିଡ଼ା, ନିମାଇଁ ବିଶ୍ୱାଳ, ସେକ ବାବୁ, ଅଜୟ ପାତ୍ରଙ୍କ ସମେତ ବହୁ ଯୁବକଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଲାଞ୍ଜିଗଡ,୨୬।୮ (ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗାଁ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।ମୃତ ଯୁବକ ଜଣକ ବିଜେପୁର ଗ୍ରାମର ରଥ ଦଳେଇ (୪୬) ଅଟେ।ସୂଚନାନୁସାରେ ରଥ ଘର ବିଜେପୁର ଗାଁରେ ଅଟେ ଏବଂ ସେ ଦୀର୍ଘ ଦଶ ବର୍ଷ ହେବ ରଘୁନାଥପୁର ଗାଁରେ ଶଶୁର ଘର ନିକଟରେ ପରିବାର ସହିତ ରହୁଥିଲେ ଏବଂ ରାଜମିସ୍ତ୍ରୀ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ମଙ୍ଗଳବାର ରାତିରେ ରଥ ଘରୁ ବାହାରି ପୋଖରୀକୁ ଯାଇଥିଲେ ଏବଂ ଘରକୁ ଫେରିନଥିଲେ। ବୁଧୁବାର ସକାଳୁ ସେହି ଗ୍ରାମର ଜଣେ ଲୋକ ପୋଖରୀକୁ ଗାଧୋଇବାକୁ ଯିବା ସମୟରେ ପୋଖରୀରେ ଏକ ମୃତ ଦେହ ଭାସୁଥିବା ଦେଖିଥିଲେ ଏବଂ ଗାଁ ଭିତରକୁ ଯାଇ ଗାଁ ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଲାଞ୍ଜିଗଡ଼ ଥାନାଧିକାରୀ ପୁଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଲାଞ୍ଜିଗଡ ଅଗ୍ନିଶମ ବିଭାଗ ଦଳ ମଧ୍ୟ ସେଠାରେ ପହଞ୍ଚିଥିଲେ ଏବଂ ବିଜେପୁରରୁ ପରିବାର ଲୋକେ ମଧ୍ୟ ଆସି ପହଞ୍ଚିଥିଲେ। ଅଗ୍ନିଶମ ବିଭାଗ ଦ୍ୱାରା ପୋଖରୀରେ ଭାସୁଥିବା ଶବକୁ ପାଣିରୁ ବାହାରକରି କୂଳକୁ ଆଣିଥିଲେ। ଏ ନେଇ ଲାଞ୍ଜିଗଡ଼ ଥାନା କେଶ ନଂ ୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ସ୍ୱାଧୀନତାର ୭୮ ବର୍ଷ ପରେ ବି ଗାଁକୁ ନାହିଁ ପକ୍କା ରାସ୍ତା

# ଅସରାଏ ବର୍ଷାରେ ରାସ୍ତା ପାଲଟୁଛି ମରଣଯନ୍ତା

### ଗର୍ଜିଲେ ଗାଁ ଲୋକେ 'ରାସ୍ତା ନାହିଁ ତ ଭୋଟ ନାହିଁ'

କାକଟପୁର/ଅସ୍ତରଙ୍ଗ,୨୬।୮ (ସଂଚାର ବ୍ୟୁରୋ): ଏଠି ସରକାର ନାହାନ୍ତି! ଏଠି ପ୍ରଶାସନ ନାହିଁ! ଅଛି ଖାଲି ଆଣ୍ଠୁଏ କାଦୁଅ ଆଉ ଆଖିରେ ଲୁହ। ପୁରୀ ଜିଲ୍ଲା କାକଟପୁର ବ୍ଲକ ଲତାହରଣ ପଞ୍ଚାୟତ ହରିନବାବି ଗାଁର ୫ନଂ ୱାର୍ଡର କାହାଣୀ ଶୁଣିଲେ ପଥର ବି କାନ୍ଦିବ। ସ୍ୱାଧୀନତାର ୭୮ ବର୍ଷ ପରେ ବି ଏ ଗାଁକୁ ଗୋଟିଏ ପକ୍କା ରାସ୍ତା ନାହିଁ। ମାଟି ରାସ୍ତାରେ ଟିକେ ବର୍ଷା ହେଲେ ସମୁଦ୍ର ସୃଷ୍ଟି ହେଉଛି। ଏଠି ଆମ୍ବୁଲାନ୍ସ ଆସେନା, ଦେବଦୂତ ଆସେ। ରୋଗୀଙ୍କୁ ଖଟିଆରେ ବୋହି ବୋହି ମୁଖ୍ୟ ରାସ୍ତା ଯାଏଁ ନିଆଯାଏ।



କେବେ ରୋଗୀ ବାଟରେ ମରେ, କେବେ ପିଲା ସ୍କୁଲ ଯିବା ବେଳେ କାଦୁଅରେ ପଡି ହାତଗୋଡ ଭାଙ୍ଗେ। ଏମିତି ନର୍କ ଯନ୍ତ୍ରଣା ଭୋଗୁଛନ୍ତି ଶହ ଶହ ପରିବାର।

ବର୍ଷ ବର୍ଷ ଧରି ନେତା ଆସିଲେ, ମନ୍ତ୍ରୀ ଆସିଲେ, ପ୍ରତିଶ୍ରୁତି ଦେଲେ - ହେଲେ ରାସ୍ତା ହେଲାନି। କୁହାଯାଏ ଜମି ବିବାଦ! ଆରେ ବାବୁ, ବିବାଦ ତୁଟାଇବ କିଏ? ପ୍ରଶାସନ କ'ଣ କେବଳ କାଗଜ କଲମରେ? ଶେଷରେ ଧୈର୍ଯ୍ୟ ହରାଇଛନ୍ତି ଗ୍ରାମବାସୀ।

ଏ ନେଇ ସ୍ଥାନୀୟ ବାସିନ୍ଦା କୈଳାଶ ଦାସ କହିଛନ୍ତି "ମୋ ବୁଢ଼ୀ ମା'କୁ ଖଟିଆରେ ବୋହିଲୁ। ଆମ୍ବୁଲାନ୍ସ କାଦୁଅ ପାଇଁ ଆସିଲାନି। ଆମେ କ'ଣ ମଣିଷ ନୁହଁ? ଆମେ ଭୋଟ ଦେଉ, ଟିକସ ଦେଉ, ହେଲେ ଆମକୁ ରାସ୍ତା ମିଳୁନି। ଏଥର ରାସ୍ତା ନାହିଁ ତ ଭୋଟ ନାହିଁ। ଶେଷ କଥା।"ସ୍ଥାନୀୟ ବାସିନ୍ଦା ମିଟୁ କାଣ୍ଡି କହିଛନ୍ତି "ଆମ ପିଲାଙ୍କ ଭବିଷ୍ୟତ କାଦୁଅରେ ମିଶିଲା। ବର୍ଷା ହେଲେ ସ୍କୁଲ ବନ୍ଦ। ପ୍ରଶାସନ ଶୋଇଛି। ଏଥର ଯଦି ରାସ୍ତା ନ ହୁଏ, କୌଣସି ନେତାଙ୍କୁ ଗାଁ ଭିତରେ ପୂରାଇବୁ ନାହିଁ। ଆମେ ଭୋଟ ବର୍ଜନ କରିବୁ।" ଏ ନେଇ କାକଟପୁର ବିଡିଓ ନାରାୟଣ ଦୀକ୍ଷିତି କହିଛନ୍ତି, ତଦନ୍ତ କରି ଖୁବଶୀଘ୍ର ରାସ୍ତା ନିର୍ମାଣ କରାଯିବ। ହେଲେ ପ୍ରଶ୍ନ ହେଉଛି, ଏ ପ୍ରତିଶ୍ରୁତି କେବେ ପୂରଣ ହେବ? ନା ପୁଣି ଫାଇଲ ତଳେ ଚାପି ହୋଇ ରହିବ ହରିନବାବିର କାନ୍ଦ?

# ବିକାଶ ପରିଷଦ ପକ୍ଷରୁ ଚାରାରୋପଣ

ବାଲିକୁଦା,୨୬।୮ (ସଂଚାର ବ୍ୟୁରୋ):ଜଗତସିଂହପୁର ଜିଲ୍ଲା ବାଲିକୁଦା ମହାବିଦ୍ୟାଳୟ ପରିସରରେ ଜଗତସିଂହପୁର ବିକାଶ ପରିଷଦ ପକ୍ଷରୁ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ବୃକ୍ଷ ହିଁ ଜୀବନ' ଶୀର୍ଷକରେ ଏକ ସଚେତନତା ସଭା ମଧ୍ୟ ଆୟୋଜିତ ହୋଇଥିଲା। ସଭାରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା, ପୂର୍ବତନ ମହିଳା କମିଶନ ସଦସ୍ୟା ବବିତା ସ୍ୱାଇଁ ଓ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଜଗତସିଂହପୁର ବିକାଶ ପରିଷଦର ରାଜ୍ୟ ସଭାପତି ଭକ୍ତ ମହାନ୍ତି, ସମ୍ପାଦକ ଜ୍ୟୋତିରଞ୍ଜନ ଦାସ, ଜିଲ୍ଲା ମୁଖ୍ୟ ସଂଯୋଜକ ସୂର୍ଯ୍ୟ ମହାନ୍ତି ଓ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଣବ ଦେ ପ୍ରମୁଖ ଉପସ୍ଥିତ ରହି ପରିବେଶ ସୁରକ୍ଷା ଓ ଜଳବାୟୁ ସନ୍ତୁଳନ ରକ୍ଷାରେ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିବାରୁ



ପରିବେଶର ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। କେବଳ ବୃକ୍ଷ ଲଗାଇଦେବା ଯଥେଷ୍ଟ ନୁହେଁ, ଲଗାଯାଇଥିବା ଚାରାର ନିୟମିତ ଯତ୍ନ ଓ ରକ୍ଷଣାବେକ୍ଷଣ କରି ତାହାକୁ ବଡ଼ କରିବା ହିଁ ପ୍ରକୃତ ଦାୟିତ୍ୱ ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ-ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ-ସଭ୍ୟାଙ୍କ ସମେତ ବାଲିକୁଦା ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ର ଛାତ୍ରୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ପରିବେଶ ସୁରକ୍ଷା ପାଇଁ ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରଖିବାକୁ ଉପସ୍ଥିତ ଅତିଥିମାନେ ଆହ୍ୱାନ ଦେଇଥିଲେ।

### କାକଟପୁରରେ କଲମର କୁମ୍ଭମେଳା

# ସତ୍ୟ ପାଇଁ ଏକାଠି ହେଲେ ଶତାଧିକ ସାମ୍ବାଦିକ

କାକଟପୁର/ଅସ୍ତରଙ୍ଗ,୨୬।୮ (ସଂଚାର ବ୍ୟୁରୋ): ଯେବେ କଲମ ବିକ୍ରି ହୁଏ, ସମାଜ ମରେ। ଆଉ ଯେବେ କଲମ ଏକଜୁଟ ହୁଏ, ସମାଜ ବଦଳେ। ଏହି ସତ୍ୟକୁ ପ୍ରମାଣ କରି ବୁଧବାର ପୁରୀ ଜିଲ୍ଲା କାକଟପୁର ସ୍ଥିତ ଦୀପ୍ତି କନଭେନସନ ହଲରେ ଦେଖିବାକୁ ମିଳିଥିଲା ଏକ ଅଭୂତପୂର୍ବ ଦୃଶ୍ୟ। କଳିଙ୍ଗ ପେଷାଦାର ସାମ୍ବାଦିକ ସଙ୍ଘ, ପୁରୀ ଜିଲ୍ଲା ତରଫରୁ ଆୟୋଜିତ ଜିଲ୍ଲା ସାଧାରଣ ପରିଷଦ ବୈଠକରେ ପୁରୀ ଜିଲ୍ଲାର ୧୧ଟି ବ୍ଲକ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶହେରୁ ଅଧିକ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ଏକାଠି ହୋଇ ସତ୍ୟ ପାଇଁ ଲଢ଼ିବାକୁ ଶପଥ ନେଇଥିଲେ। ଆଜିର ସୋସିଆଲ ମିଡିଆ ଯୁଗରେ ମିଛ ଖବର ଓ କାଉଣ୍ଟର ସାମ୍ବାଦିକତାକୁ କିପରି ରୋକାଯିବ, ସେ ନେଇ ଦିନ ସାରା ମନ୍ଥନ ହୋଇଥିଲା।

ବୈଠକରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ସାମ୍ବାଦିକଙ୍କୁ ଭରସା ଦେଇଥିଲେ। ସେ କହିଥିଲେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ନୁହେଁ, ସାମ୍ବାଦିକ ହେଉଛନ୍ତି ପ୍ରଥମ ସ୍ତମ୍ଭ। ସାମ୍ବାଦିକମାନେ ଏକଜୁଟ ହେଲେ ହିଁ ସମାଜ ବଦଳିବ। ସାମ୍ବାଦିକଙ୍କ




ସୁରକ୍ଷା, ସ୍ୱାସ୍ଥ୍ୟ, ବୀମା ଓ ସମ୍ମାନ ପ୍ରତି ବର୍ତ୍ତମାନ ସରକାର ପ୍ରତିଶ୍ରୁତିବଦ୍ଧ। ପୁରୀ ଜିଲ୍ଲା ସାମ୍ବାଦିକଙ୍କ ପ୍ରତ୍ୟେକ ସମସ୍ୟାକୁ ମୁଁ ବିଧାନସଭାରେ ଜୋରଦାର ଭାବେ ଉଠାଇବି, ଏହା ମୋର ପ୍ରତିଶ୍ରୁତି। ତାଙ୍କ ଏହି ଘୋଷଣା ପରେ ହଲରେ କରତାଳି ପ୍ରକମ୍ପିତ ହୋଇଥିଲା।

ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ନିଜ ବକ୍ତବ୍ୟରେ ସମାଜର ଏକ କଟୁ ସତ୍ୟ ସାମ୍ନାକୁ ଆଣିଥିଲେ। ସେ କହିଥିଲେ , ଆଜି କିଛି ଅସାଧୁ ବ୍ୟକ୍ତି ଓ ଦୁର୍ନୀତିଗ୍ରସ୍ତ ଲୋକ ପଇସା ଦେଇ କିଛି ନକଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କାଉଣ୍ଟର କରି ନିଜ ଦୁର୍ନୀତିକୁ ଘଷ୍ଟ ଘୋଡାଇବାକୁ ଚେଷ୍ଟା କରୁଛନ୍ତି। ମିଛ ଖବର ସମାଜ ପାଇଁ କର୍କଟ ରୋଗ ଠାରୁ ବି ଭୟଙ୍କର। ପ୍ରକୃତ ଓ ପେସାଦାର ସାମ୍ବାଦିକମାନେ ଏହି ମିଛକୁ ଚିହ୍ନି ସତ୍ୟକୁ ସାମ୍ନାକୁ ଆଣିବା ଦରକାର। ସାଂସଦଙ୍କ ତରଫରୁ ସବୁ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ।

ବୈଠକରେ ସଭାପତିତ୍ୱ କରିଥିଲେ ପୁରୀ ଜିଲ୍ଲା ସଭାପତି ଅକ୍ଷୟ କୁମାର ରାଉତ କହିଥିଲେ , ଆଜିଠୁ ପୁରୀ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ସଙ୍ଘ ଆହୁରି ମଜବୁତ ହେବ। ଜଣେ ସାମ୍ବାଦିକ ଉପରେ ଆକ୍ରମଣ ହେଲେ କିମ୍ବା ଅସୁବିଧାରେ ପଡିଲେ ସମଗ୍ର ଜିଲ୍ଲା ତାଙ୍କ ପଛରେ ଏକାଠି ଛିଡା ହେବ। ସାମ୍ବାଦିକଙ୍କ ହକ ପାଇଁ ଲଢେଇ ଜାରି ରହିବ।



# ପଛୁଆ ଅଞ୍ଚଳରୁ ଜାତୀୟ ମଞ୍ଚରେ କ୍ରିଷ୍ଟାଙ୍କ କମାଲ୍

### 'ଇଣ୍ଡିଆ କ୍ରାଉନ୍ସ ଲିଜେଣ୍ଡସ୍—ସିଜନ୍-୨'ରେ ମିଷ୍ଟର କାଟେଗୋରୀରେ ବାଜିମାତ

ନବରଙ୍ଗପୁର/ଉମରକୋଟ,୨୬।୮ (ସଂଚାର ବ୍ୟୁରୋ): ଆଦିବାସୀ ଅଧ୍ୟୁଷିତ ତଥା ରାଜ୍ୟର ଏକ ପଛୁଆ ଜିଲ୍ଲା ଭାବେ ପରିଚିତ ନବରଙ୍ଗପୁରରୁ ଜାତୀୟସ୍ତରୀୟ ମଞ୍ଚରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ଜଣେ ଯୁବ ମଡେଲ୍। ଉମରକୋଟ ବ୍ଲକ ରାଜପୁର ଗ୍ରାମର କ୍ରିଷ୍ଟା ପୂଜାରୀ 'ଇଣ୍ଡିଆ କ୍ରାଉନ୍ସ ଲିଜେଣ୍ଡସ୍- ସିଜନ୍-୨' ଜାତୀୟସ୍ତରୀୟ ବ୍ୟୁଟି ପେଜେଣ୍ଟ ଓ ଟ୍ୟାଲେଣ୍ଟ ହଣ୍ଟରେ ମିଷ୍ଟର କାଟେଗୋରୀରେ ବାଜିମାତ କରିଛନ୍ତି। ତାଙ୍କ ଏହି ସଫଳତା ପରେ ନବରଙ୍ଗପୁର ଜିଲ୍ଲାରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଗତ ୨୩ ଅଗଷ୍ଟରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ସ୍ଥିତ ରୁଙ୍ଗଟା ଟାଉନହଲ୍‌ରେ 'ଇଣ୍ଡିଆ କ୍ରାଉନ୍ସ ଲିଜେଣ୍ଡସ୍- ସିଜନ୍-୨' ଅନୁଷ୍ଠିତ ହୋଇଥିଲା। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ମୋଟ ୮୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମସ୍ତଙ୍କୁ ପଛରେ ପକାଇ କ୍ରିଷ୍ଟା ମିଷ୍ଟର କାଟେଗୋରୀରେ ସଫଳତା ହାସଲ କରି ନବରଙ୍ଗପୁର ପାଇଁ ଗୌରବ ଆଣିଛନ୍ତି।

ନବରଙ୍ଗପୁର ଜିଲ୍ଲାର ଏକ ଗ୍ରାମୀଣ ପରିବେଶରେ ଜନ୍ମ ନେଇଥିବା କ୍ରିଷ୍ଟାଙ୍କର ପିଲାଦିନରୁ ମଡେଲିଂ ଓ ଅଭିନୟ ପ୍ରତି ଆଗ୍ରହ ଥିଲା। ନିଜ ଗାଁରୁ ଉମରକୋଟ ସହର ଆସି ଶିକ୍ଷା ଗ୍ରହଣ କରିବା ସହ ମଡେଲିଂ ପ୍ରତି ନିଜର ଆଗ୍ରହକୁ ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଯାଇ ଏମ୍‌ବିଏ ପଢ଼ିବା ସମୟରେ ମଡେଲିଂ କ୍ଷେତ୍ରରେ ନିଜକୁ ଅଧିକ ପରିଚିତ କରାଇଥିଲେ। ବିଭିନ୍ନ ମଡେଲ୍‌ଙ୍କ ସହ କାମ କରିବା ଓ ନିରନ୍ତର ଅଭ୍ୟାସ ତାଙ୍କ ପ୍ରତିଭାକୁ ଆହୁରି ଶାଣିତ କରିଥିଲା। ଶେଷରେ ଜାତୀୟସ୍ତରୀୟ ମଞ୍ଚରେ ନିଜ ପ୍ରତିଭା ପ୍ରମାଣ କରି ସେ ସଫଳତା ହାସଲ କରିଛନ୍ତି।

ନବରଙ୍ଗପୁର ଭଳି ଏକ ପଛୁଆ ଅଞ୍ଚଳର ଗ୍ରାମରୁ ଆସି କ୍ରିଷ୍ଟାଙ୍କ ଜାତୀୟସ୍ତରରେ ସଫଳତା ହାସଲ କରିବା ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛି। ବିଶେଷକରି ଗ୍ରାମାଞ୍ଚଳରେ ମଡେଲିଂ ଓ ଅଭିନୟକୁ କ୍ୟାରିୟର ଭାବେ ଗ୍ରହଣ କରିବାକୁ ଇଚ୍ଛୁଥିବା ଯୁବପ୍ରତିଭାଙ୍କୁ ତାଙ୍କ ସଫଳତା ଉତ୍ସାହିତ କରିବ ବୋଲି ମତ ପ୍ରକାଶ ପାଇଛି।

## ମା' ସମଲେଶ୍ୱରୀ ଗୋପାଳ ସମାଜ କିଲୁପାଙ୍ଗା ପକ୍ଷରୁ ଅଞ୍ଚଳର ବିକାଶ ନେଇ ବୈଠକ

ଫୁଲବାଣୀ,୨୬।୮ (ସଂଚାର ବ୍ୟୁରୋ):ବୁଧବାର ଦିନ ମାଁ ସମଲେଶ୍ୱରୀ ଗୋପାଳ ସମାଜ କିଲୁପାଙ୍ଗା ପକ୍ଷରୁ ଜାମୁଝୋରୀ, କଟ୍ରିଙ୍ଗିଆ ଏବଂ ସଲାଗୁଡା ଗ୍ରାମପଞ୍ଚାୟତର ଜନ ସାଧାରଣଙ୍କୁ ନେଇ ଅଞ୍ଚଳର ବିକାଶ ପାଇଁ କିଲୁପାଙ୍ଗା ଗ୍ରାମ ନିକଟ କେନ୍ଦୁବାରୁ ଛକ ଠାରେ ଏକ ମିଳିତ ବୈଠକ ଗୋପାଳ ସମାଜ ସଭାପତି ଉତ୍ସବ ବାଘ, ସମ୍ପାଦକ ଦୁଃଶାସନ ବାଘ ଏବଂ ପ୍ରକାଶ ବାଘ ଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ବୈଠକରେ ଏହି ତିନୋଟି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଦୀର୍ଘ ଦିନ ଧରି ଥିବା ସମସ୍ୟା ଗୁଡ଼ିକ ଯଥା: - ଗମନା ଗମନ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା ହୋଇଥିଲା।ଏହି ବୈଠକ ରେ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କନ୍ଧମାଳ ର ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର, ବିଜେପି କନ୍ଧମାଳ ଜିଲ୍ଲା ସମ୍ପାଦକ ଦେବାଶିଷ ପ୍ରିୟ ଦର୍ଶନ ସାହୁ, ମୁକ୍ତିକାନ୍ତ ମହାନ୍ତି, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଆଦିତ୍ୟ କହଁର, ମଣ୍ଡଳ ସାଧାରଣ ସମ୍ପାଦକ ଜୟନ୍ତ କହଁର,ବିଜେପି କଟ୍ରିଙ୍ଗିଆ ପଞ୍ଚାୟତ ସଭାପତି ଅନନ୍ତ କହଁର, ଡୁଡୁକି ପଞ୍ଚାୟତ ସଭାପତି ସୁରେଶ ମହାକୁଡ଼, ପୂର୍ବତନ ଜାମୁଝୋରୀ ସମିତିସଭ୍ୟ ସୁବେ କହଁରଙ୍କ ସମେତ ଲୋଚନ ମଲ୍ଲିକ, ଚନ୍ଦ୍ରକାନ୍ତ କହଁର ପ୍ରମୁଖ ଯୋଗଦେଇଥିଲେ।




# କଞ୍ଚା ନା ସିଝା ଅଣ୍ଡାଃ କେଉଁଥିରୁ ମିଳେ ଅଧିକ ପ୍ରୋଟିନ୍?



ଶରୀରକୁ ସୁସ୍ଥ ରଖିବା ଏବଂ ପ୍ରୋଟିନ୍ର ଚାହିଦା ପୂରଣ କରିବା ପାଇଁ ଅଣ୍ଡା ଏକ ଶସ୍ତା ଓ ସହଜ ଉପାୟ। ସାଧାରଣତଃ ଜିମ୍ ଯାଉଥିବା ଯୁବକ କିମ୍ବା ଫିଟ୍ନେସ୍ ପ୍ରତି ସଚେତନ ଥିବା ଲୋକମାନେ ଦୈନନ୍ଦିନ ଖାଦ୍ୟପେୟରେ ଅଣ୍ଡା ସାମିଲ କରିଥାନ୍ତି। ତେବେ ଅନେକ ସମୟରେ କଞ୍ଚା ଅଣ୍ଡା ଖାଇବା ଭଲ ନା ସିଝା (ଉବଲା) ଅଣ୍ଡା ଖାଇବା ଲାଭଦାୟକ, ତାହାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ଏହି ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି ପ୍ରସିଦ୍ଧ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡାକ୍ତର ଶୁଭମ୍ ବାତ୍ସ୍ୟ। ସେ ସ୍ପଷ୍ଟ କରିଛନ୍ତି ଯେ ପ୍ରୋଟିନ୍ ହଜମ ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ କେଉଁ ଅଣ୍ଡା ଶରୀର ପାଇଁ ଅଧିକ ଉପଯୋଗୀ। କଞ୍ଚା ଅଣ୍ଡାରୁ ମିଳେନି ପୂରା ପ୍ରୋଟିନ୍ ଗବେଷଣାରୁ ଜଣାପଡ଼ିଛି ଯେ, କଞ୍ଚା ଅଣ୍ଡାରେ ଥିବା ପ୍ରୋଟିନ୍ର ମାତ୍ର ୫୦ ପ୍ରତିଶତ ହିଁ ଆମ ଶରୀର ହଜମ କରିପାରିଥାଏ। ଅର୍ଥାତ୍ କଞ୍ଚା ଅଣ୍ଡା ଖାଇଲେ ଶରୀର ଅଧା ପ୍ରୋଟିନ୍ ମଧ୍ୟ ଠିକ୍ଭାବେ ଶୋଷଣ କରିପାରେନାହିଁ। ଅନ୍ୟପଟେ, ଅଣ୍ଡାକୁ ସିଝାଇ କିମ୍ବା ରାନ୍ଧି ଖାଇଲେ ଏଥିରେ ଥିବା ପ୍ରୋଟିନ୍ର ପ୍ରାୟ ୯୦ ରୁ ୯୫ ପ୍ରତିଶତ ଅଂଶ ଶରୀର ଦ୍ୱାରା ସହଜରେ ହଜମ ଓ ବ୍ୟବହୃତ ହୋଇଥାଏ। ରାନ୍ଧିବା ଦ୍ୱାରା ପ୍ରୋଟିନର ଗଠନ ଡାକ୍ତରଙ୍କ ଅନୁଯାୟୀ, ଅଣ୍ଡାକୁ ରାନ୍ଧିବା ଦ୍ୱାରା ଏହାର ପ୍ରୋଟିନ୍ ନଷ୍ଟ ହୁଏନାହିଁ, ବରଂ ଏହାର ଗଠନ ଭଲ ଭାବେ ହୋଇଥାଏ। ଉତ୍ତାପ ଯୋଗୁଁ ପ୍ରୋଟିନ୍ର ଜଟିଳ ଗଠନ ଖୋଲିଯାଏ, ଯାହା ଦ୍ୱାରା ଆମ ପାଚନ ଏଞ୍ଜାଇମ୍ ଏହାକୁ ସହଜରେ ଭାଙ୍ଗି ହଜମ କରିପାରନ୍ତି। ଏହାଛଡ଼ା କଚ୍ଚା ଅଣ୍ଡାରେ 'ଏଭିଡିନ୍' ନାମକ ପ୍ରୋଟିନ୍ ଥାଏ, ଯାହା ଶରୀରରେ ବିଟାମିନ୍ B7 (ବାୟୋଟିନ୍) ଶୋଷଣରେ ବାଧା ସୃଷ୍ଟି କରେ। ଅଣ୍ଡା ସିଝାଇବା ଦ୍ୱାରା ଏହି ଏଭିଡିନ୍ ନଷ୍ଟ ହୋଇଯାଏ। **ସାଲ୍ମୋନେଲା ସଂକ୍ରମଣର ଭୟ** କଞ୍ଚା ଅଣ୍ଡା ଖାଇବାର ସବୁଠାରୁ ବଡ଼ ବିପଦ ହେଉଛି 'ସାଲ୍ମୋନେଲା' ନାମକ ବ୍ୟାକ୍ଟେରିଆ ସଂକ୍ରମଣ। ଏହି ବ୍ୟାକ୍ଟେରିଆ ଯୋଗୁଁ ଝାଡ଼ା, ଫୁଡ୍ ପଏଜନିଂ, ବାନ୍ତି ଏବଂ ଜ୍ୱର ଭଳି ସମସ୍ୟା ଦେଖାଦେଇପାରେ। ଅଣ୍ଡାକୁ ଉତ୍ତମ ଭାବେ ସିଝାଇଲେ

# ପୁରୁଷଙ୍କ ତ୍ୱଚା ପାଇଁ କମଳା ଚୋପା ଫେସପ୍ୟାକ୍



ଯୁବତୀମାନେ ନିଜକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଯୁବକମାନେ ଏହି କ୍ଷେତ୍ରରେ ନିଜର ସମୟ କମ୍ ଦେଇଥାନ୍ତି। କିନ୍ତୁ ଆଜିକାଲିର ଯୁବକ ନିଜକୁ ଷ୍ଟାଇଲିଶ ଏବଂ ସୁନ୍ଦର କରିବା ପାଇଁ କିଛି ମାତ୍ରାରେ ଏଥିପତି ସମୟ ଦେବାକୁ ଆରମ୍ଭ କଲେଣି। ଯୁବତୀମାନଙ୍କ ତ୍ୱଚା ତୁଳନାରେ ଯୁବକଙ୍କ ସ୍କିନ ଟାଇପ ଅଲଗା ଅଲଗା ହୋଇଥାଏ। ଯଦି ଯୁବକମାନେ ନିଜର ତ୍ୱଚାକୁ ସୁନ୍ଦର କରିବାକୁ ଚାହୁଁଛନ୍ତି, ତେବେ କମଳା ଚୋପାର ଫେସପ୍ୟାକ ସର୍ବୋତ୍ତମ ରହିଥାଏ। କମଳା ଚୋପାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଯୋଗୁଁ ସ୍କିନ ପୋରର୍ସ ଖୋଲିଯାଇଥାଏ। ଏହାକୁ ପୁରୁଷମାନେ ବ୍ୟବହାର କରିବା ଯୋଗୁଁ ତ୍ୱଚା ଉଜ୍ଜ୍ୱଳ ହୋଇଥାଏ। ତେବେ ଆସନ୍ତୁ ଜାଣିବା କିପରି କରିବା ବ୍ୟବହାର କିଛି କମଳା ଚୋପା, ଦହି ଏକ ବଡ ଚାମଚ ଆଣିବେ। ସର୍ବପ୍ରଥମେ କମଳା ଚୋପାକୁ ଭଲଭାବେ ପେଷ୍ଟ କରି ଦିଅନ୍ତୁ। ଏବେ ଏଥିରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରିଦିଅନ୍ତୁ। ଏହାକୁ ମୁହଁରେ ୧୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ଛାଡିଦିଅନ୍ତୁ। ଏହା ହାଲକା ଭାବେ ଶୁଖିଗଲା ପରେ ମୁହଁକୁ ପାଣିରେ ଧୋଇଦିଅନ୍ତୁ। ଧୋଇବା ସାରିବା ପରେ ଆପଣ ନିଶ୍ଚିତ ଫରକ ଅନୁଭବ କରିପାରିବେ।

# ଶରୀର ପାଇଁ ଫାଇଦା ଖଜୁରୀ



ଯଦି ଆପଣ ଡ଼ାଏଟରେ ମିଠା ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି ତେବେ ଏଥିରେ କିଛି ଭୁଲ ନାହିଁ। ଏହା ପରିବର୍ତ୍ତେ, ଆପଣ ଶକ୍ତି ପାଇବେ ଏବଂ ଫିଟ ଅନୁଭବ କରିବେ। ଯଦି ଆପଣ ଖଜୁର ଖାଇବାକୁ ପସନ୍ଦ କରନ୍ତି। ତେବେ ଏହା ଆପଣଙ୍କ ପାଇଁ ଅଧିକ ଖୁସି ଖବର। ଖଜୁର ଉଭୟ ଶରୀର ଏବଂ ମନ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଆପଣ ଜାଣନ୍ତି କି, ଗୋଟିଏ ସପ୍ତାହ ପାଇଁ ପ୍ରତିଦିନ ତିନିଟି ଖଜୁର ଖାଇ ଆପଣ ଅନେକ ରୋଗ ଦୂର କରିପାରିବେ। ଆସନ୍ତୁ ଜାଣିବା ପ୍ରତିଦିନ ଖଜୁର ଖାଇବାର ଉପକାର। ଖଜୁରରେ କୋଲନ କର୍କଟ ହେବାର ଆଶଙ୍କା କମଥାଏ। ହଜମ ପାଇଁ ଖଜୁର ଭଲ ବୋଲି ବିବେଚନା କରାଯାଏ। ପ୍ରତିଦିନ ଖଜୁରୀ ଖାଇବା ପେଟକୁ ଠିକ ରଖେ ଏବଂ କ୍ଷତିକାରକ ଜୀବାଣୁ ମଧରେ ଦୂରରେ ରୁହନ୍ତି। ହଜମ ପ୍ରକିୟା ଠିକ ଭାବରେ ପରିଚାଳିତ ହେଲେ କୋଲନ କର୍କଟ ହେବାର ଆଶଙ୍କା କମିଯାଏ। ଖଜୁରୀ ସବୁବେଳେ ଶକ୍ତି ଦେଇଥାଏ। ଖଜୁରୀ ଗୁଡ଼ିକରେ ପ୍ରାକୃତିକଚିନି, ଗ୍ଲୁକୋଜ, ଫ୍ରୁକଟୋଜ ଏବଂ ସୁକ୍ରୋଜ ଥାଏ। ଯାହାକି ଆପଣ ଯେତେବେଳେ ଆବଶ୍ୟକ କରନ୍ତି ଯେତେବେଳେ ଆବଶ୍ୟକ କରନ୍ତି ତୁରନ୍ତ ଶକ୍ତି ପ୍ରଦାନ କରନ୍ତି। ଖଜୁରୀ ଗୁଡ଼ିକରେ ଫାଇବର, ପୋଟାସିୟମ, ମାଗ୍ନେସିୟମ, ଭିଟାମିନ ଏବଂ ଆଣ୍ଟିଅକ୍ସିଡ଼ାଣ୍ଟ ଥାଏ ଯାହା ଶକ୍ତି ସ୍ତର ବଜାୟ ରଖେ। ଡ଼ାଇଜେସନରେ ଉନ୍ନତି ଆଣିଥାଏ। ଯଦି ତୁମେ ତୁମର ହଜମ ପ୍ରକ୍ରିୟାକୁ ଭଲ ରଖିବାକୁ ଚାହଁଛ, ତେବେ ଖଜୁରୀ ଖାଇବା ତୁମ ପାଇଁ ଏକ ଉତ୍ତମ ବିକଳ୍ପ। ଆପଣ କେବଳ ଗୋଟିଏ କପ ଖଜୁରୀରେ ୧୨ଗ୍ରାମ ଫାଇବର ପାଇବେ, ଯାହା ଆପଣଙ୍କର ନିୟମିତ ଖାଦ୍ୟରେ ୪୮ପ୍ରତିଶତ ଅଟେ। ଖଜୁରୀ ଗୁଡ଼ିକରେ ଭିଟାମିନ ବି୬ଥାଏ। ଯାହା ଶରୀରକୁ ସେରୋଟୋନିନ ଏବଂ ନୋରପାଇଫ୍ରିନ ତିଆରି କରିବାରେ ସାହାର୍ଯ୍ୟ କରି ଥାଏ। ସେରୋଟୋନିନ ମନୋବଳକୁ ନିୟନ୍ତ୍ରଣ କରିଥାଏ ଏବଂ ନୋରପାଇଫ୍ରିନ ଶରୀରକୁ ଚାପକୁ ସାମ୍ନା କରିବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭିଟାମିନ ବି ୬ର ଅନବତି ମଧ ଅବସାଦର କାରଣ ହୋଇପାରେ।



# ଓଜନ ହ୍ରାସ ପାଇଁ କେଶର ଖାଆନ୍ତୁ

ଭାରତୀୟ ଖାଦ୍ୟରେ ବ୍ୟବହୃତ ହେଉଥିବା ମସଲା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି କେଶର ବା ସାଫ୍ରୋନ୍। ଏହା ମହଙ୍ଗା ହୋଇଥିଲେ ମଧ୍ୟ ଅନେକ ଔଷଧୀୟ ଗୁଣରେ ଭରପୂର। ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥିବାରୁ କ୍ଷୀରରେ ମିଶାଇ ରୋଗୀ ଓ ଗର୍ଭବତୀଙ୍କୁ ପିଇବାକୁ ଦିଆଯାଇଥାଏ। କେଶର କେବଳ ଖାଦ୍ୟର ସ୍ୱାଦକୁ ବଢ଼ାଇ ନଥାଏ, ଏଥିରେ ଥିବା ପୋଷାକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତା'ହେଲେ ଆସନ୍ତୁ ଜାଣିବା କେଶରେ କଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି।

- ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଇଲେ ଭୋକ କମ୍ ଲାଗିଥାଏ। ଯଦି ଆପଣ ଅଧିକ ଓଜନକୁ ନେଇ ଚିନ୍ତାରେ ଅଛନ୍ତି, ତା'ହେଲେ ଦୈନନ୍ଦିନ ଡାଏଟରେ କେଶରକୁ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ କମ୍ ହୋଇଥାଏ।
- କେଶର ଶରୀରରେ ହରମୋନକୁ ନିୟନ୍ତ୍ରଣ କରେ। ଯେଉଁ ମହିଳାଙ୍କର ଋତୁସ୍ରାବ ଜନିତ ସମସ୍ୟା ରହିଛି, ସେମାନଙ୍କୁ କେଶର ଖାଇବାକୁ ଦିଅନ୍ତୁ। କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ। କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ।
- ଜ୍ୱର, ଥଣ୍ଡା ଓ କାଶର ଚିକିତ୍ସା ପାଇଁ ମଧ୍ୟ କେଶରକୁ ବ୍ୟବହାର କରାଯାଇଥାଏ।
- ଗବେଷଣା ଅନୁସାରେ କେଶର ହାର୍ଟ ପାଇଁ ଭଲ। ତେଣୁ କେଶର ଖାଇଲେ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ।
- କେଶରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆଖିର ଦୃଷ୍ଟିଶକ୍ତି ବଢ଼ାଇଥାଏ।



# ଉଚ୍ଚ ରକ୍ତଚାପ ପାଇଁ ଅଳସୀ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରାୟତଃ ସମସ୍ତଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଦେଖିବାକୁ ମିଳିଥାଏ। ଏପରି ସମସ୍ୟା ହେଲେ ଧମନୀରେ ରକ୍ତର ଚାପ ବଢ଼ିଯାଏ। ଯଦି ଆପଣ ଏହି ସମସ୍ୟାର ଚିକିତ୍ସା ନକରାନ୍ତି, ତେବେ ହାର୍ଟ ଆଟାକ, ଷ୍ଟ୍ରୋକ ଏବଂ କିଡନୀ ଫେଲ ହେବାର ଆଶଙ୍କର ରହିଥାଏ। ଯଦି ଆପଣଙ୍କ ରକ୍ତଚାପ ଲଗାତାର ଭାବେ ୧୨୦/୮୦ରୁ ଅଧିକ ରହିଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଉଚ୍ଚ ରକ୍ତଚାପକୁ କମ୍ କରିବାକୁ ହେଲେ ଆପଣ ଅନେକ କଥାକୁ ଧ୍ୟାନ ଦେବାକୁ ହେବ। ଯଦି ଆପଣ ଜଙ୍କ ଫୁଡ୍, ମଦ୍ୟପାନ, ସ୍ମୋକିଂ କରୁଛନ୍ତି, ତେବେ ତୁରନ୍ତ ଏହି ଜିନିଷରୁ ଦୂରେଇ ରୁହନ୍ତୁ। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଅଳସୀ ଅର୍ଥାତ ଖାଇବା ଆରମ୍ଭ କରନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ ଫାଇଦାଯୁକ୍ତ। ଏହା ଅନେକ ରୋଗ ପାଇଁ ରାମବାଣ ହୋଇଥାଏ।

ଏହାକୁ ଖାଇବା ସମୟରେ ଚୋବାଇ ଖାଇବା ଉଚିତ୍। ଅନେକ ଲୋକ ଏହାକୁ ଭିଜାଇ ଖାଇବାକୁ ପସନ୍ଦ କରିଥାଏ। ଆପଣ ଯଦି ଚାହିଁବେ ଏହାକୁ ଗୁଣ୍ଡ କରି ପାଉଡର କରି ଖାଇପାରିବେ। ଏହା ବ୍ଲଡପ୍ରେସରକୁ କଣ୍ଟ୍ରୋଲ କରି ହାର୍ଟକୁ ସୁସ୍ଥ ରଖିଥାଏ। ଛଅମାସ ପର୍ଯ୍ୟନ୍ତ ପ୍ରତିଦିନ ଅଳସୀ ଖାଇବା ଉଚିତ୍। ଫଳରେ ହାର୍ଟଆଟାକ ହେବାର ୧୦ ପ୍ରତିଶତ ଆଶଙ୍କା କମ୍ ହୋଇଯାଇଥାଏ।

ଅଳସୀ ପୋଟାସିୟମ, ଓମେଗା ୩, ଫାଇବର ଭରପୂର ମାତ୍ରାରେ ରହିଥାଏ। ପୋଟାସିୟମ ୟୁରିନରେ ଥିବା ଅତିରିକ୍ତ ସୋଡିୟମକୁ ବାହାର କରିବାରେ କିଡନୀର ସାହାଯ୍ୟ କରିଥାଏ। ୧୦୦ ଗ୍ରାମ ଅଳସୀରେ ୮୧୩ ମିଲିଗ୍ରାମ ପୋଟାସିୟମ ରହିଥାଏ। ରକ୍ତ ଧମନୀ କୋଷିକାକୁ ମଜବୁତ କରିଥାଏ ଫାଇବର। ଯାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ଏଥିରେ ଥିବା ଆଲଫା ଲିନୋଲେନିକା ଏସିଡ ଏବଂ ଲିଗନାନ ଉଚ୍ଚ ରକ୍ତଚାପକୁ କଣ୍ଟ୍ରୋଲରେ ରଖିଥାଏ। ଯାହା।। ପାଚନ ତନ୍ତ୍ର ଏବଂ ଡାଇବେଟିଜ ଜନିତ ରୋଗ ଆଶଙ୍କା କମ୍ କରିଥାଏ।

# ତିଆରି କରନ୍ତୁ କଞ୍ଚାଲଙ୍କା ଆଚାର



ଆବଶ୍ୟକୀୟ ସାମଗ୍ରୀ : କଞ୍ଚାଲଙ୍କା -୨୫୦ ଗ୍ରାମ, ଧନିଆ- ୧ଚାମଚ, ମଧୁରୀ-୧ଚାମଚ, ସୋରିଷ- ୧ଚାମଚ, ମେଥି-୧ଚାମଚ, ହଳଦୀ ଅଧା ଚାମଚ, ହେଙ୍ଗୁ ଅଳ୍ପ, ଆମଚୁର ପାଉଡର-୨ଚାମଚ, ଭିନେଗାର- ୧ଚାମଚ, ସୋରିଷ ତେଲ-୨ଚାମଚ, ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତ ପ୍ରଣାଳୀ : ଏହି ସ୍ୱାଦିଷ୍ଟ ଆଚାର ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ କଞ୍ଚାଲଙ୍କାକୁ ଧୋଇ ମଝିରୁ ଅଧା କାଟି ଶୁଖାଇ ଦିଅନ୍ତୁ। ତାପରେ ଏକ କଡେଇରେ ମଧୁରୀ, ମେଥୀ, ସୋରିଷ ଏବଂ ଧନିଆ ମିଶାଇ ଭାଜି ତାକୁ ଅଳ୍ପ ପେଶୀ ଦିଅନ୍ତୁ। ବର୍ତ୍ତମାନ ସମସ୍ତ ମସଲାକୁ ଉକ୍ତ ଲଙ୍କାରେ ମିଶାଇ ଦିଅନ୍ତୁ। ଏହିସବୁ ମସଲା ସହିତ ସେଥିରେ ହଳଦୀ, ଆମଚୁର ପାଉଡର ଏବଂ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରି ସେଥିରେ ହେଙ୍ଗୁ ଏବଂ ସମସ୍ତ ଲଙ୍କା ମସଲା ପକାଇ ଘୋଡାଇ ଦିଅନ୍ତୁ। ବର୍ତ୍ତମାନ ଗ୍ୟାସ ବନ୍ଦ କରି ତିନିରୁ ଚାରି ମିନିଟ ପର୍ଯ୍ୟନ୍ତ ଘୋଡାଇ ଛାଡି ଦିଅନ୍ତୁ। ଏବେ ଏହାକୁ ଓହ୍ଲାଇ ଥଣ୍ଡା କରି ଏଥିରେ କିଛି ଭିନେଗାର ମିଶାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କ ସ୍ୱାଦିଷ୍ଟ ଲଙ୍କା ଆଚାର।

ଚିଠିରେ ହିଁ ସୀମିତ ରହିଗଲା ସରକାରଙ୍କ ନିର୍ଦ୍ଦେଶ

# ଅଧିକାଂଶ ସ୍କୁଲରେ କାଠଚୂଲିରେ ମଧ୍ୟାହ୍ନଭୋଜନ

ବଲାଙ୍ଗୀର,୨୬।୮ (ସଂଚାର ବ୍ୟୁରୋ): ଧୂଆଁରୁ ମିଳିବ ମୁକ୍ତି। ସ୍କୁଲରେ ଗ୍ୟାସରେ ହେବ ମଧ୍ୟାହ୍ନ ଭୋଜନ ରୋଷେଇ। ଏନେଇ ସରକାର ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ବି ବାସ୍ତବ ସ୍ଥିତି କିଛି ଅଲଗା। ଧୂଆଁମୟ ପରିବେଶରେ କାଠ ଚୁଲିରେ ପ୍ରସ୍ତୁତ ହେଉଛି ମଧ୍ୟାହ୍ନ ଭୋଜନ। ପ୍ରତି ବିଦ୍ୟାଳୟକୁ ଦୁଇଟି ଲେଖାଏଁ ସିଲିଣ୍ଡର ଯୋଗାଇ ଦେବାକୁ ଚିଠି କରିଥିଲେ ସରକାର। ହେଲେ ଚିଠିରେ ହିଁ ସୀମିତ ରହିଗଲା ସରକାରଙ୍କ ନିର୍ଦ୍ଦେଶ। କାଠ ଚୁଲିରେ ପିଲାଙ୍କ ପାଇଁ ରୋଷେଇ ହେଉଛି ମଧ୍ୟାହ୍ନ ଭୋଜନ। ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକର ମହମଦପୁରରେ



ଥିବା ପ୍ରାଥମିକ ବିଦ୍ୟାଳୟ। ରୋଷେଇ ଘରୁ ବାହାରୁଛି ଧୂଆଁ। ଆଉ ତାହାରି ଭିତରେ ରୋଷେଇ କରୁଛନ୍ତି ପାଚିକା। ଗ୍ୟାସ୍ ସିଲିଣ୍ଡର ଅଛି ହେଲେ ତାହା କାମରେ ଲାଗୁନି। ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ସହ ଖୋଲା ବଜାରରେ ଚାହିଦା ମୁତାବକ ଗ୍ୟାସ ମିଳିପାରୁନି। ଫଳରେ କାଠ ସାହାରା ନିଆଯାଉଛି। ଖାଲି ଏହି ଗୋଟିଏ ବିଦ୍ୟାଳୟ ନୁହେଁ କୁଡୁର୍ଲାରେ ଥିବା ସୁରାଜନୁ ଉଚ୍ଚ ବିଦ୍ୟାଳୟର ରୋଷେଇ ଘରର ଅବସ୍ଥା ନକହିବା ଭଲ। ପିଲାଙ୍କ ସାଇକେଲ ଷ୍ଟାଣ୍ଡରେ ଚାଲିଛି ରୋଷେଇ। ଦେଓଗାଁ ବ୍ଲକର ୯୫ ପ୍ରତିଶତ ବିଦ୍ୟାଳୟରେ କାଠରେ ରୋଷେଇ ଚାଲିଥିବା ଦେଖିବାକୁ ମିଳିଛି। ଜାଳେଣି ଗ୍ୟାସର ଦର ବୃଦ୍ଧି ଓ ବଢୁଥିବା ଅଣ୍ଡା ଦାମ୍ ଯୋଗୁ ସ୍କୁଲ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ପ୍ରଧାନ ଶିକ୍ଷକ କିମ୍ବା ମହିଳା ସ୍ୱୟଂ ସହାୟକଙ୍କୁ କ୍ଷତି ସହିବାକୁ ପଡୁଛି। ସରକାର ଜାଳେଣି ଖର୍ଚ୍ଚ ନ ଦେଇ ଛାତ୍ରଛାତ୍ରୀଙ୍କ ଅନୁପାତରେ ବିଦ୍ୟାଳୟକୁ ସିଧାସଳଖ ଗ୍ୟାସ୍ ଯୋଗାଇ ଦେବାକୁ ଦାବି ହୋଇଛି।

ଅନେକ ଗ୍ରାମରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ

## ଘର ଦ୍ୱାର ଭାଙ୍ଗି ସର୍ବସ୍ୱାନ୍ତ କରିଦେଉଛନ୍ତି ହାତୀପଲ



ଲାଞ୍ଜିଗଡ଼,୨୬।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ମୁସାନାଲ ବିଜେପୁର ବିଟ ଅଞ୍ଚଳରେ ବର୍ଷ ତମାମ ଜଙ୍ଗଲୀ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି।ଦିନକୁ ଦିନ ଜଙ୍ଗଲୀ ହାତୀପଲ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଘରଦ୍ୱାର ଭଙ୍ଗାରୁଜା କରୁଛନ୍ତି ହାତୀପଲ। ଏହି ଭଳି ଏକ ଅଭାବନୀୟ ଘଟଣା ଘଟିଛି ବିଜେପୁର ଓ ମୁସାନାଳ ସେକ୍ସନ ବେଳଗାଁ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାପୋଖରୀ ଓ ପଦୁଅୋପା ଗାଁରେ ଦେଖିବାକୁ ମିଳିଛି। ସୂଚନାମତେ ବେଳଗାଁ ପଞ୍ଚାୟତ ଅନ୍ତର୍ଗତ ପଦୁଅୋପା ଗାଁର ରାଜୁ କାଣ୍ଡ ଓ କପୁର ହରିଜନଙ୍କ ଘର ଭାଙ୍ଗି ଛାନ ଛତର କରିଦେଇ ଥିବାବେଳେ ଘୋଡ଼ାପୋଖରୀ ଗ୍ରାମର ବିଦ୍ୟାଳୟର ପାଚେରୀ ଓ ଫାଟକ ଭାଙ୍ଗିବା ସହ ଗୋପୀ ବେନାଙ୍କ କୁକୁଡା ଫାର୍ମ ଭାଙ୍ଗି ଦେଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଦାନ୍ତା ହାତୀ ପଲ ରାଜୁଙ୍କ ଝିଅଲେର ଜଙ୍ଗଲରୁ ଗାଁ ମୁହାଁ ହୋଇ ଏହି ଭଳି ବର୍ବରତା କାଣ୍ଡ ଘଟାଇ ଥିଲେ।ଗର୍ଜନ ଶୁଣି ପରିବାର ଲୋକେ ଜୀବନ ବଞ୍ଚାଇବା ବିକଳରେ ଘର ଛାଡି ନିକଟସ୍ଥ ପଡ଼ୋଶୀ ଘରକୁ ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ହେଲେ ସକାଳୁ ଘରକୁ ଆସି ଦେଖିଲା ବେଳକୁ ଏପଟେ ସର୍ବସ୍ୱାନ୍ତ। ଘର ଭାଙ୍ଗିବା ସହିତ ଧାନ, ଚାଉଳ, ମାଣ୍ଡିଆ, ବିରି ଓ ଆବଶ୍ୟପତ୍ରକୁ ମାଡି ଚକଟି ଦେଇଥିବା ଦେଖିବାକୁ ମିଳିଥିଲା।ବର୍ତ୍ତମାନ ହାତୀପଲ ଗାଁ ନିକଟରେ ଥିବା ପଦୁଅୋପା ଗ୍ରାମ ନିକଟରେ ଏକ ପାହାଡ଼ରେ ରହିଥିବା ବେଳେ ଲୋକେ ବେଳଗାଁ ଠାରୁ ଲାଞ୍ଜିଗଡ଼ ଦେଇ ସେହି ରାସ୍ତାରେ ଯାଆଯାତ ପାଇଁ ଭୟଭୀତ ହୋଇପଡ଼ିଛନ୍ତି। ତେବେ ଉକ୍ତ ଅଞ୍ଚଳରେ ଏହି ଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ କ୍ଷତିଗ୍ରସ୍ତ ପରିବାରକୁ ସରକାର ପକ୍ଷରୁ କ୍ଷତିପୂରଣ ଦେବାକୁ ଦୁଇ ପରିବାର ଆକୁଳ ନିବେଦନ କରିଛନ୍ତି।

## କୋମନା ଅଞ୍ଚଳରେ ସାପ ଆତଙ୍କ

ନୂଆପଡ଼ା,୨୬।୮ (ସଂଚାର ବ୍ୟୁରୋ): ଜିଲ୍ଲା କୋମନା ବ୍ଲକ ଅଞ୍ଚଳରେ ଏବେ ସାପ ଆତଙ୍କ। ଘରେ, ବାଡ଼ିରେ ବୁଲୁଛି ବିଷଧର ସାପ। କୋମନା ବ୍ଲକ ଅଞ୍ଚଳରେ ତିନି ପଟେ ଘଞ୍ଚ ଜଙ୍ଗଲ, ଗୋଟିଏ ପଟେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ। ଆଉ ଏହା ସାପଙ୍କ ବଂଶ ବୃଦ୍ଧି ପାଇଁ ଉପଯୁକ୍ତ ପରିବେଶ। ବର୍ଷା ଦିନ ହୋଇ ଥିବାରୁ ସାପ ବହୁ ସଂଖ୍ୟାରେ ଦେଖିବାକୁ ମିଳୁଛି। ବନ ବିଭାଗର ତାଲିମ ପ୍ରାପ୍ତ ସାପ ଧରାଳିମାନେ ପ୍ରାୟ ସାତ ହଜାରରୁ ଊର୍ଦ୍ଧ୍ୱ ସାପ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଛନ୍ତି। ଦୈନିକ ଏହି ସାପ ଧରାଳିମାନେ ୭ରୁ ୧୦ ଗୋଟି ସାପ ଉଦ୍ଧାର କରୁଛନ୍ତି ବୋଲି ତାଲିମ ପ୍ରାପ୍ତ ସାପ ଧରାଳି କମଳ ପାଣ୍ଡେ, ସୁରେଶ କୁମାର ମଲ୍ଲିକ, ତୋଫାନ ମଲ୍ଲିକ କହୁଛନ୍ତି। ଜୁନ୍ ମାସରୁ ଏଯାଏ ବର୍ଷା ହେଉଛି। ବର୍ଷାରେ ସାପଙ୍କ ବସା ପାଣିରେ ବୁଡ଼ି ଯାଉ ଥିବାରୁ ସେମାନେ ଖାଦ୍ୟ ଅନ୍ୱେଷଣରେ ଘରକୁ ପଶି ଆସୁଛନ୍ତି। ବିଶେଷ କରି ଚିତି, ନାଗ, ରଣା, ଅଜଗର ସାପ ଘରେ ବାହାରେ ବୁଲୁଛି। ଲୋକଙ୍କ ପାଖରୁ ସୂଚନା ପାଇ ତାଲିମ ପ୍ରାପ୍ତ ସାପ ଧରାଳିମାନେ ଦିନରାତି ଏକ କରି ସାପକୁ ଉଦ୍ଧାର କରିବା ସହ ଲୋକଙ୍କ ଜୀବନକୁ ମଧ୍ୟ ସୁରକ୍ଷା ଦେଉଛନ୍ତି। ଏବେ ବର୍ଷା ଦିନ ଥିବାରୁ ଘରର ଝରକା, କବାଟ ବନ୍ଦ ରଖିବାକୁ ଭରତ ବନ୍ଧୁ ଶବର( ରେଞ୍ଜର, କୋମନା ରେଞ୍ଜ) ଲୋକଙ୍କୁ ଅନୁରୋଧ କରିଛନ୍ତି। ବର୍ଷା ଦିନେ ସାପର ଆତଙ୍କ ବଢ଼ି ଯାଇଛି। ସତର୍କତା ଅବଲମ୍ବନ କଲେ ସୁରକ୍ଷିତ ରହିବା ବୋଲି ନୂଆପଡ଼ା ଜିଲ୍ଲା ୱାଇଲ୍ଡ ଲାଇଫ ୱାଡେନ ମାୟାଧର ସରାଫ ଜଣାଇଛନ୍ତି।

## ବନ୍ୟାଞ୍ଚଳ ସ୍ଥିତି ବୁଲି ପରଖିଲେ ଲେଖାଶ୍ରୀ



ବୈଶିଙ୍ଗା,୨୬।୮ (ସଂଚାର ବ୍ୟୁରୋ): ଚଳିତ ବର୍ଷ ବୁଢ଼ାବଳଙ୍ଗ ଏବଂ ଗଙ୍ଗାହାର ନଦୀରେ ଦ୍ୱିତୀୟ ଥର ବନ୍ୟା ଆସିବା ଦୀର୍ଘଦିନ ଧରି ବହୁ ଅଞ୍ଚଳ ଜଳମଗ୍ନ ହୋଇ ରହିବା ଯୋଗୁଁ ଘର ଦ୍ୱାର, ରାସ୍ତାଘାଟ ନଷ୍ଟ ହେବା ସହିତ ବିଜୁଳି ସରବରାହ ବନ୍ଦ ରହିଥିବାର ଖବର ମିଳିଥିଲା।ସେହି ସମୟରେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ଗାଁ ଗାଁ ବୁଲି ଲୋକଙ୍କ ସେବା କରିବା ସହିତ ପ୍ରକୃତ ଚିତ୍ର ସମ୍ପର୍କରେ ଜିଲ୍ଲାପାଳ ଙ୍କୁ ଜଣାଇଥିଲେ। ତତ୍ ସହିତ ବିଜେଡି ସୁପ୍ରିମୋଙ୍କୁ ଅବଗତ କରାଇଥିଲେ। ସୁପ୍ରିମୋଙ୍କ ନିର୍ଦ୍ଦେଶରେ ଦଳର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଆଜି ବୁଧବାର ଏହି ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ବୁଲି ସ୍ଥିତି ପରଖିଥିଲେ। ତାଙ୍କ ସହିତ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ବେତନଟି ବ୍ଲକ ବିଜେଡି ସଭାପତି ରାଜୀବ ରଞ୍ଜନ ସେନାପତି, ବଡ଼ସାହି ବ୍ଲକ ବିଜେଡି ସଭାପତି ତପନ ପତି, ଚନ୍ଦନ ମହାପାତ୍ର, ବିନୋଦ ସିଂହ, ୩୭ ନଂ ଜିଲ୍ଲାପରିଷଦ ସଦସ୍ୟା ଧାନୀ କିସ୍କୁ, ସନ୍ତକ ଲେଙ୍କା, ନିହାର ରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ମହାଳିକ ପ୍ରମୁଖ ଶାଳଗାଁ, ପାଳ ପାଟଣା, କୁଞ୍ଜି ବଣିଆ, ଭିମଦା, ମାନଗୋବିନ୍ଦପୁର, ପାଟଳି ପୁରା, ଖଣ୍ଡଦେଉଳା, ନାଖରା ଆଦି ଗ୍ରାମର ସ୍ଥିତି ପରଖିଥିଲେ।

## ପ୍ରବଳ ବର୍ଷାରେ ଭାଙ୍ଗିଗଲା ଆଶାକର୍ମୀଙ୍କ ଘର



ଥୁଆମୂଳ ରାମପୁର,୨୬।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ପ୍ରବଳ ବର୍ଷା ଯୋଗୁଁ ଅଞ୍ଚଳବାସୀଙ୍କ ଜୀବନଯାପନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତ ସୋମବାର ରାତିରେ ହୋଇଥିବା ମାତ୍ରାଧିକ ବର୍ଷା ଯୋଗୁଁ ସଦର ସ୍ଥିତ ତାଳବନ୍ଧପଡ଼ାର ହିମାଦ୍ରୀ ଦୁର୍ଗା ସ୍ୱାମୀ- ଜଗନ୍ନାମ ଦୁର୍ଗାଙ୍କ ଘରର ପୁରା କାଛ ଭୁଶୁଡ଼ି ପଡ଼ିଛି। ଦୁର୍ଘଟଣାରେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପୂର୍ବରୁ ଘରଟି ଆଂଶିକ ଭାଙ୍ଗିଥିବା ବେଳେ ଚଳିତ ବର୍ଷର ପ୍ରବଳ ବର୍ଷା ଯୋଗୁଁ ଏହା ସମ୍ପୂର୍ଣ୍ଣ ଧସିଯାଇଛି। ହିମାଦ୍ରୀ ପୂର୍ବରୁ ଜଣେ ଦକ୍ଷ ଓ ନିଷ୍ଠାପର ଆଶା କର୍ମୀ ଭାବେ ଦୀର୍ଘ ଦିନ ସେବା ଯୋଗାଇ ଗତ କିଛି ମାସେ ତଳେ ଅବସର ଗ୍ରହଣ କରିଥିଲେ ତାଙ୍କ ସ୍ୱାମୀ କିଡନି ରୋଗୀ। ସେ ବର୍ଷ ବର୍ଷ ଧରି ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସେବାରେ ନିଜକୁ ନିୟୋଜିତ କରିଥିବା ବେଳେ, ଆଜି ନିଜର ଏହି ଦୁର୍ଦ୍ଦଶା ସମୟରେ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ସେ ମାନସିକ ଭାବେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଘଟଣା ସମ୍ପର୍କରେ ହିମାଦ୍ରୀ ଦୁର୍ଗା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, "ମୁଁ ଦୀର୍ଘ ୧୬-୧୭ ବର୍ଷ ଧରି ଆଶା କର୍ମୀ ଭାବେ ନିଷ୍ଠାର ସହ ସେବା କରି ଗତ କିଛି ମାସ ତଳେ ଅବସର ନେଇଛି। ଗତ ସୋମବାର ରାତିରେ ହୋଇଥିବା ପ୍ରବଳ ବର୍ଷାରେ ଆମ ଘରର ସମସ୍ତ କାଛ ଭୁଶୁଡ଼ି ସମ୍ପୂର୍ଣ୍ଣ ଧସିଯାଇଛି।

## ବିଦ୍ୟାଳୟରେ ପରିଚାଳନା କମିଟି ଗଠିତ



ବୈଶିଙ୍ଗା,୨୬।୮ (ସଂଚାର ବ୍ୟୁରୋ): ବୈଶିଙ୍ଗାସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଅଭିଭାବକ ଓ ଶିକ୍ଷକମାନଙ୍କୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠନ ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବହୁ ସଂଖ୍ୟାରେ ଅଭିଭାବକ ମାନେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ବେହେରା ସଭାରେ ଅଧ୍ୟକ୍ଷତା କରି ଅଭିଭାବକମାନଙ୍କୁ ବିଦ୍ୟାଳୟର ଶୈକ୍ଷିକ ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତିରେ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବେତନଟି ବ୍ଲକ ଶିକ୍ଷା ଅଧିକାରୀଙ୍କ ତରଫରୁ ପର୍ଯ୍ୟବେକ୍ଷକ ଭାବରେ ଉଜଡଉ ଶ୍ରୀଯୁକ୍ତ ନିଶିକାନ୍ତ ଗିରି ଏବଂ ସହାୟକ ଶିକ୍ଷକ ମାନକେତନ ସ୍ୱାଇଁ ଯୋଗ ଦେଇ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପରିଚାଳନା କମିଟି ଗଠନର ପ୍ରକ୍ରିୟା ସମ୍ପର୍କରେ ଅଭିଭାବକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସର୍ବ ସମ୍ମତିକ୍ରମେ ବିଭିନ୍ନ ବର୍ଗର ପ୍ରତିନିଧିତ୍ୱକୁ ନେଇ ୧୯ ଜଣ ସଦସ୍ୟ ଓ ସଦସ୍ୟାଙ୍କୁ ବିଦ୍ୟାଳୟ ପରିଚାଳନା କମିଟିକୁ ମନୋନୀତ କରାଗଲା। ଶେଷରେ ଅଧ୍ୟକ୍ଷ, ନବଗଠିତ କମିଟିର ସଦସ୍ୟ, ସଦସ୍ୟା, ପର୍ଯ୍ୟବେକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ କର୍ମଚାରୀମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସାମୂହିକ ଫଟୋ ଉତ୍ତୋଳନ କରିଥିଲେ ଏବଂ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ଏକତ୍ରିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

## ରାଜୀବ ଗାନ୍ଧି ଶିକ୍ଷା ଓ ସେବାରେ ସମ୍ମାନିତ ହେଲେ ଅଧ୍ୟାପକ



ସୁବର୍ଣ୍ଣପୁର,୨୬।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ତଥା ଯୁବ ରେଡକ୍ରସର ଉପଦେଷ୍ଟା ଦେବାଶିଷ ପଧାନ ଭୁବନେଶ୍ୱର ସ୍ଥିତ ଜୟଦେବ୍ ଭବନ୍ ରେ ରେଡକ୍ରସ ର ସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ଓ ସେବା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପିସିସି ସଭାପତି ଭକ୍ତ ଚରଣ ଦାସ, ସମ୍ମାନୀତ ଅତିଥି ଭାବରେ ଏମ୍ସ ର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଅଶୋକ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ, ସତ୍ୟବ୍ରତ ନାୟକ ଏବଂ ଅନ୍ୟ ଅତିଥି ମାନେ ଯୋଗ ଦେଇ ଅଧ୍ୟାପକ ପଧାନଙ୍କୁ ଟ୍ରଫି, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ରେ ଏହି ଖବର ପ୍ରଚାରିତ ହେବାପରେ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ପାଳିତ

ବୈଶିଙ୍ଗା,୨୬।୮ (ସଂଚାର ବ୍ୟୁରୋ): ଆଜି ବୁଧବାର ଇସଲାମ ର ପ୍ରବର୍ତ୍ତକ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବୈଶିଙ୍ଗା ଥାନା ଅନ୍ତର୍ଗତ ଗୋବିନ୍ଦରାୟପୁର ଗ୍ରାମ ଉତ୍ସବ ମୁଖର ହୋଇ ଉଠିଥିଲା। ଗ୍ରାମର ମୁସଲମାନ ଭାଇ ଭଉଣୀ ମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିବାର ଦେଖାଯାଇଥିଲା। ଏହି ଉତ୍ସବ ରେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ଧାନୀ କିସ୍କୁ, ବିନୋଦ ସିଂହ, ଚନ୍ଦନ ମହାପାତ୍ର, ରାଜୀବ ରଞ୍ଜନ ସେନାପତି, ସନ୍ତକ ଲେଙ୍କା ଯୋଗଦେଇଥିଲେ। ଏହା ପରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ମାଡ଼ ଓ ଦାଦାବଟି ମାମଲାରେ ଯୁବକ ଗିରଫ

ଗଞ୍ଜାମ,୨୬।୮ (ସଂଚାର ବ୍ୟୁରୋ): ଗୋସାଇଁ ନୂଆଗାଁ ଥାନା ପୋଲିସ ଜଣେ ୧୯ ବର୍ଷୀୟ ଯୁବକକୁ ଗିରଫ କରିଛି। ଶାସ୍ତ୍ରୀ ନଗରର ସନ୍ତୋଷ କୁମାର ପଣ୍ଡାଙ୍କ ଅଭିଯୋଗ ଯେ ଅଭିଯୁକ୍ତ ମଦ ପିଇ ଗାଳି ଓ ଧମକ ଦେଇ ଖଣ୍ଡା ଓ ବାଉଁଶ ବାଡ଼ି ଦେଖାଇଥିଲା। ବାର ଜୁଲାଇ ଦିନ ପାଞ୍ଚଟା ତିରିଶରେ ନୀଳକଣ୍ଠ ନଗର ଛକ ପାଖରେ ତାଙ୍କୁ ଅଟକାଇ ଖଣ୍ଡାରେ ମାଡ଼ ମାରିବା ସହ ବାଇକ ଚଢ଼ାଇ ଦେବାକୁ ଚେଷ୍ଟା କରିଥିଲା। ତିରିଶ ହଜାର ଓ ପଚାଶ ହଜାର ଟଙ୍କା ମାଗି ମାରି ଦେବାକୁ ଧମକ ଦେଇଥିଲା। ଅଭିଯୁକ୍ତ ରୋହନ ପାଣିଗ୍ରାହୀ, ବୟସ ୧୯ ପିତା ସ୍ୱର୍ଗତ ଟୁଟୁ ପାଣିଗ୍ରାହୀ, ଶାସ୍ତ୍ରୀ ନଗର, ଗୋସାଇଁ ନୁଆଗାଁର ବାସିନ୍ଦା। ତାକୁ ଗତକାଲି ଗିରଫ କରାଯାଇଛି। ଏହି ଯୁବକ ନାଁରେ ପୂର୍ବରୁ ମଧ୍ୟ ଥାନାରେ ମାମଲା ରହିଛି।

## 'ପଞ୍ଚମକାର' ପୁସ୍ତକର ଲୋକାର୍ପଣ କଲେ ଜିଲ୍ଲାପାଳ



ସୁବର୍ଣ୍ଣପୁର,୨୬।୮ (ସଂଚାର ବ୍ୟୁରୋ): 'ପଞ୍ଚମକାର' ଲୋକାର୍ପଣ ଉତ୍ସବ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ଉପ ଜିଲ୍ଲାପାଳ ସୋନପୁର ଡ. ସୌମ୍ୟରୂପା ରଥ ଉପସ୍ଥିତ ଥିଲେ। 'ପଞ୍ଚମକାର' କେବଳ ତାନ୍ତ୍ରିକ ଉପାସନା ପଦ୍ଧତିର ଉପାଦାନ ନୁହେଁ ବରଂ ଏହା ସୁବର୍ଣ୍ଣପୁରକୁ ପରିଚିହ୍ନିତ କରୁଥିବା ମଲ୍ଲି, ମୁଗ, ମଠ, ମନ୍ଦିର ଓ ମାଛ ପ୍ରଭୁତି ପାଞ୍ଚଟି ମ କାର ସଂଯୋଗ ସେତୁ। ତେବେ ଦୀର୍ଘ ୨୦ ବର୍ଷର ସୁବର୍ଣ୍ଣପୁର ଲୋକ ମହୋତ୍ସବର ସ୍ମରଣିକା ରେ ପ୍ରକାଶିତ ଉପାଦେୟ ମନୋନୀତ ଓ ନିର୍ବାଚିତ ଗବେଷଣାତ୍ମକ ପ୍ରବନ୍ଧ ସଂକଳନ ହେଉଛି 'ପଞ୍ଚମକାର'। ଏଥିରେ ସୁବର୍ଣ୍ଣପୁରର ଐତିହ୍ୟ, ସଂସ୍କୃତି, ଧର୍ମଧାରା, ଭାଷାସାହିତ୍ୟ ତଥା କଳା, ସ୍ଥାପତ୍ୟ ସନ୍ନିବେଶିତ ହୋଇଛି। ଏହି ଲୋକାର୍ପଣ ଉତ୍ସବରେ ସ୍ୱାଗତ ସମ୍ଭାଷଣ ଡକ୍ଟର ସୌରଭ ରଞ୍ଜନ ଖମାରି ପ୍ରଦାନ କରିଥିଲେ, ତାପରେ ଜିଲ୍ଲାପାଳଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାରେ ପ୍ରଥମେ ଉପ ଜିଲ୍ଲାପାଳ ସୋନପୁର ବକ୍ତବ୍ୟ ରଖିଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତି ଅଞ୍ଜଳିନା ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଶେଷରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଡ. ନୃପରାଜ ସାହୁ ନିଜର ଅଭିଭାଷଣ ରଖିଥିଲେ। ଜିଲ୍ଲାପାଳଙ୍କ ଅଭିଭାଷଣ ପରେ ଦୀର୍ଘ ୨୦ ବର୍ଷର ସୁବର୍ଣ୍ଣପୁର ଲୋକ ମହୋତ୍ସବର ସ୍ମରଣିକା ରେ ପ୍ରକାଶିତ ଉପାଦେୟ ମନୋନୀତ ଓ ନିର୍ବାଚିତ ଗବେଷଣାତ୍ମକ ପ୍ରବନ୍ଧ ସଂକଳନ ହେଉଛି 'ପଞ୍ଚମକାର' ଗୋଟିଏ ଓଡ଼ିଆ ଓ ଇଂରାଜୀ ଭାଷାରେ ପୁସ୍ତକ ପ୍ରିୟ ଜିଲ୍ଲାପାଳଙ୍କ ଦ୍ୱାରା ଲୋକାର୍ପିତ ହୋଇଅଛି। ସୁବର୍ଣ୍ଣପୁରର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ମାଟିର ଅସ୍ମିତାକୁ ନେଇ ପ୍ରକାଶିତ 'ପଞ୍ଚମକାର' ପୁସ୍ତକର ଓଡିଆ ଓ ଇଂରାଜୀ ସଂସ୍କରଣର ଲୋକାର୍ପଣ ଉତ୍ସବରେ ସମସ୍ତ ପ୍ରମୁଖ ସାହିତ୍ୟିକ, କବି, ଲେଖକ, ବରିଷ୍ଠ ନାଗରିକ, ବୁଦ୍ଧିଜିବୀ, ସାମ୍ବାଦିକ ଯୋଗଦାନ କରିଥିଲେ ଏବଂ ମତ ପ୍ରଦାନ କରିଥିଲେ।

## ମୁମ୍ବାଇରେ ମୋ ଓଡ଼ିଆ ସମାଜର କ୍ୟାନସର୍ ସେବା କାର୍ଯ୍ୟକ୍ରମ

ବୈଶିଙ୍ଗା,୨୬।୮ (ସଂଚାର ବ୍ୟୁରୋ): ମୋ ଓଡ଼ିଆ ସମାଜ, ମୀରା ଭୟନ୍ଦର ଆନୁକୂଲ୍ୟରେ ମୁମ୍ବାଇସ୍ଥିତ ଶ୍ରୀ ଅଶୋକ ସିଂଘଲ୍ କ୍ୟାନସର୍ ସେବା ରହଣୀ ଓ ଥଇଥାନ ଗୃହରେ ରହୁଥିବା ୪୦୦ ଜଣ କ୍ୟାନ୍ସର ରୋଗୀମାନଙ୍କ ପାଇଁ ଏକ 'କ୍ୟାନସର୍ ସେବା କାର୍ଯ୍ୟକ୍ରମ ' ଆସନ୍ତା ତା ୩୦/୦୮/୨୬ ରିଖ ରବିବାର ଦିବା ୧୦ ଘଟିକା ସମୟରେଞ୍ଚ ଆୟୋଜନ କରାଯିବ। କ୍ୟାନ୍ସର୍ ସହାୟତା ଗୃହରେ ରହୁଥିବା ସମସ୍ତ ୪୦୦ ଜଣ ଅନ୍ତେବାସୀ /ରୋଗୀମାନଙ୍କ ସେବାକାର୍ଯ୍ୟ ସ୍ୱରୂପ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯିବ। ତତ୍ ସହିତ ଏକ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତତ୍ ସହିତ ଆଉ ଏକ ସମର୍ପିତ ସେବା ପ୍ରସ୍ତାବ ମଧ୍ୟ ଆଲୋଚନା ହୋଇଛି। କ୍ୟାନ୍ସର ରୋଗୀମାନଙ୍କ ରହିବା ପାଇଁ ଏକ ସମ୍ପ୍ରସାରିତ ଛପର ଛାଉଣୀ ବାସସ୍ଥାନ/ ସେଡ୍‌ଞ୍ଚ ମୋ ଓଡ଼ିଆ ସମାଜ ପକ୍ଷରୁ ନିର୍ମାଣ କରିବାର ଅଭିପ୍ରାୟ ରହିଛି।, ଉକ୍ତ ବାସସ୍ଥାନ "ମୋ ଓଡ଼ିଆ ସମାଜ" ନାମରେ ନାମକରଣ କରାଯିବାକୁ ପ୍ରସ୍ତାବ ରହିଛି ବୋଲି ବୈଶିଙ୍ଗା ନିକଟସ୍ଥ ନାଖରା ଗ୍ରାମର ମୁଖ୍ୟ ଯୋଗାଯୋଗକାରୀ ଚୈତନ ଖଣ୍ଡା ପ୍ରକାଶ କରିଛନ୍ତି। ତେଣୁ ସମସ୍ତ ସଦସ୍ୟ/ ସଦସ୍ୟାମାନଙ୍କୁ ସବିନୟ ଅନୁରୋଧ ଉକ୍ତ ସେବା କାର୍ଯ୍ୟକ୍ରମରେ ଯୋଗଦାନ କରି ପୂଣ୍ୟର ଭାଗିଦାରୀ ହୁଅନ୍ତୁ।

## ମାଟି ଅତଡ଼ା ଧସି ଯାତାୟାତ ବନ୍ଦ: ଶୁଣିଲାନି ପ୍ରଶାସନ, ନିଜେ ସଫା କଲେ ଗ୍ରାମବାସୀ



ଥୁଆମୂଳ ରାମପୁର,୨୬।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପାଡ଼େପଦର ପଞ୍ଚାୟତର ତଳ ହାଡ଼ସିଲ ଗ୍ରାମରେ ଲଗାଣ ବର୍ଷା ଯୋଗୁ ପାହାଡ଼ରୁ ମାଟି ଅତଡ଼ା ଧସି ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଗାଁର ଏହି ଏକମାତ୍ର ସଂଯୋଗକାରୀ ରାସ୍ତାରେ ଯାତାୟାତ ବନ୍ଦ ହୋଇଯିବାରୁ ପ୍ରଶାସନିକ ସହାୟତା ନପାଇ ଗ୍ରାମବାସୀ ବାଧ୍ୟ ହୋଇ ନିଜେ କୋଦାଳ ଓ ଝୁଡ଼ି ଧରି ଦୁଇ ଦିନ ଧରି ରାସ୍ତା ସଫା କରିଛନ୍ତି। ପୂର୍ବରୁ ଏହି ଗାଁକୁ ରାସ୍ତା ନ ଥିବାରୁ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହିବା ଏବଂ ପାନୀୟ ଜଳର ଅଭାବ ଭଳି ଅନେକ ସମସ୍ୟା ଭୋଗିବାକୁ ପଡୁଥିଲା। ୨୦୨୨-୨୩ ମସିହାରେ ପୂର୍ବତନ ସରପଞ୍ଚଙ୍କ ଉଦ୍ୟମରେ ରାସ୍ତା, ନଳକୂପ ଓ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ହୋଇଥିଲା। ହେଲେ ବର୍ତ୍ତମାନର ପ୍ରଶାସନ ଏହି ସମସ୍ୟା ପ୍ରତି ଆଦୌ ଦୃଷ୍ଟି ଦେଉନାହିଁ ବୋଲି ସମାଜସେବୀ ଶଙ୍କର ପ୍ରସାଦ ନାଏକ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସରପଞ୍ଚ ମହେନ୍ଦ୍ର ନାଏକ କହିଛନ୍ତି ଯେ, ଏ ନେଇ ପୂର୍ବରୁ କୌଣସି ଲିଖିତ ଅଭିଯୋଗ ମିଳି ନ ଥିଲା। ଏବେ ଘଟଣା ବାବଦରେ ଜାଣିବା ପରେ, ଶ୍ରମଦାନ କରିଥିବା ଗ୍ରାମବାସୀଙ୍କୁ ପଞ୍ଚାୟତ ପକ୍ଷରୁ ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ତୁରନ୍ତ ରାସ୍ତା ସ୍ୱାଭାବିକ କରିବା ସହ ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଭାରସାମ୍ୟ ହରାଇ ଓଲଟିଲା ଡଙ୍ଗା, ଶ୍ୱଶୁର-ବୋହୂ ନିଖୋଜ



ବାଲିଗୁଡା,୨୬।୮ (ସଂଚାର ବ୍ୟୁରୋ): ବାଲିଗୁଡା ଥାନା ସଲାଗୁଡା ପଂଚାୟତର ଡାକା ଗାଁ ଖଡ୍ଗ ନଦୀରେ ଅଘଟଣ। ନଦୀ ମଝିରେ ଭାରସାମ୍ୟ ହରାଇ ଓଲଟିଲା ଡ଼ଙ୍ଗା। ପ୍ରଖର ସ୍ରୋତରେ ଭାସିଗଲେ ୮ ଜଣ ଯାତ୍ରୀ। ୬ ଜଣଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିଥିବା ବେଳେ ଦୁଇ ଜଣ ନିଖୋଜ ଅଛନ୍ତି। ନିଖୋଜ ଦୁଇ ଜଣ ଶ୍ୱଶୁର ଓ ବୋହୂ ବୋଲି ଜଣାପଡିଛି। ନିଖୋଜ ଗୁନ୍ଦାନା ମଲିକ ଓ ରାଇଙ୍ଗୀ ମଲିକ ବାଲିଗୁଡା ଥାନା ପଲାମୀ ଗାଁର ହୋଇଥିବା ସୂଚନା ମିଳିଛି। ଅଗ୍ନିଶମ ବାହିନୀ ଗତକାଲି ଖୋଜା ଖୋଜି କରିଥିଲେ ଉଭୟଙ୍କ ସନ୍ଧାନ ମିଳି ପାରିନାହିଁ। ଗତକାଲି ଅପରାହ୍ନରେ ଶୁଦ୍ଧ କାର୍ଯ୍ୟକ୍ରମ ସାରି ଖଡ୍ଗ ନଦୀ ପାର ହୋଇ ନିଜ ଗାଁକୁ ଫେରିବା ସମୟରେ ଏହି ଅଘଟଣ ଘଟିଛି। ତେବେ ମିଳିଥିବା ସୂଚନା ଅନୁଯାୟୀ ନିଖୋଜ ବୋହୁଙ୍କ ଗାଁ ଫିରିଙ୍ଗିଆ ଥାନା ସମରବନ୍ଧ ପଞ୍ଚାୟତର ଏଜକ ଗାଁକୁ ଏକ ଶୁଦ୍ଧ ଘରରେ ଯୋଗ ଦେବାକୁ ଗୁନ୍ଦାନାଙ୍କ ସପରିବାର ଯାଇଥିଲେ। ଶୁଦ୍ଧ କାର୍ଯ୍ୟ ସାରି ଡ଼ଙ୍ଗାରେ ଖଡ୍ଗ ନଦୀ ପାର ହୋଇ ଫେରୁଥିବା ବେଳେ ହଠାତ ଡ଼ଙ୍ଗା ଓଲଟି ଯାଇଥିଲା। ତେବେ ଖବର ପାଇ ଅଗ୍ନିଶମ ବାହିନୀ ଗତକାଲି ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରୀ ରଖିଥିଲେ ବି ନିଖୋଜ ବୋହୂ ଓ ଶଶୁଙ୍କ ସନ୍ଧାନ ମିଳି ପାରିନାହିଁ।

## ଦୁଃଖ ବଢ଼ାଇଛି ବୈତରଣୀ, ରିଲିଫ୍ ମିଳୁନଥିବା ଅଭିଯୋଗ



ଭଦ୍ରକ,୨୬।୮ (ସଂଚାର ବ୍ୟୁରୋ): ଦୁଃଖ ବଢ଼ାଇଛି ବୈତରଣୀ। ବୈତରଣୀ, କୋଚିଲା ଓ ଗେଙ୍ଗୁଟି ନଦୀର ବନ୍ୟାରେ ଅଧିକ ପ୍ରଭାବିତ ହୋଇଛନ୍ତି ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକର ଲୋକ। ଏହି ବ୍ଲକରେ ୨୨ଟି ପଞ୍ଚାୟତର ଲୋକମାନେ ବୈତରଣୀ ଓ ଏହାର ଶାଖା ନଦୀ ବନ୍ୟାରେ କଲବଲ ହେଉଛନ୍ତି। ଏକର ଏକର ଜମିରେ ଧାନ ଚାଷ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି। ଧାର କରଜ କରି ଖରିଫ ଧାନ ଚାଷ କରିଥିବା ଚାଷୀମାନେ କିପରି ପରିବାର ଚଳାଇବେ ତାକୁ ନେଇ ଚିନ୍ତା ଘାରିଛି। ଏପରିସ୍ଥଳେ ଅନେକ ବିପନ୍ନଙ୍କୁ ସରକାରଙ୍କ ପକ୍ଷରୁ ରିଲିଫ ସାମଗ୍ରୀ ମିଳିନଥିବା ଅଭିଯୋଗ ହୋଇଛି। ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ ବିପନ୍ନ ଚାଷୀ ଙ୍କ ସହିତ ଅଧିକ ଆଲୋଚନା କରିଛନ୍ତି ଭଦ୍ରକ ବ୍ୟୁରୋ ହେଡ ନରେନ୍ଦ୍ର ସାମଲ। ବନ୍ୟା କେବଳ ଚାଷ ଜମିକୁ ନୁହେଁ, ଲୋକଙ୍କ ସାଧାରଣ ଜୀବନକୁ ମଧ୍ୟ ପ୍ରଭାବିତ କରିଛି। ଯାତାୟାତରେ ସମସ୍ୟା ଦେଖାଦେବା ସହ ଅନେକ ଅଞ୍ଚଳରେ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ଏପରି ସ୍ଥିତିରେ ବିପନ୍ନଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇବା ଦାବି ଜୋର ଧରିଛି। ଅନେକ ବିପନ୍ନ ପରିବାରକୁ ଏପର୍ଯ୍ୟନ୍ତ ସରକାରୀ ରିଲିଫ ସାମଗ୍ରୀ ମିଳିନଥିବା ଅଭିଯୋଗ ମଧ୍ୟ ହୋଇଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

ଜୟପୁର,୨୬।୮ (ସଂଚାର ବ୍ୟୁରୋ): ଜୟପୁରର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ପର୍ଯ୍ୟାପ୍ତ ସଂଖ୍ୟକ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାକୁ ଦାବି ହୋଇଛି। ଜୟପୁର ସଚେତନ ନାଗରିକ ଙ୍କ ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ ରଥଙ୍କୁ ଅଭିମନ୍ୟୁ ଭଞ୍ଜ ମିଶ୍ରଙ୍କ ନେତୃତ୍ୱ ରେ ସଚେତନ ନାଗରିକ ମାନେ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ। ବିଶେଷଜ୍ଞ ଡାକ୍ତର ଅଭାବ ଯୋଗୁଁ, ଏହି ଅଞ୍ଚଳର ବାସିନ୍ଦା ପଡ଼ୋଶୀ ରାଜ୍ୟଗୁଡ଼ିକରେ ଉପଲବ୍ଧ ଚିକିତ୍ସା ସୁବିଧାର ଶୋଷଣର ଶିକାର ହେଉଛନ୍ତି। ଜୟପୁର ଚିକିତ୍ସା ଏବଂ ବ୍ୟବସାୟିକ ଉଦ୍ଦେଶ୍ୟ ପାଇଁ ମାଲକାନଗିରି, ନବରଙ୍ଗପୁର ପରି ପଡ଼ୋଶୀ ଜିଲ୍ଲା ଏବଂ ଛତିଶଗଡ଼ ଭଳି ପଡ଼ୋଶୀ ରାଜ୍ୟଗୁଡ଼ିକର କେନ୍ଦ୍ରସ୍ଥଳ ପାଲଟିଥିଲା। ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏହି ସହରକୁ ଅନେକ ଆଶାୟୀ ଆସୁଛନ୍ତି। ହସ୍ପିଟାଲର ସୁବିଧା ତୁଳନାରେ, ହୃଦରୋଗ ବିଶେଷଜ୍ଞ, ନେଫ୍ରୋଲୋଜିଷ୍ଟ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ, ଅଙ୍କୋଲୋଜିଷ୍ଟ, ୟୁରୋଲୋଜିଷ୍ଟ, ମନସ୍ତାତ୍ତ୍ୱିକ ବିଶେଷଜ୍ଞ ଏବଂ ନ୍ୟୁରୋଲୋଜିଷ୍ଟ ଇତ୍ୟାଦି ବିଶେଷଜ୍ଞଙ୍କ ଅଭାବ ଯୋଗୁଁ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ହସ୍ପିଟାଲକୁ ଆସୁଥିବା ରୋଗୀମାନେ ନିରାଶାରେ ଫେରିଯାଉଛନ୍ତି ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ଚିକିତ୍ସା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି ଏବଂ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଘରୋଇ ହସ୍ପିଟାଲ ଦ୍ୱାରା ଅତ୍ୟଧିକ ପରିମାଣର ଅର୍ଥ ଦାବି ଯୋଗୁଁ ଶୋଷଣର ଶିକାର ହେଉଛନ୍ତି। ଜୟପୁରର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ରୋଗୀମାନଙ୍କୁ ଅବାଧ ଅଲଟ୍ରାସାଉଣ୍ଡ ସୁବିଧା ଯୋଗାଇ ଦିଆଯାଇପାରିବ ନେଇ ବ୍ୟବସ୍ଥା କରାଯାଉ।